# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୮/୨୦୨୨ (୧୬ ପୃଷ୍ଠା) Bhubaneswar, Tuesday, March 8/2022 Page 16 ₹ 7.00 | ★★★★★★

୪୮ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




## ଟେଷ୍ଟ ଦଳକୁ ଫେରିଲେ ଅକ୍ଷର ପଟେଲ

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପାଇଁ ଅଲରାଉଣ୍ଡର ଅକ୍ଷର ପଟେଲ ଭାରତୀୟ ଦଳକୁ ଫେରିଛନ୍ତି।

୧୬

୧୪

## ସାରେଗାମାପା ଟ୍ରଫି ହାତେଇଲେ ନୀଲାଞ୍ଜନା

ଲୋକପ୍ରିୟ ଟେଲିଭିଜନ୍ ସିଙ୍ଗିଙ୍ଗ୍ ଶୋ' ସାରେଗାମାପା ସିଜନ୍-୨୦୨୨ ଜିତିଲେ ପଶ୍ଚିମବଙ୍ଗର ନୀଲାଞ୍ଜନା।



# ଅଶୋଧିତ ତୈଳ ମହଙ୍ଗା, ଟଙ୍କା ଦୁର୍ବଳ

### ଯୁଦ୍ଧ ପ୍ରଭାବ

- ୧୩୯ ଡଲାର ଅତିକ୍ରମ କରିଥିଲା ଅଶୋଧିତ ତୈଳ ଦର
- ଡଲାର ତୁଳନାରେ ଟଙ୍କା ମୂଲ୍ୟର ରେକର୍ଡ ହ୍ରାସ
- ସେନ୍‌ସେକ୍ସ ୧୪୯୧, ନିଫ୍ଟି ୩୮୦ ପଏଣ୍ଟ ହରାଇଲା



ନ୍ୟୁୟର୍କ,୭।୩

ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ୟୁକ୍ରେନ ଉପରେ ରୁଷିଆ ଚଳାଇଥିବା ଯୁଦ୍ଧର ପ୍ରତ୍ୟକ୍ଷ ପ୍ରଭାବ ଏହା ଉପରେ ଦେଖାଯାଉଛି। ସୋମବାର ଅଶୋଧିତ ତୈଳ ମୂଲ୍ୟ ୨୦୦୮ ମସିହା ପରଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ଯାହାକି ଏକ ବ୍ୟାରେଲର ଦର ୧୩୯ ଆମେରିକୀୟ ଡଲାର ଅତିକ୍ରମ କରିଥିଲା। ଏଭଳି ମୂଲ୍ୟ ବୃଦ୍ଧିର ଦୁଇଟି ପ୍ରମୁଖ କାରଣ ରହିଛି। ଗୋଟିଏ ହେଲା ବିଶ୍ୱର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦକ ରୁଷିଆଠାରୁ ତୈଳ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇବାକୁ ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକ ଚିନ୍ତା କରୁଛନ୍ତି। ଦ୍ୱିତୀୟ ହେଲା ବିଶ୍ୱ ବଜାରକୁ ଇରାନର ଅଶୋଧିତ ତୈଳ ଫେରିବାରେ ବିଳମ୍ବ ଘଟିବା। ଏହି ପରିପ୍ରେକ୍ଷୀରେ ସୋମବାର ତୈଳ ମୂଲ୍ୟରେ ପ୍ରାୟ ୧୦ ଡଲାର ବୃଦ୍ଧି ପାଇଥିଲା। ଫଳରେ ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୩୯.୧୩ ଡଲାରରେ ପହଞ୍ଚିଥିବାବେଳେ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୩୦.୫ ଡଲାର ହୋଇଥିଲା। ପରବର୍ତ୍ତୀ ସମୟରେ ଦରରେ ପରିବର୍ତ୍ତନ ଘଟି ବ୍ରେଣ୍ଟ ବ୍ୟାରେଲ ପିଛା ୧୨୫.୫୫ ଡଲାର ହୋଇଥିବାବେଳେ ଡବ୍ଲ୍ୟୁଟିଆଇ ୧୨୩.୩୭ ଡଲାର ହୋଇଥିଲା। ୨୦୦୮ ଜୁଲାଇରେ ଏହି ଦୁଇ ତୈଳ ବେଞ୍ଚମାର୍କର ବ୍ୟାରେଲ ପିଛା ମୂଲ୍ୟ ଯଥାକ୍ରମେ ୧୪୭.୫ ଡଲାର ଏବଂ ୧୪୭.୨୭ ଡଲାର ରହିଥିଲା।

ତୈଳ ମୂଲ୍ୟ ବୃଦ୍ଧି ପ୍ରଭାବ ଭାରତର ଶେୟାର ବଜାର ଏବଂ ଟଙ୍କା ଉପରେ ଗୁରୁତର ଭାବେ ପଡ଼ିଛି। ସୋମବାର ବିଏସ୍‌ଇ ସେନ୍‌ସେକ୍ସ ୧୪୯୧.୦୬ ପଏଣ୍ଟ ଏବଂ ଏନ୍‌ଏସ୍‌ଇ ନିଫ୍ଟି ୩୮୦.୨୦ ପଏଣ୍ଟ ଖସିଥିବାବେଳେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ଦୁର୍ବଳ ସ୍ତରକୁ ପହଞ୍ଚିଛି। ସୋମବାର କାରବାର ଆରମ୍ଭ ହେବାବେଳକୁ ୧ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ୭୬.୮୫ ଟଙ୍କା ଥିବାବେଳେ ତାହା ସର୍ବକାଳୀନ ତଳସ୍ତର ୭୭.୦୧ ଟଙ୍କାକୁ ଛୁଇଁଥିଲା। କାରବାର ଶେଷ ବେଳକୁ ତାହା ୭୬.୯୩ ହୋଇଥିଲା, ଯାହାକି ପୂର୍ବଦିନ ଅପେକ୍ଷା ୭୬ ପଇସା ଦୁର୍ବଳ ହୋଇଥିଲା।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ ଯୁଦ୍ଧ ଘୋଷଣା କରିବା ପରଠାରୁ ତୈଳ ଓ ଗ୍ୟାସ୍ ରପ୍ତାନିରେ ବ୍ୟାଘାତ ହେବା ଭୟ ବଢ଼ିଯାଇଥିଲା, ଯାହା ବର୍ତ୍ତମାନ ସ୍ପଷ୍ଟ ଦେଖାଯାଉଛି। ରୁଷିଆ ମୁଖ୍ୟତଃ ଅଶୋଧିତ ତୈଳ ୟୁରୋପୀୟ ରିଫାଇନାରିଗୁଡ଼ିକୁ ବିକ୍ରି କରେ। ୟୁରୋପୀୟ ଦେଶଗୁଡ଼ିକ ରୁଷିଆରୁ ୨୦%ରୁ ଊର୍ଦ୍ଧ୍ୱ ତେଲ ନେଇଥାନ୍ତି। ଆମେରିକୀୟ ଅର୍ଥ ବିଶେଷଜ୍ଞ ଜେ.ପି. ମୋର୍ଗାନଙ୍କ କହିବାନୁଯାୟୀ, ଯଦି ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆଗକୁ ବଢ଼େ ତେବେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୧୮୫ ଡଲାରରେ ପହଞ୍ଚିପାରେ। କୁହାଯାଉଛି ଯେ, ଅଶୋଧିତ ତୈଳର ମୂଲ୍ୟରେ ଯଦି ଏକ ଡଲାର ବୃଦ୍ଧି ହୁଏ, ଭାରତରେ ପେଟ୍ରୋଲ ଏବଂ ଡିଜେଲ ଲିଟର ମୂଲ୍ୟ ୫୦ରୁ ୬୦ ପଇସା ବୃଦ୍ଧି ପାଇବ। ଯୁଦ୍ଧ ପରିସ୍ଥିତିରେ ଉତ୍ପାଦନ ହ୍ରାସ ଏବଂ ଯୋଗାଣ ବାଧାପ୍ରାପ୍ତ ହେତୁ ଏହାର ମୂଲ୍ୟ ଅନିଶ୍ଚିତ ହେବାରେ ଲାଗିଛି। ସୋମବାରର ମୂଲ୍ୟ ବୃଦ୍ଧିକୁ ଦେଖିଲେ, ଖୁବ୍‌ଶୀଘ୍ର ଅଶୋଧିତ ତୈଳ ବ୍ୟାରେଲ ପିଛା ୧୫୦ ଡଲାର ଅତିକ୍ରମ କରିବା ନିଶ୍ଚିତ ମନେ ହେଉଛି। ଫଳରେ ଭାରତରେ ପେଟ୍ରୋଲ ଏବଂ ଡିଜେଲର ଲିଟର ପିଛା ମୂଲ୍ୟ ୧୫ରୁ ୨୨ ଟଙ୍କା ବୃଦ୍ଧି ପାଇବା ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ହେଉଛି ଅଶୋଧିତ ତୈଳର ଏକ ପ୍ରମୁଖ ଆମଦାନୀକାରୀ ଏବଂ ୮୫%ରୁ ଅଧିକ କ୍ରୟ କରିଥାଏ। ଆମଦାନୀ ହେଉଥିବା ଅଶୋଧିତ ତୈଳର ମୂଲ୍ୟକୁ ଭାରତ ଆମେରିକୀୟ ଡଲାରରେ ଦେଉଛି। ଏଭଳି ପରିସ୍ଥିତିରେ ଅଶୋଧିତ ତୈଳର ଦରବୃଦ୍ଧି ଏବଂ ଭାରତୀୟ ଟଙ୍କା ତୁଳନାରେ ଡଲାର ମଜଭୁତ ହେବା ☞ପୃଷ୍ଠା-୪

# କେନ୍ଦ୍ର ନେଉନି: ବାହାରକୁ ଚାଉଳ ରପ୍ତାନି ଯୋଜନା

ଭୁବନେଶ୍ୱର,୭।୩(ବ୍ୟୁରୋ)

ରାଜ୍ୟରେ ଅଧିକ ଧାନ ଉତ୍ପାଦନ ହେଉଛି। ବଳକା ଚାଉଳ କେନ୍ଦ୍ର ସରକାର ନେଉନାହାନ୍ତି। ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ବଳକା ଚାଉଳ କିଣିବାକୁ କେନ୍ଦ୍ର ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ବହୁବାର ଅନୁରୋଧ କରିବା ପରେ ମଧ୍ୟ ରାଜ୍ୟରୁ ବଳକା ଧାନ ଉଠିପାରୁ ନାହିଁ। ବିଜେଡି ଏମ୍‌ପିମାନେ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇବା ସହ କେନ୍ଦ୍ର ଖାଉଟି ବ୍ୟାପାର ଓ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପରେ ମଧ୍ୟ କେନ୍ଦ୍ର ସରକାର ଏଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଭାରତୀୟ ଖାଦ୍ୟ ନିଗମ ବଳକା ଚାଉଳ ନେବାକୁ ମନା କରିବା ପରେ ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ଅନ୍ୟ ରାଜ୍ୟ ଓ ବାହାର ଦେଶକୁ ଚାଉଳ ରପ୍ତାନି କରିବାକୁ ଯୋଜନା ଆରମ୍ଭ କରିଛନ୍ତି।

ଏ ନେଇ ସୋମବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କୃଷକମାନଙ୍କ ଆୟବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଓଡ଼ିଶାରୁ ଅଣ-ବାସମତୀ ଚାଉଳ ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଅଣ-ବାସମତୀ ସୁଗନ୍ଧଯୁକ୍ତ ଚାଉଳ ପାଇଁ ଧାନ ଚାଷ ନିମନ୍ତେ କ୍ଲଷ୍ଟର ପଦ୍ଧତି ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କୃଷକମାନଙ୍କୁ ଆବଶ୍ୟକ ବିହନ ଓ କୃଷି କୌଶଳ ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଛି। ଚାଉଳ ରପ୍ତାନି ପ୍ରକ୍ରିୟା ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନେଇ ଏକ ବିଶେଷଜ୍ଞ ଟିମ୍ ଗଠନ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରରେ ଚାଉଳ ରପ୍ତାନି ପାଇଁ ଗ୍ରହଣ କରାଯାଇଥିବା ପଦ୍ଧତିକୁ ଅଧ୍ୟୟନ କରି ତୁରନ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ଭାରତ ସରକାରଙ୍କ କୃଷି ଓ ପ୍ରକ୍ରିୟାକରଣ ଖାଦ୍ୟଦ୍ରବ୍ୟ ରପ୍ତାନି କର୍ତ୍ତୃପକ୍ଷ (ଆପେଡା), କୃଷି ବୈଜ୍ଞାନିକ, ଚାଉଳ ରପ୍ତାନିକାରୀ ସଂଘର ପ୍ରତିନିଧି ପ୍ରମୁଖ ଯୋଗଦେଇ ରାଜ୍ୟରୁ ଚାଉଳ ରପ୍ତାନି ବୃଦ୍ଧି ସଂକ୍ରାନ୍ତରେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଚାଉଳ ରପ୍ତାନି ନିମନ୍ତେ ରାଜ୍ୟରେ ଥିବା ବନ୍ଦର ଓ ଭିତ୍ତିଭୂମି ☞ପୃଷ୍ଠା-୪

# ଏକ୍‌ଜିଟ୍ ପୋଲ୍‌ରେ ଭାଜପା, ଏଏପି

ନୂଆଦିଲ୍ଲୀ,୭।୩(ପି.ଟି)




ଉତ୍ତରପ୍ରଦେଶରେ ସୋମବାର ସପ୍ତମ ପର୍ଯ୍ୟାୟ ମତଦାନ ସରିବା ସହ ୫ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ହୋଇଛି। ଏଥିସହିତ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଏକ୍‌ଜିଟ ପୋଲ୍ ବା ବୁଥ୍‌ଫେରନ୍ତା ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଅଧିକାଂଶ ଗଣମାଧ୍ୟମ ପୂର୍ବାନୁମାନ କରିଛନ୍ତି। ତେବେ ୨୦୧୭ ତୁଳନାରେ ଭାଜପାର ଆସନ ସଂଖ୍ୟା କମିଯିବ ବୋଲି ଆକଳନ କରାଯାଇଛି। ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପଞ୍ଜାବରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବା ପୂର୍ବାନୁମାନ କରାଯାଇଛି। ଗୋଆ ଓ ମଣିପୁରରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ପାରେ। ଉତ୍ତରାଖଣ୍ଡ ପାଇଁ ମିଶ୍ରିତ ☞ପୃଷ୍ଠା-୪




# ଜେଲେନ୍‌ସ୍କି, ପୁଟିନ୍‌ଙ୍କ ସହ ଆଲୋଚନା କଲେ ମୋଦି

ନୂଆଦିଲ୍ଲୀ, ୭।୩

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସୋମବାର ୧୨ ଦିନ ପୂରିଥିବାବେଳେ ଏ ପ୍ରସଙ୍ଗରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ଦେଶର ରାଷ୍ଟ୍ରପତିଙ୍କୁ ଫୋନ୍ କରି କଥା ହୋଇଛନ୍ତି। ପ୍ରଥମେ ମୋଦି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ କଲ୍ କରିଥିଲେ। ପ୍ରାୟ ୩୫ ମିନିଟ୍ ଜେଲେନ୍‌ସ୍କିଙ୍କ ସହ କଥା ହେବା ପରେ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଫୋନ୍ କରିଥିଲେ। ପୁଟିନ୍‌ଙ୍କ ସହ ପ୍ରାୟ ୫୦ ମିନିଟ୍ ଧରି ଆଲୋଚନାବେଳେ ମୋଦି ତାଙ୍କୁ ଜେଲେନ୍‌ସ୍କିଙ୍କ ସହ ପ୍ରତ୍ୟକ୍ଷ ଭାବେ କଥା ହେବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ସାଧାରଣ ନାଗରିକଙ୍କୁ ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର ନିମନ୍ତେ ୟୁକ୍ରେନ୍‌ର ବିଭିନ୍ନ ସହରରେ ରୁଷିଆର ଅସ୍ତ୍ରବିରତି ଘୋଷଣାକୁ ମୋଦି ପ୍ରଶଂସା କରିଛନ୍ତି। ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ଉପରେ ମଧ୍ୟ ମୋଦି ଗୁରୁତ୍ୱ ଦେଇଛନ୍ତି। ଜେଲେନ୍‌ସ୍କିଙ୍କ ସହ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଏକ୍‌ଜିଟ୍ କୁତୁକୁତୁ






# ଡାକ୍ତରାଣୀଙ୍କ ଆକାଉଣ୍ଟରୁ ୯.୯୫ଲକ୍ଷ ନେଇଗଲେ ଡ୍ରାଇଭର

ଭୁବନେଶ୍ୱର,୭।୩(ବ୍ୟୁରୋ)

### ବିଶ୍ୱାସରେ ବିଷ



ମନୋଜ ମାହାନା

ଅତି ବିଶ୍ୱାସ ବେଳେବେଳେ ଧୋକା ଖାଏ। ନିଜ ଡ୍ରାଇଭରଙ୍କୁ ଏମିତି ବିଶ୍ୱାସ କରି ଶେଷରେ ୧୦ଲକ୍ଷ ହରାଇଛନ୍ତି ଜଣେ ଡାକ୍ତରାଣୀ। ଡ୍ରାଇଭର ଜଣକ ମାଲିକାଣୀଙ୍କ ବିଶ୍ୱାସରେ ବିଷ ଦେଇ ପ୍ରାୟ ୧୦ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଅସୁସ୍ଥ ଥିବା ମାଲିକାଣୀଙ୍କୁ ସହଯୋଗ ବାହାନାରେ ସେ ତାଙ୍କ ମୋବାଇଲରେ ଫୋନ୍ ପେ' ଆପ୍ ଡାଉନ୍‌ଲୋଡ୍ କରି ୟୁପିଆଇ ଜରିଆରେ ୯ ଲକ୍ଷ ୯୫ ହଜାର ଟଙ୍କା ନେଇଯାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି। ଏନେଇ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଗୋପୀନାଥ ସାହିରେ ରହୁଥିବା ମନୋଜ ମାହାନା(୩୫)। ପୋଲିସ ତାଙ୍କଠାରୁ ୩ଟି ସିମ୍ କାର୍ଡ ସହିତ ୨ଟି ମୋବାଇଲ ଫୋନ୍, ୪ଟି ବ୍ୟାଙ୍କ ପାସ୍‌ବୁକ୍, ୩ ଏଟିଏମ୍ କାର୍ଡ, ଗୋଟିଏ ଡେବିଟ୍ କାର୍ଡ ଓ ଗୋଟିଏ ଆଧାର କାର୍ଡ ଜବତ କରିଛି। ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାର ଅଧିକାରିଣୀ ରଶ୍ମିତା ଜେନା କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଠକେଇର ପରିମାଣ ୯ ଲକ୍ଷ ୯୫ ହଜାର ଟଙ୍କା ଥିବା ଜଣାପଡ଼ିଛି। ଏହି ପରିମାଣ ୧୦ ଲକ୍ଷରୁ ୧୧ ଲକ୍ଷ ମଧ୍ୟରେ ହେବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଡାକ୍ତର ଭି. ପଟ୍ଟନାୟକ(୭୫) ଚନ୍ଦ୍ରଶେଖରପୁର ଅଞ୍ଚଳରେ ପରିବାର ସହ ରହୁଛନ୍ତି। ତାଙ୍କ ଭଉଣୀ ତଥା ଡାକ୍ତରାଣୀ ଗୌରୀ ଦାସ(୭୧) ଅସୁସ୍ଥ ଥିବାରୁ ଡ୍ରାଇଭର ମନୋଜ ତାଙ୍କୁ ପ୍ରାୟ ☞ପୃଷ୍ଠା-୪

## ମହିଳାଙ୍କୁ ମର୍ଯ୍ୟାଦା ମିଳୁନି: ପାରମିତା

ମହିଳାମାନଙ୍କ ପାଇଁ ସତର୍କ ଏବଂ ସୁରକ୍ଷାପୂର୍ଣ୍ଣ ସମାଜ ଲାଗି ସବୁବେଳେ କାମନା କରି ଆସିଛି। ମଣିଷ ଭାବେ ମହିଳା ଏବଂ ପୁରୁଷ ଦୁହେଁ ସମାନ। ଏବେ ବି ମହିଳାଙ୍କୁ ତାଙ୍କର ନ୍ୟାଯ୍ୟ ମର୍ଯ୍ୟାଦା ଦିଆଯାଇ ପାରୁନାହିଁ ବୋଲି ସାହିତ୍ୟିକା ପାରମିତା ଶତପଥୀ କହିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସେ କହିଛନ୍ତି ଯେ, ନାରୀମାନଙ୍କ ପାଇଁ ଏକ ଅଧିକ ସୁରକ୍ଷାପୂର୍ଣ୍ଣ ତଥା ସମାନତା ରୂପକ ସମାଜ ଓ ପୃଥିବୀ ମିଳିବା ଆବଶ୍ୟକ। ଦୁଃଖର କଥା ନାରୀମାନଙ୍କୁ ନିଜର ସୁରକ୍ଷା ପାଇଁ ଏବେ ବି ଭାବିବାକୁ ପଡୁଛି। ଜଙ୍ଗଲ ଭିତରେ ଗୋଟେ ହରିଣ ସବୁବେଳେ ଭାବେ ଯେ ମୁଁ କାଳେ ବାଘର ଶିକାର ହୋଇଯିବି। କିନ୍ତୁ ଏକ ସଭ୍ୟ ସମାଜରେ କାଳେ ବିପଦରେ ପଡିବ ବୋଲି ନାରୀକୁ ସବୁବେଳେ ସତର୍କ ହେବାକୁ ପଡେ। ବାପା, ଭାଇ, ସ୍ୱାମୀ ସବୁବେଳେ ଯେ ସୁରକ୍ଷା ଦେବେ ତାହା ନୁହେଁ। ନାରୀମାନେ ପ୍ରତି କ୍ଷେତ୍ରରେ ପୁରୁଷଙ୍କ ସହ କାନ୍ଧ ମିଳାଇ ଆଗେଇଲେଣି। ମାତ୍ର ପୁରୁଷଙ୍କ ପରି ସେ ସ୍ୱାଧୀନ କିମ୍ବା ସୁରକ୍ଷିତ ନୁହଁନ୍ତି। ନିର୍ଦ୍ଧାରିତ ସମୟରେ ଘରକୁ ଫେରିବା, ଜୁଡ଼ୋ କରାଟେ ଶିଖିବା ସୁରକ୍ଷା ପାଇଁ ମାପଦଣ୍ଡ ନୁହେଁ। ନାରୀଙ୍କ ସୁରକ୍ଷା ପାଇଁ ସମାଜର ମନୋଭାବ ବଦଳାଇବାକୁ ପଡିବ।


ପାରମିତା ଶତପଥୀ

ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ପରିଚୟ ପାରମିତା ଶତପଥୀ। ଓଡ଼ିଆ ଗଳ୍ପ, ଉପନ୍ୟାସରେ ସେ ଏକ ପରିଚିତ ଚେହେରା। ପିଲାଟିବେଳୁ ସାହିତ୍ୟିକ ପରିବେଶରେ ରହି ଆସିଥିବାରୁ ଖୁବ୍ କମ୍ ବୟସରୁ ସାହିତ୍ୟ ପ୍ରତି ଅନୁରାଗ ବଢିଥିଲା। ଏହା ମଧ୍ୟରେ ସେ ଏକାଧିକ ଗଳ୍ପ, ଉପନ୍ୟାସ ରଚନା କରି ସାରିଛନ୍ତି। ୧୯୬୫ ମସିହା ଅଗଷ୍ଟ ୩୦ ତାରିଖରେ ଜନ୍ମ ଗ୍ରହଣ କରିଥିବା ପାରମିତା ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କବି ପ୍ରତିଭା ଶତପଥୀ ଏବଂ ନିତ୍ୟାନନ୍ଦ ଶତପଥୀଙ୍କ କନ୍ୟା। ୧୯୮୯ରେ ଭାରତୀୟ ରାଜସ୍ୱ ସେବାରେ ଯୋଗ ଦେଇଥିବା ପାରମିତା ଏବେ ଆୟକର ବିଭାଗର କମିଶନର ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହ ଓଡ଼ିଆ ସାହିତ୍ୟକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି।

## ଜଣେ ଅନ୍ୟ ଜଣଙ୍କର ଶକ୍ତି ପାଲଟିବା ଦରକାର: ଶୁଭଶ୍ରୀ

ଶୁଭଶ୍ରୀ ଦାସ, ସମାଜରେ ଅବହେଳିତ ନାରୀଙ୍କ ପାଇଁ ସେ ପାଲଟିଛନ୍ତି ପ୍ରେରଣାର ଉତ୍ସ। ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭ୍‌ଲପ୍‌ମେଣ୍ଟ (ଆଇଏସ୍‌ଡି) ନାମକ ଏକ ଅନୁଷ୍ଠାନ ଗଠନକରି ଏହା ମାଧ୍ୟମରେ ଅନେକ ମହିଳାଙ୍କ ପାଇଁ ସେ କାମ କରୁଛନ୍ତି। ଏହା ବ୍ୟତୀତ ଝିଅମାନେ କୌଣସି ଗୁଣରେ ପୁଅଙ୍କ ଠାରୁ କମ୍ ନୁହନ୍ତ ସେ ନେଇ ମଧ୍ୟ ସଚେତନ କରୁଛନ୍ତି। ୧୯୯୯ରେ ସଂଘଟିତ ମହାବାତ୍ୟା ତାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଥିଲା। ମହାବାତ୍ୟାରେ ଅନେକ ଧନ ଜୀବନ କ୍ଷତି ହୋଇଥିଲା। ବିଶେଷକରି ପାରାଦୀପ କୂଳରେ ରହୁଥିବା ମତ୍ସ୍ୟଜୀବୀମାନେ ମାଛ ଧରିବାକୁ ଯାଇ ସେମାନଙ୍କ ଜୀବନ ହାରିଥିଲେ। ସେହି ଅଞ୍ଚଳକୁ ଶୁଭଶ୍ରୀ ଏକ ସର୍ଭେ କରିବାକୁ ଯାଇଥିଲେ। ସେଠାକାର ପରିବେଶ ଏବଂ ମହିଳାମାନଙ୍କ ସ୍ଥିତି ତାଙ୍କୁ ବିଚଳିତ କରିଥିଲା। ସେହିଠାରୁ ସେ ସମାଜରେ ଥିବା ଦୁସ୍ଥ, ଅସହାୟ ମହିଳାଙ୍କ ପାଇଁ କାମ କରିବା ଆରମ୍ଭ କରିଥିଲେ।


ଶୁଭଶ୍ରୀ ଦାସ

ଏଥିସହିତ ଲିଙ୍ଗଗତ ବୈଷମ୍ୟ ଉପରେ ସଚେତନତା ଏବଂ ମହିଳା ସଶକ୍ତୀକରଣକୁ ନେଇ ତାଙ୍କର କାର୍ଯ୍ୟଧାରା ଜାରି ରହିଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସେ କହିଛନ୍ତି, ପୁଅ ଝିଅଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ରହିବା କଥା ନୁହେଁ। କିଏ ବଡ଼ କିଏ ସାନ ସେ ନେଇ ଆମେ ଯୁଦ୍ଧ ଚାହୁଁନାହୁଁ। ପରସ୍ପରକୁ ସମ୍ମାନ ଦେଇ, ଜଣେ ଅନ୍ୟ ଜଣଙ୍କର ଶକ୍ତି ପାଲଟିବା ଦରକାର। ସ୍ୱାମୀ ଓ ସ୍ତ୍ରୀ ଦୁହେଁ ପରସ୍ପରର ପରିପୂରକ। ସ୍ୱାମୀ ଭଗବାନ ନୁହେଁ ବରଂ ଜୀବନସାଥୀ। କର୍ମକ୍ଷେତ୍ରରେ ଏବଂ ପରିବାରରେ ଏହି ସମାନତା ଓ ସମ୍ମାନ ରହିବା ଦରକାର। ଏହାଦ୍ୱାରା ମହିଳାଙ୍କ ଉପରେ ହେଉଥିବା ହିଂସା କମିପାରିବ ଏବଂ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

– ବନ୍ଦନା ସେଠୀ

## ନିଜ ସୁରକ୍ଷା ନିଜେ କରିବା ଆବଶ୍ୟକ: ନାଭ୍ୟା

ଅନେକ ସମୟରେ ଦେଖାଯାଏ ଝିଅ ହିଁ ଝିଅର ଶତ୍ରୁ ହୋଇଥାଏ। ତେଣୁ ଏଭଳି ଭାବନାରୁ ଦୂରେଇରହିବା ଜରୁରୀ। ସମସ୍ତଙ୍କ ପ୍ରତି ସମାନ ମନୋଭାବ ଆଣିବା ଆବଶ୍ୟକ। ଏଥିସହ ମା' ବାପାମାନେ ଝିଅଙ୍କୁ ଆତ୍ମସୁରକ୍ଷା ଶିଖାଇବା ଉଚିତ। ବର୍ତ୍ତମାନ ପରିସ୍ଥିତିରେ ନାରୀଟିଏ ନିଜ ସୁରକ୍ଷା ନିଜେ କରିପାରୁଥିବା ଦରକାର। ବାହାରକୁ ଯିବା ସମୟରେ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଆବଶ୍ୟକ ଜିନିଷ ସାଙ୍ଗରେ ନେଇ ଯିବା ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କଣ୍ଠଶିଳ୍ପୀ ନାଭ୍ୟା ଜୟତି କହିଛନ୍ତି।


ନାଭ୍ୟା ଜୟତି

ୱେଷ୍ଟର୍ନ ସଙ୍ଗୀତ ଜଗତର ଜଣାଶୁଣା ଚେହେରା ହେଉଛନ୍ତି ନାଭ୍ୟା। ଓଡ଼ିଶାରେ ୱେଷ୍ଟର୍ନ ମ୍ୟୁଜିକକୁ ଲୋକପ୍ରିୟ କରାଇବା ପାଇଁ ସେ ଉଦ୍ୟମ ଚଳାଉଛନ୍ତି। ୧୯୮୯ ଜୁଲାଇ ୨୪ରେ ସେ କୋଲକାତାରେ ଜନ୍ମ ହୋଇଥିଲେ ବି କିଛିଦିନ ପରେ ପରିବାର ସହ ଆସି ବ୍ରହ୍ମପୁରକୁ ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ ସଙ୍ଗୀତରେ କ୍ୟାରିୟର କଲେ। ତେବେ ଓଡ଼ିଶାବସୀଙ୍କ ଭଲପାଇବା ତାଙ୍କୁ ଏତେ ଆକର୍ଷିତ କରିଥିଲା ଯେ, ସେ ମୁମ୍ବାଇ ଯାଇଥିଲେ ମଧ୍ୟ ଓଡ଼ିଶାରେ ହିଁ ବେଶି ସଙ୍ଗୀତ ଗାଇଛନ୍ତି। ଏଠାରେ ଗୀତ ଗାଇବା ଫଳରେ ତାଙ୍କୁ ଆତ୍ମୀୟତା ମିଳିଥାଏ ବୋଲି ସେ କହିଛନ୍ତି। ୱେଷ୍ଟର୍ନ ସଙ୍ଗ୍ ସହ ନାଭ୍ୟା ରୋମାଣ୍ଟିକ ଓ ପୁରୁଣା ଗୀତଗୁଡ଼ିକୁ ନିଜ ଆନ୍ଦାଜରେ ଗାଇବାକୁ ପସନ୍ଦ କରନ୍ତି। ତେବେ ଷ୍ଟେଜ୍ ଶୋ' ତାଙ୍କୁ ଲୋକପ୍ରିୟ କରିବାରେ ସାହାଯ୍ୟ କରିଥିଲା। ସେ କୁହନ୍ତି, ଓଡ଼ିଶାରେ ୱେଷ୍ଟର୍ନ ସଙ୍ଗୀତ ପାଇଁ ବହୁ ସୁଯୋଗ ଅଛି। ମାତ୍ର ଦୁଃଖର କଥା ସଙ୍ଗୀତ ସାଧନାରେ ଅଭାବ ରହୁଛି। ଏବେ ଯୁବପିଢ଼ି ସଙ୍ଗୀତ ହେଉ କି ଫିଲ୍ମ ଉପରେ ନୂଆ କିଛି କରି ଦେଖାଇବାକୁ ଚେଷ୍ଟା କରୁଛନ୍ତି। ଆଇଲାରେ ଝୁଲୁରୁ ବାଲି, ଦେ ପ୍ରେମର ପିୟାଲା, ପାତଲଘଣ୍ଟା, ଟୁ ଟୁ ଟୁ, ଦେଶୀ କୁକୁଡ଼ା, ମୁଁ ଝିଅ ଇଡିଅଟରେ, ପ୍ୟାର୍ ୱାଲା, ଲଭ୍ କରି ଘରୁ ପଳେଇ ଆସିଛି, ଡିଅର ଡାର୍ଲୁ ଭଳି ଅନେକ ସଙ୍ଗୀତରେ ନିଜ ସ୍ୱରର ଝଲକ ଦେଖାଇଛନ୍ତ ନାଭ୍ୟା।

–ଶର୍ମିଷ୍ଠା ପାଣିଗ୍ରାହୀ



ଚାଉଳ ଗୁଣ୍ଡ ଓ ପ୍ରାକୃତିକ ରଙ୍ଗର ମିଶ୍ରଣରେ ଚିତ୍ରକଳା ମାଧ୍ୟମରେ ମହିଳା ସଶକ୍ତୀକରଣ ବାର୍ତ୍ତା ଦେଉଛନ୍ତି ପୁରୀର ବିଶ୍ୱରୂପା ପଟ୍ଟନାୟକ।

## ଆର୍ଥିକ ଦୁର୍ବଳ ମହିଳାଙ୍କ ପାଇଁ ଜେଏସ୍‌ପିଏଲ୍‌ର 'ସ୍ୱୟଂସମ୍ପନ୍ନା ନାରୀ'

ଭୁବନେଶ୍ୱର, ୭।୩(ବ୍ୟୁରୋ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ଫାଉଣ୍ଡେଶନ୍ ପକ୍ଷରୁ ଓଡ଼ିଶା ଓ ଛତିଶଗଡରେ ମହିଳା ଏବଂ ବାଳିକାଙ୍କ ଶିକ୍ଷା ଏବଂ ଦକ୍ଷତା ବିକାଶ ନିମନ୍ତେ ଏକ ଯୋଜନା 'ଜିନ୍ଦଲ ସ୍ୱୟଂ ସମ୍ପନ୍ନା ନାରୀ' କାର୍ଯ୍ୟକ୍ରମ ସୋମବାର ଦିଲ୍ଲୀରେ ଆରମ୍ଭ ହୋଇଛି। ଏଥିରେ ଆର୍ଥିକ ଦୁର୍ବଳ ବର୍ଗର ମହିଳା ଏବଂ ଯୁବତୀମାନଙ୍କୁ ତାଲିମ ଓ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଫାଉଣ୍ଡେସନର ଚେୟାରମ୍ୟାନ ଶାଲୁ ଜିନ୍ଦଲ ଉକ୍ତ ଯୋଜନାକୁ ଲୋକାର୍ପିତ କରି କହିଛନ୍ତି, 'ଏହି ଅନ୍ତର୍ଜାତୀୟ ମହିଳା ଦିବସରେ ଲିଙ୍ଗଗତ ସମାନତା ନିଶ୍ଚିତ କରିବା ନିମନ୍ତେ ସମସ୍ତେ କାର୍ଯ୍ୟ କରିବା'। ସାମାଜିକ ବିକାଶ କାର୍ଯ୍ୟକ୍ରମରେ ଦକ୍ଷତା ଏବଂ ଶିକ୍ଷାରେ ବିନିଯୋଗ ହେଉଛି ମହିଳାମାନଙ୍କର ସର୍ବୋଚ୍ଚ ପ୍ରାଥମିକତା। ଏହି ଦିଗରେ ଗୋଟିଏ ପାଦ ଆଗକୁ ଯାଇ ଫାଉଣ୍ଡେସନ ମହିଳାଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରୁଛି। ମହିଳାମାନଙ୍କର ରୋଜଗାର କ୍ଷମତା ବୃଦ୍ଧି ସହିତ ସେମାନଙ୍କୁ ସଶକ୍ତ କରିବା ପାଇଁ ଏହି ଯୋଜନା ସହାୟକ ହେବ। ଏହି ଯୋଜନା ପ୍ରଥମେ ଓଡ଼ିଶା ଏବଂ ଛତିଶଗଡରେ ହେବ ବୋଲି ଜିନ୍ଦଲ ସୂଚନା ଦେଇଛନ୍ତି। ତାଲିମ ପରେ ସେମାନେ ଯେକୌଣସି ଦକ୍ଷତା ବିକାଶ ପାଠ୍ୟକ୍ରମ ଚୟନ କରି ରୋଜଗାରକ୍ଷମ ହୋଇପାରିବେ।






**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୪,୭୩,୪୮,୪୫୮ | ୬୦,୨୩,୧୦୫ | ୩୮,୦୫,୫୭,୯୫୬ |
| ଭାରତ | ୪,୨୯,୬୭,୩୧୫ | ୫,୧୫,୧୩୩ | ୪,୨୩,୯୮,୦୯୫ |
| ଓଡ଼ିଶା | ୧୨,୮୬,୦୦୯ | ୯୧୦୧(+୫୩) | ୧୨,୭୫,୭୬୭ |

ସୋମବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ସୋମବାର ପହଞ୍ଚିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ୟୁକ୍ରେନ୍ ଫେରନ୍ତାଙ୍କୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

## ସ୍ୱତନ୍ତ୍ର ବିମାନରେ ଫେରିଲେ ୭୭ ଛାତ୍ରୀଛାତ୍ର

ଭୁବନେଶ୍ୱର, ୭।୩(ବ୍ୟୁରୋ)

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଇତିମଧ୍ୟରେ ୧୨ଦିନରେ ପହଞ୍ଚିଛି। ସେଠାରେ ରହୁଥିବା ଭାରତୀୟମାନେ ଭୟ ଆଶଙ୍କା ଭିତରେ ରହିଥିବାବେଳେ ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଚେଷ୍ଟା ଚଳାଇଛନ୍ତି। ଏହି କ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏକ ସ୍ୱତନ୍ତ୍ର ବିମାନ ଯୋଗେ ସୋମବାର ୟୁକ୍ରେନ୍‌ରେ ପଢୁଥିବା ୭୭ଜଣ ଓଡ଼ିଆ ଛାତ୍ରୀଛାତ୍ର ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି। ଓଡ଼ିଶା ଫେରି ଆସିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚି ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରୁଥିବା ଦେଖି ଛାତ୍ରୀଛାତ୍ରମାନେ ଖୁସିରେ ଆତ୍ମବିଭୋର ହୋଇଯାଇଥିଲେ।

ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର ବିମାନ ନୂଆଦିଲ୍ଲୀରୁ ୭୭ ଛାତ୍ରୀଛାତ୍ରଙ୍କୁ ଆଣି ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଭୁବନେଶ୍ୱରରେ ପହଞ୍ଚିଥିଲା। ଯୁଦ୍ଧ ଅଞ୍ଚଳରୁ ଫେରିଆସିଥିବା ପିଲାମାନଙ୍କୁ ପାଖରେ ପାଇ ମା'ବାପା ସେଠାରେ ଖୁସିରେ କାନ୍ଦି ପକାଇବା ସହିତ ଆଶ୍ୱସ୍ତ ଅନୁଭବ କରିଛନ୍ତି। ପିଲାଙ୍କ ନିରାପଦ ଉଦ୍ଧାର ଲାଗି ଅଭିଭାବକମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚି ପିଲାମାନଙ୍କ ଭଲ, ମନ୍ଦ ପଚାରି ବୁଝିଥିଲେ। ସେମାନେ ଆଗକୁ ଯେପରି ପାଠ ପଢିପାରିବେ, ସେଥିଲାଗି ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ୍‌ରୁ ପିଲାମାନଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରିଥିଲେ। ୨ଟି ବସ୍ ଯୋଗେ ସେମାନଙ୍କୁ ଯୁଦ୍ଧ ଅଞ୍ଚଳରୁ ନିରାପଦ ଭାବେ ଉଦ୍ଧାର କରାଯାଇଥିଲା। ଏହାସହ ଫେରି ଆସୁଥିବା ପିଲାଙ୍କ ପାଠପଢାରେ ଯେପରି ଅସୁବିଧା ନ ହୁଏ ସେଥିଲାଗି ଦେଶର ମେଡିକାଲ କଲେଜରେ ସେମାନଙ୍କ ପାଠପଢା ପାଇଁ ବ୍ୟବସ୍ଥା କରିବାକୁ ରବିବାର ମୁଖ୍ୟମନ୍ତ୍ରୀ ଚିଠି ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଏଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ରହି ପିଲାମାନଙ୍କ ସହିତ ଆଲୋଚନା କରିଥିଲେ।

# ହାଇବ୍ରିଡ୍ ଶିକ୍ଷା ମଡେଲ୍‌ର ଲାଭ ଉଠାନ୍ତୁ ଛାତ୍ରୀଛାତ୍ର

**ଅନ୍‌ଲାଇନ୍ ଶିକ୍ଷା ଦ୍ୱାରା ପିଲାମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମାତ୍ର ଅନ୍‌ଲାଇନ୍ ଶିକ୍ଷା ପ୍ରଚଳିତ ହେବା ପରଠାରୁ ଛାତ୍ରୀଛାତ୍ର ହାଇବ୍ରିଡ୍ ଶିକ୍ଷା ମଡେଲ୍ (ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ ମୋଡ୍‌ର ମିଶ୍ରିତ ଶିକ୍ଷଣ ବ୍ୟବସ୍ଥା)କୁ ଅଧିକ ପସନ୍ଦ କରୁଛନ୍ତି। ଆଗ୍ରହୀ ପିଲାମାନେ ବର୍ତ୍ତମାନ ଏହି ହାଇବ୍ରିଡ୍ ଶିକ୍ଷଣ ବ୍ୟବସ୍ଥାର ଲାଭ ଉଠାଇବା ଦରକାର ବୋଲି ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତକାର ଦେବା ସମୟରେ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପ୍ରତାପ କୁମାର ବଳବନ୍ତରାୟ୍ କହିଛନ୍ତି।**



ପ୍ରତାପ କୁମାର ବଳବନ୍ତରାୟ୍, ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର, ବିଆଇଆଇଟିଏମ୍

ଧରିତ୍ରୀ | OrissaPOST BUSINESS EMINENCE AWARDS

**▸▸ ମହାମାରୀ ସମୟରେ ବିଆଇଆଇଟିଏମ୍ ଛାତ୍ରୀଛାତ୍ରଙ୍କୁ କିଭଳି ସୁବିଧା ଦେଇଥିଲା?**

ଆମେ ଗୁଗଲ୍ ମିଟ୍ ଏବଂ ଜୁମ୍ ଆପ୍ ସହାୟତାରେ ଅନ୍‌ଲାଇନ୍ ଶିକ୍ଷା ଦେଇଥିଲୁ। ପରେ ଗୁଗଲ୍ ମିଟ୍ ଆମକୁ ଅଧିକ ୟୁଜର ଫ୍ରେଣ୍ଡଲି ଲାଗିଲା। ତେଣୁ ଆମେ ଗୁଗଲ୍ ଫର୍ ଏଜୁକେଶନଠାରୁ ଗୁଗଲ୍ ମିଟ୍ ପ୍ଲାଟଫର୍ମ କ୍ରୟ କରି ପିଲାଙ୍କୁ ଅନ୍‌ଲାଇନ୍ ଶିକ୍ଷାଦାନ କରିଥିଲୁ। ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଗୁଗଲ୍ ମିଟ୍ ସହାୟତାରେ ନିଜ ଘରୁ ଅନ୍‌ଲାଇନ୍ କ୍ଲାସ୍ ନେବାକୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କୁ କ୍ଲାସ୍ ପାଇଁ ଲାପ୍‌ଟପ୍, ହାଇ-ଡେଫିନିନ କ୍ୟାମେରା, ହେଡ୍‌ଫୋନ୍, ଡିଜିଟାଇଜର୍ସ ଭଳି ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଥିଲା। ଅନ୍‌ଲାଇନ୍ କ୍ଲାସ୍ ବେଳେ ରେକର୍ଡିଂ କରାଯାଇ ତାହା ପିଲାଙ୍କ ନିକଟକୁ ପଠାଯାଇଥିଲା। କେତେ ସଂଖ୍ୟକ ପିଲା କ୍ଲାସ୍ କରୁଛନ୍ତି ସେ ରେକର୍ଡ ରଖିବା ପାଇଁ ଅନ୍‌ଲାଇନ୍ ଉପସ୍ଥାନ ନିଆଯାଉଥିଲା। ଛାତ୍ରୀଛାତ୍ରଙ୍କୁ ପଢ଼ା ଚାପ ନ ଦେବାକୁ କ୍ଲାସ୍ ମଝିରେ ୧୦ ମିନିଟ୍ ଲେଖାଏ ବିରତି ଧାର୍ଯ୍ୟ କରାଯାଇଥିଲା। ଇଣ୍ଟରନାଲ୍ ଏବଂ ୟୁନିଭର୍ସିଟି ପରୀକ୍ଷା ପାଇଁ ପିଲାମାନଙ୍କୁ ମଡେଲ୍ ଏମ୍‌ସିକ୍ୟୁ ପ୍ରଶ୍ନ ଏବଂ ସେଗୁଡ଼ିକର ସମାଧାନ ସହିତ ପଢ଼ାଯାଉଥିଲା। ଅନ୍‌ଲାଇନ୍ ଗ୍ରୁପ୍ ଆଲୋଚନା, ପର୍ସନାଲ୍ ଇଣ୍ଟରଭ୍ୟୁ ଏବଂ ଲିଖିତ ଦ୍ୱାରା ଆମେ ସଫଳତାର ସହିତ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରିଥିଲୁ। ମହାମାରୀ ସମୟରେ ଆମେ ଜୁମ୍ ମାଧ୍ୟମରେ ୱେବିନାର ଆୟୋଜନ କରିଥିଲୁ। ଗୁଗଲ୍ ମିଟ୍‌ରେ ଏକାଥରରେ ୧୦୦ରୁ କମ୍ ଏବଂ ଜୁମ୍ ପ୍ଲାଟ୍‌ଫର୍ମରେ ୧୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଉପସ୍ଥିତ ରହିପାରୁଥିଲେ। ତେଣୁ ଏ ସବୁର ସମାଧାନ ପାଇଁ ଇ-ଷ୍ଟୁଡିଓ ପ୍ରତିଷ୍ଠା କରିଥିଲୁ। ଗୁଗଲ୍ କ୍ଲାସରୁମ୍ ଜରିଆରେ ପିଲାଙ୍କୁ ଆସାଇନ୍‌ମେଣ୍ଟ ଦିଆଯାଉଥିଲା ଏବଂ ଅନ୍‌ଲାଇନ୍‌ରେ ସେମାନଙ୍କ ଉତ୍ତର କପି ସଂଶୋଧନ ମଧ୍ୟ କରାଯାଉଥିଲା। ଅନ୍‌ଲାଇନ୍ କ୍ଲାସ୍‌ଗୁଡ଼ିକ ସନ୍ଧ୍ୟା ସମୟରେ ଆୟୋଜିତ ହେଉଥିଲା। ଏହାଦ୍ୱାରା ଭାଲ୍ୟୁ ଆଡ୍-ଅନ୍ ପାଠ୍ୟକ୍ରମ ପରିଚାଳନା କରିବା ସୁବିଧା ହେଉଥିଲା।

**▸▸ ଅନ୍‌ଲାଇନ୍ ଶିକ୍ଷାର ମୁଖ୍ୟ ଅସୁବିଧା କ'ଣ?**

ଅଫ୍‌ଲାଇନ୍ କ୍ଲାସ୍‌ରେ ଶିକ୍ଷକ-ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇପାରୁଥିଲା। ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଣାଳୀ ଏବଂ ଅଙ୍ଗଭଙ୍ଗୀ ପିଲାଙ୍କୁ ପାଠ ବୁଝିବାରେ ସହାୟକ ହେଉଥିଲା କିନ୍ତୁ ଅନ୍‌ଲାଇନ୍ କ୍ଲାସ୍‌ରେ ଏହା ସମ୍ଭବ ହେଉନାହିଁ। ଅନ୍‌ଲାଇନ୍ ମୋଡ୍‌ରେ ଲ୍ୟାବ୍ କ୍ଲାସ୍ କରିବା କଷ୍ଟକର। ଏପରି କି କେତେଜଣ ପିଲା ଲିଙ୍କ୍ ମାଧ୍ୟମରେ ଲଗ୍‌ଇନ୍ କରୁଥିଲେ ମାତ୍ର କ୍ଲାସ୍‌ରେ ଉପସ୍ଥିତ ରହୁ ନ ଥିଲେ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ନେଟ୍‌ୱର୍କ ସମସ୍ୟାର ସମ୍ମୁଖୀନ ହେଉଥିଲେ। ପିଲାମାନେ ଫିଜିକାଲ୍ ଗ୍ରୀଷ୍ମ ଇଣ୍ଟର୍ନଶିପ୍ କରିବାରୁ ମଧ୍ୟ ବଞ୍ଚିତ ହୋଇଥିଲେ।

**▸▸ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଉପରେ ଆପଣଙ୍କ ମତାମତ?**

ସାଧାରଣତଃ ଛାତ୍ରୀଛାତ୍ରମାନେ ଅଫ୍‌ଲାଇନ୍ କ୍ଲାସ୍‌କୁ ଅଧିକ ପସନ୍ଦ କରନ୍ତି। ଏହା ସେମାନଙ୍କ ପାଇଁ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। କିନ୍ତୁ ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ ହେବା ପରେ ପିଲାମାନେ ହାଇବ୍ରିଡ୍ ମଡେଲ୍‌କୁ ଅଧିକ ପସନ୍ଦ କରୁଛନ୍ତି। ହାଇବ୍ରିଡ୍ ମଡେଲ୍ ହେଉଛି ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ ମୋଡ୍ ଶିକ୍ଷଣର ମିଶ୍ରିତ ଶିକ୍ଷା ବ୍ୟବସ୍ଥା।

**▸▸ ବିଆଇଆଇଟିଏମ୍ ଛାତ୍ରୀଛାତ୍ରଙ୍କୁ କିଭଳି ଉତ୍ସାହିତ କରେ?**

ଶିକ୍ଷାନୁଷ୍ଠାନର ସୁସଂଗଠିତ ପ୍ଲେସ୍‌ମେଣ୍ଟ ବ୍ୟବସ୍ଥା ଏହାକୁ ପିଲାଙ୍କ ପାଇଁ ଏକ ଉତ୍ତମ ଅନୁଷ୍ଠାନର ପରିଚୟ ଦେଇଥାଏ। ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଗ୍ରୁପ୍ ଆଲୋଚନା ଏବଂ ପର୍ସନାଲ୍ ଇଣ୍ଟରଭ୍ୟୁ ପାଇଁ ତାଲିମ୍ ଦିଆଯିବା ସହ ଉତ୍ସାହିତ କରାଯାଇଥିଲା। ଏହା ପ୍ଲେସ୍‌ମେଣ୍ଟ ଆକ୍ଟିଭିଟିରେ ସଫଳ କରିବା ସହିତ ସେମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲା।

**▸▸ ଭବିଷ୍ୟତକୁ ନେଇ ଆଶାୟୀ ଛାତ୍ରୀଛାତ୍ରଙ୍କୁ କି ପରାମର୍ଶ ଦେବେ?**

ଆଶାୟୀ ଛାତ୍ରୀଛାତ୍ରମାନେ ନିଜ ଆଇଟି ଦକ୍ଷତା ବିକାଶ କରିବା ସହିତ ହାଇବ୍ରିଡ୍ ମଡେଲ୍‌ର ଲାଭ ଉଠାଇବା ଆବଶ୍ୟକ।




TRUST OF HERO
100 MILLION | NO.1 | 5 YEAR WARRANTY *Conditions apply | 7000+ SERVICE CENTRES
ସବୁ ସ୍କୁଟର ଉପରେ କ୍ୟାସ ବେନିଫିଟ ₹4000* + DESTINI 125 ଉପରେ ଏକ୍ସଚେଞ୍ଜ/ଲୟାଲିଟି ବୋନସ ₹2000*
Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Largest two-wheeler selling company in the world for any particular country for the year 2020. #Price is subject to change without any prior notice. *The offer is valid on select models in select cities only and is subject to change without any prior notice. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com
For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422, ଭାରତ ହୀରୋ - 7799766378, ଡିଡି ହୀରୋ - 7799766329, ଅରୁନ୍ଧତୀ ହୀରୋ- 9311733967. ବାଲେଶ୍ୱର: ନୀଳମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଡି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୁଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. କଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମାୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ବିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଣ ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7978560171. ସୋରୋ: ତୁଲକିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.

**ଆଜିର ମନ୍ତବ୍ୟ**

"ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଫେରାଇ ଆଣିବା, ଚାଇନା ବିବାଦ, ବେରୋଜଗାରୀ ଓ ମୁଦ୍ରାସ୍ଫୀତି ବୃଦ୍ଧି, ଟଙ୍କାର ମୂଲ୍ୟ ଦୁର୍ବଳ ହେବା ଆଦି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ନାହିଁ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମାନିଆ ପୁଅ କଣରେ ବସେ
ମାନିଆ ପୁଅ କୋଳରେ ବସେ ।**

ମାତାପିତା ତଥା ଗୁରୁଜନଙ୍କ ଉପଦେଶକୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳବାଲୁଙ୍ଗା ବୋଲାଇଥାଏ। ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ। ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁ ଉନ୍ନତି କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅରଜି ଛଞ୍ଚି କୃପଣ ମରେ
ଗୁଡ଼ ମାଠିଆ ମାଲୁଆ ମାରେ ।**

କୃପଣ ବ୍ୟକ୍ତି ଜୀବଦ୍ଦଶାରେ ଭଲ ନ ଖାଇ ନ ପିନ୍ଧି କେବଳ ଧନ ସଞ୍ଚି ଚାଲିଥାନ୍ତି। ଆବଶ୍ୟକ ମନେହେଉଥିଲେ ମଧ ଖର୍ଚ୍ଚ ହୋଇଯିବ ଭାବି ଯାଇତାଇ କରି ଦିନ ବିତାଇ ଦେଇଥାନ୍ତି। କାଳକ୍ରମେ ତାଙ୍କ ସଞ୍ଚିତ ଧନ ସମ୍ପତ୍ତି ବଳୁଆ ଲୋକ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଅଶୋଧିତ ତୈଳ...

ଦେଶରେ ପେଟ୍ରୋଲ ଓ ଡିଜେଲ ସମେତ ସବୁ ସାମଗ୍ରୀ ମୂଲ୍ୟବୃଦ୍ଧିର କାରଣ ହେଉଛି। ୟୁକ୍ରେନ୍ ଯୁଦ୍ଧ ଆରମ୍ଭର ୧୨ ଦିନ ମଧ୍ୟରେ ଭାରତୀୟ ଶେୟାର ବଜାରରେ ବାରମ୍ବାର ବଡ଼ଧରଣର ହ୍ରାସ ଘଟୁଛି। ସେନ୍‌ସେକ୍ସ ଗତ ଫେବୃୟାରୀ ୨୪ରେ ୨୭୦୨ ପଏଣ୍ଟ, ମାର୍ଚ୍ଚ ୨ରେ ୭୭୮ ପଏଣ୍ଟ ଏବଂ ମାର୍ଚ୍ଚ ୪ରେ ୭୬୯ ପଏଣ୍ଟ ହ୍ରାସ ପାଇଥିଲା। ସୋମବାର ଏହା ୧୪୯୧ ପଏଣ୍ଟ ହ୍ରାସ ପାଇ ୫୨,୮୪୨.୭୫ରେ ବନ୍ଦ ହୋଇଥିଲା। ନିଫ୍ଟି କାରବାର ୩୮୨.୨୦ ପଏଣ୍ଟ ହ୍ରାସ ପାଇ ୧୫,୮୬୩.୧୫ରେ ବନ୍ଦ ହୋଇଥିଲା। ଏହାଦ୍ୱାରା ନିବେଶକମାନେ ୫.୪୩ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ପୂର୍ବତନ କଲେଜ ଅଧ୍ୟକ୍ଷ

**ଲାଞ୍ଜିଗଡ, ୭।୩(ଡି.ଏନ.ଏ.)**



ରମେଶ ଚନ୍ଦ୍ର ସାହୁ

■ ୫ ସ୍ଥାନରେ ଚଢ଼ାଉ ଜାରି
■ ଆୟବହିର୍ଭୂତ ସମ୍ପତ୍ତି ଠୁଳ, ମହାବିଦ୍ୟାଳୟ ଟଙ୍କା ହେରଫେର ଅଭିଯୋଗ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ଘରେ ସୋମବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଓ ମହାବିଦ୍ୟାଳୟର କୋଟି କୋଟି ଟଙ୍କା ହେରଫେର କରିଥିବା ଅଭିଯୋଗରେ ବିଶ୍ୱନାଥପୁରସ୍ଥିତ ବାସଭବନ ସମେତ ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସ ଇନ୍ସପେକ୍ଟର ପ୍ରମିଳା ସୁନାଙ୍କ ନେତୃତ୍ୱରେ ସାହୁଙ୍କ ବିଶ୍ୱନାଥପୁରସ୍ଥିତ ବାସଭବନରେ ଚଢ଼ାଉ କରାଯାଇଥିବା ବେଳେ ଭୁବନେଶ୍ୱର ଆର୍ଯ୍ୟ ଭିଲେଜସ୍ଥିତ ବାସଭବନ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା କ୍ରଶର ଉପରେ ଭିଜିଲାନ୍ସର ଟିମ ଚଢ଼ାଉ କରିଥିବା ସୂଚନା ମିଳିଛି। ଅଧିକ ତଥ୍ୟ ସଂଗ୍ରହ ପାଇଁ ଭବାନୀପାଟଣା ଭିଜିଲାନ୍ସ ଅଫିସରେ ସାହୁଙ୍କୁ ଜେରା କରାଯାଉଛି।

ସୂଚନାଯୋଗ୍ୟ, ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଥିବାବେଳେ କୋଟିକୋଟି ଟଙ୍କା ହଡ଼ପ କରିଥିଲେ। ଚାକିରି କରାଇ ଦେବା ନାଁରେ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ଥିବାନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ସେ ଫେରାର ହୋଇଥିବାବେଳେ ପରେ ପୋଲିସ ହାତରେ ଧରାପଡି ଜେଲ ଯାଇଥିଲେ। ସେହିଦିନଠାରୁ ତାଙ୍କର ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ବେନାମୀ ସମ୍ପତ୍ତି ଭିଜିଲାନ୍ସ ସ୍କାନର ରହିଥିଲା। ସୋମବାର ସକାଳ ୬ଟାରୁ କୋରାପୁଟ ଓ ଭବାନୀପାଟଣା ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ ତାଙ୍କ ଘରେ ଚଢ଼ାଉ କରିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୪ଟି ଟିପ୍ପର, ୨ଟି ଜେସିବି, ୨ଟି ଏସୟୁଭି କାର, ୪ଟି ଦୁଇଚକିଆ, ୨୬ଟି ପ୍ଲଟ ଖୋର୍ଦ୍ଧା ଏବଂ କଟକ ଓ ଗୋଟିଏ ପ୍ଲଟ ବିଶ୍ୱନାଥପୁରରେ, ୨ଟି କୋଠାଘର, ଭୁବନେଶ୍ୱର ବାସଭବନରୁ ନଗଦ ୧ ଲକ୍ଷ ୯୪ ହଜାର ଟଙ୍କା ଜବତ କରାଯାଇଛି। ସମୁଦାୟ ଅନୁମାନିକ ୫ କୋଟି ୩୬ ହଜାର ୧୯୩ଟଙ୍କା ସମ୍ପତ୍ତି ଆକଳନ କରାଯାଇଛି। ଚଢ଼ାଉରେ ଜୟପୁର ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, କଳାହାଣ୍ଡି ଡିଏସ୍‌ପି ସଦାନନ୍ଦ ପାଣି, ଭିଜିଲାନ୍ସ ଆଇଆଇସି ପ୍ରମିଳା ସୁନା, ଜୟପୁର ଆଇଆଇସି ବଙ୍କିମ ବୱାଲି ପ୍ରମୁଖ ସାମିଲ ଥିବା ବେଳେ ଭିଜିଲାନ୍ସ ଟିମରେ ୨୦ଜଣ କର୍ମଚାରୀ ନିୟୋଜିତ ଥିଲେ।

# ଗାଡ଼ି ସହ ୧୨୫ କେଜି ଗଞ୍ଜେଇ ଜବତ

## ୨ ଗିରଫ, ବିହାରକୁ ଚାଲାଣ ହେଉଥିଲା

**କଟକ ଅଫିସ,୭।୩**

ରାଜ୍ୟ ଅବକାରୀ ବିଭାଗର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ସୋମବାର କଟକ ଲିଙ୍କରୋଡ୍‌ରେ ଏକ ବୋଲେରୋରୁ ୧୨୫ କେଜି ଗଞ୍ଜେଇ ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ବୌଦ୍ଧରୁ ବିହାରକୁ ଏହି ଗଞ୍ଜେଇ ଚୋରା ଚାଲାଣ କରାଯାଉଥିଲା। ଉକ୍ତ ଘଟଣାରେ ସଂପୃକ୍ତ ଗାଡ଼ି ଡ୍ରାଇଭର ବିହାର ପାଟଣାର ଛୋଟୁ କୁମାର ଗୌର(୨୪) ଓ ରଜନୀକାନ୍ତ ପଣ୍ଡିତ(୨୦)ଙ୍କୁ ଗିରଫ କରାଯିବା ପରେ ପି.ଆର୍. କେସ୍ ନଂ. ୨୭୫/୨୨ରେ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଛୋଟୁ ଓ ରଜନୀକାନ୍ତ ଏକ ବୋଲେରୋ ଭ୍ୟାନ (ନଂ. ଓଡି-୨୩-ଜି-୨୫୬୦) ଯୋଗେ ବିହାରକୁ ଗଞ୍ଜେଇ ଚାଲାଣ କରୁଥିଲେ। ବିଶେଷ ସୂତ୍ରରୁ ଏହି ସୂଚନା ପାଇ ଅବକାରୀ ବିଭାଗର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ତ୍ରିସ୍ପ ଛକରେ ଜଗି ରହି ଗାଡ଼ିକୁ ଅଟକାଇ ତଲାସି କରିଥିଲେ। ଗାଡ଼ିରେ ଥିବା ବସ୍ତାରୁ ୧୨୫ କେଜି ଗଞ୍ଜେଇ ମିଳିଥିଲା। ଉକ୍ତ ଗାଡ଼ିର ନମ୍ବର ନକଲି ବୋଲି ଜଣାପଡ଼ିଛି। ଅବକାରୀ ଆୟୁକ୍ତ ଆଶିଷ କୁମାର ସିଂହଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ଏହି ଚଢାଉରେ ସ୍କ୍ୱାଡ୍ ଉପଅଧୀକ୍ଷକ ଦେବାଶିଷ ପଟେଲ, ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣ କୌଣସି ନୂଆ କାମ ଆରମ୍ଭ କରିବା ସକାଶେ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପରୁ ଭଲ ଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଦ୍ୱିଜା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ** – ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରିବାରିକ ସ୍ଥିତିରେ ଉନ୍ନତିର ଆଶା କ୍ଷୀଣ ହୋଇପାରେ। ସ୍ଥଗିତ କାମକୁ ଅନ୍ୟ ମାଧ୍ୟମରେ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ମୃଗଶିରା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ** – ବନ୍ଧୁଙ୍କ ପରାମର୍ଶ ଯଦି ଗ୍ରହଣ କରିବେ ତେବେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରି ପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଅଫିସ୍‌ରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବା ସମ୍ଭାବନା ରହିଛି।

**କର୍କଟ** – ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବହୁଦିନରୁ ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିବେ। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ମିତ୍ରତା ବନ୍ଧନରେ ଆବଦ୍ଧହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ** – ନିଜ ଚେଷ୍ଟା ଓ ସାମର୍ଥ୍ୟରୁ ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସି ରହିବେ। ଅନ୍ୟଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ, ମାତ୍ର ପରିବହନ ସେତେଟା ସନ୍ତୋଷଜନକ ହେବନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପିଲାମାନଙ୍କ ସକାଶେ ଚିନ୍ତାପ୍ରକଟ କରିପାରନ୍ତି।

**କନ୍ୟା** – ମନ ଖୁସି ହେଲା ଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ବାଣିଜ୍ୟ,ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପ୍‌ରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ ସମର୍ଥନ ପାଇବେ ନାହିଁ। ହସ୍ତା ନକ୍ଷତ୍ର ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** – କର୍ମକ୍ଷେତ୍ରରେ କିଛି ନୂତନତ୍ୱ ସୃଷ୍ଟି ସକାଶେ ଚିନ୍ତାକରି ପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଆଧ୍ୟାତ୍ମିକତା ତଥା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। ସ୍ୱାତୀ ନକ୍ଷତ୍ରର ଅନ୍ୟମାନଙ୍କ ବାରମ୍ବାର ତାଗିଦ ଫଳରେ ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ।

**ବିଛା** – ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅଧିକାଂଶ ସମୟ ଘର ନିକଟରୁ ଦୂରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। କାମରେ ଅବହେଳା କରିବା କାରଣରୁ ବନ୍ଧୁଙ୍କ ଉପରେ ବିରକ୍ତିଭାବ ସୃଷ୍ଟି ହେବ। ଅନୁରାଧା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାରେ ପଡ଼ିପାରନ୍ତି।

**ଧନୁ** – ଶୁଭେଚ୍ଛୁଙ୍କ ଅନୁକମ୍ପା ସବୁ ପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ମୂଳା ନକ୍ଷତ୍ରର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ।

**ମକର** – ବନ୍ଧୁଙ୍କ ଅନୁରୋଧରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶ୍ରବଣା ନକ୍ଷତ୍ରର ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** – ଦିନ ଭିତରେ କିଛି ଭଲ ଓ କିଛି ମନ୍ଦ ମଧ୍ୟରେ ସମୟ ଅତିବାହିତ କରିବେ। ବାଣିଜ୍ୟ, ବ୍ୟବସାୟରେ ଶିଥିଳତା ଦେଖାଦେବ ଏବଂ ରପ୍ତାନି ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ଶତଭିଷା ନକ୍ଷତ୍ରର ସମସ୍ୟା ହେତୁ ନିର୍ମାଣ କାମ ଧିମେଇଯିବ।

**ମୀନ** – ଆଜି ଯାହା କରିବେ ତାହା ସବୁ ଆପଣଙ୍କ ବିପକ୍ଷରେ ଯାଇପାରେ। ମାଲିମକଦ୍ଦମାରୁ ଚିନ୍ତାକୁଳ ହୋଇପାରନ୍ତି, ମାତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରେବତୀ ନକ୍ଷତ୍ର ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ।


# classifieds Everyday
0674-2580101, 2549302




## SALE

Plot for sale at Chhatabar per sqft. @99/-. 7381268181, 9583295832. D-23294

Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241. D-23305

କଟକ-ଭୁବନେଶ୍ୱର ମଧଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939. D-71799

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

Bhubaneswar Vingarpur Oxford College ଛକ ନିକଟରେ ୬୦ ଫୁଟ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302. D-71793

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452. D-71871

Sum Hospital ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

## GENERAL SALE

Shop interiors with products is on sale at Ravi Talkies, Bhubaneswar. 7008847854. D-70601

ବାରମଜା ଫ୍ୟାକ୍ଟ୍ରି କରିବାକୁ 2 ବର୍ଷର ପୁରୁଣା ମେସିନ୍, ଯନ୍ତ୍ରପାତି କିଣିବାକୁ ଯୋଗାଯୋଗ କରନ୍ତୁ। 9937707932. D-23321




Relax, Refresh your Body, Mind at Lotus Spa with Best Therapies. 8018891951. D-23276

Herbal full body relax massage by trend lady therapist. 7008773793. D-71476

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Relax, Refresh your body, mind at SAIKRUPA SPA with best therapies. 8984068077. D-23219

Newly open SPA positively health benefit with expert. Contact: 7749976301. D-71951

Newly opening SPA positively health benefits with expert therapist. 8917332216. D-71953

Refreshing your mind and body with the best therapy, 7873794731. D-23292

## LOST

ମୁଁ ବ୍ରଜବନ୍ଧୁ ପରିଡ଼ା, ପିତା: ଖଲି ପରିଡ଼ା, ସାକିନି: ବଡ଼ହନ୍ତୁଆଡ଼, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ହାଲ ସାକିନି: ମଧୁବନ ୫ମ ଗଳି, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ ଜଣାଏ କି ଆମ୍ଭର ମୌଜା: ବାଲୁଖଣ୍ଡ, ଖାତା ନ-୫୨୧/୩୬୨୫ ମ୍ବର ଖତିୟାନଟି ପୁରୀ ମାଟିଆପଡ଼ା କୁମ୍ଭାରପଡ଼ା ଥାନା ଅଞ୍ଚଳରେ କୌଣସି ଜାଗାରେ ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପଚ୍ଚାଟି ପାଇଥିବେ ତେବେ ଆମ୍ଭର ଉପରୋକ୍ତ ଠିକଣା ତଥା ମୋବାଇଲ୍ ନମ୍ବରରେ ଯୋଗାଯୋଗ କରି ଉକ୍ତ ପଚ୍ଚା କପିଟିକୁ ମୋତେ ଦେବାରେ ସାହାଯ୍ୟକାରୀ ଭୂମିକା ନେଲେ ଆମ୍ଭେ ଉପକୃତ ହେବୁ। ଏଥି ପ୍ରକାଶ ଥାଉ କି ଉକ୍ତ ଖତିୟାନ କପିକୁ କୌଣସି ବ୍ୟକ୍ତି ପାଇ କିଛି ଅନୈତିକ କାର୍ଯ୍ୟରେ ବ୍ୟବହାର କରନ୍ତି କିମ୍ବା କରିବା ପାଇଁ କୌଣସି ଦପ୍ତର ସାହାଯ୍ୟ ନିଅନ୍ତି ତେବେ ତାହା ଅସିଦ୍ଧ ଓ ଅଗ୍ରାହ୍ୟ ହେବ। ଧ-୬୮୮୯୫

## AFFIDAVIT

By virtue of an affidavit before Notary Public, Bhubaneswar, I, Sunita Kumari Patra, W/o- Sibasis Samantara, 301, Dwarastha Apartment, Sunderpada, Jatni road, Bhubaneswar, Odisha-751002 do hereby declare that Sunita Kumari Patra and Sunita Samantara is one and same person having one identity. D-23336


ପ୍ରଥମ ପୃଷ୍ଠାରୁ...

## ଏକ୍‌ଜିଟ୍ ପୋଲ୍‌ରେ...

ଆକଳନ କରାଯାଇଛି। ସେଠାରେ ଶାସକ ଭାଜପା ଏବଂ କଂଗ୍ରେସମଧ୍ୟରେକଡ଼ାଟକ୍କରହୋଇଛି।ଗୋଆରେଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଯୋଗିତା ଜୋର୍‌ଦାର ହୋଇଥିବା କୁହାଯାଉଛି। ସେହିପରି ମଣିପୁରରେ ଝୁଲା ବିଧାନସଭା ହେବାକୁ ଥିବାବେଳେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇପାରେ ବୋଲି ବିଭିନ୍ନ ସଂସ୍ଥା ଆକଳନ କରିଛନ୍ତି।

୪୦୩ ଆସନ ବିଶିଷ୍ଟ ଉତ୍ତରପ୍ରଦେଶ ବିଧାନସଭାରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ଏନ୍‌ଡିଏ ୨୧୧ରୁ ୩୨୬ ଆସନ ଜିତିବ ବୋଲି ସିଏନ୍‌ଏନ୍ ନ୍ୟୁଜ୍ ୧୮, ରିପବ୍ଲିକ୍ ଟିଭି ଏବଂ ନ୍ୟୁଜ୍ ଏକ୍ସ ଚ୍ୟାନେଲ୍ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟି ନେତୃତ୍ୱାଧୀନ ମେଣ୍ଟ ୭୧ରୁ ୧୬୦ ଆସନ ମଧ୍ୟରେ ସୀମିତ ରହିବ ବୋଲି କୁହାଯାଇଛି। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ ଆକଳନ ଅନୁଯାୟୀ ଭାଜପାକୁ ୨୮୮ରୁ ୩୨୬ ଆସନ ମିଳିବାକୁ ଥିବାବେଳେ ସମାଜବାଦୀ ପାର୍ଟିକୁ ୭୧ରୁ ୧୦୧, ବିଏସ୍‌ପିକୁ ୩ରୁ ୯, କଂଗ୍ରେସକୁ ୧ରୁ ୩ ଏବଂ ଅନ୍ୟାନ୍ୟ ଦଳ ୨ରୁ ୩ ଆସନ ଜିତିବେ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ନ୍ୟୁଜ୍ ୨୪- ଟୁଡେସ୍ ଚାଣକ୍ୟ ଅନୁଯାୟୀ ଏନ୍‌ଡିଏକୁ ୪୩ ପ୍ରତିଶତ ଏବଂ ଏସ୍‌ପି ଓ ଏହାର ସହଯୋଗୀଙ୍କୁ ୩୫% ଭୋଟ ମିଳିବ। ସିଏନ୍‌ଏନ୍ ନ୍ୟୁଜ୍୧୮-ମାଟ୍ରିଜ୍ ରିପୋର୍ଟ ଅନୁଯାୟୀ ଭାଜପା ନେତୃତ୍ୱାଧୀନ ମେଣ୍ଟକୁ ୨୬୨-୨୭୭ ଆସନ ମିଳିବାକୁ ଥିବାବେଳେ ଏସ୍‌ପି ଓ ସହଯୋଗୀଙ୍କୁ ୧୧୯ରୁ ୧୩୪ ଆସନ ମିଳିବ। ଟାଇମ୍ସ ନାଓ-ଭେଟୋ ସର୍ଭେରେ ଭାଜପାକୁ ୨୨୫ ଓ ଏସ୍‌ପିକୁ ୧୫୧ ଆସନ ମିଳିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭାରେ ଏଏପିକୁ ୭୬ରୁ ୯୦ ଆସନ ମିଳିବ ବୋଲି ଇଣ୍ଡିଆ ଟୁଡେ୍ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଥିବାବେଳେ ୫୬ରୁ୬୧ ଆସନଆସନମିଳିବବୋଲିଟିଭି୯ ଭାରତବର୍ଷ-ପୋଲଷ୍ଟ୍ରାଟ୍ କହିଛି। ପଞ୍ଜାବର ମାଲୱା ଅଞ୍ଚଳରେ ୬୯ ଆସନରୁ ଏଏପି ୬୩ଟିରେ ବିଜୟୀ ହୋଇପାରେ ବୋଲି ଇଣ୍ଡିଆ ଟୁଡେ-ଆକ୍ସିସ ମାଇଁ ଇଣ୍ଡିଆ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି। ଅନ୍ୟପକ୍ଷରେ ସେଠାରେ ଶାସକ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିବ। ଏବିପି ସି-ଭୋଟର ଏକ୍‌ଜିଟ୍ ପୋଲ ଅନୁଯାୟୀ ପଞ୍ଜାବରେ ଏଏପିକୁ ୫୬ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୨୫ ଏବଂ ଅକାଳୀ ଦଳକୁ ୨୩ ଆସନ ମିଳିବ। ନ୍ୟୁଜ୍୨୪- ଟୁଡେସ୍ ଚାଣକ୍ୟ ଅନୁଯାୟୀ ପଞ୍ଜାବରେ ଏଏପିକୁ ୧୦୦ ଆସନ ମିଳିବ।

ଉତ୍ତରାଖଣ୍ଡରେ ଭାଜପା ଅଧିକ ଆସନ ଜିତିବ ବୋଲି କେତେକ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଥିବାବେଳେ ଅନ୍ୟ କେତେକ କଂଗ୍ରେସ ସପକ୍ଷରେ ପୂର୍ବାନୁମାନ ଲଗାଇଛନ୍ତି। ଏବିପି ସି-ଭୋଟର ଅନୁଯାୟୀ ୭୦ ଆସନ ବିଶିଷ୍ଟ ଉତ୍ତରାଖଣ୍ଡ ବିଧାନସଭାରେ କଂଗ୍ରେସ ୩୫ ଆସନ ପାଇବାକୁ ଥିବାବେଳେ ଶାସକ ଭାଜପା ୨୯ ଆସନରେ ବିଜୟୀ ହୋଇପାରେ। ସେଠାରେ ବିଏସ୍‌ପିକୁ ୩ ଆସନ ମିଳିବାକୁ ଥିବାବେଳେ ଅନ୍ୟାନ୍ୟ ଦଳଙ୍କୁ ୫ ଆସନ ମିଳିପାରେ। ନ୍ୟୁଜ୍୨୪- ଟୁଡେସ୍ ଚାଣକ୍ୟ ମତରେ ଉତ୍ତରାଖଣ୍ଡରେଭାଜପା୪୩ଓକଂଗ୍ରେସ ୨୪ଆସନଜିତିବ।

ଗୋଆରେ ଝୁଲା ବିଧାନସଭା ହୋଇପାରେ ବୋଲି ବିଭିନ୍ନ ସଂସ୍ଥା ପୂର୍ବାନୁମାନ କରିଛନ୍ତି। କାରଣ ଏଠାରେ କୌଣସି ଦଳ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବେ ନାହିଁ। ୪୦ ଆସନ ବିଶିଷ୍ଟ ଗୋଆ ବିଧାନସଭାରେ ଶାସକ ଭାଜପା ୧୫ ଆସନ ଜିତିବାକୁ ଥିବାବେଳେ କଂଗ୍ରେସକୁ ୧୪ ଆସନ, ଏମ୍‌ଜିପିକୁ ୭ ଏବଂ ଏଏପିକୁ ୩ ଆସନ ମିଳିପାରେ ବୋଲି ଏବିପି ସି-ଭୋଟର ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି। ଭାଜପାର ଭୋଟ ହାର ୩୨.୭% ଏବଂ କଂଗ୍ରେସର ୩୦.୨% ରହିବ ବୋଲି ଆକଳନ କରାଯାଇଛି। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ ଆକଳନ ଅନୁଯାୟୀ ଗୋଆରେ କଂଗ୍ରେସ-ଗୋଆ ଫରୱାର୍ଡ ପାର୍ଟି ମେଣ୍ଟ ୧୫ରୁ ୨୦ ଆସନ ଜିତିପାରେ। ସେହିପରି ଭାଜପା ୧୪ରୁ ୧୮ ଆସନ ମଧ୍ୟରେ ସୀମିତ ରହିବ ବୋଲି ଉକ୍ତ ଜନମତ ସର୍ଭେରେ କୁହାଯାଇଛି।

ମଣିପୁରରେ ମଧ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ପାରେ। ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ଭାଜପା ୨୫ ଆସନ ସହ ଏକକ ସଂଖ୍ୟାଗରିଷ୍ଠ ଦଳ ହେବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ କଂଗ୍ରେସକୁ ୧୪ ଏବଂ ଏନ୍‌ପିପିକୁ ୧୨ ଆସନ ମିଳିବ ବୋଲି କୁହାଯାଇଛି।

୫ ରାଜ୍ୟ ମଧ୍ୟରୁ ପଞ୍ଜାବରେ କଂଗ୍ରେସ ସରକାର ଥିବାବେଳେ ୟୁପି, ଉତ୍ତରାଖଣ୍ଡ, ଗୋଆ ଏବଂ ମଣିପୁରରେ ଭାଜପା ସରକାର ରହିଛି। ୟୁପି ବ୍ୟତୀତ ଅନ୍ୟ ୩ ରାଜ୍ୟରେ ଭାଜପା କଡ଼ା ଟକ୍କରର ସମ୍ମୁଖୀନ ହୋଇଛି। ସେହିପରି ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ପଞ୍ଜାବରେ କଂଗ୍ରେସକୁ ଝଟ୍‌କା ଲାଗିଥିବାବେଳେ ଗୋଆ ଏବଂ ଉତ୍ତରାଖଣ୍ଡରେ ଏହି ଦଳ କ୍ଷମତାକୁ ଆସିବା ଆଶା କରାଯାଉଛି।

## ଜେଲେନ୍‌ସ୍କି, ପୁଟିନ୍‌ଙ୍କ...

କଥା ହୋଇ ମୋଦି ୟୁକ୍ରେନ୍‌ର ଉତ୍ତର-ପୂର୍ବ ସହର ସୁମିରେ ଫସିଥିବା ପ୍ରାୟ ୭ ଶହ ଭାରତୀୟ ଛାତ୍ରୀଛାତ୍ରଙ୍କ ଉଦ୍ଧାର ପାଇଁ ସହଯୋଗ ମାଗିଥିଲେ। ଏଥିସହ ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଫେରାଇ ଆଣିବା ଦିଗରେ ସହାୟତା ପାଇଁ ଜେଲେନ୍‌ସ୍କିଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରରେ ଲାଗି ରହିଥିବା ସମସ୍ୟା ଏବଂ ମାନବୀୟ ସଙ୍କଟକୁନେଇ ମୋଦି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ହିଂସା ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଉଭୟ ପକ୍ଷ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ଓ ଶାନ୍ତିପୂର୍ଣ୍ଣ ସମାଧାନ ସପକ୍ଷରେ ଭାରତ ସର୍ବଦା ଏକମତ ବୋଲି ମୋଦି କହିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଏହା ହେଉଛି ମୋଦି-ଜେଲେନ୍‌ସ୍କିଙ୍କୁ ଦ୍ୱିତୀୟ ଫୋନ୍ ବାର୍ତ୍ତାଳାପ। ୟୁକ୍ରେନ୍ ସ୍ଥିତି ଏବଂ ରୁଷିଆ ପ୍ରତିନିଧିଙ୍କ ସହ ଆଗାମୀ ପର୍ଯ୍ୟାୟ ଆଲୋଚନା ବାବଦରେ ଜେଲେନ୍‌ସ୍କି ମୋଦିଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ସେହିପରି ପୁଟିନ୍ ମଧ ମୋଦିଙ୍କ ସହ କଥା ହେବାବେଳେ ୟୁକ୍ରେନ୍ ସମସ୍ୟା ଏବଂ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ପାଇଁ ଚାଲିଥିବା ଆଲୋଚନା ବାବଦରେ ଜଣାଇଛନ୍ତି। ଏଥିସହ ଭାରତୀୟଙ୍କୁ ସେଠାରୁ ସୁରକ୍ଷିତ ଉଦ୍ଧାର କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପୁଟିନ୍ ସୁନିଶ୍ଚିତ କରାଇଛନ୍ତି। ଏହା ପୂର୍ବରୁ ମୋଦି ଫେବୃୟାରୀ ୨୪ ତାରିଖ ରାତି ଏବଂ ମାର୍ଚ୍ଚ ୨ରେ ପୁଟିନ୍‌ଙ୍କ ସହ କଥା ହୋଇଥିଲେ।

## କେନ୍ଦ୍ର ନେଉନି...

ଆଦିକୁ ବିଚାର କରି ଅଣ-ବାସମତୀ ଚାଉଳ ରପ୍ତାନି ନିମନ୍ତେ ଏକ ବାତାବରଣ ସୃଷ୍ଟି କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତ୍ରିପାଠୀ କହିଛନ୍ତି ଯେ, ରାଜ୍ୟରୁ ଚାଉଳ ରପ୍ତାନିର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଆପେଡା କର୍ତ୍ତୃପକ୍ଷ ଓ ରାଜ୍ୟ କୃଷି ନିର୍ଦ୍ଦେଶାଳୟ ମିଳିତଭାବେ କୃଷକ ସଂଘ, ରପ୍ତାନିକାରୀ ସଂସ୍ଥା ଏବଂ କୃଷି ବିଭାଗ ଅଧିକାରୀଙ୍କୁ ସାମିଲ କରି କ୍ଷେତ୍ରସ୍ତରରେ ଆଲୋଚନା ଓ କୃଷକ ଶିବିରମାନ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରପ୍ତାନି ବୃଦ୍ଧି ନିମନ୍ତେ ଆବଶ୍ୟକ ପରୀକ୍ଷାଗାର ଶୃଙ୍ଖଳ, ଭଣ୍ଡାର, ଚାଷୀମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଖାଦ୍ୟାଭ୍ୟାସ ବିଷୟରେ ସଚେତନତା ସୃଷ୍ଟି ଏବଂ କୃଷକଙ୍କ ପାଇଁ ସହଜ ଓ ନିର୍ଭରଯୋଗ୍ୟ ଆନୁଷ୍ଠାନିକ ବ୍ୟବସ୍ଥା ଆଦି ବିଷୟରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା, ଆପେଡା ନିର୍ଦ୍ଦେଶକ ଡ. ଅଙ୍ଗୁମୁଥୁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, କୃଷି ନିର୍ଦ୍ଦେଶକ ଡ. ମୁଥୁ କୁମାର, ଚାଉଳ ରପ୍ତାନିକାରୀ ସଂଘ ସଭାପତି ଭି.ଭି.ରାଓଙ୍କ ସମେତ ବରିଷ୍ଠ ବୈଜ୍ଞାନିକ ଓ ଅଧିକାରୀମାନେ ଆଲୋଚନାଚକ୍ରରେ ଯୋଗ ଦେଇ ରପ୍ତାନି ନେଇ ନିଜର ମତ ଉପସ୍ଥାପନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୬-୧୭ରୁ ୨୦୨୧ ମଧ୍ୟରେ ରାଜ୍ୟରେ ୨୧୪.୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦନ ହୋଇଥିବା ବେଳେ ଭାରତୀୟ ଖାଦ୍ୟ ନିଗମ ମାତ୍ର ୭୫.୮୭ ଲକ୍ଷ ଟନ୍ ଚାଉଳ ଉଠାଇଛି। ୨୦୧୬-୧୭ରେ ରାଜ୍ୟରେ ୩୬.୭୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦନ ହୋଇଥିବା ବେଳେ ଏଫସିଆଇ ୧୬.୦୮ ଟନ୍, ୨୦୧୭-୧୮ରେ ୩୩.୨୧ ଲକ୍ଷ ମେଟ୍ରିକ ଟନ୍ ଚାଉଳରୁ ୧୨.୩୯ ଲକ୍ଷ, ୨୦୧୮-୧୯ରେ ଉତ୍ପାଦିତ ହୋଇଥିବା ୪୪.୩୩ ଲକ୍ଷ ମେଟ୍ରିକ ଟନ୍‌ରୁ ୧୭.୭୪ ଲକ୍ଷ, ୨୦୧୯-୨୦ରେ ଉତ୍ପାଦିତ ୪୭.୭୮ ଲକ୍ଷ ମେଟ୍ରିକ ଟନ୍‌ରୁ ୧୭.୧୬ ଲକ୍ଷ ଏବଂ ୨୦୨୦-୨୧ରେ ୫୨.୩୫ ଲକ୍ଷରୁ ୧୨.୫୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇଛି।

## ଡାକ୍ତରାଣୀଙ୍କ ଆକାଉଣ୍ଟରୁ...

ସମୟରେ ହସ୍ପିଟାଲ ନେବା ଆଣିବା କରିବା ସହ ଦେଖାଶୁଣା କରନ୍ତି। ଏହାର ସୁଯୋଗ ନେଇ ମନୋଜ ଚତୁରତାର ସହ ଗୌରୀଙ୍କ ମୋବାଇଲରେ ଫୋନ୍ ପେ ଡାଉନ୍‌ଲୋଡ୍ କରି ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରିଦେଇଥିଲେ। ଏହାପରେ ସେ ଗତ ନଭେମ୍ବରରୁ ଗୌରୀଙ୍କ ବ୍ୟାଙ୍କ ଆକାଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ୯ ଲକ୍ଷ ୯୫ ହଜାର ଟଙ୍କା ତାଙ୍କ ସ୍ତ୍ରୀ ଓ ମା'ଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ତେବେ ଉନ୍ନତ ଚିକିତ୍ସା ପାଇଁ ଗୌରୀଙ୍କୁ ରାଜ୍ୟ ବାହାରକୁ ନେବା ପାଇଁ ଆବଶ୍ୟକ ପଡ଼ିବାରୁ ଟଙ୍କା ଉଠାଇବାକୁ ଡା. ପଟ୍ଟନାୟକ ଜାନୁୟାରୀ ୧୮ରେ ବ୍ୟାଙ୍କକୁ ଯାଇଥିଲେ। ହେଲେ ଖାତାରେ ମାତ୍ର ୩୦ ହଜାର ଟଙ୍କା ଅଛି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଥିଲେ। ସେ ପାସ୍‌ବୁକ୍ ଅପ୍‌ଡେଟ୍ କରିବା ପରେ ବିଭିନ୍ନ ପର୍ଯ୍ୟାୟରେ ଅନ୍ୟ ଆକାଉଣ୍ଟଗୁଡ଼ିକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡ଼ିଥିଲା। ଏନେଇ ସେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରାଥମିକ ତଦନ୍ତ କରିବା ପରେ ଗତ ଗୁରୁବାର ମାମଲା (ନଂ.୭/୨୦୨୨) ରୁଜୁ କରିଥିଲେ। ରବିବାର ରାତିରେ ମନୋଜଙ୍କୁ ନିଜ ଘରୁ ପୋଲିସ କାବୁ କରିଥିଲା।

୧୯୦୮ ମାର୍ଚ୍ଚ ୮ତାରିଖ। ନ୍ୟୁୟର୍କ ରାଜରାସ୍ତାରେ ହଜାର ହଜାର ମହିଳାଙ୍କର ବିପୁଳ ସମାଗମ। ନାରୀର ସାମାଜିକ ଏବଂ ରାଜନୈତିକ ଅଧିକାର ସହ ସେମାନଙ୍କୁ ଭୋଟ ଦେବାର ଅଧିକାର ପ୍ରଦାନ ଏବଂ ଦୈନିକ ୧୬ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା ଶ୍ରମ ପାଇଁ ଆଇନ ପ୍ରଣୟନର ଦାବି ନେଇ ହୋଇଥିବା ଏହି ମହିଳା ସମାବେଶ ଉପରେ ପୋଲିସର ଅମାନୁଷିକ ଗୁଳିବର୍ଷଣ ନ୍ୟୁୟର୍କ ରାଜରାସ୍ତାକୁ ରକ୍ତରଞ୍ଜିତ କରିଦେଲା। ଏହାର ପରବର୍ତ୍ତୀ ବର୍ଷ ଅର୍ଥାତ୍ ୧୯୦୯ରେ ମହିଳାମାନେ ନିଜର ଅଧିକାର ପାଇଁ ଲଢ଼େଇ ଜୋରଦାର କରିଥିଲେ। ୧୯୧୦ ମସିହାରେ କୋପେନ୍‌ହାଗେନଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମାଜବାଦୀ ମହିଳା ସଂଗଠନର ଦ୍ୱିତୀୟ ବାର୍ଷିକ ସମ୍ମେଳନରେ ଜର୍ମାନୀ ନାରୀ ଆନ୍ଦୋଳନର ପ୍ରମୁଖ ଲଢୁଆ ନେତ୍ରୀ କ୍ଲାରା ଜେଟ୍‌କନ୍ ସର୍ବପ୍ରଥମେ ମାର୍ଚ୍ଚ ୮ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ତେବେ ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ୧୯୭୫ ମାର୍ଚ୍ଚ ୮ ତାରିଖରୁ ବିଧିବଦ୍ଧ ଭାବେ ପ୍ରତିବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଆସୁଛି।



## ଶ୍ରୀମତୀ ବବିତା ଦାଶ
ମ୍ୟାନେଜିଙ୍ଗ୍ ଟ୍ରଷ୍ଟି, ଦଧୀଚି ଗ୍ରୁପ୍

ଅର୍ନ୍ତଜାତୀୟ ମହିଳା ଦିବସ ଅବସରରେ ମୋର ସମସ୍ତ ମହିଳାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଜଣେ ମହିଳା କୌଣସି ଭାବରେ ପୁରୁଷଠାରୁ କମ୍ ନୁହେଁ। ତା'ର ଆତ୍ମବିଶ୍ୱାସ, ଦୃଢ଼ ଇଚ୍ଛା ଶକ୍ତି ବଳରେ ସେ ସବୁକିଛି କରିପାରିବ। କ୍ରିକେଟ ପଡ଼ିଆରେ ବ୍ୟାଟିଂ କରିବା ଠାରୁ ମଙ୍ଗଳ ଗ୍ରହରେ ପହଁଞ୍ଚିବାର ଅଭିଯାନରେ ମଧ୍ୟ ନିଜକୁ ସାମିଲ କରିପାରିଛନ୍ତି ଆଜିର ମହିଳା। ସାମ୍ପ୍ରତିକ ସମାଜରେ ଆଗକୁ ବଢ଼ିବା ପାଇଁ ଇଚ୍ଛା କରୁଥିବା ପ୍ରତ୍ୟେକ ମହିଳାଙ୍କୁ ମୋର ନିବେଦନ ଜୀବନରେ ଶୃଙ୍ଖଳା ଓ ଧୈର୍ଯ୍ୟକୁ ପୁଞ୍ଜି କରି ନିଜ ମୌଳିକତାକୁ ନ ଭୂଲି କାର୍ଯ୍ୟକଲେ ସଫଳତା ନିଶ୍ଚୟ ମିଳିବ।

ଭଗବାନ ପ୍ରତ୍ୟେକ ମହିଳାଙ୍କୁ ଆଗକୁ ବଢ଼ିବା ପାଇଁ ଅନେକ ସାହସ ଓ ସଫଳତା ପ୍ରଦାନ କରନ୍ତୁ।



## ଶ୍ରୀମତୀ ରଶ୍ମି ସାହୁ
ନିର୍ଦ୍ଦେଶିକା, ରୁଚି

ନାରୀମାନେ ଯେ ଅବଳା, ଦୁର୍ବଳା ନୁହଁନ୍ତି ତାହା ପ୍ରମାଣିତ ହୋଇସାରିଛି। ଏକବିଂଶ ଶତାବ୍ଦୀର ନାରୀ ସର୍ବଗୁଣା ସଂପନ୍ନା। କ୍ରୀଡ଼ାଠାରୁ କଳା, ସାହିତ୍ୟରୁ ସଂସ୍କୃତି, ବ୍ୟବସାୟରୁ ବିଜ୍ଞାନ ସବୁକ୍ଷେତ୍ରରେ ନାରୀମାନେ ବେଶ୍ ଆଗରେ। ଉଭୟ ପାରିବାରିକ ଓ ବୃତ୍ତିଗତ ଜୀବନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି ଭଲ ପରିବାରଟିଏ ଗଢ଼ିବା ସହ ଭଲ ସମାଜ ଗଢ଼ିବା ପାଇଁ ଆଜିର ନାରୀ ବଦ୍ଧପରିକର। ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉଛି ପ୍ରତ୍ୟେକ ନାରୀ ଭିତରେ ଥିବା ପ୍ରତିଭାକୁ ଚିହ୍ନି ତାକୁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇଦେଇ ପ୍ରୋତ୍ସାହନ ଓ ପ୍ରେରଣା ଯୋଗାଇଦେବା ଯାହାଦ୍ୱାରା ସେ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିବ। ମୁଁ ବ୍ୟକ୍ତିଗତ ସ୍ତରରେ ମୋର ପ୍ରୟାସ ଜାରିରଖିଛି ସମାଜରେ ପ୍ରତିଟି ନାରୀକୁ ଉପଯୁକ୍ତ ସମ୍ମାନ ଓ ମର୍ଯ୍ୟାଦା ଦେଇ ଆଗକୁ ନେବାପାଇଁ। ମୋର ଆଶା ଓ ବିଶ୍ୱାସ ଆପଣମାନେ ବି ସହଯୋଗର ହାତ ବଢ଼ାଇବେ।

ଆସନ୍ତୁ ସମସ୍ତେ ମିଶି ଏକ ସଶକ୍ତ ଓଡ଼ିଶା ଓ ଭାରତ ଗଢ଼ିବା ଯେଉଁଠି ପ୍ରତ୍ୟେକ ନାରୀ ଗର୍ବରେ କହିବେ, I love my Odisha, I love my India.



## ଶ୍ରୀମତୀ ସଲିନା ସାହୁ
ନିର୍ଦ୍ଦେଶିକା, ରୁଚି

କବାଟ କୋଣରେ ନ ରହି କି ଚୁଲି ମୁଣ୍ଡରେ ନ ବସି, ଆଜିର ନାରୀ ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସ୍ୱୟଂସିଦ୍ଧା ବୋଲି ପ୍ରମାଣ କରିଲେଣି। ନିଜ ଭିତରେ ଥିବା ପ୍ରଚଣ୍ଡ ପ୍ରତିଭାର ପ୍ରତିଫଳନ ସ୍ୱରୂପ ଆଜିର ନାରୀ ସର୍ବତ୍ର ସମ୍ମାନନୀୟା। ସେମାନଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ମିଳିଲେ ସେମାନେ ଆହୁରି ଭଲ କରିପାରିବେ ବୋଲି ମୋର ବିଶ୍ୱାସ।

# ବାଲ୍ୟବିବାହ ପ୍ରଥା ରୋକିବାକୁ ପ୍ରଭାସିନୀଙ୍କ ପ୍ରୟାସ


ପ୍ରଭାସିନୀ ନାୟକ

ପାଠପଢ଼ାରେ ସେ ପାରଙ୍ଗମ ଥିଲେ। ଶ୍ରେଣୀରେ ପ୍ରଥମ ବି ହେଉଥିଲେ। କିନ୍ତୁ ମାତାପିତାଙ୍କ ଭିନ୍ନ ମାନସିକତା ଯୋଗୁ ତାଙ୍କୁ ପାଠପଢ଼ା ଅଧାରୁ ଛାଡ଼ିବାକୁ ପଡ଼ିଥିଲା। ମାତ୍ର ଦଶମ ଶ୍ରେଣୀରେ ପଢୁଥିବାବେଳେ ଘର ଲୋକେ ତାଙ୍କର ବିବାହ କରିଦେଲେ। ହେଲେ ପାଠପଢ଼ିବା ପାଇଁ ତାଙ୍କ ମନରେ ଥିବା ଅଦମ୍ୟ ଇଚ୍ଛା କମି ନ ଥିଲା। ବାହାଘର ଓ ପିଲାଛୁଆ ହେବା ପରେ ବି ତାଙ୍କର ସେହି ମନୋବଳ ଦୃଢ଼ ରହିଥିଲା। ତେଣୁ ସେ ପୁଣି ପାଠପଢ଼ା ଆରମ୍ଭ କଲେ, ଆଉ ଉଚ୍ଚ ଶିକ୍ଷିତ ମଧ୍ୟ ହେଲେ। ବାଲ୍ୟାବସ୍ଥାରେ ନିଜେ ପାଠପଢ଼ାରୁ ବଞ୍ଚିତ ହେବା ସହିତ ବାଲ୍ୟ ବିବାହ ପରି ସାମାଜିକ କୁପ୍ରଥାର ଶିକାର ହୋଇଥିବାରୁ ଏହାକୁ ରୋକିବା ପାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି ପ୍ରଭାସିନୀ।

କନ୍ଧମାଳର ଝିଅ ହେଉଛନ୍ତି ପ୍ରଭାସିନୀ ନାୟକ। ୮ ଭଉଣୀ ଭାଇ ମଧ୍ୟରେ ସେ ସପ୍ତମ। ପିଲାଟିବେଳୁ ମେଧାବୀ ଥିଲେ। ହେଲେ ଘରର ଆର୍ଥିକ ସ୍ଥିତି ତାଙ୍କ ପାଠପଢ଼ାରେ ବାଧକ ସାଜିଥିଲା। ମାତ୍ର ପାଠ ପଢ଼ିବାକୁ ତାଙ୍କର ଏତେ ଇଚ୍ଛାଶକ୍ତି ଥିଲା ଯେ, ସେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା ଲାଗି ଆବଶ୍ୟକ ପଡ଼ିଥିବା ୨୫ ଟଙ୍କା ପାଇଁ ପ୍ରଭାସିନୀ ମୂଲ ଲାଗିଥିଲେ। ଏହାପରେ ସେ ବୋର୍ଡିଂରେ ରହି ପାଠ ପଢ଼ିଥିଲେ। କିନ୍ତୁ ମା' ବାପା ଅଶିକ୍ଷିତ ଥିବାରୁ ପାଠପଢ଼ାର ମୂଲ୍ୟ ବୁଝି ନ ଥିଲେ। ଆଉ ଝିଅପିଲା, ଅଧିକ ପଢ଼ିଲେ ବିପଦ ବୋଲି ମନେକରୁଥିଲେ। ତେଣୁ ଦଶମ ଶ୍ରେଣୀରେ ପଢୁଥିବାବେଳେ ହିଁ ତାଙ୍କର ବିବାହ କରିଦେଲେ। ବିବାହ ନ କରି ପାଠପଢ଼ିବେ ବୋଲି ଯେତେ ବୁଝାଇଥିଲେ ମଧ୍ୟ ପରିବାର ଲୋକେ କିଛି ଶୁଣି ନ ଥିଲେ। ୧୮ବର୍ଷ ବୟସ ପୂର୍ବରୁ ସେ ପିଲାର ମା' ହୋଇଥିଲେ। ତେବେ ବାହାଘରର ୯ ବର୍ଷ ପରେ ପିଲାମାନେ ଟିକେ ବଡ଼ ହେବାରୁ ସେ ପୁଣି ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କଲେ। ଏଥିପାଇଁ ସ୍ୱାମୀଙ୍କ ସହଯୋଗ ମିଳିଲା। ଭୁବନେଶ୍ୱର ୟୁନିଟ୍-୨ ସରକାରୀ ସ୍କୁଲରେ ନାମ ଲେଖାଇ ଖୁବ୍ କମ୍ ଦିନରେ ଦଶମ ପରୀକ୍ଷା ଦେଲେ ଓ ଭଲ ରେଜଲ୍ଟ ମଧ୍ୟ କଲେ। ଏତେ କମ୍ ସମୟରେ ପାଠ ପଢ଼ି ସଫଳତା ପାଇଥିବାରୁ ସ୍ତ୍ରୀଙ୍କୁ ଅଧିକ ପଢ଼ାଇବା ପାଇଁ ସ୍ୱାମୀଙ୍କ ଇଚ୍ଛା ବଢ଼ିଯାଇଥିଲା। ପରେ ସେ ମହର୍ଷି କଲେଜରୁ ଯୁକ୍ତ୨ ଉତ୍ତୀର୍ଣ୍ଣ ହୋଇ ଏକ ଘରୋଇ କଲେଜରେ ହୋଟେଲ ମ୍ୟାନେଜମେଣ୍ଟ ଶେଷ କଲେ। ଏବେ ଏକ ଘରୋଇ ସଂସ୍ଥାରେ ଚାକିରି କରୁଛନ୍ତି। ତେବେ ନିଜ ଚାକିରି ଜୀବନ, ପରିବାର ସମ୍ଭାଳିବା ସହିତ ସେ ସମାଜ ସେବାରେ ନିଜକୁ ସାମିଲ କରିଛନ୍ତି। ଏପରି କି ନିଜ ରୋଜଗାରରୁ କିଛି ଅଂଶ ସେ ଗରିବ, ଅସହାୟ ପିଲାଙ୍କ ପାଠପଢ଼ାରେ ଲଗାଇଥାନ୍ତି। କରୋନା ଓ ଲକ୍‌ଡାଉନ୍ ସମୟରେ ପିଲାମାନେ ସ୍କୁଲ ଯାଇପାରୁ ନ ଥିବାରୁ ପ୍ରଭାସିନୀ କେତେଜଣ ପିଲାଙ୍କ ଘରକୁ ଯାଇ ପାଠପଢ଼ାଉଥିଲେ। ଖାଲି ସେତିକି ନୁହେଁ, ମହିଳାଙ୍କ ସୁରକ୍ଷା ପାଇଁ ସେ କାମ କରୁଛନ୍ତି। ବାଲ୍ୟବିବାହ ଭଳି କୁପ୍ରଥାକୁ ଲୋପ କରିବା ପାଇଁ ସେ ନିଜ ଲକ୍ଷ୍ୟକୁ ଆହୁରି ଶାଣିତ କରିଛନ୍ତି। ଏଥିପାଇଁ ପ୍ରଭାସିନୀ କେତେଜଣ ମହିଳାଙ୍କୁ ନେଇ ଏକ କମିଟି ଗଠନ କରି ଲୋକଙ୍କୁ ସଚେତନ କରୁଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୯ରେ ଆରମ୍ଭ ହୋଇଥିବା 'ଜଳସାଥୀ' ଅଭିଯାନରେ ସାମିଲ ହୋଇ ଘର ଘର ବୁଲି ପାଣି ବିଲ୍ ଆଦାୟ କରିବା ସହ ଜଳର ଗୁଣବତ୍ତା ପରୀକ୍ଷା ଓ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ବାଣ୍ଟୁଛନ୍ତି। ଏ ସମ୍ପର୍କରେ ପ୍ରଭାସିନୀ କହିଛନ୍ତି, ମୋ ସ୍ୱାମୀଙ୍କ ସହଯୋଗ ଥିବାରୁ ମୁଁ ଆଗକୁ ପଢ଼ିପାରିଲି ଓ ରୋଜଗାରକ୍ଷମ ହୋଇପାରିଲି। କିନ୍ତୁ ମୋ ଭଳି ଅନେକ ଝିଅ ବାଲ୍ୟବିବାହ କରୁଛନ୍ତି ଓ ଆଗକୁ ବଢ଼ି ପାରୁନାହନ୍ତି। ତେଣୁ ମୋର ସେମାନଙ୍କୁ ଅନୁରୋଧ ନିଜ ପାଇଁ ଏବେ ପାଟି ଫିଟାଇବାର ସମୟ ଆସିଛି। ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟ ମହିଳା କିପରି ସୁରକ୍ଷା ପାଇପାରିବେ ସେ ଦିଗରେ ପ୍ରତ୍ୟେକ ମହିଳା ଚିନ୍ତା କରିବା ଜରୁରୀ।

—ଅସମାପିକା ସାହୁ



ସୋମବାର ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଙ୍କ ବାଲୁକା କଳା।

# ୧ ହଜାର ଡଙ୍ଗରିଆ ପିଲାଙ୍କୁ ଶିକ୍ଷାନୁଷ୍ଠାନ ପଠାଇଛନ୍ତି ସୁବର୍ଦ୍ଧନୀ


ସୁବର୍ଦ୍ଧନୀ ୱାଡକା

ଶିକ୍ଷାର ଅଭାବ ଯୋଗୁ ଡଙ୍ଗରିଆ ଜନଜାତି ଲୋକେ ସମାଜର ମୁଖ୍ୟସ୍ରୋତରୁ ଦୂରରେ ରହିଥିଲେ। ତେବେ ଏମାନଙ୍କୁ ଶିକ୍ଷିତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ନିମନ୍ତେ ଜଣେ ଆଦିବାସୀ ମହିଳା ନିଜକୁ ଉତ୍ସର୍ଗ କରିଛନ୍ତି। ସେ ହେଲେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁର୍ଲି ସରପଞ୍ଚ ସୁବର୍ଦ୍ଧନୀ ୱାଡକା(୪୫)। ନିଜ ପଞ୍ଚାୟତରେ ଏଯାଏ ପ୍ରାୟ ୧ହଜାର ପିଲାଙ୍କୁ ସେ ଶିକ୍ଷାନୁଷ୍ଠାନ ପଠାଇବାରେ ସଫଳ ହୋଇପାରିଛନ୍ତି।

ସୁବର୍ଦ୍ଧନୀଙ୍କ ନିଜ ଘର କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ସେରେଣ୍ଡା ଗ୍ରାମରେ। ଯୁକ୍ତ ୨ ପଢ଼ା ପରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ ଜରିଆରେ ସେ ମଧ୍ୟପ୍ରଦେଶରେ ଏଏନ୍‌ଏମ୍ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ ସଂସ୍ଥା ମାଧ୍ୟମରେ ତାଙ୍କୁ ଯାଜପୁର ଜିଲା ବରିସ୍ଥିତ ମାତୃ ମଙ୍ଗଳ କେନ୍ଦ୍ରରେ ଏଏନ୍‌ଏମ୍ ଚାକିରି ମିଳିଥିଲା। ସେଠାରେ ବର୍ଷେ କାମ କରିବା ପରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଖମ୍ବେସୁ ଗ୍ରାମକୁ ଆସି କାର୍ଯ୍ୟ କଲେ। ୨୦୦୦ ମସିହାରେ ସୁବର୍ଦ୍ଧନୀ ଖମ୍ବେସୁ ଗ୍ରାମର ସୁରେଶ ୱାଡକାଙ୍କୁ ବିବାହ କରିଥିଲେ। ଏହା ଡଙ୍ଗରିଆ ଜନଜାତିଙ୍କ ଅଞ୍ଚଳ ହୋଇଥିବାବେଳେ ଅଞ୍ଚଳବାସୀ ଶିକ୍ଷା ଏବଂ ବିକାଶଠାରୁ ବହୁ ଦୂରରେ ଥିବା ଦେଖି ସୁବର୍ଦ୍ଧନୀ ସେମାନଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ସ୍ୱାମୀ ସୁରେଶ ୧୯୯୫ରୁ ରାଜନୀତି କରୁଥିବାବେଳେ ଡଙ୍ଗରିଆଙ୍କ ଉନ୍ନତି ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଏହା ସୁବର୍ଦ୍ଧନୀଙ୍କୁ ଅଧିକ ପ୍ରେରିତ କରିଥିଲା। ପ୍ରଥମେ ସେ ଡଙ୍ଗରିଆଙ୍କ ଘରକୁ ଯାଇ ପାଠ ପଢ଼ିବା ଏବଂ ଅନ୍ୟ ଭାଷା ଶିଖିବାକୁ ସଚେତନ କରିଥିଲେ। ଉଭୟ ଝିଅ ଏବଂ ପୁଅ ପାଠ ପଢ଼ିଲେ ଅଧିକାର ପାଇଁ ଲଢ଼େଇ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସଭା କରି ସୁବର୍ଦ୍ଧନୀ ଲୋକଙ୍କୁ ବୁଝାଉଥିଲେ। ଏଥିରେ ସେ କିଛି ମାତ୍ରାରେ ସଫଳତା ମଧ୍ୟ ପାଇଥିଲେ। ପରେ ସରପଞ୍ଚ ହୋଇ ଅଞ୍ଚଳର ଅଧିକ ବିକାଶ କରିହେବ ବୋଲି ସେ ଚିନ୍ତା କରିଥିଲେ।

ଏଥିପାଇଁ ଏଏନ୍‌ଏମ୍ ଚାକିରି ଛାଡ଼ି ରାଜନୀତିରେ ପାଦ ଦେଲେ। ୨୦୦୨ରୁ ୨୦୧୨ ପର୍ଯ୍ୟନ୍ତ ସେ କୁର୍ଲି ପଞ୍ଚାୟତରୁ ଦୁଇଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ଇତି ମଧ୍ୟରେ ସୁବର୍ଦ୍ଧନୀ କୁର୍ଲି ପଞ୍ଚାୟତର ୨୩ ଗ୍ରାମରୁ ପ୍ରାୟ ୧୦୦୦ ଯୁବତୀ, ଯୁବକଙ୍କୁ ପାଠ ପଢ଼ିବାକୁ ପଠାଇ ପାରିଛନ୍ତି। ବିଶେଷକରି ଯୁବତୀମାନେ କିପରି ପାଠ ପଢ଼ିବେ ସେ ନେଇ ବିଭିନ୍ନ ଗ୍ରାମକୁ ଯାଇ ସଚେତନ କରିଛନ୍ତି। ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ହାଟ ମୁନିଗୁଡ଼ାସ୍ଥିତ ରାମକୃଷ୍ଣ ମିଶନ ସ୍କୁଲ ଏବଂ ଭୁବନେଶ୍ୱରସ୍ଥିତ କିସ୍ ଶିକ୍ଷାନୁଷ୍ଠାନକୁ ଯୁବତୀ ଯୁବକଙ୍କୁ ପାଠ ପଢ଼ିବା ପାଇଁ ପଠାଇଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ସେ ପୁଣି କୁର୍ଲି ପଞ୍ଚାୟତରୁ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ଆଗକୁ ଅଞ୍ଚଳରେ ଟାୱାର ସ୍ଥାପନ, ହାଇସ୍କୁଲ ପ୍ରତିଷ୍ଠା ଏବଂ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦିଗରେ କାର୍ଯ୍ୟ କରିବେ ବୋଲି ସୁବର୍ଦ୍ଧନୀ କହିଛନ୍ତି।

– ଭାଗ୍ୟଶ୍ରୀ ମିଶ୍ର












ଏକମାତ୍ର କର୍ତ୍ତବ୍ୟ ହେଉଛି– ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ। –ଶ୍ରୀମା

# ଏକ୍‌ଜିଟ୍ କୁତୁକୁତୁ

ଫେବୃୟାରୀ ୧୦ରୁ ଆରମ୍ଭ ହୋଇଥିବା ୫ ରାଜ୍ୟ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ବିଧାନସଭା ନିର୍ବାଚନ ଭୋଟଗ୍ରହଣ ୭ ମାର୍ଚ୍ଚରେ ଶେଷ ହୋଇଛି। ଏହି ସମୟ ମଧ୍ୟରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରତ୍ୟେକ ଦଳ ବିଭିନ୍ନ ପ୍ରସଙ୍ଗ ଅବତାରଣା କରିଛନ୍ତି। ନେତାମାନଙ୍କ ଲଗାମଛଡ଼ା ମନ୍ତବ୍ୟ ଧର୍ମ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରିବା ସହ ବ୍ୟକ୍ତିଗତ ଚରିତ୍ରକୁ ନେଇ ମଧ୍ୟ ଆକ୍ଷେପ ଓ ପ୍ରତିଆକ୍ଷେପ ହୋଇଥିବା ଦେଖିବାକୁ ମିଳିଛି। ତେବେ ମାର୍ଚ୍ଚ ୧୦ ତାରିଖରେ କେଉଁ ଦଳ କେତେ ଆସନ ଅକ୍ତିଆର କରିବେ ତାହାର ଫଳାଫଳ ପ୍ରକାଶ ପାଇବ। କିନ୍ତୁ ତା’ ପୂର୍ବରୁ ୭ ମାର୍ଚ୍ଚରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ବା ବୁଥ୍‌ଫେରନ୍ତା ମତ ପ୍ରକାଶ ପାଇଛି। ଉତ୍ତରପ୍ରଦେଶ ଓ ମଣିପୁରରେ ଭାଜପା, ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଗୋଆ ଓ ଉତ୍ତରାଖଣ୍ଡରେ କଂଗ୍ରେସ ଅଧିକ ଆସନ ପାଇବେ ବୋଲି ଅଧିକାଂଶ ଗଣମାଧ୍ୟମ କହୁଛନ୍ତି। ଆଉ କିଛି ମତ ରଖୁଛନ୍ତି ଯେ, ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟିର ପଲା ଭାଜପାଠାରୁ ଭାରି ରହିପାରେ। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆରେ ଭାଜପା ସରକାର ଚାଲିଥିବା ବେଳେ ପଞ୍ଜାବରେ କଂଗ୍ରେସ ଶାସନ କରୁଛି।

ଗତ ତିନି ଦଶନ୍ଧି ହେବ ନିର୍ବାଚନକୁ ନେଇ ଓପିନିୟନ୍ ଓ ଏକ୍‌ଜିଟ୍ ପୋଲ୍ ଧାରା ବହିଚାଲିଛି। ଭାରତରେ ପ୍ରଥମେ ପ୍ରଣୟ ରଏ ଓ ସ୍ୱର୍ଗତ ବିନୋଦ ଦୁଆ ଶେଫୋଲୋଜିଷ୍ଟ ବା ଭୋଟ ଗଣତି ପୂର୍ବରୁ ଆକଳନକର୍ତ୍ତା ଭାବେ ପରିଚିତ ହୋଇଥିଲେ। ତେବେ ସମସ୍ତେ ଜାଣନ୍ତି ଯେ, ପ୍ରାକ୍–ନିର୍ବାଚନୀ ସର୍ଭେ କରାଯାଇ ଯେଉଁ ମତ ପ୍ରକାଶ ପାଇଥାଏ ତାହାକୁ ଓପିନିୟନ୍ ପୋଲ୍ କୁହାଯାଏ। ଅନ୍ୟପକ୍ଷରେ ଭୋଟ ଗ୍ରହଣର ଶେଷ ଦିନରେ ଏକ୍‌ଜିଟ୍ ପୋଲ୍ ବା ବୁଥ୍‌ଫେରନ୍ତା ଭୋଟରଙ୍କ ମତ ନିଆଯାଇ ଫଳ ପ୍ରକାଶ ପାଉଛି। ତେବେ ଗଣମାଧ୍ୟମ ଦ୍ୱାରା ଦିଆଯାଉଥିବା ସଂଖ୍ୟା କେତେକାଂଶରେ ଫଳାଫଳ ପାଖାପାଖି ହେଉଥିବା ବେଳେ ଅନେକାଂଶରେ ସମ୍ପୂର୍ଣ୍ଣ ଭିନ୍ନ ହେଉଥିବାର ଯଥେଷ୍ଟ ଦୃଷ୍ଟାନ୍ତ ମିଳିଛି। ଏହା ପଛରେ ଏକ ସହଜ କାରଣ ଥାଇପାରେ। ଖବରଦାତାମାନେ ଯେଉଁ ଭୋଟରଙ୍କ ମତ ନେବାକୁ ଚେଷ୍ଟା କରନ୍ତି, ତାଙ୍କର ପ୍ରକୃତ ପସନ୍ଦ ଜାଣିପାରନ୍ତି ନାହିଁ। ଆଜିର ଭାରତୀୟ ଭୋଟର ଅତ୍ୟନ୍ତ ଚତୁର ହୋଇପାରିଥିବାରୁ ସର୍ଭେ କରୁଥିବା ବ୍ୟକ୍ତି ଯେତେ ଚାଲାକ ହେଲେ ମଧ୍ୟ ସତ୍ୟ ଅନୁସନ୍ଧାନ କରି ଜାଣିବା କଷ୍ଟକର ହୋଇପଡୁଛି। ବହୁ ଅର୍ଥ ଖର୍ଚ୍ଚ କରି ବୁଥ୍‌ଫେରନ୍ତା ଭୋଟରଙ୍କ ମତକୁ ଗୋଟାଇ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏବେ ପାଠକ ବା ଦର୍ଶକଙ୍କୁ ତତ୍‌କ୍ଷଣାତ୍ ନିର୍ବାଚନ ଫଳ ଦେବାର ଯେଉଁ ବ୍ୟାକୁଳତା ପ୍ରକାଶ କରୁଛନ୍ତି ତାହା କୌତୂହଳ ମନେହୁଏ। ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହୋଇ କେତେକ ଗଣମାଧ୍ୟମ ସଂସ୍ଥା ସେମାନଙ୍କ ସପକ୍ଷରେ ଫଳ ଦେଇଥାଆନ୍ତି। ଅର୍ଥାତ୍ ଏଭଳି ପୋଲ୍ ପକ୍ଷପାତ କରୁଥିବାର ଅନେକ ସମୟରେ ଅଭିଯୋଗ ହୋଇଥାଏ। ଅତୀତରେ ଏପରି ବିଭ୍ରାନ୍ତିକର ଆଗତୁରା ସମ୍ଭାବ୍ୟ ଫଳାଫଳକୁ ନେଇ ନିର୍ବାଚନ କମିଶନଙ୍କଠାରୁ ଆରମ୍ଭକରି ସର୍ବୋଚ୍ଚ ଅଦାଲତ ଯାଏ କଥା ଯାଇଛି। କୌତୂହଳର ବିଷୟ ଯେ, ଲୋକଙ୍କ ଜିଜ୍ଞାସାକୁ ଦେଖି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସ୍ଥିତିର ଫାଇଦା ନେଉଛନ୍ତି। ୧୦ ମାର୍ଚ୍ଚରେ ଉପରିଲିଖିତ ୫ଟି ରାଜ୍ୟର ଫଳ ବିଧିବଦ୍ଧ ଭାବେ ପ୍ରକାଶ ପାଇବ। ତେଣୁ ଦିନ ତିନିଟା ଅପେକ୍ଷା କରିବାକୁ କାହାର ଧୈର୍ଯ୍ୟ ଥିଲା ଭଳି ମନେ ହେଉନାହିଁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ଭୋଟରଙ୍କ ମତାମତ ଦେବାର ଅଧିକାର ରହିଛି। ତେଣୁ ସେହି ମତକୁ ନିଷିଦ୍ଧ କରିବା ଅର୍ଥ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ବିରୋଧରେ ଯିବା। ସେହିଭଳି ଗଣମାଧ୍ୟମରେ ଏହାର ପ୍ରସାରଣ ଉପରେ ରୋକ ଲଗାଗଲେ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହେବ ବୋଲି ଯୁକ୍ତି ବଢ଼ାଯାଉଛି।

ଏଠାରେ ଓପନିୟନ୍ ପୋଲ୍‌ର ନକାରାତ୍ମକ ଦିଗକୁ ଦେଖାଯାଉ। ଜଣେ ବ୍ୟକ୍ତି କାହାକୁ ଭୋଟ ଦେବେ ସେ ସ୍ଥିର କରିଥାଆନ୍ତି। କିନ୍ତୁ ଭୋଟ ଦେବା ପୂର୍ବରୁ ଅନ୍ୟମାନଙ୍କ ମତ ଜାଣିଗଲେ ସମ୍ପୃକ୍ତ ବ୍ୟକ୍ତି ହୁଏତ ତାଙ୍କ ମତ ପରିବର୍ତ୍ତନ କରିବାକୁ ଇଚ୍ଛା କରିପାରନ୍ତି। ସେଥିପାଇଁ ଓପିନିୟନ୍ ପୋଲ୍ ଉପରେ ଅନେକ ସମୟରେ ନିର୍ବାଚନ କମିଶନଙ୍କ ଭଳି ବୈଧାନିକ ସଂସ୍ଥାଗୁଡ଼ିକ ସାଧାରଣତଃ ତୀକ୍ଷ୍ଣ ନଜର ରଖିଥାଆନ୍ତି। କିନ୍ତୁ ଏବେ ତାହା ଦେଖିବାକୁ ମିଳୁନାହିଁ। ଦି ୟୁରୋପିଆନ୍ ସୋସାଇଟି ଫର୍ ଓପିନିୟନ୍ ଆଣ୍ଡ୍ ମାର୍କେଟ ରିସର୍ଚ୍ଚ (ଇଏସ୍‌ଓଏମ୍‌ଆର୍) ଏବଂ ଦି ୱାର୍ଲଡ୍ ଆସୋସିଏଶନ୍ ଫର୍ ପବ୍ଲିକ୍ ଓପିନିୟନ୍ ରିସର୍ଚ୍ଚ (ଡବ୍ଲ୍ୟୁଏପିଓଆର୍) ଦ୍ୱାରା ଏ ଦିଗରେ କେତେକ ବୃତ୍ତିଗତ ଓ ନୈତିକ ମାର୍ଗଦର୍ଶିକା ଅନୁସରଣ କରିବାର ବ୍ୟବସ୍ଥା ରହିଛି। ଭାରତରେ ନିର୍ବାଚନ ସଂକ୍ରାନ୍ତ ମତାମତ ନେଇ ଉଠୁଥିବା ଉଦ୍‌ବେଗକୁ ପ୍ରତିହତ କରିବା ଲାଗି ପାଶ୍ଚାତ୍ୟ ପଦ୍ଧତି ଅନୁସରଣ କରାଯିବା ଦରକାର। କିନ୍ତୁ ଏଠାରେ ତାହା ସାଧାରଣରେ ହୋଇ ନ ଥାଏ।

ନିର୍ବାଚନରେ ଭୋଟରଙ୍କ ଆଦେଶ କାହା ପାଇଁ କ’ଣ ରହିଛି ସେହି ଜନାଦେଶକୁ ଜାଣିବା ଲାଗି ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ରହିବା ସ୍ୱାଭାବିକ। ସେହି ଉତ୍ସୁକତା ବାସ୍ତବ ଫଳାଫଳପରେମେଣ୍ଟିଥାଏ।କିନ୍ତୁଅନ୍ତିମଫଳଆସିବାପୂର୍ବରୁଏକ୍‌ଜିଟ୍‌ପୋଲ୍‌ମାଧ୍ୟମରେ ଲୋକଙ୍କୁ କୁତୁକୁତୁ କରିବାର ଏ ଯେଉଁ ଧାରା ଚାଲିଛି, ତାହାଦ୍ୱାରା ମତ ଗୋଟାଇଥିବା ଗଣମାଧ୍ୟମ ସଂସ୍ଥା ଛଡ଼ା ଆଉ କାହା ଉପକାରରେ ଆସୁଥିବ ବୁଝିହେଉ ନାହିଁ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | 4 | | 9 |
| | | | | | | 8 | | |
| | | 4 | | | 3 | | | |
| | | | | 8 | 9 | | | 1 |
| | | | 2 | | | 9 | 5 | |
| | 3 | 6 | 4 | | | | | |
| | | 5 | 8 | | | | | |
| 7 | | | 5 | | 1 | | | |
| 8 | | 9 | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 4 | 1 | 2 | 5 | 8 | 9 |
| 8 | 1 | 4 | 9 | 7 | 5 | 2 | 3 | 6 |
| 5 | 2 | 9 | 6 | 8 | 3 | 7 | 1 | 4 |
| 3 | 6 | 1 | 7 | 2 | 8 | 9 | 4 | 5 |
| 9 | 8 | 2 | 5 | 3 | 4 | 6 | 7 | 1 |
| 4 | 5 | 7 | 1 | 9 | 6 | 3 | 2 | 8 |
| 2 | 3 | 6 | 8 | 4 | 9 | 1 | 5 | 7 |
| 1 | 9 | 8 | 2 | 5 | 7 | 4 | 6 | 3 |
| 7 | 4 | 5 | 3 | 6 | 1 | 8 | 9 | 2 |

ଗତକାଲିର ଉତ୍ତର



# ଭାରତରେ ନାରୀ ସୁରକ୍ଷା

ବୈକୁଣ୍ଠନାଥ ମିଶ୍ର

ଥମ୍‌ସନ୍ ରଏଟର୍ସ ଫାଉଣ୍ଡେଶନ ପକ୍ଷରୁ ୨୦୧୯ରେ ୫୫୦ ଜଣ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ସର୍ଭେ ଅନୁସାରେ ଭାରତ ନାରୀମାନଙ୍କ ପାଇଁ ଏକ ଅସୁରକ୍ଷିତ ଦେଶ। ଭାରତୀୟ ନାରୀ ସମ୍ମୁଖୀନ ହେଉଥିବା ଯୌନ ଅତ୍ୟାଚାରକୁ ଭିତ୍ତିକରି ବିଦେଶୀ ବିଶେଷଜ୍ଞମାନେ ଏତାଦୃଶ ମତ ଦେଇଛନ୍ତି। କିନ୍ତୁ ଭାରତୀୟ ବିଶେଷଜ୍ଞମାନେ ଏହି ମତକୁ ସର୍ବାନ୍ତକରଣରେ ଗ୍ରହଣ କରିପାରିନାହାନ୍ତି। କାରଣ ତୁଳନାତ୍ମକ ଭାବେ ନିରୀକ୍ଷଣ କଲେ ଜଣାଯାଏ, ବିଶ୍ୱର ଅନ୍ୟାନ୍ୟ ଦେଶରେ ବିଶେଷକରି ୟୁରୋପୀୟ ଦେଶ ସମୂହରେ ନାରୀମାନଙ୍କ କ୍ଷେତ୍ରରେ ଘଟୁଥିବା ଯୌନ ବ୍ୟଭିଚାର ଅତ୍ୟନ୍ତ ଉଦ୍‌ବେଗଜନକ। ନାରୀ ସୁରକ୍ଷା ଓ ଅଧିକାର ଉପରେ କାର୍ଯ୍ୟ କରୁଥିବା ଅନ୍ୟ ଏକ ବୈଶ୍ୱିକ ଅନୁଷ୍ଠାନର ସଦ୍ୟତମ ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତି ଏକ ଲକ୍ଷରେ ୧.୮ ପ୍ରତିଶତ ମହିଳା ବଳାତ୍କାରର ଶିକାର ହେଉଥିବାବେଳେ ଜର୍ମାନୀରେ ଏହା ୯.୪, ଇଂଲଣ୍ଡରେ ୧୭, ନରୱେରେ ୧୯.୨, ଆମେରିକାରେ ୨୭.୪ ଓ ସୁଇଡେନ ଯାହା ବିଶ୍ୱରେ ଏକ ପ୍ରଗତିଶୀଳ ରାଷ୍ଟ୍ର ସେଠାରେ ଏହା ସର୍ବାଧିକ ଅର୍ଥାତ ଏକ ଲକ୍ଷରେ ୬୩.୫ ପ୍ରତିଶତ ମହିଳା ଯୌନ ଶୋଷଣର ଶିକାର ହେଉଛନ୍ତି। ଏସବୁ ସତ୍ତ୍ୱେ ଭାରତକୁ ନାରୀ ଅସୁରକ୍ଷିତ ଦେଶର କାଳିମା ଲେପନର ତାତ୍ପର୍ଯ୍ୟ କ’ଣ?

ବିଦେଶୀ ଗଣମାଧ୍ୟମଗୁଡ଼ିକର ଅଭିଯୋଗ ହେଲା ଭାରତରେ ସଂଘଟିତ ନାରୀ ନିର୍ଯାତନାର କିୟଦଂଶମାତ୍ର ପୋଲିସରେ ଅଭିଯୋଗ କରାଯାଉଛି। ଅଧିକାଂଶ ପୀଡ଼ିତା ସାରାଜୀବନ ଆତ୍ମଗ୍ଲାନିଜନିତ ଅସହ୍ୟ ବେଦନାରେ କାଳାତିପାତ କରନ୍ତି। ବିଶ୍ୱରେ ୧୯୩ଟି ରାଷ୍ଟ୍ରରେ ରଏଟର୍ସ ଫାଉଣ୍ଡେଶନ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରେ କୁହାଯାଇଛି, ଆଫଗାନିସ୍ତାନ, କଙ୍ଗୋ, ପାକିସ୍ତାନ ଓ ଆଫ୍ରିକୀୟ ଦେଶ ତଳକୁ ଭାରତରେ ମହିଳା ସୁରକ୍ଷା ସ୍ଥିତି ଅତ୍ୟନ୍ତ ଶଙ୍କାକୁଳ। ତେବେ ଯେଉଁମାନେ ଭାରତକୁ ନିନ୍ଦିତ କରୁଛନ୍ତି ସେମାନଙ୍କ ନଜରକୁ ନିଜ ଦେଶ ସ୍ଥିତି ନ ଆସିବା ଆଶ୍ଚର୍ଯ୍ୟର କଥା। ବିଦେଶୀ ଗଣମାଧ୍ୟମ ଅନୁଯାୟୀ ୨୦୦୭ରୁ ୨୦୨୦ମଧ୍ୟରେ ଭାରତରେ ନାରୀ ଅସଦାଚରଣ ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। କିନ୍ତୁ ଉକ୍ତ ସମୟ ମଧ୍ୟରେ ଇଂଲଣ୍ଡରେ ପ୍ରତି ଘଣ୍ଟାରେ ୧୧ଜଣ ବିଭିନ୍ନ ବୟସର ନାରୀ ବଳାତ୍କାରିତା ହେଉଛନ୍ତି ଓ ବର୍ଷକୁ ୮୫ହଜାରରୁ ଊର୍ଦ୍ଧ୍ୱ ନାରୀ ଓ ପ୍ରାୟ ୧୨ହଜାର ପୁରୁଷ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ୟୁରୋପ ଓ ଆମେରିକୀୟ ଦେଶଗୁଡ଼ିକରେ ୧୫ବର୍ଷ ବା ତଦୂର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରୁ ପ୍ରତି ତିନିଜଣରେ ଜଣେ ପାଶବିକତାକୁ ସାମ୍ନା କରୁଛନ୍ତି। ସମଗ୍ର ବିଶ୍ୱ ଯେତେବେଳେ ପାଶବିକତାରେ କବଳିତ, ସେତେବେଳେ କେବଳ ଭାରତକୁ ନିନ୍ଦିତ କରାଯିବାର ପ୍ରୟାସ ନିଶ୍ଚିତଭାବେ ଚିନ୍ତାଜନକ।

ଭାରତୀୟ ନାରୀ ଅପେକ୍ଷାକୃତ ଭାବେ ଅଧିକ ସୁରକ୍ଷିତ ହେଲେ ମଧ୍ୟ ଜନସଂଖ୍ୟାର ବିଶାଳତା ଦୃଷ୍ଟିରୁ ଏହା ସେପରି ସନ୍ତୋଷଜନକ ନୁହେଁ। ଭାରତରେ ନାରୀ ନିର୍ଯାତନା ବୃଦ୍ଧିର କାରଣ ନିର୍ଣ୍ଣୟ ପାଇଁ ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇପାରେ। ପ୍ରଥମତଃ ଭାରତୀୟ ନାରୀ ଅତ୍ୟାଧୁନିକତାର ବଶବର୍ତ୍ତୀ ହୋଇ କ୍ରମେ ପାଶ୍ଚାତ୍ୟ ଚଳଣିକୁ ଆପଣାଇ ନେଉଛି। ଫଳରେ ଦୀର୍ଘଦିନରୁ ପ୍ରଚଳିତ ଧାର୍ମିକ ପରମ୍ପରା ଆଧ୍ୟାତ୍ମିକ ଭାବନାଠାରୁ ଦୂରେଇଯାଉଛି। ନିଷ୍ଠାପରତାର ସହ ଓଷାବ୍ରତ ପାଳନ ଆଉ ପୂର୍ବପରି ଦୃଶ୍ୟମାନ ହେଉନାହିଁ। ଶାଶୁମାନେ ଆଚରୁଥିବା ପୁଣ୍ୟପର୍ବଗୁଡ଼ିକ କୁସଂସ୍କାରର ଆଖ୍ୟାଦେଇ ବୋହୂମାନେ ସେଥିରୁ ନିବୃତ୍ତ ରହୁଛନ୍ତି। ଅପରନ୍ତୁ ଅବିବାହିତ ଯୁବତୀ ଯୁବକଙ୍କ ଅଣଅନୁମୋଦିତ ସହାବସ୍ଥାନ, ପୁରୁଷବନ୍ଧୁ ସହ ପ୍ରାକ୍ ବୈବାହିକ ଯୌନ ସମ୍ପର୍କ ସ୍ଥାପନ, ନାରୀପୁରୁଷ ନିର୍ବିଶେଷରେ ମଦ୍ୟପାନ, ଉଚ୍ଛୃଙ୍ଖଳ ଜୀବନଚର୍ଯ୍ୟା, ଭୟଶୂନ୍ୟ ବାତାବରଣ, ମାତାପିତାଙ୍କର ପିଲାମାନଙ୍କର ସ୍ୱେଚ୍ଛାଚାରିତାକୁ ଅନ୍ଧ ଅନୁମୋଦନ, ନୈତିକତାବିହୀନ ବ୍ୟବସାୟିକ ଶିକ୍ଷା ଇତ୍ୟାଦି ନାରୀ ପାଇଁ ବିଶୃଙ୍ଖଳା ଆଚରଣ ନିମିତ୍ତ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି।

### ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ

କେବଳ ନାରୀ ମୁଣ୍ଡରେ ସମସ୍ତ ଦୋଷ ଲଦିଦେଇ ଆମେ କେବେ ନିଜକୁ ଦୋଷମୁକ୍ତ କରିପାରିବା ନାହିଁ। ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଆମ ସମାଜ ପୁରୁଷକୈନ୍ଦ୍ରିକ ମନୋଭାବକୁ ପରିହାର କରିପାରିନାହିଁ। ସହରାଞ୍ଚଳ କଥା ଭିନ୍ନ; ମାତ୍ର ଗ୍ରାମାଞ୍ଚଳ ଯେଉଁଠି ସମୁଦାୟ ଜନସଂଖ୍ୟାର ୮୪ପ୍ରତିଶତ ଲୋକ ବାସକରନ୍ତି, ସେଠାରେ କନ୍ୟା ସନ୍ତାନକୁ ସେତିକି ପ୍ରାଧାନ୍ୟ ଦିଆଯାଉନାହିଁ, ଯେତିକି ପୁତ୍ରସନ୍ତାନକୁ ଦିଆଯାଉଛି। ଗୋଟିଏ ପରିବାରର ସଦସ୍ୟ ହୋଇ ପୁଅ ପାଇଁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରାଯାଉଥିଲେ ମଧ୍ୟ ଝିଅଟି ପ୍ରାୟତଃ ସେସବୁରୁ ବଞ୍ଚିତ। ପୁଅଟିକୁ ଉଚ୍ଚଶିକ୍ଷା ପାଇଁ ଦୂର ସହରକୁ ନିର୍ବିଘ୍ନରେ ପ୍ରେରଣ କରାଯାଉଥିଲେ ମଧ୍ୟ କନ୍ୟା ସନ୍ତାନକୁ ସାଧାରଣ ଶିକ୍ଷାରେ ସୀମିତ ରହିବାକୁ ହେଉଛି। ମାତାପିତା କନ୍ୟା ସୁରକ୍ଷା ବାବଦରେ ନିଶ୍ଚିନ୍ତ ହୋଇପାରୁନାହାନ୍ତି। ପୁରୁଷର ଅସଭ୍ୟ ଦୃଷ୍ଟି ବୟସ ନିର୍ବିଶେଷରେ ପ୍ରତ୍ୟେକ ନାରୀ ଉପରେ ପଡୁଛି। ଏଥିପାଇଁ ପୁରୁଷର ମଦ୍ୟପାନଜନିତ ମାନସିକ ବିକାରକୁ ଦାୟୀ କରାଯାଇପାରେ। ଜଣେ ନିଶାସକ୍ତ ନ ହେଲେ କୋମଳମତି ଶିଶୁକନ୍ୟା ହେଉ ଅବା ବୟସର ଅପରାହ୍ନରେ ଉପନୀତ ବୃଦ୍ଧା ପ୍ରତି ପାଶବିକ ଆଚରଣ କରିପାରିବ ନାହିଁ। ଦିବ୍ୟଜନନୀ ଶ୍ରୀମା କୁହନ୍ତି– ‘ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ ସେ ଅନ୍ୟାନ୍ୟ ପ୍ରାଣୀଙ୍କ ଅପେକ୍ଷା ଏକ ନିକୃଷ୍ଟତର ଜନ୍ତୁରେ ପରିଣତ ହୁଏ। ଏପରି ଆଚରଣ କରୁଥିବା ବ୍ୟକ୍ତି ଆଦୌ ମଣିଷ ପଦବାଚ୍ୟ ନୁହେଁ।’ ନିଶାସକ୍ତ ବ୍ୟକ୍ତି ବିବେକଶୂନ୍ୟ। ତା’ ମସ୍ତିଷ୍କ କେବଳ ଗୁଡ଼ିଏ ନକାରାତ୍ମକ ଭାବନାର ଗନ୍ତାଘର। ଖାଲି ବଳାତ୍କାର ନୁହେଁ, ହତ୍ୟା, ଲୁଣ୍ଠନ, ଠକାମି ଭଳି ଅସାମାଜିକ ପ୍ରବୃତ୍ତି ତା’ ମଧ୍ୟରେ ସ୍ଥାନ ପାଏ। ସମ୍ପ୍ରତି ଆମ ରାଜ୍ୟରେ ଏଭଳି ଏକ ଘଟଣା ଘଟିଛି, ଯାହା ସଭ୍ୟ ସମାଜ ପ୍ରତି ଏକ ନିଷ୍ଠୁର ଉପହାସ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ଫେଲ୍; କିନ୍ତୁ ପ୍ରେମଜାଲରେ ଫସାଇ ବିବାହ କରିଛି ୧୭ଜଣ ଉଚ୍ଚଶିକ୍ଷିତା ନାରୀଙ୍କୁ। ନିଜେ ଜଣେ ଡାକ୍ତର ବୋଲି ମିଥ୍ୟା ପରିଚୟ ଦେଇ ଖାଲି ବିବାହ କରିନାହିଁ; ଲୁଣ୍ଠନ କରିଛି ଲକ୍ଷ ଲକ୍ଷ ଟଙ୍କା। ମହିଳାମାନଙ୍କର ଦୁର୍ଭାଗ୍ୟ ଯେ ଉଚ୍ଚଶିକ୍ଷିତା ହୋଇ ମଧ୍ୟ ମୂର୍ଖଟାକୁ ପ୍ରଥମରୁ ଚିହ୍ନିପାରିଲେ ନାହିଁ କିପରି? ୧୭ଜଣ ମହିଳାଙ୍କ ମଧ୍ୟରେ ଦୁଇଜଣ ଡାକ୍ତର ମଧ୍ୟ ଅଛନ୍ତି। ରଏଟର୍ସ ଫାଉଣ୍ଡେଶନର ଅନ୍ୟତମ ଅଭିଯୋଗ ହେଲା ଯେ ଭାରତୀୟ ନାରୀ କେବଳ ଯୌନ ଉତ୍ପୀଡ଼ିତା ନୁହନ୍ତି, ବିଦେଶାଗତ ନାରୀ ମଧ୍ୟ ଭାରତରେ ସୁରକ୍ଷିତ ନୁହନ୍ତି।

ରଏଟର୍ସ ଫାଉଣ୍ଡେଶନ ସଂସ୍ଥା ଦ୍ୱାରା ପ୍ରଦତ୍ତ ରିପୋର୍ଟ ଉପରେ ଭରତ ସରକାର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଭାରତକୁ ବିଶ୍ୱ ଦରବାରରେ ନିନ୍ଦିତ କରିବାର ଏହା ଏକ ହୀନ ଚକ୍ରାନ୍ତ। ଭାରତ ସରକାର ମହିଳା ଅଧିକାର ଓ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦେଉଛନ୍ତି। ୯ବର୍ଷ ବୟସର ବାଳିକା ବିବାହ ଶୂନ ହୋଇଛି। ୨୦୦୫–୦୬ ରୁ ୧୫ରୁ ୧୮ବର୍ଷୀୟା ବାଳିକା ମାତୃତ୍ୱ ୧୬ପ୍ରତିଶତରୁ ହ୍ରାସ ପାଇ ୨୦୧୫–୧୬ରେ ୭. ୯ ପ୍ରତିଶତ ଓ ବର୍ତ୍ତମାନ ମାତ୍ର ୪.୫ ପ୍ରତିଶତରେ ସୀମିତ ଅଛି। ଆମେରିକାରେ ପ୍ରଖ୍ୟାତ ଖବରକାଗଜ ‘ନ୍ୟୁୟର୍କ ଟାଇମ୍‌ସ’ ସମ୍ପାଦକୀୟ ପୃଷ୍ଠା ଲେଖିଥିଲା ପରକୀୟା ପ୍ରୀତିର ମାନେ କିଛି ନାହିଁ (ଦେୟାର ଇଜ୍ ନୋ ମିନିଂ ଅଫ ଅଦର ମ୍ୟାନସ ୱାଇଫ୍)। କିଛି ମହିଳା ପାଦେ ଆଗେଇ ଆସି ଦାବି କରନ୍ତି ‘ମୋ ଦେହ ହିଁ ମୋର ଅଧିକାର’ (ମାଇଁ ବଡି ଇଜ୍ ମାଇଁ ରାଇଟ୍)। ଭାରତରେ ଏପରି ସ୍ୱର ଏବେଯାଏ ଶୁଣାଯାଇନାହିଁ। ତେଣୁ ବିଦେଶୀ ସଂସ୍ଥାମାନେ ଭାରତୀୟ ନାରୀ ଉପରେ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି, ତାହା ଗ୍ରହଣଯୋଗ୍ୟ ନୁହେଁ। ସ୍ତ୍ରୀ ଅଦଳବଦଳ (ୱାଇଫ୍ ସ୍ୱାପିଙ୍ଗ୍) ଭଳି ଘୃଣ୍ୟରୀତି ଭାରତୀୟ ଚଳଣି ମଧ୍ୟକୁ ଏପର୍ଯ୍ୟନ୍ତ ପ୍ରବେଶ କରିନାହିଁ। ତେଣୁ ଭାରତୀୟ ନାରୀର ସାମାଜିକ ସ୍ଥିତି ଅତ୍ୟନ୍ତ ସୁଦୃଢ଼। ୨୦୧୫ ମର୍ଯ୍ୟାଦା ତା’ର ଆତ୍ମାର ଅବିନଶ୍ୱର ଓ ଶାଶ୍ୱତ ନାରୀତ୍ୱର ଅଂଶ ବିଶେଷ। ନାରୀ ସୁରକ୍ଷାର ପ୍ରବକ୍ତା ଜ୍ଞାନପୀଠ ବିଜୟିନୀ ଡ. ପ୍ରତିଭା ରାୟଙ୍କ ମତରେ ନାରୀ ତା’ର ଅଧିକାର ଓ ଭୂମିକା ସମ୍ବନ୍ଧରେ ଅଧିକ ସଚେତନ ହେବାର ସମୟ ଉପଗତ।

ବିଶ୍ୱର ସ୍ଥିତିକୁ ତୁଳନାତ୍ମକ ଭାବେ ବିଚାର କଲେ ଭାରତରେ ନାରୀ ନିର୍ଯାତନା ଅତ୍ୟନ୍ତ ନଗଣ୍ୟ। ତଥାପି ଏଥିରେ ଆଶ୍ୱସ୍ତ ନ ହୋଇ ଏହାର ବିଲୋପ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶୂନ୍ୟ ସହନଶୀଳତା ନୀତି ଆପଣେଇବା ଆବଶ୍ୟକ। ନାରୀ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନ କରୁଥିବା କୌଣସି ବ୍ୟକ୍ତିକୁ ଦଳମତ ନିର୍ବିଶେଷରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନର ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ।

ସିଦ୍ଧଳ, ଜଗତସିଂହପୁର
ମୋ–୯୯୩୭୪୫୦୫୪୦



# ମାନବିକ ମୂଲ୍ୟବୋଧର ସଙ୍କଟ

ଡ. ସତ୍ୟନାରାୟଣ ମିଶ୍ର

ସଭ୍ୟତାର ପ୍ରାରମ୍ଭରୁ ମଣିଷ ସବୁ ସମୟରେ ବିଭିନ୍ନ ସଙ୍କଟ ମଧ୍ୟ ଦେଇ ଗତି କରି ଆସୁଅଛି। କେତେବେଳେ ମଣିଷ ସଙ୍କଟରୁ କିଛି ଶିକ୍ଷା କରୁଛି ତ ପୁଣି କେତେବେଳେ କିଛି ହରାଇ ବସୁଛି। ଯେତେବେଳେ ମଣିଷ କିଛି ଶିକ୍ଷା କରୁଛି, ସେତେବେଳେ ଉକ୍ତ ସଙ୍କଟର ମୁକାବିଲା ପାଇଁ ବା ତାହାର ବିକଳ୍ପ ପାଇଁ ନିଜକୁ ଉପଯୋଗ କରୁଅଛି। ଫଳରେ ସଙ୍କଟରୁ ମଣିଷ ମୁକ୍ତି ପାଉଛି। ମାତ୍ର ଯେତେବେଳେ ମଣିଷ କିଛି ହରାଇ ଦେଇଥାଏ ବା ସଙ୍କଟକୁ ପ୍ରତିରୋଧ କରି ନ ପାରି ପରାସ୍ତ ହୋଇଥାଏ ସେତେବେଳେ ସଙ୍କଟ ନିକଟରେ ଆତ୍ମସମର୍ପଣ କରିଥାଏ। ପରିଶେଷରେ ସଙ୍କଟର ବିରାଜମାନ ହୋଇଥାଏ ଓ ତାହା କାୟା ବିସ୍ତାର କରିଚାଲିଥାଏ, ଯାହା ଏକ ବିଡ଼ମ୍ବନା। ସୃଷ୍ଟିର ପ୍ରାରମ୍ଭରୁ ମଣିଷ ସଦାବେଳେ ଚାହିଁଥାଏ କିଛି ଶିକ୍ଷା କରିବ ବା ଜାଣିବ ଓ ତାହାର ଉପଯୋଗ କରି ଉନ୍ନତିର ଶୀର୍ଷରେ ପଦାର୍ପଣକରି ଏକ ଇତିହାସ ସୃଷ୍ଟି କରିବ। ଇତିହାସ ସୃଷ୍ଟି କରିବା ସହଜସାଧ୍ୟ ନୁହେଁ, ତଥାପି ମଣିଷ ନିଜର ସାଧନାର ପରାକାଷ୍ଠାରେ ଉପନୀତ ହୋଇ ଇତିହାସ ସୃଷ୍ଟି କରିଛି । ବର୍ତ୍ତମାନର ମଣିଷ ସମାଜ ଉକ୍ତ ଇତିହାସ ନିକଟରେ ଚିର ଋଣୀ ବୋଲି ସର୍ବସମ୍ମତରେ ମଣିଷକୁ ସ୍ୱୀକାର କରିବାକୁ ପଡ଼ିବ। ବାସସ୍ଥାନ ନ ଥିବା ମଣିଷ ନିକଟରେ ଆଧୁନିକ ଜ୍ଞାନକୌଶଳର ସୁରମ୍ୟ ଅଟ୍ଟାଳିକା ପ୍ରସ୍ତୁତ, ଗଛର ବକଳ ପରିଧାନ କରୁଥିବା ବ୍ୟକ୍ତି ନିକଟରେ ବର୍ତ୍ତମାନ ରତ୍ନଖଚିତ ପୋଷାକର ମହଜୁଦ, ବଣ ଜଙ୍ଗଲରୁ ଖାଦ୍ୟ ଗ୍ରହଣ କରି ବା ବନ୍ୟପ୍ରାଣୀଙ୍କୁ ଶିକାର କରି କ୍ଷୁଧା ନିବାରଣ କରୁଥିବା ମଣିଷ ବର୍ତ୍ତମାନ ସୁସ୍ୱାଦୁ ଖାଦ୍ୟର ସମ୍ଭାରରେ ନିଜେ ଆତ୍ମହରା। ହେଲେ ମଣିଷ ବର୍ତ୍ତମାନ ଟିକିଏ ଶାନ୍ତିରେ ସୁରମ୍ୟ ଅଟ୍ଟାଳିକାରେ ବାସ କରିପାରୁନାହିଁ, ଲଜ୍ଜା ନିବାରଣ ପରିବର୍ତ୍ତେ ଅନେକେ ଆପତ୍ତିଜନକ ପୋଷାକ ପରିଧାନ କରି ସଭ୍ୟତାର ମାନଦଣ୍ଡକୁ କଳୁଷିତ କରୁଛି, ବିଭିନ୍ନ ପ୍ରକାର ଖାଦ୍ୟ ଥାଇ ମଧ୍ୟ ରୋଗାକ୍ରାନ୍ତ ହୋଇ ଉପଯୁକ୍ତ ଖାଦ୍ୟ ଆହାର କରିପାରୁନାହିଁ, ଯାହା ମଣିଷକୁ ଆହୁରି ସଙ୍କଟକୁ ଠେଲି ଦେବାରେ ଲାଗିଛି।

ବର୍ତ୍ତମାନ ମଣିଷ ଏକମାତ୍ର ବୃହତ୍ ସଙ୍କଟରେ ଜର୍ଜରିତ, ତାହା ହେଉଛି ‘ମଣିଷ ସଙ୍କଟ’। ମୂଲ୍ୟବୋଧଭିତ୍ତିକ ମାନବିକତାର ସଙ୍କଟ ଦେଖାଦେଇଛି। ବ୍ୟାବହାରିକ ଦୃଷ୍ଟିକୋଣ ତଥା ଆଦର୍ଶଗତ ବିଚାରଧାରାକୁ ବିଶ୍ଳେଷଣକଲେ ମଣିଷର ସ୍ଥିତି ଧରାପୃଷ୍ଠରେ ଏକ ଭିନ୍ନ ସ୍ଥାନ ଅଧିକାର କରିଥାଏ। ସେଥିପାଇଁ ମଣିଷ ସଙ୍କଟ ଏକ ବୃହତ୍ ତଥା ଜଟିଳ ସଙ୍କଟ ହୋଇ ଦଣ୍ଡାୟମାନ ହୋଇଛି। ବର୍ତ୍ତମାନ ମଣିଷ ହିଁ ମଣିଷକୁ ଖୋଜୁଛି । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ହିସାବରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ମଣିଷ ନିକଟରେ କେତେକ ସଂଜ୍ଞା ନିହିତ କରିଛନ୍ତି ସୃଷ୍ଟିର ନିୟନ୍ତ୍ରକ। ଉକ୍ତ ସଂଜ୍ଞାକୁ ବିଚାରକଲେ ମଣିଷ ନିର୍ଲୋଭ, ସ୍ୱାର୍ଥ ତ୍ୟାଗୀ, ବିବେକୀ, ପରୋପକାରୀ, ସତ୍ୟବାନ୍, ନୀତିନିଷ୍ଠ, ବିଚାରବନ୍ତ, ବୁଦ୍ଧିଯୁକ୍ତ, ସହିଷ୍ଣୁ, ଧୈର୍ଯ୍ୟବାନ୍, ଅନ୍ୟର ମଙ୍ଗଳାଭିଳାଷୀ, ଅନ୍ୟର ଦୁଃଖରେ ଦୁଃଖୀ, ଦୟା, କରୁଣା ଓ ସହାନୁଭୂତି ଇତ୍ୟାଦିରେ ପରିପୂର୍ଣ୍ଣ ହୋଇ ଜୀବନର ଆଦର୍ଶକୁ ପ୍ରତିପାଦନ କରିବା ଉଚିତ। ଭଗବତ୍ ବିଶ୍ୱାସ ହେଉ ବା ବୈଜ୍ଞାନିକ ଦୃଷ୍ଟିକୋଣ, ଏହା ସର୍ବସମ୍ମତ ଯେ ମଣିଷର କର୍ତ୍ତବ୍ୟ ମଣିଷମାନଙ୍କ ପ୍ରତି ଓ ଅନ୍ୟ ପ୍ରାଣୀମାନଙ୍କ ପ୍ରତି ରହିବା ଉଚିତ। ମାତ୍ର ବର୍ତ୍ତମାନ ମଣିଷ ମଣିଷକୁ ଭୟ କରୁଛି, ବନ୍ୟପ୍ରାଣୀମାନେ ମଣିଷକୁ ଭୟ କରୁଛନ୍ତି। ପ୍ରକୃତି, ଜଳବାୟୁ, ପରିବେଶ ଆଦି ମଣିଷର ଉତ୍ପୀଡ଼ନରେ ଭୀତତ୍ରସ୍ତ। ସମାଜରେ ମଣିଷ ଦ୍ୱାରା ପ୍ରସ୍ତୁତ ହୋଇଥିବା ଶୃଙ୍ଖଳା ଭୂଲୁଣ୍ଠିତ ହୋଇ ବିଶୃଙ୍ଖଳାର ସମସ୍ତ ସୀମା ଉଲ୍ଲଂଘନ କରିଛି ମଣିଷ। ବର୍ତ୍ତମାନ ନିଜେ ନିଜକୁ ପରାସ୍ତକରି ପ୍ରମାଣିତ କରି ସାରିଲାଣି ମଣିଷର ପରିଚୟ। ଯେଉଁଠି ମଣିଷ ନିକଟରେ ମଣିଷପଣିଆ ସୁପ୍ତ, ସେଇଠି ପ୍ରକୃତ ମଣିଷର ଉପସ୍ଥିତି ଏକାନ୍ତ ଆବଶ୍ୟକ, ଯାହାଦ୍ୱାରା ମଣିଷ ସଙ୍କଟରୁ ତ୍ରାହି ମିଳିପାରିବ । ଶ୍ରେଷ୍ଠ ପ୍ରାଣୀ ହିସାବରେ ମଣିଷ ଯେତେବେଳେ ଜନ୍ମ ହୋଇଥାଏ, ସେତେବେଳେ ଅନ୍ତର୍ନିହିତ ଗୁଣାବଳୀରେ ପରିପୂର୍ଣ୍ଣ ଥାଏ। ମାତ୍ର ଉକ୍ତ ଅମୃତର ମଣିଷ ସନ୍ତାନ ବିଷଯୁକ୍ତ ଅମଣିଷ କାହିଁକି ଓ କିପରି ହୋଇଯାଏ, ଯଦ୍ୱାରା ସୃଷ୍ଟି ହୋଇଥାଏ ଭଲ ମଣିଷର ସଙ୍କଟ। ଏହି ସଙ୍କଟ ମଧ୍ୟରେ ନିଜେ ପଥହରା ହୋଇ ନିଜ ପ୍ରଶ୍ନବାଣରେ ଜର୍ଜରିତ ହୋଇଥାଏ।

ମଣିଷର ଜୀବନ ଅବଧି ଶେଷ ହୋଇଯାଉଥିବା ବେଳେ ସେ ନିଜକୁ ପରାସ୍ତ ଅମଣିଷ ବୋଲି ସ୍ୱୀକାର କରିଥାଏ। ଶ୍ରେଷ୍ଠ ଜୀବନର ଶ୍ରେଷ୍ଠତ୍ୱ ପ୍ରତିପାଦନରେ ଭୁଲ୍‌ର ପ୍ରାୟଶ୍ଚିତ୍ତ କରିବା ପାଇଁ ଉଦ୍ୟମ କରିଥାଏ। ମାତ୍ର ସେତେବେଳେ ଅମଣିଷର ବିଷଜ୍ୱାଳାରେ ମଣିଷ ନିଜେ ଲୀନ ହୋଇଯାଇଥାଏ । ଜ୍ଞାନର ଉତ୍କର୍ଷରେ ଚନ୍ଦ୍ରପୃଷ୍ଠରେ ପାଦ ଦେଇ ସେଠାରେ ବସତି ସ୍ଥାପନ କରିବା ପାଇଁ ପ୍ରୟାସ କରୁଥିବା ମଣିଷ ଆନନ୍ଦ ଓ ଗର୍ବରେ ନିମଜ୍ଜିତ ହେଉଥିବା ବେଳେ ତା’ ଦ୍ୱାରା ସମାଜର ନୈତିକ ମୂଲ୍ୟବୋଧର ଅବକ୍ଷୟ ହେଉଛି। ଚନ୍ଦ୍ରର ଶୀତଳ କିରଣକୁ ଆସ୍ୱାଦନ କରୁଥିବା ମଣିଷ ଶୁଭ୍ର ଜ୍ୟୋତିରେ ଦୃଶ୍ୟମାନ ନ ହୋଇ ଅମାବାସ୍ୟାର ଘନ ଅନ୍ଧକାରରେ ନିଜକୁ ଲୀନ କରିଦେଉଛି କେବଳ ନିଜର ଅମଣିଷ ପ୍ରବୃତ୍ତି ପାଇଁ।

ମଣିଷକୁ ସୁଖ ଶାନ୍ତିରେ ରଖିବା ପାଇଁ ଈଶ୍ୱର ଏତେଗୁଡ଼ିଏ ବ୍ୟବସ୍ଥା କରିଥିବା ବେଳେ ନିଷ୍ଠୁର ମଣିଷ ଉକ୍ତ ବ୍ୟବସ୍ଥାକୁ ପଦାଘାତ କରି ନିଜର ଆଧିପତ୍ୟ ବିସ୍ତାରରେ ନିମଗ୍ନ। ଯେଉଁଥିପାଇଁ ଆଜି ସମାଜ ନିକଟରେ ପ୍ରକୃତ ମଣିଷ ସଙ୍କଟ, ଯାହା ମାନବିକ ମୂଲ୍ୟବୋଧର ସଙ୍କଟ ଭାବେ ଉପସ୍ଥିତ। ଉପଯୁକ୍ତ ନୀତି, ନିଷ୍ଠାବାନ୍ ତଥା ସତ୍ୟ ଧର୍ମ ନ୍ୟାୟର ଆଦର୍ଶରେ ମଣିଷ ଯଦି ଏ ଧରାପୃଷ୍ଠରେ ବିରାଜମାନ ନ ହେବେ, ତେବେ ଈଶ୍ୱର ସୃଷ୍ଟି ତଥା ଆମର ପୂର୍ବ ଯୁଗ ପୁରୁଷମାନଙ୍କର ନିଷ୍ଠାକୁ ଉପଯୁକ୍ତ ଦାୟାଦ ଭାବେ ପ୍ରତିପାଦନ କରିବା ପାଇଁ ସୁଯୋଗ୍ୟ ମଣିଷର କ୍ଷେତ୍ର ଅପୂରଣୀୟ ହୋଇ ରହିଯିବ। ବର୍ତ୍ତମାନ ମଣିଷ ନିକଟରେ ଯଥେଷ୍ଟ ଧନ ରହିଛି, ମାତ୍ର ମଣିଷ ପରିବାରରେ, ସମାଜରେ ବା ଦେଶରେ ଶାନ୍ତିରେ ବାସ କରିପାରୁନାହିଁ। କାରଣ ସ୍ୱାର୍ଥ, ହିଂସା, ଅହଂକାର ଆଦି ମଣିଷକୁ ମଣିଷପଣିଆଠାରୁ ଦୂରେଇ ନେଇଯାଇଛି। ମାନବିକ ମୂଲ୍ୟବୋଧକୁ ମଣିଷ ବର୍ତ୍ତମାନ ହଜେଇ ଦେଇସାରିଲାଣି। ମଣିଷକୁ ମଣିଷ ସାହାଯ୍ୟ କରିବାକୁ କୁଣ୍ଠାବୋଧ। ରାସ୍ତାରେ ଦୁର୍ଘଟଣାରେ ଶିକାର ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସାର ବନ୍ଦୋବସ୍ତ ବ୍ୟତିରେକେ ଫଟୋ ଉଠାଇବାରେ ବ୍ୟସ୍ତ ରହୁଛି। ଶଠତା, ପ୍ରବଞ୍ଚନା, ଲାଞ୍ଚ, ଦୁର୍ନୀତି ଆଦିରେ ମଣିଷ ଆକଣ୍ଠ ନିଶାସକ୍ତ। ତେଣୁ ବର୍ତ୍ତମାନର ସ୍ଥିତିରେ ଚିନ୍ତା, ଚରିତ୍ର ଓ ଚେତନାର ପରିବର୍ତ୍ତନର ଯଥେଷ୍ଟ ଆବଶ୍ୟକତା ରହିଛି, ଯେଉଁଥିରେ ମଣିଷର ମାନବିକ ମୂଲ୍ୟବୋଧ ସୃଷ୍ଟି ହେବ ଓ ମଣିଷ ସଙ୍କଟ ଦୂର ହେବ ।

ଅଭିଲେଖାଧିକାରୀ
ଜାତୀୟ ଅଭିଲେଖାଗାର, ଭାରତ ସରକାର
ଏମ୍–୭୯, ମଧୁସୂଦନ ନଗର, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

## ଏଇ ଭାରତରେ

ତେଲଙ୍ଗାନାର ଡ. ପ୍ରକାଶ ବେଞ୍ଜାମୁରି ୨୦୦୬ରୁ ‘ଅନ୍ଦରି ଇଲ୍ଲୁ’ ବା ‘ଖୋଲା ଘର’ ଗଠନକରି ଅସହାୟମାନଙ୍କୁ ମୁକ୍ତ ସେବା ଦେଉଛନ୍ତି। ସେମାନଙ୍କ ପାଇଁ ହାଇଦ୍ରାବାଦସ୍ଥିତ ଏହି ଘରେ ମାଗଣାରେ ଖାଇବା ଓ ରହିବା ବ୍ୟବସ୍ଥା କରାଯାଇଛି। ସେମାନେ ଏଠାରୁ ମାଗଣାରେ ପୋଷାକ ନେଉଛନ୍ତି। ଏହି ଘରେ ଥିବା ଲାଇବ୍ରେରିରେ ହଜାର ହଜାର ବହି ରହିଛି ଓ ଏଠାରୁ ବହି ନେବାର ସୁବିଧା ମଧ୍ୟ କରାଯାଇଛି। ଉକ୍ତ ଘର ବର୍ଷ ସାରା ଖୋଲା ରହେ ଓ ସେଠାକୁ ସକାଳ ୫.୩୦ରୁ ଅପରାହ୍ନ ୧ଟା ମଧ୍ୟରେ ଲୋକେ ଯାଇଥାଆନ୍ତି। ଏହି କାର୍ଯ୍ୟ ଚଳାଇବା ଲାଗି କେହି କେହି ବହି ଦାନ କରୁଛନ୍ତି ତ ଆଉ କିଏ ଖାଦ୍ୟ ଯୋଗାଉଛନ୍ତି। ଡ. ପ୍ରକାଶ ପ୍ରଥମେ ଡାକ୍ତରୀ ଓ ପରେ ହେଲ୍‌ଥ ଆଡ୍‌ମିନିଷ୍ଟ୍ରେଶନରେ ସ୍ନାତକୋତ୍ତର ଡିଗ୍ରୀ ହାସଲକରି ବିଭିନ୍ନ ଏନ୍‌ଜିଓରେ କାର୍ଯ୍ୟ କରିଥିଲେ। ୧୯୯୯ରେ ଚାକିରି ଛାଡ଼ି ଲାଇଫ୍ ହେଲ୍‌ଥ ରିଏନ୍‌ଫୋର୍ସମେଣ୍ଟ ଗ୍ରୁପ୍(ଲାଇଫ୍–ଏଚ୍‌ଆର୍‌ଜି) ଏନ୍‌ଜିଓ ଗଠନ କରି ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟ କରିବା ଆରମ୍ଭ କରିବା ପରେ ‘ଅନ୍ଦରି ଇଲ୍ଲୁ’ ଖୋଲିଥିଲେ। ଏଯାବତ ଏଥିରୁ ପ୍ରାୟ ୧ ଲକ୍ଷ ଲୋକ ଉପକାର ପାଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୯୭

- ବିଜୟା ବ୍ୟାଙ୍କରେ ୧୧୭ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗରେ ବ୍ୟାଙ୍କର ୨ ଜଣ ପୂର୍ବତନ ବରିଷ୍ଠ ଅଫିସର ଗିରଫ।
- ଜମ୍ମୁ–କଶ୍ମୀର ରାଜ୍ୟର ସମବାୟ ବିଭାଗରେ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆତ୍ମସାତ୍ କରାଯାଇଥିବା ଘଟଣାରେ ୬ ଜଣ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କ ସମେତ ୧୦ ଜଣ ସରକାରୀ ଅଫିସର ଗିରଫ।
- ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶମତେ ବାଲେଶ୍ୱର ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ପ୍ରତିଷ୍ଠା କରାଯାଇଥିବା ଚିଙ୍ଗୁଡ଼ି ଫାର୍ମକୁ ଜିଲା ପ୍ରଶାସକ ଭାଙ୍ଗି ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ପରେ କିଏ କାହାର

ମହାଶୟ,

କରୋନା କାଳରେ ପଞ୍ଚାୟତ ନିର୍ବାଚନର ମତଦାନ ହାର ଉତ୍ସାହଜନକ ହେଲା। ଲୋକେ ଜଳ, ସ୍ଥଳ ଓ ଆକାଶ ପଥରେ ଭୋଟ ଦେବା ପାଇଁ ଗାଁକୁ ଚାଲିଆସିଲେ। ସହରାଞ୍ଚଳରେ ବାସ କରୁଥିବା ଅନେକ ଲୋକ ଆତ୍ମୀୟସ୍ୱଜନଙ୍କୁ ଭୋଟ ଦେବା ପାଇଁ ମଧ୍ୟ ଗାଁକୁ ଯାଇଥିଲେ। ଗଭୀର ସମୁଦ୍ରରୁ ମୁହାଣକୁ ଚାଲି ଆସି ମତ୍ସ୍ୟଜୀବୀ ନିର୍ବାଚନ ମଜା ଉଠାଇଲେ। ଭୋଟଦେବା ଲାଗି ସୁରଟ ଓ କୋଲକାତାରୁ ସର୍ବାଧିକ ଲୋକ ଆସିଛନ୍ତି। ତେବେ ନିର୍ବାଚନ ସମୟରେ ଘଟିଥିବା ରାଜନୈତିକ ହିଂସାକାଣ୍ଡ ଅଧିକ ଶିକ୍ଷିତ ମୂର୍ଖ ବସବାସ କରୁଥିବା ଅଞ୍ଚଳରେ ଘଟିଛି। ନିର୍ବାଚନ ଫଳ ବାହାରିବା ପରେ ଲୋକଙ୍କ ମଧ୍ୟରେ କଥାବାର୍ତ୍ତା ନ ହେବା ସହ ଯିବା ଆସିବା ବନ୍ଦ ବ୍ୟତୀତ ବନ୍ଧୁ କଟିଯିବା ଭଳି ଅନେକ ପରିସ୍ଥିତି ସୃଷ୍ଟି ହୋଇଛି। ନିଜ ଲୋକ ବି ପର ହୋଇଯାଇଛନ୍ତି।

–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ରାୟଗଡ଼ା ଯୁବ କଂଗ୍ରେସ ସଭାପତି ନିଲମ୍ବିତ

**ରାୟଗଡ଼ା ଅଫିସ:** ରାୟଗଡ଼ା ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ ମାଣ୍ଡାଙ୍ଗୀଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଦଳ ବିରୋଧି କାର୍ଯ୍ୟ ପାଇଁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସଭାପତି ସ୍ମୃତି ରଞ୍ଜନ ଲେଙ୍କା ତାଙ୍କୁ ନିଲମ୍ବନ କରିଛନ୍ତି। ଏ ନେଇ ପ୍ରେସ୍ ବିଜ୍ଞପ୍ତି ମାଧମରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସନ୍ତୋଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜିଠୁ କମ୍ପିବ ପୌରାଞ୍ଚଳ

**ଶେଷ ହେଲା ନାମାଙ୍କନ ଦାଖଲ**

- ବିଜେଡି ୩ , ଭାଜପାର ୩, କଂଗ୍ରେସର ବ୍ରହ୍ମପୁର ମେୟର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କଲେ
- ୧୪ରେ ପ୍ରତ୍ୟାହାର

ଭୁବନେଶ୍ୱର,୭।୩(ବ୍ୟୁରୋ)

ପୌର ନିର୍ବାଚନ ଲାଗି ସୋମବାର ନାମାଙ୍କନ ଦାଖଲ ଶେଷ ହୋଇଛି। ଶେଷ ଦିବସରେ ୩ ମହାନଗର ନିଗମ ମେୟର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଭୁବନେଶ୍ୱରରେ ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ, କଟକରେ ସୁବାସ ସିଂ ଏବଂ ବ୍ରହ୍ମପୁରରେ ସଙ୍ଘମିତ୍ରା ଦଳାଇ ନିଜ ସମର୍ଥକଙ୍କ ଗହଣରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଭାଜପା ଭୁବନେଶ୍ୱର ମେୟର ପ୍ରାର୍ଥୀ ସୁନୀତି ମୁଣ୍ଡ, କଟକରେ ଶ୍ରୀତମ ଦାସ ଏବଂ ବ୍ରହ୍ମପୁରରେ ସବିତା ସୁଆର ଶେଷ ଦିବସରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବ୍ରହ୍ମପୁର ମେୟର ପ୍ରାର୍ଥୀ ମଞ୍ଜୁ ରଥ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଛନ୍ତି। କଂଗ୍ରେସର କଟକ ଓ ଭୁବନେଶ୍ୱର ମେୟର ପ୍ରାର୍ଥୀ ପୂର୍ବରୁ ନାମାଙ୍କନ ଦାଖଲ କରିସାରିଛନ୍ତି । ଅନେକ କର୍ପୋରେଟର ଓ କାଉନସିଲର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବାରୁ ଶେଷ ଦିନରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରବଳ ଭିଡ ହୋଇଥିଲା। ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କୁ ନେଇ ମାଇକ ଓ ବାଜା ବଜାଇ ନାମାଙ୍କନ ପତ୍ର ଦାଖଲ କରୁଥିବାରୁ ପୌରାଞ୍ଚଳଗୁଡ଼ିକରେ ଟ୍ରାଫିକ ଜାମ୍ ଭଳି ସମସ୍ୟା ସୃଷ୍ଟି ହୋଇଥିଲା। ବିଶେଷକରି କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ପ୍ରବଳ ଗହଳି ହୋଇଥିଲା । ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସୁଥିବାରୁ କିଛି ସମୟ ଧରି ରାସ୍ତାଘାଟ ପ୍ରବଳ ଭିଡ଼ ହୋଇଥିଲା । ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଥିବାରୁ ମଙ୍ଗଳବାରଠାରୁ ବିଭିନ୍ନ ପୌରାଞ୍ଚଳ ପ୍ରଚାରରେ ପ୍ରକମ୍ପିତ ହେବ। ସେଥିପାଇଁ ପ୍ରାର୍ଥୀମାନେ ନିଜକୁ ପୂରା ପ୍ରସ୍ତୁତ କରିସାରିଲେଣି। ମାର୍ଚ୍ଚ ୨ରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୭ ତାରିଖରେ ଶେଷ ହୋଇଛି। ଆସନ୍ତା ୯ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ୧୪ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୪ରେ ଭୋଟ ଗ୍ରହଣ ହେବ। ରାଜ୍ୟର ୧୦୬ ମ୍ୟୁନିସିପାଲିଟି ଓ ଏନ୍ଏସି ଏବଂ ୩ଟି ମହାନଗର ନିଗମ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ପାଇଁ ଭୋଟ ଗ୍ରହଣ ହେବ। ତେବେ ବିଜେଡିରେ ଅଧିକ ସଂଖ୍ୟକ ଆଶାୟୀ ପ୍ରାର୍ଥୀ ଶେଷ ଦିବସରେ ନାମାଙ୍କନ ଦାଖଲ କରିଛନ୍ତି। ବିଦ୍ରୋହୀ ପ୍ରାର୍ଥୀଙ୍କୁ ନେଇ ଦଳୀୟ ନେତାଙ୍କ ଚିନ୍ତା ବଢ଼ିଯାଇଛି। ୧୪ ତାରିଖ ପୂର୍ବରୁ ବିଦ୍ରୋହୀ ପ୍ରାର୍ଥୀଙ୍କୁ ବୁଝାଇ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା କାଠିକରପାଠ ହେବ। ଚଳିତ ନିର୍ବାଚନରେ ମେୟର ପ୍ରାର୍ଥୀ ସର୍ବାଧିକ ୬ ଓ କର୍ପୋରେଟର ପ୍ରାର୍ଥୀ ସର୍ବାଧିକ ୨ଟି ଗାଡ଼ି ପ୍ରଚାର ନିମନ୍ତେ ଉପଯୋଗ କରିପାରିବେ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାଉନସିଲର/କର୍ପୋରେଟର ପ୍ରାର୍ଥୀମାନେ ୩ ଚକିଆ ଓ ୪ ଚକିଆ ଗାଡ଼ିକୁ ମିଶାଇ ସର୍ବାଧିକ ୨ଟିଗାଡ଼ିବ୍ୟବହାରକରିପାରିବେ । ସେହିପରି ଏନ୍ଏସି ଓ ପୌର ପରିଷଦର ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସର୍ବାଧିକ ୪ଟି ତିନି ଚକିଆ ଓ ଚାରି ଚକିଆ ଗାଡ଼ି ବ୍ୟବହାର କରିପାରିବେ । ସେହିପରି ମହାନଗର ନିଗମର ମେୟର ପ୍ରାର୍ଥୀ ୩ ଚକିଆ ଓ ୪ ଚକିଆର ସର୍ବାଧିକ ୬ଟି ଗାଡ଼ି ଉପଯୋଗ କରିପାରିବେ । ସମ୍ପୃକ୍ତ ରାଜନୈତିକ ଦଳମାନେ ପ୍ରତ୍ୟେକ ମହାନଗର ନିଗମ ଓ ପୌର ପରିଷଦ ଅଞ୍ଚଳରେ ୨ଟି ଚାରିଚକିଆ ଗାଡ଼ି ଉପଯୋଗ କରିପାରିବେ । ତେବେ ପ୍ରାର୍ଥୀମାନଙ୍କୁ କେଉଁ ଧରଣର ଗାଡ଼ି, ଗାଡ଼ିର ପଞ୍ଜୀକରଣ ନମ୍ବର ଓ ମାଲିକାନା ସମ୍ପର୍କରେ ତଥ୍ୟ ପ୍ରଥମେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ହେବ।

ସେହିପରି ମହାନଗର ମେୟର ପ୍ରାର୍ଥୀ ସର୍ବାଧିକ ୧୨ଲକ୍ଷ ଓ କର୍ପୋରେଟର ୨ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କମିଶନ ଅନୁମତି ଦିଆଯାଇଛି। ଯେଉଁ ପୌର ପରିଷଦର ଜନସଂଖ୍ୟା ୧ ଲକ୍ଷରୁ ଅଧିକ ସେଠାରେ ନିର୍ବାଚନ ଲଢୁଥିବା କାଉନସିଲର ୧ ଲକ୍ଷ ଏବଂ ପୌରାଧ୍ୟକ୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ପାରିବେ। ଯେଉଁ ପୌରାଞ୍ଚଳର ଜନସଂଖ୍ୟା ୫୦ ହଜାରରୁ ୧ ଲକ୍ଷ ସେଠାରେ କାଉନସିଲର ୭୫ ହଜାର ଏବଂ ପୌରାଧ୍ୟକ୍ଷ ୩ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରି ପାରିବେ । ଯେଉଁ ବିଜ୍ଞାପିତ ଅଞ୍ଚଳଗୁଡ଼ିକର ଜନସଂଖ୍ୟା ୫୦ ହଜାରରୁ କମ୍ ସେଠାରେ କାଉନସିଲର ୫୦ ହଜାର ଏବଂ ଅଧ୍ୟକ୍ଷ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ।

## ଗୋଆରେ ସୁଯୋଗ ହାତଛଡ଼ା କରିବାକୁ ଚାହୁଁନି କଂଗ୍ରେସ

ନୂଆଦିଲ୍ଲୀ,୭।୩

ପାଞ୍ଚ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ହୋଇଥିବାବେଳେ ୧୦ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଗତ ୨୦୧୭ ଗୋଆ ବିଧାନସଭା ନିର୍ବାଚନରେ ୪୦ ଆସନରୁ କଂଗ୍ରେସ ୧୭ଟି ଜିତି ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ମଧ୍ୟ ସରକାର ଗଠନ କରିବାରେ ବିଫଳ ହୋଇଥିଲା। ଅନ୍ୟ ପକ୍ଷରେ ୧୩ ଆସନରେ ବିଜୟୀ ହୋଇଥିବା ଭାଜପା ଅନ୍ୟ ଛୋଟ ଦଳ ଓ ସ୍ୱାଧୀନ ବିଧାୟକମାନଙ୍କ ସହଯୋଗରେ ସରକାର ଗଢ଼ିଥିଲା। ଏହାର ଦୁଇବର୍ଷ ପରେ ୧୫ ଜଣ କଂଗ୍ରେସ ବିଧାୟକ ଦଳବଦଳ କରି ଭାଜପାରେ ସାମିଲ ହୋଇଥିଲେ ଏବଂ କଂଗ୍ରେସର ବିରୋଧୀ ଦଳ ନେତା ଥିବା ବାବୁ କାଭ୍ଲେକରଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିଲା। ଏଥର ଯେପରି ସେଭଳି ସ୍ଥିତି ନ ଉପୁଜେ ସେଥିପାଇଁ କଂଗ୍ରେସ ସତର୍କ ରହିଛି। ଘୋଡ଼ାବେପାର ରୋକିବା ଲାଗି ଦଳ ପକ୍ଷରୁ ଅଭୂତପୂର୍ବ ପଦକ୍ଷେପ ଗ୍ରହଣ କରାଯାଇଛି। ଗୋଆ ସମେତ ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ମଣିପୁରକୁ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ପଠାଯାଇଛି। ଝୁଲା ବିଧାନସଭା ହେଲେ ମେଣ୍ଟ ସରକାର ଗଠନ ନେଇ ସେମାନେ ତ୍ୱରିତ୍ ନିଷ୍ପତ୍ତି ନେବେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏନେଇ ସମ୍ପୃକ୍ତ ନେତାମାନଙ୍କ ସହ ବୈଠକ କରିଥିଲେ। ସପ୍ତାହେ ପୂର୍ବରୁ ରାହୁଲଙ୍କ ଉପସ୍ଥିତିରେ ଗୋଆର ପ୍ରାର୍ଥୀମାନେ ନିଷ୍ଠାର ଶପଥ ନେଇଥିଲେ। ତେବେ ଏହି ଶପଥ ବିଧାୟକମାନଙ୍କୁ ଘୋଡ଼ା ବେପାରରୁ ଅଟକାଇବା ପାଇଁ ଯଥେଷ୍ଟ ନୁହେଁ ବୋଲି କଂଗ୍ରେସ ଅନୁଭବ କରିଛି। ଗୋଆ ବ୍ୟତୀତ ମଣିପୁର, ପଞ୍ଜାବ ଏବଂ ଉତ୍ତରାଖଣ୍ଡରେ ମଧ କଂଗ୍ରେସ ଏହାର ବିଧାୟକମାନଙ୍କୁ ଏକାଠି ରଖିବାର ମିଶନକୁ ଜୋର୍‌ଦାର କରିଛି। ଅନ୍ୟୂନ ୨ଟି ରାଜ୍ୟରେ କଂଗ୍ରେସ ବିଜୟୀ ହେବାର ଆଶା ରଖିଛି।



## ଅସନ୍ତୁଷ୍ଟ ବଢ଼ାଇପାରନ୍ତି ସମସ୍ୟା

**ପୌର ନିର୍ବାଚନ**

ଭୁବନେଶ୍ୱର, ୭।୩(ବ୍ୟୁରୋ)

ପୌର ନିର୍ବାଚନ ଲାଗି ଚାଲିଥିବା ନାମାଙ୍କନପତ୍ର ଦାଖଲର ସମୟସୀମା ସୋମବାର ଶେଷ ହୋଇଯାଇଛି। ଶେଷ ଦିନରେ ବିଜେଡି ଏବଂ ଭାଜପାର ମେୟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ଏକାଧିକ କର୍ପୋରେଟର ପ୍ରାର୍ଥୀ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିରୋଧୀ ଦଳର ପ୍ରାର୍ଥୀ ଶୋଭାଯାତ୍ରାରେ ଯାଇ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପରିବର୍ତ୍ତନ କଥା କହିଛନ୍ତି। ହେଲେ ବିଜେଡି ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବଖାଣିଛନ୍ତି। ତେବେ ଏଥର କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଥିବା ବେଳେ ଏହାପରେ ବାକି ଆସନ ଲାଗି କରିନାହିଁ। ହେଲେ ଦଳ ସବୁ ୱାର୍ଡ ଲାଗି ପ୍ରାର୍ଥୀ ଦେଇଛି। ହେଲେ ଭାଜପା ଏବଂ ବିଜେଡି ଏ ପର୍ଯ୍ୟନ୍ତ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିନାହାନ୍ତି। ଭାଜପା ଯେଉଁମାନଙ୍କୁ ଟିକେଟ ଦେବା କଥା ଡାକି ଦେଇଦେଇଛି। କିନ୍ତୁ ଏଥର ଶାସକ ଦଳ ପକ୍ଷରୁ ଆଶାୟୀଙ୍କ ସଂଖ୍ୟା ଅଧିକ ହେବା ଏକ ପ୍ରକାର ସମସ୍ୟା ପାଲଟିଛି। ସେଥିଲାଗି ଦଳର ଅଧିକାଂଶ ପ୍ରାର୍ଥୀ ଶେଷ ଦିନରେ ନାମାଙ୍କନ ଦାଖଲ କରିଛନ୍ତି। ଦଳୀୟ ପ୍ରାର୍ଥୀ ସେମାନଙ୍କ ଟିକେଟ ଶାସକ ଦଳ ପକ୍ଷରୁ ନିର୍ବାଚନ ପରିଚାଳନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଅସନ୍ତୁଷ୍ଟମାନଙ୍କୁ ରୋକିବା ପାଇଁ ଦଳର ଏଭଳି ନିଷ୍ପତ୍ତି କେତେ ସଫଳ ହେବ ସେକଥା ସମୟ କହିବ। ହେଲେ ବହୁ ପୂର୍ବତନ କର୍ପୋରେଟର ଏବଂ ଆଶାୟୀ ଟିକେଟ ପାଇବାରୁ ବଞ୍ଚିତ ହେବାପରେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ସେହିପରି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ପାଖାପାଖି ପ୍ରାୟ ୧୨ଜଣ ପୂର୍ବତନ କର୍ପୋରେଟରଙ୍କ ଟିକେଟ ଦଳ ତରଫରୁ କାଟି ଦିଆଯାଇଛି। କେତେଜଣଙ୍କୁ ନୂଆମୁହଁ ଆଗକୁ ଆଣିବା ଲାଗି କଟାଯାଇଥିବା ବେଳେ ଅଧିକାଂଶଙ୍କୁ ବିଧାୟକମାନେ ଅନ୍ୟ ନେତାଙ୍କ ସହ ସମ୍ପର୍କ ରଖିବା କାରଣରୁ ଟିକେଟ ଦେଇ ନ ଥିବା ରାଜଧାନୀରେ ଜୋର୍‌ଦାର ଆଲୋଚନା ଚାଲିଛି। ଆଉ କେତେଜଣ ପୂର୍ବତନ କର୍ପୋରେଟରଙ୍କୁ ଟିକେଟ ନ ମିଳିବାରୁ ସେମାନେ ସ୍ୱାଧୀନ ଭାବେ ଠିଆ ହୋଇ ନ ଥିଲେ ମଧ୍ୟ ଅସନ୍ତୁଷ୍ଟ ତାଲିକାରେ ରହିଛନ୍ତି। ତେବେ ସେମାନଙ୍କୁ ଦଳ କିଭଳି ପୂର୍ବପରି ନିଜ ସପକ୍ଷରେ ଆଣି ଦଳୀୟ ପ୍ରାର୍ଥୀଙ୍କ ପାଇଁ କାମ କରାଇବ ତା'ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ଏହି ଅସନ୍ତୁଷ୍ଟଙ୍କୁ ଧରି ଶାସକ ଦଳ ଭୋଟ କାଟିବାକୁ ବିରୋଧୀଙ୍କ ପକ୍ଷରୁ ମଧ ଏବେଠାରୁ ରଣନୀତି ଆରମ୍ଭ ହୋଇଗଲାଣି। ତେବେ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ନେତାମାନେ କିଛି କ୍ଷତି କରିପାରିବେନି ବୋଲି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି।

ରାଜ୍ୟର ୧୮୯୯ ୱାର୍ଡରେ ୪୪୭୫ ବୁଥ୍‌ରେ ମତଦାନ ହେବ। ନାମାଙ୍କନ ତାରିଖ ଶେଷ ହୋଇଥିବା ବେଳେ ୯ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ୧୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସମୟ। ପ୍ରତ୍ୟେକ ସ୍ଥାନରେ ୩ଟି ଷ୍ଟ୍ରଙ୍ଗରୁମ୍ ରହିବ। ଆସନ୍ତା ୨୪ ତାରିଖରେ ପୌର ଭୋଟ ହେବାକୁ ଥିବା ବେଳେ ୨୬ରେ ଗଣତି।

## ଭୁବନେଶ୍ୱର ମେୟର ପଦ ପାଇଁ ନାମାଙ୍କନ





ନିର୍ବାଚନ ଅଧିକାରୀଙ୍କୁ ଭାଜପା ମେୟର ପ୍ରାର୍ଥୀ ସୁନୀତି ମୁଣ୍ଡ (ବାମ), ବିଜେଡି ପ୍ରାର୍ଥୀ ସୁଲୋଚନା ଦାସ ପ୍ରାର୍ଥିପତ୍ର ପ୍ରଦାନ କରୁଛନ୍ତି ।

**ଶେଷଦିନରେ ୭ ନାମାଙ୍କନ ଦାଖଲ**

- ଭୁବନେଶ୍ୱରବାସୀଙ୍କ ଆଶୀର୍ବାଦ ଚାହୁଁଛି: ସୁଲୋଚନା
- ଲୋକଙ୍କ ବଳ ହିଁ ମୋର ଶକ୍ତି: ସୁନୀତି

ଭୁବନେଶ୍ୱର, ୭।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ନାମାଙ୍କନର ଶେଷ ଦିନରେ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ନଜର ମେୟର ପ୍ରାର୍ଥୀଙ୍କ ଉପରେ ରହିଥିଲା। ରବିବାର କଂଗ୍ରେସର ମେୟର ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ନାମାଙ୍କନ ଦାଖଲ କରିସାରିଥିବାବେଳେ ସୋମବାର ଆଉ ୭ଜଣ ମେୟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେମାନେ ହେଲେ ବିଜେଡି ପ୍ରାର୍ଥୀ ଭାବେ ସୁଲୋଚନା ଦାସ, ଭାଜପାରୁ ସୁନିତୀ ମୁଣ୍ଡ, ପ୍ରୋଟେଷ୍ଟ ବ୍ଲକ ଇଣ୍ଡିଆରୁ ରାଜଶ୍ରୀ ବିଶ୍ୱାଳ, ବହୁଜନ ସମାଜବାଦୀ ପାର୍ଟିରୁ ସଞ୍ଜୁକ୍ତା ଜେନା, ଏସ୍‌ୟୁସିଆଇରୁ ସ୍ୱପ୍ନା ବିଜୟିନୀ, ଓଡ଼ିଶା ପିପୁଲସ୍ ପାର୍ଟିରୁ ଲକ୍ଷ୍ମୀପ୍ରିୟା ଭୋଇ ଏବଂ କଳିଙ୍ଗ ସେନା ପକ୍ଷରୁ ସ୍ମିତା ମିଶ୍ର। ତେବେ ଏହି ୬ଦିନରେ ମେୟର ପଦବୀ ପାଇଁ ମୋଟ ୩୦ଟି ଫର୍ମ ବିକ୍ରି ହୋଇଥିବାବେଳେ ୧୨ଜଣ ନାମାଙ୍କନ ଦାଖଲ କରିଛନ୍ତି।

ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଖୋଲା ଜିପ୍‌ରେ ବହୁ ସମର୍ଥକଙ୍କ ବିରାଟ ଶୋଭାଯାତ୍ରାରେ ଆସି ଏଡିଏମ୍‌ଙ୍କ ଅଫିସ୍‌ରେ ପହଞ୍ଚିଥିଲେ। ତାଙ୍କ ସହିତ ୩ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ଓ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ସୁଲୋଚନା କହିଛନ୍ତି, ଲୋକଙ୍କ ଉତ୍ସାହ ଦଳ ସହିତ ରହିଛି। ଏବେ ମୁଁ ଭୁବନେଶ୍ୱରବାସୀଙ୍କ ଆଶୀର୍ବାଦ ଚାହୁଁଛି। ପୂର୍ବରୁ ଲୋକଙ୍କ ସମର୍ଥନ ଯେଉଁଭଳି ଭାବେ ରହିଥିଲା ଆଗକୁ ମଧ ସେହିପରି ରହିବ। ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱରକୁ ନମ୍ବର ୱାନ ସହରରେ ପରିଣତ କରିବି। ସେହିପରି ଭାଜପାର ମେୟର ପ୍ରାର୍ଥୀ ସୁନୀତି ଲୋକଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରିଛନ୍ତି। ସେ କହିଛନ୍ତି, ଲୋକଙ୍କ ବଳ ହିଁ ମୋର ଶକ୍ତି। ଜନସାଧାରଣ ମୋ ଉପରେ ବିଶ୍ୱାସ ରଖିବେ ବୋଲି ମୋର ଆସ୍ଥା ଅଛି। ଅପରାଜିତା ଷଡଙ୍ଗୀ ଯେଉଁଠାରୁ କାମ ଛାଡିଛନ୍ତି ମୁଁ ମେୟର ହେବା ପରେ ସେହିଠାରୁ କାମକୁ ଆଗେଇ ନେବି। ଭୁବନେଶ୍ୱରକୁ ନମ୍ବର ୱାନ ମହାନଗର କରିବି। ଦଳ ମୋ ଉପରେ ବିଶ୍ୱାସ କରି ମତେ ଚୟନ କରିଛି। କ୍ଷମତାକୁ ଆସିବା ପରେ ସହରରେ ପରିବର୍ତ୍ତନ ଆସିବ। ବିଜେଡି ଅପେକ୍ଷା ଭାଜପା କିପରି ଲୋକଙ୍କ ପାଇଁ କାମ କରିବ ତାହା ଆଗାମୀ ଦିନ କହିବ। ନାମାଙ୍କନ ଦାଖଲ ସମୟରେ ତାଙ୍କ ସହିତ ଭାଜପାର ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ଦଳୀୟ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଟକରେ ସୁବାସ, ଶ୍ରୀତମଙ୍କ ପ୍ରାର୍ଥିପତ୍ର ଦାଖଲ

- ମାଟିର ସେବା ପାଇଁ ଲଢୁଛି: ସୁବାସ
- ଏବେ ସହରରେ ପଦ୍ମ ଫୁଟିବ: ଶ୍ରୀତମ





ସୁବାସ ସିଂ ଓ ୨– ଶ୍ରୀତମ ଦାସ ନାମଙ୍କନ ପତ୍ର ଦାଖଲ କରୁଛନ୍ତି।

କଟକ ଅଫିସ,୭।୩

କଟକ ମେୟର ପଦ ପାଇଁ ବିଜେଡି ପ୍ରାର୍ଥୀ ସୁବାସ ସିଂ ଏବଂ ଭାଜପାର ଶ୍ରୀତମ ଦାସ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୁବାସ ନିଜ ସମର୍ଥକ ଓ ଦଳୀୟ ନେତାଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ଆସି ସିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ତାଙ୍କ ସହିତ ମନ୍ତ୍ରୀ ପ୍ରତାପ ଜେନା ଏବଂ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁବାସ କହିଥିଲେ, ମୁଁ ଏଇ ମାଟିରେ ବଢ଼ିଛି, ପଢ଼ିଛି, ଲଢ଼ିଛି। ଏଇ ମାଟି ମୋତେ ପରିଚୟ ଦେଇଛି। ଆଜି ସେ ମାଟି ମୋତେ ତା'ର ସେବା କରିବା ପାଇଁ ଡାକରା ଦେଇଛି। ତା' ଆଗରେ ପାର୍ଲାମେଣ୍ଟ ମୋ ପାଇଁ ତୁଚ୍ଛ। କଟକକୁ ନୂତନ ଭାବେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ ରହିଛି। ସେହି ସ୍ୱପ୍ନକୁ ସାକାର କରିବା ଲାଗି ମୁଖ୍ୟମନ୍ତ୍ରୀ ମୋତେ କଟକର ମେୟର ପ୍ରାର୍ଥୀ କରି ଏକ ସୁଯୋଗ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ।

ସେହିପରି ଅଭିନେତାରୁ ରାଜନେତା ପାଲଟିଥିବା ଶ୍ରୀତମ ଦାସ ଭାଜପା କର୍ମୀ, ନେତା ଓ ସମର୍ଥକଙ୍କ ଗହଣରେ ବିଶାଳ ଶୋଭାଯାତ୍ରାରେ ଆସି ସିଏମ୍‌ସି କାର୍ଯ୍ୟାଳୟରେ ନିଜ ନାମାଙ୍କନପତ୍ର ଆଜି ଦାଖଲ କରିଥିଲେ। ତାଙ୍କ ସହିତ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଦିଲୀପ ମଲ୍ଲିକ, ବିନୋଦ ଦାଶ, ଲଲାଟେନ୍ଦୁ ବଡୁ ପ୍ରମୁଖ ଉପସ୍ଥିତ ଥିଲେ। ସେ କହିଥିଲେ, ସହରବାସୀଙ୍କ ସମସ୍ୟା ସହିତ ମୁଁ ଜଡ଼ିତ ରହିଆସିଛି। କଟକରେ ଭାଜପାର ବହୁ ଶୁଭେଚ୍ଛୁ ରହିଛନ୍ତି। କଟକର ନିଜସ୍ୱ ଏକ ପରିଚୟ ରହିଛି ଏବଂ ଏଠାକାର ଲୋକେ ବହୁତ ସ୍ୱାଭିମାନୀ। ଦୀପ ଲିଭିବା ପୂର୍ବରୁ ଜୋର୍‌ରେ ଜଳେ। ଏବେ ସହରରେ ପଦ୍ମ ଫୁଟିବ ଏବଂ ଆଗକୁ ଏହି ଧାରା ଜାରି ରହିବ। ଅନ୍ୟପକ୍ଷରେ ରବିବାର କଂଗ୍ରେସର ମେୟର ପ୍ରାର୍ଥୀ ଗିରିବାଳା ବେହେରା ତାଙ୍କର ନାମଙ୍କନପତ୍ର ଦାଖଲ କରିଥିଲେ।

## ବିରୋଧୀଙ୍କୁ ମିଳିଲେନି ପ୍ରାର୍ଥୀ

କାମାକ୍ଷାନଗର, ୭।୩(ଡି.ଏନ୍.ଏ.)

- ଚର୍ଚ୍ଚାରେ କାମାକ୍ଷାନଗର ଏନ୍ଏସି
- ୧୫ରୁ ମାତ୍ର ୧୧ ୱାର୍ଡରେ ପ୍ରାର୍ଥୀ ଦେଲା ଭାଜପା
- କେବଳ ୪ ୱାର୍ଡରେ କଂଗ୍ରେସର ନାମାଙ୍କନ ଦାଖଲ

ଢେଙ୍କାନାଳ ଜିଲାର ଅନ୍ୟତମ ପାୱାର କରିଡର ଭାବେ ପରିଚିତ କାମାକ୍ଷାନଗର ଏନ୍ଏସିରେ ଦୀର୍ଘ ୮ବର୍ଷ ପରେ ପୌର ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ନଜର ଅଟକିଥିଲା ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଚୟନ ଏବଂ ନାମାଙ୍କନ ଉପରେ। ହେଲେ ପ୍ରାର୍ଥିପତ୍ର ଦାଖଲର ଶେଷଦିନରେ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ସହରାଞ୍ଚଳ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ପ୍ରମୁଖ ବିରୋଧୀ କଂଗ୍ରେସ ଏବଂ ଭାଜପା ସମସ୍ତ ୧୫ ୱାର୍ଡରେ ପ୍ରାର୍ଥୀ ଦେବାରେ ସକ୍ଷମ ହୋଇନାହାନ୍ତି। ଗତ ନିର୍ବାଚନରେ ଏନ୍ଏସିର ୪ ଆସନରେ ବିଜୟୀ ହୋଇ ଦ୍ୱିତୀୟ ବୃହତ୍ତମ ଦଳ ପାଲଟିଥିବା କଂଗ୍ରେସ ଚଳିତ ଥର ମାତ୍ର ୪ଟି ୱାର୍ଡରେ ନିଜର ପ୍ରାର୍ଥୀ ଦେବା ଦଳର ନେତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନୁରୂପ ଭାବେ ଅନ୍ୟତମ ବିରୋଧୀ ଭାଜପା ମଧ କେବଳ ୧୧ ୱାର୍ଡରେ ପ୍ରାର୍ଥୀ ଦେଇପାରିଛି। ପୌର ନିର୍ବାଚନ ମୁଖ୍ୟ ଲଢ଼େଇ ପୂର୍ବରୁ ବିରୋଧୀଙ୍କ ଏଭଳି ପଛଘୁଞ୍ଚା ଶାସକ ଦଳର ଏନ୍ଏସି ଦଖଲକୁ ଆହୁରି ସହଜ କରିଦେଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଅପରପକ୍ଷରେ ବିଜେଡି ସବୁ ୱାର୍ଡରେ ପ୍ରାର୍ଥୀ ଦେଇଥିବା ବେଳେ ୧, ୬ ଏବଂ ୭ନଂ. ୱାର୍ଡରେ ଅପ୍ରତିଦ୍ୱନ୍ଦ୍ୱୀ ରହିଛି।

## ଗୋଟିଏ ସ୍ଥାନରେ ଗୃହ ରାଷ୍ଟ୍ରମନ୍ତ୍ରୀ, ଭାଜପା ପୂର୍ବତନ ମନ୍ତ୍ରୀ

**ଏକାଠି ଶାସକ, ବିରୋଧୀ**

ଜୁନାଗଡ,୭।୩(ଡି.ଏନ.ଏ.)

ନିର୍ବାଚନ ସମୟ ଆସିଲେ ଭାଜପା ଓ ବିଜେଡି ମଧ୍ୟରେ ବିଭିନ୍ନ ଘଟଣାକୁ ନେଇ ଆରୋପ, ପ୍ରତ୍ୟାରୋପ ଲାଗିରହେ। ଏପରିକି ବିଜେଡି ଓ ଭାଜପା ନେତାଙ୍କ ମଧ୍ୟରେ କଥା କଟାକଟି ମଧ୍ୟ ହୁଏ। କଳାହାଣ୍ଡି ଜିଲାରେ ମମିତା ମେହେର ହତ୍ୟା ଘଟଣାକୁ ନେଇ ଉଭୟ ଭାଜପା ଓ ବିଜେଡି ମଧ୍ୟରେ ଏଭଳି ଦେଖିବାକୁ ମିଳିଥିଲା। ଏହି ଘଟଣାରେ ଭାଜପା ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେରଙ୍କ ସମେତ ଅନେକ ଦଳୀୟ ନେତା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବିରୋଧ କରିବା ସହ ତାଙ୍କ ଇସ୍ତଫା ଓ ଗିରଫ ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ସୋମବାର ଜୁନାଗଡ ଏନ୍ଏସି କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲର ଶେଷଦିନରେ ଏକ ଦୃଶ୍ୟକୁ ଦେଖିଲେ ମନେହୁଏ ନାହିଁ ଭାଜପା ଓ ବିଜେଡି ନେତାଙ୍କୁ ବିରୋଧୀ ଭଳି। ଗୋଟିଏ ସ୍ଥାନରେ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ର, ଭାଜପା ପୂର୍ବତନ ମନ୍ତ୍ରୀ ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମେହେର, ଜୁନାଗଡ ଏନ୍ଏସି ଅଧ୍ୟକ୍ଷ ପ୍ରାର୍ଥୀ ମୁକେଶ ଅଗ୍ରୱାଲ ପ୍ରମୁଖ ବସିଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀ ମିଶ୍ର ବେଶ୍ ଉତ୍ସାହର ସହ ଭାଜପା ନେତାଙ୍କ ସହ ହସି ହସି କଥା ହେଉଥିବା ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ଶାସକ ଓ ବିରୋଧୀ ନେତାଙ୍କୁ ନେଇ ଜିଲାରେ ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।



ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର ଓ ଅନ୍ୟମାନେ।

## 'ଭୋଟ ବିକ୍ରି ନ କରିବାକୁ ବସ୍ତିବାସିନ୍ଦାଙ୍କୁ ଅନୁରୋଧ'

**୫ ସମସ୍ୟା ନେଇ ମହାନଗର ନିର୍ବାଚନକୁ ଓହ୍ଲାଇବ ଭାଜପା**

ଭୁବନେଶ୍ୱର, ୭।୩(ବ୍ୟୁରୋ)

ପୌର ନିର୍ବାଚନ ପୂର୍ବରୁ ହାତଯୋଡି ଭୋଟ ନ ବିକିବା ଲାଗି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି। ସାଢେ ୪ ଶହ ବସ୍ତିରେ ରହୁଥିବା ବାସିନ୍ଦାଙ୍କୁ ସେ କହିଛନ୍ତି, କେହି ଭୋଟ ବିକନ୍ତୁ ନାହିଁ। ବିକାଶ ଲାଗି କାମ କରିବା। ଯିଏ ବିକାଶ କରିପାରିବ ତାକୁ ଭୋଟ ଦେଇ ବାଛନ୍ତୁ। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବା ପରେ ଅପରାଜିତା କହିଛନ୍ତି, ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରଦର୍ଶନ ବହୁତ ଖରାପ ହୋଇଛି। ଓଡ଼ିଶା ସାରା ଏମିତି ପରାଜୟ ହେବ ବୋଲି ଭାବି ନ ଥିଲୁ। ଏହାର କାରଣ ଭିନ୍ନ ରହିଛି। କିନ୍ତୁ ପଞ୍ଚାୟତ ନିର୍ବାଚନର ପ୍ରଭାବ ପୌର ନିର୍ବାଚନରେ ପଡିବ ନାହିଁ। କାରଣ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର(ଖୋର୍ଦ୍ଧା, ଜଟଣୀ ମ୍ୟୁନିସିପାଲିଟି ଓ ଭୁବନେଶ୍ୱର ମହାନଗର ନିଗମ)ରେ ଅଦ୍ଭୁତ ଉତ୍ସାହ ଦେଖିବାକୁ ପାଇଛି। ସବୁ ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ସମସ୍ତେ ଲଢ଼ିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ୫ଟି ପ୍ରସଙ୍ଗରେ ଲୋକଙ୍କ ନିକଟକୁ ଯିବୁ। ସେଗୁଡିକ ହେଉଛି ଡ୍ରେନେଜ, ବସ୍ତି, ଭେଣ୍ଡିଂ ଜୋନ୍, ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା। ଭୁବନେଶ୍ୱରରେ ସାଢେ ୪ ଶହରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ବସ୍ତିରେ ବାସ କରୁଥିବା ଲୋକଙ୍କ ଜୀବନଧାରଣର ମାନ ଯେମିତି ହେବା କଥା ତାହା ହୋଇନାହିଁ। ବସ୍ତିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଡ୍ରେନେଜ୍ ଉପରେ ଧ୍ୟାନ ଦେବା ସହ ଏହାକୁ ସହରାଞ୍ଚଳ ସହିତ ମିଶାଇବାର ଥିଲା। ହେଲେ ତାହା ହୋଇପାରିଲା ନାହିଁ। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନାହିଁ। ହଜାର ହଜାର ଉଠା ଦୋକାନୀ ଜବରଦଖଲ କରିଅଛନ୍ତି। ଜବରଦଖଲ ଉଚ୍ଛେଦ କରିବା ପୂର୍ବରୁ ପ୍ରଥମେ ସେମାନଙ୍କୁ ଥଇଥାନ କରିବାର ଥିଲା। ସୌନ୍ଦର୍ଯ୍ୟକରଣ ସହରର ଗଳିକନ୍ଦିରେ ହେବା ଜରୁରୀ। ମହାନଗରକୁ ପ୍ରଥମେ ସୁରକ୍ଷିତ ସହର କରିବା କଥା ବୋଲି ସେ କହିଛନ୍ତି।

## ଇସ୍ରାଏଲ ଏୟାର ଷ୍ଟ୍ରାଇକ୍‌ରେ ୨ ମୃତ

**ଡାମାସ୍କସ୍:** ସିରିଆ ମିଲିଟାରି ଶିବିର ଉପରକୁ ଇସ୍ରାଏଲ ଆକାଶ ମାର୍ଗରୁ ମିଶାଇଲ୍ ଆକ୍ରମଣ କରିବା ଦ୍ୱାରା ୨ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ସିରିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଆକ୍ରମଣ ପୂର୍ବରୁ ଲେବାନନରେ ଇସ୍ରାଏଲର ଯୁଦ୍ଧ ବିମାନ ପରିକ୍ରମା କରୁଥିବାର ଦେଖାଯାଇଥିବା ମନ୍ତ୍ରଣାଳୟ କହିଛି। ଏ ନେଇ ଇସ୍ରାଏଲ୍ ପକ୍ଷରୁ କୌଣସି ମନ୍ତବ୍ୟ ପ୍ରକାଶ ପାଇନାହିଁ। ଦୁଇ ସପ୍ତାହ ପୂର୍ବେ ଇସ୍ରାଏଲ ମିଲିଟାରି ଡମସ୍କସ ଉପରକୁ ଆକ୍ରମଣ କରିବା ଫଳରେ ୩ ଜଣ ସିରିଆ ସୈନ୍ୟଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ୯ରେ ଅଭିଯୋଗ ଶୁଣାଣି, ପେନ୍‌ସନ ଅଦାଲତ

ଭୁବନେଶ୍ୱର,୭।୩(ବ୍ୟୁରୋ)- ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ଓ ସାଧାରଣ ଭବିଷ୍ୟନିଧି ପାଣ୍ଠି ଅଭିଯୋଗ ସମ୍ବନ୍ଧୀୟ ସ୍ୱତନ୍ତ୍ର ଶୁଣାଣି ଓ ପେନସନ ଅଦାଲତ ଅନୁଷ୍ଠିତ ହେବ। ଆସନ୍ତା ୯ ତାରିଖରେ ମହାଲେଖାକାର ବିଭୁଦତ୍ତ ବସନ୍ତିଆଙ୍କ ଅଧକ୍ଷତାରେ ଏଜି ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଶୁଣାଣି ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ଯାଏ ଚାଲିବ। ଯେଉଁ ଅବସର କର୍ମଚାରୀଙ୍କର ପେନସନ ଓ ସାଧାରଣ ଭବିଷ୍ୟନିଧି ପାଣ୍ଠି ସମ୍ପର୍କିତ ଅଭିଯୋଗ ଅଛି ସେମାନେ ଆବଶ୍ୟକ କାଗଜପତ୍ର ସହ ଉକ୍ତ ଦିନ ଆବେଦନ କରିପାରିବେ। ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ସୁଶୀଲ କୁମାର ମିଶ୍ର(ମୋବାଇଲ ନଂ.- ୯୪୮୮୦୩୮୩୪୩)ଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଏଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଇବ୍ ନଦୀରେ ବୁଡ଼ି ଯୁବକ ମୃତ

ସୁନ୍ଦରଗଡ଼,୭।୩(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଘୋଘର ନିକଟ ଇବ୍ ନଦୀର କନାକୁଣ୍ଡ ଘାଟରେ ସୋମବାର ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକ ଜଣକ ବିହାର ପାଟନାର ରୂପେଶ କୁମାର (୩୦)। ସେ ଝାରସୁଗୁଡ଼ା ଭୂଷଣ ଷ୍ଟିଲପ୍ଲାଣ୍ଟରେ କାମ କରୁଥିଲେ। ରୂପେଶ ଅନ୍ୟ ଦୁଇ ସାଙ୍ଗଙ୍କ ସହ ଦୁଇଟି ବାଇକ୍‌ରେ ବୁଲିବା ପାଇଁ ଯାଇଥିଲେ। ଅନ୍ୟ ଦୁଇ ସାଙ୍ଗ ପଥରରେ ପାରିହୋଇ ଗୋଟିଏ ପାର୍ଶ୍ୱରୁ ଆରପଟକୁ ଚାଲିଗଲା ପରେ ରୂପେଶ ଆରପଟକୁ ଯିବାପାଇଁ ଚେଷ୍ଟା କରିଥିଲେ। ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ସେ ପହଁରିବା ଜାଣି ନ ଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜି ମୃତଦେହ ଜବତ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜାନୁୟାରୀରେ ପିକ୍‌ନିକ୍ କରିବା ପାଇଁ ଆସି ରାଜଗାଙ୍ଗପୁର ଅଞ୍ଚଳର ଜଣେ ଯୁବତୀଙ୍କର ଗୋଡ଼ ଖସିଯାଇ ସେହି ସ୍ଥାନରେ ବୁଡ଼ି ମୃତ୍ୟୁ ଘଟିଥିଲା।

### ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ ୨ମୃତ, ୧୩ଗୁରୁତର

ଡୁଙ୍ଗୁରିପାଲି, ୭।୩ (ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ ବଡକର୍ଲେ ଗାଁ ନିକଟରେ ଭାରସାମ୍ୟ ହରାଇ ଏକ ବରଯାତ୍ରୀ ଗାଡ଼ି ରବିବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବରଗଡ଼ ସଦର ଥାନା ମାଲିପାଲିର ବିରଞ୍ଚି ମଲ୍ଲିକ (୫୦) ଏବଂ ବରପାଲି ଥାନା ଗ୍ରୀନଡୋଲା ଗାଁର ଜିତେନ୍ଦ୍ର ବାଗ(୨୫)। ଏମାନେ ବରଗଡ଼ ଜିଲା ବରପାଲି ଥାନା ଗଣ୍ଡିଆପାଲି ଗାଁରୁ ସୁବର୍ଣ୍ଣପୁର ଜିଲା ଖଲିଆପାଲି ଗାଁକୁ ବରଯାତ୍ରୀଭାବେ ଆସିଥିଲେ। ଭୋଜି ଖାଇ କ୍ରୁଜର ଗାଡି( ଓଡି୧୫-କ୍ୟୁ-୫୩୬୬)ରେ ଫେରୁଥିବା ବେଳେ ରାସ୍ତାପାର୍ଶ୍ୱସ୍ଥ ଏକ ଗଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଆହତମାନଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ରଞ୍ଜିତ ବାଗ, ରବି ପଧାନ ଓ ପଞ୍ଚାନନ ବାଗଙ୍କୁ ବରଗଡ଼ ଡାକ୍ତରଖାନା ପଠାଯାଇଛି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିନା କଟକଣାରେ ହେବ ପ୍ରଚାର

**ପୌର ନିର୍ବାଚନ**

- କୋଭିଡ ବଢ଼ିଲେ କଟକଣା ଲାଗିବ
- ୧୮୯୯ ୱାର୍ଡରେ ହେବ ମତଦାନ
- ୪୨ ଲକ୍ଷ ଭୋଟର ବାଛିବେ ପ୍ରତିନିଧି

ଭୁବନେଶ୍ୱର,୭।୩(ବ୍ୟୁରୋ)


ଆଦିତ୍ୟ ପ୍ରସାଦ ପାଢ଼ୀ

ଚଳିତ ପୌର ନିର୍ବାଚନ ପ୍ରଚାରରେ କୌଣସି କୋଭିଡ କଟକଣା ରହିବ ନାହିଁ । ପ୍ରାର୍ଥୀମାନେ ପୂର୍ବରୁ ଯେମିତି ପ୍ରଚାର କରୁଥିଲେ ସେଭଳି ପ୍ରଚାର କରିପାରିବେ। ରାଜ୍ୟରେ କୋଭିଡ୍ ସଂକ୍ରମଣ କମୁଥିବାରୁ ରାଜ୍ୟ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ଯଦି ଆଗକୁ ସଂକ୍ରମଣ ବୃଦ୍ଧି ପାଏ ତେବେ କଟକଣା ନେଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଏଥର ମୋଟ ୧୮୯୯ଟି ୱାର୍ଡରେ ପୌର ନିର୍ବାଚନ ହେବ। ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୭୩୧ ୱାର୍ଡ ଏବଂ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ୩ ମହାନଗରର ୧୬୮ଟି ୱାର୍ଡରେ ଭୋଟ ଗ୍ରହଣ ହେବ। ଏଥିପାଇଁ ୪୪୭୫ଟି ବୁଥ କରାଯିବ। ୪୨ ଲକ୍ଷ ଭୋଟର ଚଳିତ ପୌର ନିର୍ବାଚନରେ ନିଜର ମତଦାନ ସାବ୍ୟସ୍ତ କରିବେ।

ପୌର ନିର୍ବାଚନ ପାଇଁ ସୋମବାର ନାମାଙ୍କନ ଦାଖଲ ଶେଷ ହୋଇଛି। ମାର୍ଚ୍ଚ ୯ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଆସନ୍ତା ୧୪ ତାରିଖ ଦିନ ୩ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ। ନିର୍ବାଚନ ଇଭିଏମ୍‌ରେ ହେଉଥିବାରୁ ୩ଟି ଷ୍ଟ୍ରଙ୍ଗରୁମ୍ ବ୍ୟବସ୍ଥା ହୋଇଛି। ଗୋଟିଏ ଷ୍ଟ୍ରଙ୍ଗରୁମ୍‌ରେ କାଉନ୍‌ସିଲର କିମ୍ବା କର୍ପୋରେଟରଙ୍କ ପାଇଁ ଭୋଟଗ୍ରହଣ ହୋଇଥିବା ଇଭିଏମ୍ ରଖାଯିବ। ଅନ୍ୟ ଷ୍ଟ୍ରଙ୍ଗରୁମରେ ମେୟର ଓ ଚେୟାରମ୍ୟାନଙ୍କ ପାଇଁ ଭୋଟଗ୍ରହଣ ହୋଇଥିବା ଇଭିଏମ୍ ରଖାଯିବ। ତୃତୀୟ ଷ୍ଟ୍ରଙ୍ଗରୁମରେ ରିଜର୍ଭ ଇଭିଏମକୁ ରଖାଯିବ ବୋଲି ନିର୍ବାଚନ କମିଶନର ସୂଚନା ଦେଇଛନ୍ତି । ପୌର ନିର୍ବାଚନରେ ଜଣେ ପ୍ରିଜାଇଡିଂ ଅଫିସରଙ୍କ ସହ ୪ ଜଣ ପୋଲିଂ ଅଧିକାରୀଙ୍କୁ ନିୟୋଜିତ କରାଯିବ।


ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଲମ୍ଫାଧାଡ଼ି।

# ଶ୍ରୀମନ୍ଦିରରେ ରକ୍ତଛିଟା

- ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ
- ନୀତି ବିଳମ୍ବ ଯୋଗୁ ଖରାରେ ସିଝିଲେ ଶ୍ରଦ୍ଧାଳୁ

ପୁରୀ ଅଫିସ, ୭।୩

ଶ୍ରୀମନ୍ଦିରରେ ସୋମବାର ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ସମ୍ପନ୍ନ ହୋଇ ବେଶ ପ୍ରାୟ ସରିଥିଲା। ପ୍ରାୟ ୭ଟା ୫୦ ମିନିଟ୍‌ରେ ପାଳିଆମାନେ ଶ୍ରୀବିଗ୍ରହମାନଙ୍କୁ ମାଳଲାଗି କରିବା ନିମନ୍ତେ ରତ୍ନସିଂହାସନ ଉପରେ ଥିବାବେଳେ ହଠାତ୍ ଶ୍ରୀମନ୍ଦିର ଚାଙ୍ଗଡ଼ା ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ପାଇଥିଲେ। ଫଳରେ ସଙ୍ଗେସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ବଡ଼ ମହାସ୍ନାନ ସହ ଧୂଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ୯ଟା ୦୫ରେ ମେକାପ ରତ୍ନସିଂହାସନ ଧୋଇଥିଲେ। ୯ଟା ୪୦ରେ ବଡ଼ ମହାସ୍ନାନ ନୀତି ସରିବା ପରେ ଅନ୍ୟାନ୍ୟ ନୀତି ଆଗେଇଥିଲା। ଏଥିଲାଗି ପ୍ରାୟ ୧ଘଣ୍ଟା ୩୦ ମିନିଟ୍ ବିଳମ୍ବ ହୋଇଥିଲା। ତେବେ ବଡ଼ ମହାସ୍ନାନ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଘଣ୍ଟା ଘଣ୍ଟା ଧରି ଖରାରେ ଠିଆହୋଇ ରହିବାକୁ ପଡ଼ିଥିଲା। ପ୍ରବଳ ଭିଡ଼ ହୋଇଥିବାବେଳେ ନୀତି ବିଳମ୍ବ ଯୋଗୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ରତ୍ନସିଂହାସନ ଆଗରେ ଯଦି କୌଣସି ଭକ୍ତ ବା ସେବାୟତ ପଡ଼ି ଆହତ ହେବା ବେଳେ ରକ୍ତ ପଡ଼ିଥାଏ, କେହି ବାନ୍ତି କରିଦିଏ, ପରିଶ୍ରା ଆଦି କରିଥିବାର ଦେଖାଯାଏ ବା ନୀତି ସମୟରେ ମହାପ୍ରଭୁଙ୍କୁ କେହି ସ୍ପର୍ଶ କରନ୍ତି ତେବେ ମହାପ୍ରଭୁଙ୍କ ସମସ୍ତ ନୀତି ସ୍ଥଗିତ ରଖାଯାଇ ମହାସ୍ନାନ ନୀତି କରାଯାଇଥାଏ। ସେହିପରି ପୋଖରିଆ ଭିତରେ ଏପରି କୌଣସି ଘଟଣା ଘଟିଲେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଥାଏ। ପରେ ପୁଣି ଦୈନିକ ନୀତିକାନ୍ତି ଆଗେଇଥାଏ।

## ହାର୍ଡକୋର ମାଓବାଦୀ ରାମୁଙ୍କ ଆତ୍ମସମର୍ପଣ

ମାଲକାନଗିରି,୭।୩ (ଡି.ଏନ୍.ଏ.)


ଆତ୍ମସମର୍ପଣ କରିଥିବା ହାର୍ଡକୋର ମାଓବାଦୀ ରାମୁ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲା ଏସ୍‌ପିଙ୍କ ନିକଟରେ ସୋମବାର ଜଣେ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜଗଦଲପୁର ପୋଲିସ ନିର୍ଦ୍ଦେଶକ ସୁନ୍ଦରରାଜ ପି., ପୋଲିସ ଉପ ମହାନିରୀକ୍ଷକ ୟୋଜ୍ଞାନ ସିଂ, ସୁକୁମା ଏସ୍‌ପି ସୁନୀଲ ଶର୍ମା, ୧୫୦ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ରାଜେଶ ଯାଦବଙ୍କ ଉପସ୍ଥିତିରେ ସେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ସୁରପନଗୁଡା ଆର୍‌ପିସି ସଦସ୍ୟ ମଡକମ ରାମୁ। ମାଓବାଦୀ ସଙ୍ଗଠନରେ ଥିବା ବେଳେ ସେ ବହୁ ମାଓବାଦୀ ହିଂସାରେ ଜଡିତ ଥିଲେ। ପୋଲିସ ଉପରେ ଆକ୍ରମଣ, ରାସ୍ତା କାମରେ ନିୟୋଜିତ ଗାଡି ପୋଡି ଭଳି ବହୁ ହିଂସାରେ ସାମିଲ ଥିଲେ। ଏବେ ମାଓବାଦୀଙ୍କ ପୂର୍ବ ଆଦର୍ଶ ନ ଥିବା ଏବଂ ମାଓବାଦୀ ନେତାମାନେ ଅତ୍ୟାଚାର କରୁଥିବାରୁ ରାମୁ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ ମାଓବାଦୀଙ୍କ ଆତ୍ମସମର୍ପଣ ଥଇଥାନ ନୀତିରେ ସେ ଅନୁପ୍ରାଣିତ ହୋଇ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ଶର୍ମା କହିଛନ୍ତି ଯେ, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତିରେ ଅନ୍ତର୍ଭୁକ୍ତ କରାଯାଇ ତାଙ୍କୁ ସରକାରଙ୍କ ରହିଥିବା ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ।

## ନକଲି ସୁନା ବନ୍ଧକ ଦେଇ ବ୍ୟାଙ୍କରୁ ଟଙ୍କା ଠକେଇ

ସୋନପୁର, ୭।୩(ନି. ପ୍ର )

ବ୍ୟାଙ୍କ ଅଫ ବରୋଦା ସୋନପୁର ଶାଖାରେ ନକଲି ସୁନା ବନ୍ଧକ ଦେଇ ପ୍ରାୟ ୧୦ ଲକ୍ଷ ୬୯ ହଜାର ଟଙ୍କା ଠକେଇ ହୋଇଥିବା ସଦର ଟାଉନ ଥାନାରେ ଅଭିଯୋଗ ହୋଇଛି। ବରଗଡ ଜିଲା ରିଷିଡା ଗାଁର ହରିଚରଣ ପୋଢ ବ୍ୟାଙ୍କର ସୁନାରି ଜୟନାରାୟଣ ମହାରଣାଙ୍କ ସହଯୋଗରେ ଠକେଇ କରିଛନ୍ତି। ଏ ନେଇ ବ୍ୟାଙ୍କ ଅଫ ବରୋଦାର ମ୍ୟାନେଜର ଲିଖିତ ଅଭିଯୋଗ କରିଛନ୍ତି। ହରିଚରଣ ଗତ ୧୦ ଜୁନ ୨୦୧୯ରୁ ୨୦ ମେ ୨୦୨୧ ଭିତରେ ସୁନା ବନ୍ଧକ ଦେଇ ୧୬ଥର ଟଙ୍କା ନେଇଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ସୁନା ବନ୍ଧକ ଅଡିଟ କରିବା ସମୟରେ ଏହି ଘଟଣା ଜଣାପଡ଼ିଛି। ବ୍ୟାଙ୍କ ଅଡିଟ ଟିମ୍ ନୂତନ ସୁନାରିଙ୍କୁ ଡାକି ସୁନା ସବୁ ପରଖିବା ସହିତ ସୁନା ବନ୍ଧକ ଦେଇ ନେଇଥିବା ଟଙ୍କାର ଅଡିଟ କରିଥିଲେ । ତେବେ ହରିଚରଣ ଟଙ୍କା ନେବା ଭିତରେ ଦୁଇ ଜଣ ବ୍ୟାଙ୍କ ମ୍ୟାନେଜର ତାଙ୍କୁ ଟଙ୍କା ଦେଇଥିବା ସୂଚନା ମିଳିଛି । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ଏକ ଠକେଇ ମାମଲା ସୋନପୁର ଥାନାରେ ରୁଜୁ ହୋଇଛି। ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଏହି ଠକେଇ ମାମଲାର ତଦନ୍ତ ଚାଲିଛି। ଏହି ଘଟଣାରେ ବ୍ୟାଙ୍କର ଆଉ କେଉଁ କର୍ମଚାରୀ ସମ୍ପୃକ୍ତ ଅଛନ୍ତି ତା'ର ଅନୁସନ୍ଧାନ ଜାରି ରହିଛି।

## ବାଘଛାଲ ଜବତ: ୩ ଶିକାରୀ ଗିରଫ

ଦେବଗଡ଼, ୭।୩ (ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଚୁହିଲାମାଲ ଜଙ୍ଗଲ ନିକଟରୁ ଦେବଗଡ଼ ପୋଲିସର ସ୍ୱେଶାଲ ସ୍କ୍ୱାଡ୍ ସୋମବାର ଏକ ବାଘଛାଲ ଜବତ କରିବା ସହ ୩ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବାଘଛାଲ ସହ ଏକ ଭୁଜାଲି ଓ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ରିଆମାଳ ଥାନା ଅନ୍ତର୍ଗତ ଜଡ଼ାଗୋଲା ଗ୍ରାମର ପତି ବେହେରା, କାଇଁସର ଗ୍ରାମର ଟିକେଇ ବେହେରା ଓ ରାଜନ ନାଏକ।

ବାଘଛାଲ ବିକ୍ରି ପାଇଁ ଯୋଜନା ଚାଲିଥିବା ସମ୍ପର୍କରେ ଦେବଗଡ଼ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସ୍ୱେଶାଲ ସ୍କ୍ୱାଡ୍‌ର କର୍ମଚାରୀ ଗ୍ରାହକ ବେଶରେ ଚୁହିଲାମାଲ ଜଙ୍ଗଲ ନିକଟକୁ ବାଘଛାଲ କିଣିବାକୁ ଯାଇଥିଲେ। ବାଘଛାଲ ବିକ୍ରି କରିବାକୁ ଆସିଥିବା ଉକ୍ତ ୩ବ୍ୟକ୍ତିଙ୍କୁ କାବୁ କରିଥିଲେ ବୋଲି ଆଦର୍ଶ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ମହାପାତ୍ର, ଡିଆଇବି ଡିଏସ୍‌ପି ପ୍ରଦୀପ କୁମାର କେରକେଟା, ଦେବଗଡ଼ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ରିଆମାଳ ଥାନା ଅଧିକାରୀ ଲଳିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ବାଘଛାଲ ସହ ୩ ଅଭିଯୁକ୍ତ ଓ ପୋଲିସ କର୍ମଚାରୀ।

## ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଝାରସୁଗୁଡ଼ା ଅଫିସ,୭।୩

ସ୍ତ୍ରୀ ହତ୍ୟା ମାମଲାର ବିଚାରକରି ଝାରସୁଗୁଡ଼ା ଜିଲା ଦୌରାଜଜ୍ ସତ୍ୟବ୍ରତ ମିଶ୍ର ସୋମବାର ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ସ୍ୱାମୀ ହେଲେ ଝାରସୁଗୁଡ଼ା ସେଲ୍‌ଟ୍ୟାକ୍ସ କାର୍ଯ୍ୟାଳୟର ଅବସରପ୍ରାପ୍ତ ପିଅନ ଗୋବିନ୍ଦ ଖାଡି। ତାଙ୍କୁ ୩୦୨ ଦଫାରେ ଆଜୀବନ କାରାଦଣ୍ଡ ଓ ୨୦୨ଦଫାରେ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୩ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟରେ ପ୍ରକାଶ ପାଇଛି । ୧୬ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାରକରି ବିଚାରପତି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ସରକାରଙ୍କ ତରଫରୁ ଅତିରିକ୍ତ ପିପି ଗଙ୍ଗାଧର ଗଡ଼ନାୟକ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୨୦୧୪ ମେ ୨୩ରେ ଗୋବିନ୍ଦ ସ୍ତ୍ରୀ ଲକ୍ଷ୍ମୀ ପ୍ରଧାନଙ୍କୁ ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ବଢ଼େଇମୁଣ୍ଡାର ଏକ ପରିତ୍ୟକ୍ତ ଘରେ ନିଆଁ ଲଗାଇ ମୃତଦେହ ପୋଡ଼ିଦେଇଥିଲେ । ଏହା ଜଣାପଡିବା ପରେ ପୋଲିସ ଝାରସୁଗୁଡ଼ା ଟାଉନ ଥାନା କେସ୍ ନଂ.୨୦୮/୧୪ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ସେତେବେଳେ ଗିରଫକରି କୋର୍ଟ ଚାଲାଣ କରିଥିଲା ।

## ୧୦ ଦିନ ଧରି ୭ ଜିଲାରେ ହେବ ଫାଇଲେରିଆ ନିରୋଧୀ ଅଭିଯାନ

ଭୁବନେଶ୍ୱର, ୭।୩(ବ୍ୟୁରୋ)

ଲିମ୍ଫାଟିକ ଫାଇଲେରିଆସିସ୍‌ର ନିରାକରଣ ଦିଗରେ କୌଣସି ପ୍ରୟାସ ହାତଛଡ଼ା ନ କରିବାକୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରତିଶ୍ରୁତିବଦ୍ଧ। ୨୦୨୨ ମାର୍ଚ୍ଚ ୭ରେ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିସ୍ ସହିତ ମିଶି ସ୍ୱାସ୍ଥ୍ୟ ବିଭାଗ ଓଡ଼ିଶାର ୭ ଜିଲାରେ ସାମୂହିକ ଔଷଧ ସେବନ (ଏମ୍‌ଡିଏ) ପର୍ଯ୍ୟାୟଗୁଡିକର ଶୁଭାରମ୍ଭ କରିଛନ୍ତି। ଏହି ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକର୍ମୀମାନେ ବରଗଡ, କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଆଦି ୭ ଜିଲାରେ ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଘରକୁ ଘର ପହଞ୍ଚିବେ।

ଏମ୍‌ଡିଏ ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ଯୋଗ୍ୟ ହିତାଧିକାରୀ ଯେଭଳି ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରାଯିବ। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଏବଂ ଗୁରୁତର ଅସୁସ୍ଥ ଥିବା ଲୋକଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତେ ଧାର୍ଯ୍ୟ ମାତ୍ରାର ଔଷଧ ସେବନ କରିବା ଆବଶ୍ୟକ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ''ଏମ୍‌ଡିଏ ପର୍ଯ୍ୟାୟଗୁଡିକୁ ସଫଳ କରିବା ନିମନ୍ତେ ଗୋଷ୍ଠୀ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି। ''ଜନସାଧାରଣ ନିଜକୁ ଏବଂ ସେମାନଙ୍କ ପରିବାରକୁ ଫାଇଲେରିଆରୁ ସୁରକ୍ଷିତ ରଖିବା ସକାଶେ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଔଷଧ ସେବନ କରିବା ଅନିବାର୍ଯ୍ୟ।'' ଫାଇଲେରିଆରେ ଆକ୍ରାନ୍ତ ରୋଗୀଙ୍କୁ ଆମ୍ଭେମାନେ ସାମାଜିକ ସମର୍ଥନ ଯୋଗାଇ ଦେବାର ଆବଶ୍ୟକତା ରହିଛି। ପ୍ରାୟ ୩୬୧୭୨ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୩୮୮୬ ସୁପରଭାଇଜରଙ୍କୁ ୭ ଜିଲାରେ ନିୟୋଜିତ କରାଯାଇଛି। ଏହି ଜିଲାଗୁଡିକରେ ଧାର୍ଯ୍ୟଲକ୍ଷ୍ୟ ହିତାଧିକାରୀଙ୍କ ସଂଖ୍ୟା ୧,୦୭,୩୯,୨୭୪ ରହିଛି।

## ନିଶାବେପାରୀ ଅନିଲ ପାଣ୍ଡିଙ୍କ ୨ କୋଟିର ସମ୍ପତ୍ତି ଜବତ

- ବାଜ୍ୟାପ୍ତି ପାଇଁ ଚିଠି ଲେଖିଲା ଏସ୍‌ଟିଏଫ୍
- ୱାଣ୍ଟେଡ୍, ପୁରସ୍କାର ଘୋଷଣା ସତ୍ତ୍ୱେ ୭ମାସ ଫେରାର

ଭୁବନେଶ୍ୱର,୭।୩(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଫେରାର ଥିବା ନିଶାବେପାରୀ ଅନିଲ ପାଣ୍ଡିଙ୍କ ସମ୍ପତ୍ତିକୁ ଜବତ କରିଛି। ଜବତ ସମ୍ପତ୍ତିରେ କୋଲକାତାରେ ସୁଇମିଂପୁଲ୍ ସହ ୩ ମହଲା କୋଠା ଓ ୩୩ଟି ପ୍ଲଟ୍ ରହିଛି। ଏହାକୁ ବାଜ୍ୟାପ୍ତି ପାଇଁ ଏସ୍‌ଟିଏଫ୍ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖାକୁ ଚିଠି ଲେଖିଛି। ଅନୁମତି ମିଳିବା ପରେ ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ଶୁକ୍ରବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଅଭିଯୁକ୍ତ ଅନିଲଙ୍କ ଘର ଗଞ୍ଜାମ ଜିଲା ଦିଗାପୋଦା ଥାନା ଅନ୍ତର୍ଗତ ଜଗନ୍ନାଥପୁରରେ। ସେ ଜଣେ ଆନ୍ତଃରାଜ୍ୟ ନିଶା ବେପାରୀ। ବିଭିନ୍ନ ରାଜ୍ୟରେ ବ୍ରାଉନସୁଗାର, ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ କାରବାର କରନ୍ତି। ତାଙ୍କ ଭାଇ ମଧ ଏହି କାରବାରରେ ସମ୍ପୃକ୍ତ ଥିବାବେଳେ ସେମାନଙ୍କ ନାମରେ ଗୁଜରାଟ ଓ ଓଡ଼ିଶାରେ ଏକାଧିକ ନିଶା କାରବାରଜନିତ ମାମଲା ରହିଛି। ପୂର୍ବରୁ ଅନିଲଙ୍କ ଭାଇଙ୍କୁ ଗୁଜରାଟ ପୋଲିସ ଗିରଫ କରିଥିଲା। ତେବେ ଅନିଲଙ୍କୁ ଧରିବାକୁ ଏସ୍‌ଟିଏଫ୍ ଗତ ଡିସେମ୍ବର ୨ରେ ୱାଣ୍ଟେଡ୍ ଘୋଷଣା କରିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ଦିଆଯିବ ବୋଲି କହିଥିଲା। ତେବେ ଗୁଜରାଟ ଓ ମହାରାଷ୍ଟ୍ରରେ ଅନିଲଙ୍କ ବିପୁଳ ସମ୍ପତ୍ତି ଥାଇପାରେ। ତେଣୁ ଗୁଜରାଟ ପୋଲିସ ସହ ଯୋଗାଯୋଗ ରଖାଯାଇଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# ଚାଉଳ ସଂଗ୍ରହରେ ଏଫ୍‌ସିଆଇର ବିଳମ୍ବ

- ଭିଟାମିନ୍‌ଯୁକ୍ତ ଚାଉଳରେ ଥିଲା ସମସ୍ୟା
- ଡିସେମ୍ବର ପରିବର୍ତ୍ତେ ଫେବୃୟାରୀରୁ ହୋଇଛି ଆରମ୍ଭ
- ପ୍ରଭାବିତ ହୋଇପାରେ ରବିଧାନ ସଂଗ୍ରହ

ସମ୍ବଲପୁର,୭।୩(ବ୍ୟୁରୋ)

ସମ୍ବଲପୁର ଜିଲା ସମେତ ସମଗ୍ର ରାଜ୍ୟରେ ଜାନୁୟାରୀରୁ ଖରିଫ ଧାନ ସଂଗ୍ରହ ଶେଷ ହୋଇଛି। ହେଲେ ଚାଉଳ ସଂଗ୍ରହରେ ଏଫ୍‌ସିଆଇ ପ୍ରାୟ ଅଢ଼େଇମାସ ବିଳମ୍ବ କରିଛି। ଡିସେମ୍ବର ବଦଳରେ ଫେବୃୟାରୀ ୨୦ ଠାରୁ ସଂଗ୍ରହ ଆରମ୍ଭ ହୋଇଛି। ଏହାଦ୍ୱାରା ସମଗ୍ର ପଶ୍ଚିମ ଓଡ଼ିଶାରେ ମିଲର୍ସ ପ୍ରଭାବିତ ହୋଇଥିବା ବେଳେ ସମ୍ବଲପୁର ଏଫ୍‌ସିଆଇ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ବରଗଡ଼ ଓ ସମ୍ବଲପୁର ଜିଲାରେ ରହିଥିବା ମିଲ୍‌ଗୁଡିକରେ ଉତ୍ପାଦନ ହ୍ରାସ ପାଇଛି। ସାଧାରଣ ଚାଉଳରେ ମିଶ୍ରଣ କରିବାକୁ ଭିଟାମିନ୍‌ଯୁକ୍ତ ଚାଉଳ ଯୋଗାଣ ହୋଇ ନ ପାରିବାରୁ ଏଭଳି ସମସ୍ୟା ହୋଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ଆଇପି ରାଇସ୍ ଇଣ୍ଡଷ୍ଟ୍ରି ସମ୍ବଲପୁର, ଲଳିତା ରାଇସ୍ ମିଲ୍ ପ୍ରାଇଭେଟ ଲିମିଟେଡ ସୋନପୁର ଓ କଳାହାଣ୍ଡି ଜିଲାର କନ୍ହେୟା ଆଗ୍ରୋଠାରେ ଭିଟାମିନ୍‌ଯୁକ୍ତ ଚାଉଳ ଉତ୍ପାଦନ ପ୍ଲାଣ୍ଟ ରହିଛି। ହେଲେ ସେଠାରେ ଭିଟାମିନ୍‌ଯୁକ୍ତ ଚାଉଳର ଆକାର ନେଇ ସମସ୍ୟା ରହୁଥିଲା। ସାଧାରଣ ଚାଉଳ ସହ ସମାନ ରହିଲା ନାହିଁ। ମିଶ୍ରଣ ପରେ ଭିନ୍ନ ଜଣାପଡୁଥିଲା। ତେଣୁ ଏଫ୍‌ସିଆଇ ଚାଉଳ ସଂଗ୍ରହ କରିବାକୁ ମନା କରିଦେଇଥିଲା। ଏପରି ସ୍ଥଳେ ରାଜ୍ୟ ବାହାରୁ ଭିଟାମିନ୍‌ଯୁକ୍ତ ଚାଉଳ ସଂଗ୍ରହ କରିବାକୁ ଯୋଜନା କରାଯାଇଥିଲା। ହେଲେ ତାହା ମଧ୍ୟ ସମ୍ଭବ ହୋଇପାରିଲା ନାହିଁ। ଶେଷରେ ଉପରୋକ୍ତ ୩ କମ୍ପାନୀର ଉଦ୍ୟମରେ ଏଫ୍‌ସିଆଇ ଆବଶ୍ୟକ ଅନୁସାରେ ଚାଉଳ ଉତ୍ପାଦନ କରିପାରିଛନ୍ତି। ଡିସେମ୍ବର ପହିଲା ପରିବର୍ତ୍ତେ ଫେବୃୟାରୀରେ ପ୍ରାୟ ଅଢ଼େଇ ମାସ ବିଳମ୍ବରେ ଚାଉଳ ସଂଗ୍ରହ ହୋଇଛି। ଏବେ ମିଲ୍‌ଗୁଡିକୁ ଭିଟାମିନ୍‌ଯୁକ୍ତ ଚାଉଳ ଯୋଗାଇ ଦିଆଯାଉଛି। ସେମାନେ ସାଧାରଣ ଚାଉଳ ସହ ମିଶ୍ରଣ କରି ଏଫ୍‌ସିଆଇକୁ ଯୋଗାଇ ଦେଉଛନ୍ତି। ରାଜ୍ୟ ମିଲ୍ ମାଲିକ ସଂଘ ସଭାପତି ମହେଶ ବଂଶଲ କହିଛନ୍ତି, ୩ ମାସରେ ପ୍ରାୟ ୩୦-୪୦ ପ୍ରତିଶତ ଚାଉଳ ଉତ୍ପାଦନ ହୋଇଥାଏ। ହେଲେ ଏବେ ମାତ୍ର ୧୦ ପ୍ରତିଶତ ଚାଉଳ ଉତ୍ପାଦନ ହୋଇପାରିଛି। ରାଜ୍ୟରେ ପ୍ରାୟ ୫ଶହ ମିଲ୍ ସହିତ ଏହା ଉପରେ ନିର୍ଭର କରୁଥିବା ଶ୍ରମିକ, ଟ୍ରାନ୍ସପୋର୍ଟର ପ୍ରଭାବିତ ହୋଇଛନ୍ତି। ଫେବୃୟାରୀ ୨୦ରୁ ଚାଉଳ ନେବା ଆରମ୍ଭ ହୋଇଥିଲା। ଏବେ ସ୍ୱାଭାବିକ ହୋଇଛି। ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ଖରିଫ ସମୟରେ ୨୯ ଲକ୍ଷ ୬୨ ହଜାର ୮ ଶହ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ହାରାହାରି ଦେଖିଲେ ୨୦ ଲକ୍ଷ କୁଇଣ୍ଟାଲରୁ ଅଧିକ ଚାଉଳ ଉତ୍ପାଦନ ହେବ। ଫେବୃୟାରୀ ଓ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଫ୍‌ସିଆଇ ପ୍ରାୟ ୧ ଲକ୍ଷ ୨୦ ହଜାର କୁଇଣ୍ଟାଲ ସଂଗ୍ରହ କରିଛି। ପୂର୍ବବର୍ଷର ତଥ୍ୟ ଅନୁସାରେ ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରାୟ ସାଢେ ୩ ଲକ୍ଷ କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇଥିଲା। ଏବେ ପ୍ରାୟ ୨ ଲକ୍ଷ କୁଇଣ୍ଟାଲ ଚାଉଳ ଦେବାରେ ପଛରେ ରହିଛି। ଚଳିତ ଆର୍ଥିକବର୍ଷରେ ଆଉ ୮ମାସ ବାକି ରହିଛି। ତେଣୁ ଏଭଳି ଭାବେ ସଂଗ୍ରହ ହେଲେ ୧୨ ଲକ୍ଷ କୁଇଣ୍ଟାଲ ଚାଉଳ ସଂଗ୍ରହ ହୋଇପାରିବ ଓ ପ୍ରାୟ ୮ ଲକ୍ଷ କୁଇଣ୍ଟାଲ ବାକି ରହିଯିବ। ଆସନ୍ତା ଧାନ ସଂଗ୍ରହରେ ଏହାର ପ୍ରଭାବ ପଡିବ। ଶତପ୍ରତିଶତ ଚାଉଳ ଦେଇ ନ ପାରିବାରୁ ମିଲର୍ସମାନେ ଧାନ ସଂଗ୍ରହରେ ଭାଗ ନେଇପାରିବେ ନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଏଫ୍‌ଆର୍‌କେ ଚାଉଳର ସାଇଜ ଓ ସେପ୍ ସାଧାରଣ ଚାଉଳ ସହ ମ୍ୟାଚ କଲା ନାହିଁ। ତେଣୁ ଚାଉଳ ସଂଗ୍ରହରେ ବିଳମ୍ବ ହୋଇଛି। ଏବେ ସ୍ୱାଭାବିକ ହୋଇଛି। ଧାନ ସଂଗ୍ରହ ପୂର୍ବରୁ ଚାଉଳ ସଂଗ୍ରହ ହୋଇଯିବ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ।


ଭିଟାମିନ୍‌ଯୁକ୍ତ ଚାଉଳ ।

# ଦଶଦିନରେ ୪୦ ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ିଲାଣି

**ଖାଇବା ତେଲ ମହଙ୍ଗା**

**■ଭୁବନେଶ୍ୱରରେ ଏମ୍‌ଆର୍‌ପିଠାରୁ ଅଧିକ ଦରରେ ବିକ୍ରି**

ଭୁବନେଶ୍ୱର, ୭।୩(ବ୍ୟୁରୋ)



ୟୁକ୍ରେନ-ରୁଷିଆ ଯୁଦ୍ଧକୁ ୧୨ଦିନ ବିତିଥିବାବେଳେ ଏହାର ପ୍ରଭାବ ଭାରତ ତଥା ବିଶ୍ୱ ଅର୍ଥନୀତି ଉପରେ ପଡ଼ିଛି। ଷ୍ଟକ୍ ମାର୍କେଟରୁ ହାଣ୍ଡିଶାଳ ପର୍ଯ୍ୟନ୍ତ ସବୁଠି ଧୀରେ ଧୀରେ ସଙ୍କଟ ଦେଖାଦେଇଛି। ଯୁଦ୍ଧ ବାହାନାରେ ଓଡ଼ିଶାରେ ମଧ କଳାବଜାର ଆରମ୍ଭ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ି ଚାଲିଛି। ବିଶେଷକରି ସୂର୍ଯ୍ୟମୁଖୀ ସମେତ ବିଭିନ୍ନ ଖାଇବା ତେଲ ଅଧିକ ମହଙ୍ଗା ହୋଇଛି। ଗତ ୧୦ଦିନରେ ଲିଟର ପିଛା ୪୦ରୁ ଊର୍ଦ୍ଧ୍ୱ ଟଙ୍କା ବୃଦ୍ଧି ପାଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ନିର୍ଦ୍ଦିଷ୍ଟ କେତେକ ତେଲକୁ ବେପାରୀମାନେ ଏମ୍‌ଆର୍‌ପି (ସର୍ବାଧିକ ପାଇକାରୀ ମୂଲ୍ୟ)ଠାରୁ ଅଧିକ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି।

କଳାବଜାର ରୋକିବା ପାଇଁ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେତେକ ସ୍ଥାନରେ ଚଢ଼ାଉ ହୋଇଥିଲେ ମଧ ସେପରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ କଳାବଜାର ଓ ଗ୍ରାହକ ଶୋଷଣ ଜାରି ରହିଛି। ଯେଉଁ ଖାଇବା ତେଲ ସପ୍ତାହକ ତଳେ ଲିଟର ପିଛା ୧୨୦ ଟଙ୍କାରେ ବିକ୍ରି କରାଯାଉଥିଲା, ତାହା ଏବେ କେଉଁଠି ୧୬୦ ତ ପୁଣି କେଉଁଠି ୧୭୦, ୧୮୦ ଛୁଇଁଲାଣି। ସୂର୍ଯ୍ୟମୁଖୀ ତେଲ ୧୬୫ ଟଙ୍କା ଏମ୍‌ଆର୍‌ପି ଥିବାବେଳେ ଏହାକୁ ୧୮୦ ଟଙ୍କାରେ ବିକ୍ରି କରାଯାଉଛି। ପାମୋଲିନ ଦର ୧୫୦ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ପାମୋଲିନ ତେଲ (ପୁରୁଣା ଷ୍ଟକ୍)ର ଏମ୍‌ଆର୍‌ପି ୧୪୨ ରହିଥିବାବେଳେ ଏହାକୁ ମଧ ୧୬୫ ଟଙ୍କାରେ ବିକ୍ରି କରାଯାଉଛି। ନୂଆ ଷ୍ଟକ ଦାମ୍ ଢେର୍ ଅଧିକ ରହିଛି। ସେହିପରି ସୋରିଷ ତେଲ ଦର ବି ୨ଶହ ଟପିଛି। ପ୍ରତିବାଦ କଲେ ବ୍ୟବସାୟୀମାନେ ଯୁଦ୍ଧ ବାହାନା ଦେଖାଉଛନ୍ତି, ନେଲେ ନିଅ ନ ନେଲେ ନାହିଁ ବୋଲି କହୁଛନ୍ତି। ଅଧିକାଂଶ ଗ୍ରାହକ ଦୋକାନରୁ ଦୋକାନ ବୁଲି ନୟାନ୍ତ ହେଉଛନ୍ତି। ଫଳରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ହାଣ୍ଡିଶାଳରେ କମ୍ ତେଲରେ କାମ ଚଳୁଛି।

ଏନେଇ ୟୁନିଟ-୧ ମାର୍କେଟର ଜଣେ ବ୍ୟବସାୟୀ କହିଛନ୍ତି, ଏମ୍‌ଆର୍‌ପିଠାରୁ ଆମେ ୧୦ ଟଙ୍କା ଅଧିକରେ କିଣୁଛୁ। ତେଣୁ ସେହି ଅନୁସାରେ ଲୋକଙ୍କଠାରୁ ୧୦ରୁ ୧୫ ଟଙ୍କା ଅଧିକ ରଖୁଛୁ। ସେହିପରି କଳ୍ପନା ଅଞ୍ଚଳର ବ୍ୟବସାୟୀ ରାଜକିଶୋର ସମାନ କଥା କହିଛନ୍ତି। ହୋଲ୍‌ସେଲରଙ୍କଠାରୁ ଆମେ ଯେମିତି କିଣୁଛୁ ତାହା ଉପରେ କିଛି ଲାଭ ରଖି ବିକ୍ରି କରୁଛୁ। ଏପରି ସ୍ଥିତିରେ ପ୍ରକୃତରେ ମୂଳ ଦର କେଉଁଠି ବଢୁଛି, ତାହାର ଥଳକୂଳ ପାଉନି ଯୋଗାଣ ବିଭାଗ। ହୋଲ୍‌ସେଲ୍ ଓ ଯୋଗାଣ ଚେନ୍ ଉପରେ ଯୋଗାଣ ବିଭାଗ ନଜର ରଖି ପଦକ୍ଷେପ ନେଲେ କଳାବଜାର ବନ୍ଦ ହେବା ସହ ଲୋକେ ଆଶ୍ୱସ୍ତ ହେବେ ବୋଲି ମତ ପ୍ରକାଶ ପାଇଛି।

### କଳାବଜାର ବନ୍ଦ କରିପାରୁନି ଯୋଗାଣ ବିଭାଗ



ଗତ କିଛିଦିନ ହେବ ଦେଖାଯାଉଛି ଖାଇବା ତେଲ ଦର ହୁହୁ ହୋଇ ବଢିଚାଲିଛି। ପୂର୍ବରୁ ଏମ୍‌ଆର୍‌ପିଠାରୁ କମ୍ ତେଲ କିଣୁଥିଲୁ। ଏବେ କିନ୍ତୁ ପ୍ୟାକେଟରେ କେତେ ଲେଖା ହୋଇଛି, କେହି ଦେଖୁନାହାନ୍ତି। ମନଇଚ୍ଛା ଦର ନିଆଯାଉଛି। ପଚାରିଲେ ଥୋଇଦିଅ ବୋଲି ଦୋକାନୀ କହୁଛନ୍ତି। କଳାବଜାର ଉପରେ ଯୋଗାଣ ବିଭାଗ କ'ଣ କିଛି ପଦକ୍ଷେପ ନେଇପାରୁନି। ରୋଷେଇ କେମିତି ହେବ ଚିନ୍ତା ଲାଗୁଛି।

**-ବିଷ୍ଣୁପ୍ରିୟା ସାହୁ, ଗ୍ରାହକ**

### ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ



ଖାଇବା ତେଲ ଦର ବୃଦ୍ଧି ସାଧାରଣ ଗ୍ରାହକଙ୍କୁ ବହୁତ ବାଧୁଛି । ଏହାର ପ୍ରଭାବ ସିଧାସଳଖ ହାଣ୍ଡିଶାଳ ଉପରେ ପଡୁଛି । ଏହା ଉପରେ ନିୟନ୍ତ୍ରଣ ଆଣିବାକୁ ସରକାରଙ୍କୁ ପଦକ୍ଷେପ ନେବା ଉଚିତ। ନଚେତ ଗରିବ ଲୋକେ ହଇରାଣ ହେବେ।

**-ରବିନାରାୟଣ ପରିଡା, ଗ୍ରାହକ**

### ଅଧିକ ଦର ନ ନେବାକୁ ହୋଲ୍‌ସେଲରଙ୍କୁ କୁହାଯାଇଛି



ସୂର୍ଯ୍ୟମୁଖୀ ସମେତ ଅଧିକାଂଶ ଖାଇବା ତେଲ ବିଦେଶରୁ ଆସୁଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ଲାଗିଥିବାରୁ ଏବେ ତାହାର ଯୋଗାଣ ପ୍ରଭାବିତ ହୋଇଛି। ଏପରିକି ଆଗକୁ ଆମଦାନୀ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି। କିନ୍ତୁ ଲୋକମାନେ ଯେଉଁଳି ହଇରାଣ ନ ହେବେ, ସେଥିପାଇଁ ସମସ୍ତ ହୋଲସେଲରଙ୍କୁ ଏମ୍‌ଆର୍‌ପିଠାରୁ ଅଧିକ ଦରରେ ବିକ୍ରି ନ କରିବାକୁ କୁହାଯାଇଛି। ଯଦି କେହି ଉଚ୍ଚା ଦରରେ ବିକ୍ରି କରୁଥିବା ଜଣାପଡେ ତାହେଲେ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**-ସୁଧାକର ପଣ୍ଡା, ସଭାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ**

## ଫେବୃୟାରୀରେ ଭୁବନେଶ୍ୱରରୁ ୯୭ ଲୁଟେରା ଗିରଫ

**୨୦ ଗାଡି ଓ ୬୦ ମୋବାଇଲ ଜବତ**

**ଭୁବନେଶ୍ୱର, ୭।୩ (ବ୍ୟୁରୋ):** ରାଜଧାନୀରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। କେତେବେଳ ଘରେ ପଶି ଡକାୟତି ତ ପୁଣି କେତେବେଳେ ଦିନ ଦ୍ୱିପହରରେ ରାସ୍ତା ଘାଟରେ ଲୁଟ୍ କରି ଚମ୍ପଟ ମାରୁଛନ୍ତି। ତେବେ ସେମାନଙ୍କୁ ଧରିବା ଲାଗି ଭୁବନେଶ୍ୱର ସହରାଞ୍ଚଳ ଜିଲାର ବିଭିନ୍ନ ଥାନାରେ ଗଠିତ ପିଓପିଡି ଏବଂ ଟିମ୍-୬୦ର ମିଳିତ ପ୍ରୟାସରେ ଫେବୃୟାରୀରେ ବିଭିନ୍ନ ସମ୍ପତ୍ତିଗତ ଲୁଟ ଅପରାଧରେ ମୋଟ ୯୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ଜଣଙ୍କୁ ଜେଲରୁ ରିମାଣ୍ଡ ଅଣାଯାଇଛି। ସେହିପରି ୬ ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆର୍‌ପିସି ଧାରା ୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥିସହ ଚୋରୀ ହୋଇଯାଇଥିବା ସମୁଦାୟ ୨୮,୮୧୫ ଟଙ୍କା ଓ ବିଭିନ୍ନ ବ୍ରାଣ୍ଡର ୬୦ଟି ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ୫୫ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଛି । ସେହିଭଳି ଦୁଇ ଚକିଆଠୁ ଆରମ୍ଭ କରି ତିନି ଏବଂ ଚାରି ଚକିଆ ଗାଡି ମିଶି ସମୁଦାୟ ୨୦ଟି ଚୋରା ଗାଡି ଜବତ କରାଯାଇପାରିଛି । ସେହିପରି ଫେବୃଆରୀ ମାସରେ ୫ ଗୋଟି ନିଶା କାରବାର ଜନିତ ମାମଲା ରୁଜୁ କରାଯାଇଥିବା ବେଳେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ସେମାନଙ୍କଠାରୁ ୭ କିଗ୍ରା ୭୦୦ ଗ୍ରାମର ଗଞ୍ଜେଇ, ୧୪୨.୮୩ ଗ୍ରାମର ବ୍ରାଉନସୁଗାର ଏବଂ ନିଶା କାରବାରରେ ଜଡିତ ୬୩,୫୩୦ ଟଙ୍କା ଜବତକରାଯାଇଛି । ସେହିପରି ଚୋରି ମୋବାଇଲ, ଗାଡି ଓ ସୁନା ଚୋରି ତଥା ନିଶା କାରବାର ବିଷୟରେ ସୂଚନା ପ୍ରଦାନ ଲାଗି ସହରାଞ୍ଚଳ ପୋଲିସ ତରଫରୁ ହ୍ୱାଟ୍ସଆପ ନଂ. ୭୦୭୭୭୯୮୧୧୧ ଜାରି କରାଯାଇଛି ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ଏବଂ ଓଡ଼ିଶା ନାଟ୍ୟସଂଘ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ପୂର୍ବରଙ୍ଗ ଜାତୀୟ ନାଟ୍ୟ ଉତ୍ସବର ସୋମବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ମୁଁ ଚକରା କହୁଛି'ର ଏକ ଦୃଶ୍ୟ।

## 'ମୁଁ ଚକରା କହୁଛି'ରେ ଘୁମୁସର ବିଦ୍ରୋହ

ଭୁବନେଶ୍ୱର, ୭।୩(ବ୍ୟୁରୋ)

ବ୍ରିଟିଶ ଶାସନରୁ ଘୁମୁସରର ମୁକ୍ତି। ଗୋଟିଏ ଲକ୍ଷ୍ୟ ନେଇ ଚକରା ବିଶୋଇଠୁ ତାଙ୍କ ସ୍ତ୍ରୀ ତାରକା, ବନା ପାତ୍ର ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଦେବୀଙ୍କ ଭଳି ପ୍ରମୁଖ ଘୁମୁସରବାସୀଙ୍କ ଅତୁଳନୀୟ ବଳିଦାନ ଘୁମୁସର ବିଦ୍ରୋହକୁ କରିଥିଲା ବେଶ୍ ରୋମାଞ୍ଚକର। ଘୁମୁସରର କେତେକ ବାସିନ୍ଦାଙ୍କ ସହାୟତାରେ ବ୍ରିଟିଶମାନେ ଘୁମୁସରବାସୀଙ୍କ ଉପରେ ଅତ୍ୟାଚାର କରିବା ପାଇଁ ସାହସ ଜୁଟାଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତା ଓ ଓଡିଶା ନାଟ୍ୟସଂଘର ମିଳିତ ସହଯୋଗରେ ପୂର୍ବ ରଙ୍ଗ-୨୦୨୨ର ଶେଷ ନାଟକ 'ମୁଁ ଚକରା କହୁଛି'ରେ ଘୁମୁସର ବିଦ୍ରୋହରେ ସିପାହୀମାନଙ୍କ ଅଦମ୍ୟ ସାହସକୁ ଏକ ନିଆରା ଢଙ୍ଗରେ ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଉପସ୍ଥାପନା କରାଯାଇଥିଲା ।

**ପୂର୍ବ ରଙ୍ଗ ୨୦୨୨ ଉଦ୍‌ଯାପିତ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଓ ଉପସଭାପତି ମନ୍ମଥ କୁମାର ଶତପଥୀ ଯୋଗ ଦେଇଥିଲେ। ବ୍ରିଟିଶମାନେ ଘୁମୁସର ଅଧିକାର ପାଇଁ ଚକରା ବିଶୋଇଙ୍କୁ ବହୁ ପ୍ରଲୋଭନ ଦେଖାଇଥିଲେ ମଧ୍ୟ ନିଜ ମାଟି ପ୍ରତି ଥିବା କର୍ତ୍ତବ୍ୟ ଓ ମାଟିର ମଣିଷଙ୍କ ପାଇଁ ଥିବା ଭଲପାଇବା ତାଙ୍କୁ ଶେଷଯାଏ ଲଢ଼ିବାକୁ ପ୍ରେରଣା ଦେଇଥିଲା। ୧୮୨୩ରେ ଜନ୍ମିତ ଏହି ବୀର ସଂଗ୍ରାମୀଙ୍କ ୧୮୫୭ରେ ଇଂରେଜ ସରକାରଙ୍କ ସହିତ ଚାଲିଥିବା ଯୁଦ୍ଧର ଘମାଘୋଟ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଯିବା ପରେ ତାଙ୍କର ଜୀବନପ୍ରଦୀପ କେବେ ନିର୍ବାପିତ ହୋଇଥିଲା, ତାହା ଏବେ ମଧ ରହସ୍ୟାବୃତ୍ତ। କିନ୍ତୁ ଦୁଃଖର କଥା ଏହି ବୀରପୁତ୍ରଙ୍କ ଗାଥା ଓଡ଼ିଶାର ଇତିହାସ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିପାରି ନାହିଁ। ଦେଶପ୍ରେମୀ କନ୍ଧନେତା ବିପ୍ଳବୀ ଚକରା ବିଶୋଇଙ୍କ ଅଦ୍ଭୁତ ସାଙ୍ଗଠନିକ ଶକ୍ତି, ଅସାଧାରଣ ରଣକୌଶଳ ଓ ଗେରିଲା ଯୁଦ୍ଧଶୈଳୀ ବ୍ରିଟିଶ ସରକାରଙ୍କୁ ଆତଙ୍କିତ କରିଦେଇଥିଲା। ୧୮୩୬ରୁ ୧୮୫୭ ପର୍ଯ୍ୟନ୍ତ ଏହି ମହାନ ସଂଗ୍ରାମୀ ଚକରା ବିଶୋଇ ଘୁମୁସରର ସୁରକ୍ଷା ସହିତ ଭଞ୍ଜ ବଂଶର ଶାସନ ଅବ୍ୟାହତ ରଖିଥିଲେ। ନାରୀଟିଏ ପୁରୁଷ ପାଇଁ କିପରି ବଳ, ସାହସ ସାଜିପାରେ ତାହା ଏହି ନାଟକ ମାଧ୍ୟମରେ ଚିତ୍ରିତ କରାଯାଇଛି। ଆତ୍ମସମର୍ପଣ କରିବା କିମ୍ବା ଦେଶ ଛାଡ଼ି ପଳାୟନ କରିବାଠାରୁ ବୀର ପରି ମାଟି ମା'ର କୋଳରେ ମରିବା ଶତଗୁଣରେ ଭଲ ବୋଲି ଚକରାଙ୍କ ବାଣୀରେ ଦର୍ଶକଙ୍କ ଲୋମ ଟାଙ୍କୁରି ଉଠିଥିଲା। ଚକରା ବିଶୋଇ ଓ ଘୁମୁସରବାସୀଙ୍କ ସଂଘର୍ଷପୂର୍ଣ୍ଣ ସଂଗ୍ରାମକୁ ନେଇ ଉଦ୍‌ଯାପନୀ ଦିବସରେ ଦେଶ ସ୍ୱାଧୀନତାର ଗାଥା ବିଷୟରେ ଦେଶପ୍ରେମ ଜାଗ୍ରତ କରିଥିଲା। ରିଦିମ୍ ଥିଏଟର ଢେଙ୍କାନାଳ ଦ୍ୱାରା ନାଟକ ମଞ୍ଚସ୍ଥ ହୋଇଥିଲା। ଦୀନେଶ ଦାସ ନିର୍ଦ୍ଦେଶନା ଦେଇଥିଲେ। ମାଧବ ହେମ୍ବ୍ରମ, କାମାକ୍ଷା ପ୍ରସାଦ ରଣା, ମନୋହର ଶତପଥୀ, ଦେବକାନ୍ତ ମିଶ୍ର, ବିଜୟ କୁମାର ମିଶ୍ର, ସୁରଜ ବିଶ୍ୱାଳ ପ୍ରମୁଖ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣିଥିଲେ।

## ଜମତାରା ଗ୍ୟାଙ୍ଗର ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ତେଲଙ୍ଗାନା ପୋଲିସ

ଭୁବନେଶ୍ୱର,୭।୩(ବ୍ୟୁରୋ)

ଭୁବନେଶ୍ୱରରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଜମତାରା ଗ୍ୟାଙ୍ଗର ୩ ଜଣ ସାଇବର ଲୁଟେରାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବ ତେଲେଙ୍ଗାନା ପୋଲିସ। ଗତ ଶୁକ୍ରବାର ତେଲେଙ୍ଗାନା ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ୧୫ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା। କୋର୍ଟ ଏହି ଆବେଦନକୁ ଗ୍ରହଣ କରି ଅନୁମତି ପ୍ରଦାନ କରିଛନ୍ତି। ମଙ୍ଗଳବାର ତେଲେଙ୍ଗାନା ପୋଲିସର ଏକ ଟିମ୍ ଝାରପଡ଼ା ଜେଲରୁ ଝାଡ଼ଖଣ୍ଡ ଗିରିଡିହି ଜିଲାର ଅଭିଯୁକ୍ତ ପ୍ରଧୁମ କୁମାର ମଣ୍ଡଳ, କ୍ରିଷ୍ଣାକୁମାର ମଣ୍ଡଳଓ ଧାନବାଦ ଜିଲାର ଚେତଲାଲ୍ ମଣ୍ଡଳଙ୍କୁ ରିମାଣ୍ଡରେ ନେବ। ୧୫ ଦିନ ପୂର୍ବରୁ ସ୍ଥାନୀୟ କୋର୍ଟରେ ଅଭିଯୁକ୍ତମାନଙ୍କୁ ହାଜର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୭ ରାଜ୍ୟରେ ଏମାନଙ୍କ ବିରୋଧରେ ୫୫ ମାମଲା ରହିଛି। କେବଳ ତେଲେଙ୍ଗାନାରେ ୪୫ଟି ସାଇବର ଠକେଇ ମାମଲା ରହିଛି। ପୋଲିସ ଏମାନଙ୍କୁ ରିମାଣ୍ଡରେ ନେଇ ଖୋଳତାଡ଼ କରିବ। ଏମାନଙ୍କ ସହ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ତେଲେଙ୍ଗାନା ପୋଲିସ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଗତ ଡିସେମ୍ବର ୨୮ରୁ ଓଡ଼ିଶା ଆସି ଭୁବନେଶ୍ୱରର ରସୁଲଗଡ଼ ଅଞ୍ଚଳରେ ଏକ ଘରଭଡ଼ା ନେଇ ରହୁଥିଲେ। ସେମାନେ କୌଣସି କାମ କରୁ ନ ଥିଲେ ମଧ ସୌଖୀନ ଜୀବନ ବିତାଉଥିଲେ। ସେମାନଙ୍କ ହାବଭାବ ଦେଖି ସନ୍ଦେହ ହେବାରୁ ଘର ମାଲିକ ପୋଲିସକୁ ଖବର ଦେଇଥିଲେ। କ୍ରାଇମବ୍ରାଞ୍ଚ ଟିମ୍ ସେମାନଙ୍କ ଉପରେ ନଜର ରଖୁଥିଲା। ଜାନୁଆରୀ ୨୯ ବିଳମ୍ବିତ ରାତିରେ ସେମାନେ ପଳାଇଯାଉଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ସୁଭେନ୍



@ ବାସୁଦେବ



@ ହେମନ୍ତ



@ ସ୍ନେହାଜିତ୍



@ ଦିବ୍ୟ



@ ନୀର

## ପାରୋଲରେ ଆସିଥିବା ଅଭିଯୁକ୍ତଙ୍କ ଝୁଲନ୍ତା ମୃତଦେହ ଜବତ

ଆଠଗଡ,୭।୩(ସ୍ୱ.ପ୍ର.)

ପାରୋଲରେ ଆସିଥିବା ଜଣେ ହତ୍ୟା ଅଭିଯୁକ୍ତଙ୍କ ଝୁଲନ୍ତା ମୃତହେଦ ଆଠଗଡ ଥାନା ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତର ଶିଳାପାଟସ୍ଥିତ ଏକ ଆମ୍ବଗଛରୁ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ଗୋଲେଖ ଚନ୍ଦ୍ର ପ୍ରଧାନ (୮୫)। ସେ ଶିଳାପାଟ ଗ୍ରାମରେ ୨୦୧୬ରେ ହୋଇଥିବା ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ପରିବାର ସଦସ୍ୟଙ୍କ ଅଭଯୋଗ ଅନୁଯାୟୀ, ଗୋଲେଖ ତିନିମାସ ତଳେ ପାରୋଲରେ ଆସି ଘରେ ରହୁଥିଲେ । ତେବେ ପରିବାର ସଦସ୍ୟଙ୍କ ସହ ତାଙ୍କର ଭଲ ସମ୍ପର୍କ ନ ଥିଲା। ବିଦ୍ୟୁତ୍ ବିଭାଗରେ ଚାକିରି କରି ଅବସର ନେବାପରେ ପେନ୍‌ସନ ପାଉଥିଲେ। ସେ ସବୁବେଳେ ପରିବାରର ସମସ୍ତ ସଦସ୍ୟଙ୍କ ସହ ଝଗଡ଼ା କରୁଥିଲେ। ଏନେଇ ପରିବାରରେ ଅଶାନ୍ତି ଲାଗି ରହୁଥିଲା । ମଧ୍ୟାହ୍ନ ସମୟରେ ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଆମ୍ବ ଗଛରେ ଝୁଲିପଡ଼ିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଖବରପାଇ ଆଠଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୨) ରୁଜୁ କରିଛି।




ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସୋମବାର ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ସୁବଳ ମହାରଣା ତିଆରି କରିଥିବା ବାଲୁକା କଳା।




ଅନ୍ତର୍ଜାତୀୟ ମହିଳା ଦିବସର ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ସୋମବାର ଶିଳ୍ପୀ ମାନସ ସାହୁଙ୍କ ବାଲୁକାକଳା।




ପୁରୀ ଭକ୍ତ ସାଲବେଗ ପୀଠରେ ସୋମବାର ସମତା ସାହିତ୍ୟ ସମିତି ପକ୍ଷରୁ ଆୟୋଜିତ ସାହିତ୍ୟ ଆସରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାହିତ୍ୟ ଏକାଡେମୀ ପକ୍ଷରୁ ସର୍ବଭାରତୀୟ ଲେଖିକା ମହୋତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଇଷ୍ଟକୋଷ୍ଟ ରେଲୱେ ଠିକା ମଜଦୁର ସଂଘ ପକ୍ଷରୁ ବିଶ୍ୱ ମହିଳା ଦିବସ, ଜୟ ଭାରତ ଭବନ, ନିକୋ ପାର୍କ, ପୂର୍ବାହ୍ନ ୧୦ଟା।
- ହାମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ମହିଳା ସ୍କିଲ କନକ୍ଲେଭ, କମ୍ୟୁନିଟି ସେଣ୍ଟର, ଜିଏ ପ୍ଲଟ ଆସୋସିଏଶନ, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୦ଟା।
- ଦି ଫ୍ୟାମିଲି ପ୍ଲାନିଂ ଆସୋସିଏଶନ ଅଫ୍ ଇଣ୍ଡିଆ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସହ ସ୍ୱାସ୍ଥ୍ୟସେବା ଶିବିର ଏବଂ ପଥପ୍ରାନ୍ତ ନାଟକ ସଚେତନତା, ହାଟସାହି, ଡୁମୁଡୁମା, ପୂର୍ବାହ୍ନ ୧୧ଟା।
- ଭାରତରେ ମ୍ୟାଲେରିଆ ରୋକିବା ନେଇ ଏକ କନକ୍ଲେଭ, ମେ ଫେୟାର ଲାଗୁନ, ପୂର୍ବାହ୍ନ ୧୧ଟା।
- ପୂର୍ବତନ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା, କଳିଙ୍ଗ ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ମହିଳା ଦିବସ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ମହିଳା ଦିବସରେ ଅଭିପ୍ସା ଆୱାର୍ଡ ଉତ୍ସବ, ଫର୍ଚ୍ୟୁନ ପାର୍କ, ଗୌତମ ନଗର, ପୂର୍ବାହ୍ନ ୧୧ଟା ୩୦।
- ୱିମେନ ଷ୍ଟଡିଜ ବିଭାଗ ପକ୍ଷରୁ ବିଶ୍ୱ ମହିଳା ଦିବସ, ପିଜି କାଉନସିଲ ହଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ଅପରାହ୍ନ ୩ଟା।
- ୱାର୍ଲଡ ଟ୍ରେଡ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ଉତ୍କଳ ଗ୍ୟାଲେରିଆ ମଲ୍, କଳ୍ପନା ଛକ, ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଜନତା ମଇଦାନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ପିକକ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ବାଲିଅନ୍ତାସ୍ଥିତ ପତିତପାବନ କଲ୍ୟାଣ ଭବନ, ଅପରାହ୍ନ ୪ଟା।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁମତି ମିଳିଛି : ଜିଲାପାଳ

ପୁରୀ ଅଫିସ,୭।୩: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦରେ ପୁରୀ ଜିଲା ପ୍ରଶାସନ ମୁହଁ ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେଉଥିବା କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ଶେଲ୍ଟର୍ ପାଭିଲିୟନ୍, ମହିଳା ଶୌଚାଳୟ, ପୁରୁଷ ଶୌଚାଳୟ, ସେବାୟତ ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ ଓ ଧାଡ଼ି ବ୍ୟବସ୍ଥା ପାଇଁ ଏକ ନିର୍ମାଣ କାର୍ଯ୍ୟକୁ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ) ଅନୁମତି ଦେଇଛି। ଏନ୍‌ଏମ୍‌ଏଠାରୁ ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ) ମିଳିବା ପରେ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଡିଜି ବିଦ୍ୟାଭାରତୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିବା ପରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ରାଜ୍ୟ ସରକାର କରୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଜାଣିବାକୁ ପାଇ ଖୁସି ପ୍ରକଟ କରିବା ସହ କାର୍ଯ୍ୟ ପାଇଁ ଅନୁମତି ଦେଇଥିଲେ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଜିଲାପାଳ କହିଛନ୍ତି, ଶ୍ରୀମନ୍ଦିର ଐତିହ୍ୟ କରିଡ଼ର କାର୍ଯ୍ୟ ଏଏସ୍‌ଆଇ ଏବଂ ଏନ୍‌ଏମ୍‌ଏର ଅନୁମୋଦନ କ୍ରମେ କାର୍ଯ୍ୟକାରୀ ହୋଇଛି। ପ୍ରକଳ୍ପ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କରାଯିବ। ଆସନ୍ତା ରଥଯାତ୍ରା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଆଗାମୀ ସମୟରେ ଅନୁମୋଦନପତ୍ରକୁ ସାର୍ବଜନୀନ କରାଯିବ।





ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପାଇଁ ସୋମବାର ଶେଷଦିନରେ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

# ଶେଷ ଦିନରେ ୨୩୦ କର୍ପୋରେଟର ପ୍ରାର୍ଥୀଙ୍କ ନାମାଙ୍କନ

### ୬୭ ୱାର୍ଡ ପାଇଁ ୩୬୦ ପ୍ରାର୍ଥୀ

ଭୁବନେଶ୍ୱର, ୭।୩ (ବ୍ୟୁରୋ)

ପୌର ନିର୍ବାଚନ ପାଇଁ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନପତ୍ର ଦାଖଲ ସୋମବାର ସରିଛି। ଶେଷଦିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ସର୍ବାଧିକ ୨୩୦ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ଫଳରେ ୬ଦିନରେ ୬୭ ୱାର୍ଡ ପାଇଁ ୩୬୦ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ରବିବାରଠାରୁ ସୋମବାର ମଧ୍ୟ ଜୋର୍‌ଦାର ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ବିଜେଡ଼ି, ଭାଜପା, କଂଗ୍ରେସ ସହିତ ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ବାଣ, ବାଜା ଓ ରୋଷଣି କରି ନେତା ତଥା ସମର୍ଥକଙ୍କ ସହ ଆସି ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପାରମ୍ପରିକ ବାଦ୍ୟ ସାଙ୍ଗକୁ ଡିଜେ ସାଉଣ୍ଡରେ କମ୍ପୁଥିଲା ପରିବେଶ। ବିଜେଡ଼ିରୁ ୬୭ଜଣ ପ୍ରାର୍ଥୀ ଥିବାବେଳେ ଭାଜପାରୁ ୪୩ଜଣ, କଂଗ୍ରେସରୁ ୨୫ଜଣ, ସ୍ୱାଧୀନରୁ ୭୫ଜଣ, ଫ୍ରି ଥଟ୍ ପାର୍ଟିରୁ ଜଣେ, ବହୁଜନ ସମାଜବାଦୀ ପାର୍ଟିରୁ ୫ଜଣ, ଓଡ଼ିଶା ପ୍ରଗତୀ ଦଳରୁ ଜଣେ, ଆମ୍ ଆଦ୍‌ମୀ ପାର୍ଟିରୁ ୮ଜଣ, ଅଖିଳ ଭାରତୀୟ ହିନ୍ଦୁ ମହାସଂଘରୁ ଜଣେ, ପ୍ରୋଟେଷ୍ଟ ବ୍ଲକ୍ ଇଣ୍ଡିଆରୁ ୩ଜଣ ଏବଂ କଳିଙ୍ଗ ସେନାରୁ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ତେବେ କର୍ପୋରେଟର ପଦବୀ ପାଇଁ ମୋଟ ୭୯୨ଟି ଫର୍ମ ବିକ୍ରି ହୋଇଥିବାବେଳେ ୩୬୦ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ଓ ଫର୍ମ ନେଇଥିବା ୪୩୨ଜଣ ନାମାଙ୍କନ ଦାଖଲ କରି ନ ଥିବା ଜଣାପଡିଛି।



ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ସୁଦ୍ଧା ମନୋନୟନ କେନ୍ଦ୍ର ଭିତରକୁ ଆସି ଥିବା ପ୍ରାର୍ଥୀଙ୍କ ମନୋନୟନ ପତ୍ର ଗ୍ରହଣ କରାଯାଇଥିଲା। ଏହିପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ପାଇଁ ଫର୍ମଗୁଡ଼ିକର ପୂରଣ ଓ ସଂଲଗ୍ନ କାଗଜାତଗୁଡ଼ିକୁ ତ୍ୱରିତ ଯାଞ୍ଚ କରାଯାଇଥିଲା। ୧୧ଟି କାଉଣ୍ଟରରେ ପ୍ରାର୍ଥିମାନେ କାର୍ଯ୍ୟନ୍ୟସ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନ ପର୍ଯ୍ୟବେକ୍ଷକ ଇନ୍ଦ୍ରମଣି ତ୍ରିପାଠୀ ମନୋନୟନ କେନ୍ଦ୍ର ପରିଦର୍ଶନ କରି ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ସହିତ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ତଥା ନିର୍ବାଚନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଓଏସ୍‌ଏପି ୭ମ ବାଟାଲିୟନର ସୁରକ୍ଷାବାହିନୀ ଓ ବେସାମରିକ ପ୍ରତିରକ୍ଷା ସଂଗଠନ ସ୍ୱେଚ୍ଛାସେବୀଙ୍କ ସହାୟତାରେ ମନୋନୟନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯାଇଥିଲା।

### ଆଜିଠାରୁ ଜମିବ ପ୍ରଚାର

ନିର୍ବାଚନର ପ୍ରଥମ ପାହାଚ ଅର୍ଥାତ୍ ନାମାଙ୍କନ ଦାଖଲ ପ୍ରକ୍ରିୟା ସୋମବାର ସରିବା ପରେ ମଙ୍ଗଳବାରଠାରୁ ପ୍ରଚାର ଆରମ୍ଭ ହେବ। ଭୋଟ ପାଇଁ ଆଉମାତ୍ର ୧୫ ଦିନ ଥିବାରୁ ଜୋରଦାର ପ୍ରଚାର ପାଇଁ ସବୁ ପ୍ରାର୍ଥୀ ପ୍ରସ୍ତୁତ ହୋଇ ରହିଛନ୍ତି। ଅପରପକ୍ଷେ କୋଭିଡ୍ କଟକଣା ବିନା ନିର୍ବଚାନ ପ୍ରଚାର ହୋଇ ପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଘୋଷଣା କରିବା ପରେ ପ୍ରାର୍ଥୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ ମଙ୍ଗଳବାର ଏକାମ୍ର ବିଧାୟକ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ୱାର୍ଡ ନଂ. ୫୬ ଓ ୫୭, ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ୱାର୍ଡ ନଂ. ୧ ଏବଂ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ୱାର୍ଡ ନଂ. ୩୬ରେ ବୁଲି ପ୍ରଚାର କରିବେ। ସେହିପରି ଭାଜପା, କଂଗ୍ରେସ ଅନ୍ୟାନ୍ୟ ଦଳୀୟ ପ୍ରାର୍ଥୀ ତଥା ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ନିର୍ବାଚନୀ ପ୍ରଚାର ଆରମ୍ଭ କରିବେ ବୋଲି ସୂଚନା ମିଳିଛି।



କଳିଙ୍ଗ ସେନା ପକ୍ଷରୁ ବିଏମ୍‌ସି ମେୟର ପ୍ରାର୍ଥିନୀ ଭାବେ ସ୍ମିତା ମିଶ୍ର ନାମାଙ୍କନ ଦାଖଲ କରୁଛନ୍ତି।

## ପୂର୍ବତନ କର୍ପୋରେଟର ଦମ୍ପତିଙ୍କ କଂଗ୍ରେସରେ ଯୋଗଦାନ



ଭୁବନେଶ୍ୱର,୭।୩ (ବ୍ୟୁରୋ)

ଭୁବନେଶ୍ୱର ୱାର୍ଡ ନଂ.୧୯ର ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି। ସେହିପରି କିଛିଦିନ ତଳେ ଦଳ ଛାଡିଥିବା ୩୧ନଂ. ୱାର୍ଡର ପ୍ରକାଶ ଜେନା ଓ ପୁଅ ସୂର୍ଯ୍ୟକାନ୍ତ ଜେନା ପୁଣି କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, ସମ୍ପାଦକ ମାନସ ଆଚାର୍ଯ୍ୟ, ସୁବ୍ରତ ମହାପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଜ୍ୟୋତ୍ସ୍ନାମୟୀ ୧୯ ନଂ. ୱାର୍ଡରୁ ଓ ସୂର୍ଯ୍ୟକାନ୍ତ ୩୧ ନଂ. ୱାର୍ଡରୁ ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷେ ୫୨ ନଂ. ୱାର୍ଡରୁ କର୍ପୋରେଟର ପ୍ରାର୍ଥୀ ଭାବେ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଅତିରିକ୍ତ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

# ସାହିତ୍ୟ ଏକ ସାଧନା, ଲେଖକ ଜଣେ ସନ୍ନ୍ୟାସୀ

### ପେନ୍ ଇନ୍ ବୁକ୍ସ ଯୁବ ଲେଖକ ପୁରସ୍କାର ଉତ୍ସବ

ଭୁବନେଶ୍ୱର,୭।୩ (ବ୍ୟୁରୋ)

ସାହିତ୍ୟକୁ ଆଗକୁ ନେବାରେ ଯୁବ ଲେଖକଙ୍କ ଗୁରୁତ୍ୱ ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁଛି। ସେମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପାଣ୍ଡୁଲିପି ପ୍ରକାଶ କରିବାରେ ପେନ୍ ଇନ୍ ବୁକ୍ସ ପକ୍ଷରୁ ଯୁବ ଲେଖକ ୨୦୨୨ ପୁରସ୍କାର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ରଥ କହିଛନ୍ତି, ବର୍ତ୍ତମାନ ସମୟରେ ଲେଖକମାନଙ୍କୁ ବହୁ ସମ୍ମାନ ଓ ସ୍ୱୀକୃତି ମିଳୁଛି, କିନ୍ତୁ ସାହିତ୍ୟକୁ ଉଚିତ ଗୁରୁତ୍ୱ ଦିଆଯାଉନାହିଁ। ଏଭଳି ସମୟରେ ଯୁବଲେଖକଙ୍କୁ ପୁରସ୍କୃତ କରିବା ପେନ୍ ଇନ୍ ବୁକ୍ସ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସାହିତ୍ୟ ଏକ ସାଧନା ଓ ଲେଖକ ଜଣେ ସନ୍ନ୍ୟାସୀ। ଯୁବକମାନେ ହିଁ ନୂଆ ପୃଥିବୀ ଗଢ଼ିଥାଆନ୍ତି। ଅଧିକାଂଶ ଲେଖକଙ୍କ ଶ୍ରେଷ୍ଠ କୃତି ଯୁବାବସ୍ଥାରେ ଆସିଥାଏ। ପୁରସ୍କାର ମିଳୁ ବା ନ ମିଳୁ, ଯାହା ନୂଆ କଥା ଆସୁଛି, ଯାହା ହୃଦୟକୁ ଅଥୟ କରୁଛି ଯୁବକମାନେ ତାହା ଲେଖନ୍ତୁ ବୋଲି ମୁଖ୍ୟବକ୍ତା କଥାଶିଳ୍ପୀ ଡ. ସରୋଜିନୀ ସାହୁ କହିଛନ୍ତି। ଉତ୍ସବରେ ସଭାପତିତ୍ୱ କରି କଥାକାର ଶୁଭ୍ରାଂଶୁ ପଣ୍ଡା ପୁରସ୍କୃତ ପ୍ରତିଭାଙ୍କୁ ସ୍ୱାଗତ କରିବା ସହ ଏ ପୁରସ୍କାର ମାଧ୍ୟମରେ ପ୍ରତିବର୍ଷ ୧୦ ଜଣ ଯୁବଲେଖକଙ୍କୁ ସାହିତ୍ୟ ପାଇଁ ଦାୟବଦ୍ଧ କରିପାରୁଛି ବୋଲି ସେ କହିଥିଲେ।




ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ଚଳିତ ବର୍ଷ ପୁରସ୍କାର ଗ୍ରହଣ କରିଥିବା ପ୍ରତିଭାମାନେ ହେଲେ ଉପନ୍ୟାସ 'ଲଳିତା' ପାଇଁ ଡ. ଭାରତ ଭୂଷଣ ରଥ, ଉପନ୍ୟାସ 'ବିଦାୟ ବେଳାର ସୂର୍ଯ୍ୟ' ପାଇଁ ତାପସ ରଞ୍ଜନ ରାଉତ, କବିତା ସଂକଳନ 'ଦେଶ ଶୋଇଛି ଫୁଙ୍ଗୁଳା ଆକାଶ ଛାଇରେ' ପାଇଁ ସମୀର କୁମାର କଳସ, ଗଳ୍ପ ସଂକଳନ 'ଅସମାହିତ ପ୍ରଶ୍ନ' ପାଇଁ ରଜତ କୁମାର ମିଶ୍ର, ଗଳ୍ପ ସଂକଳନ 'ଈଶ୍ୱର ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ବିମଳ କୁମାର ରାଉଳ, କବିତା ସଂକଳନ 'ବିବିଧା' ପାଇଁ ଦୀପିକା ଦାଶ, କବିତା ସଂକଳନ 'ମା ମୋତେ କ୍ଷମା କରିଦେବ' ପାଇଁ ପ୍ରଶାନ୍ତ କୁମାର ଦାଶ, କବିତା ସଂକଳନ 'ପ୍ରେମ ଆଉ କ'ଣ କି' ପାଇଁ ଶ୍ରୀମା ଶତପଥୀ, ହିନ୍ଦୀ କବିତା ସଂକଳନ 'ବିଖିରେ ଖୟାଲୋଁ କେ ଇନ୍ଦ୍ରଧନୁଷ' ପାଇଁ ଶବନମ ଆଦେନୀ ଓ ଇଂରାଜୀ କବିତା ସଂକଳନ 'ଅଂଗଜାଇଟି ହୋଲ୍ସ ଆଣ୍ଡ ଅଦର ପୋଏମ୍ସ' ପାଇଁ ଡା. ପ୍ରିୟଦର୍ଶୀ ପ୍ରହରାଜ। ଏ ଅବସରରେ ୪ର୍ଥ ସଂସ୍କରଣରେ ପୁରସ୍କୃତ ପାଣ୍ଡୁଲିପି ସବୁ ପୁସ୍ତକ ଆକାରରେ ଉନ୍ମୋଚିତ ହୋଇଥିଲା। ସେଗୁଡ଼ିକ, ପ୍ରିୟରଞ୍ଜନ ପଟ୍ଟନାୟକଙ୍କ ଗଳ୍ପ ସଂକଳନ 'ବଇନା ଓ ବାଣୀବିହାର', ତୁଳିକା ବିବିଧରଙ୍ଗଙ୍କ କବିତା ସଂକଳନ 'ଖୁଲାବୀ କାନଭାସ', ରୁଦ୍ରରଞ୍ଜନ ଶେଜପଡ଼ାଙ୍କ ଗଳ୍ପ ସଂକଳନ 'କରୋନା କାହାଣୀ', ମିୟୋଗରଞ୍ଜନ ପାତ୍ରଙ୍କ କବିତା ସଙ୍କଳନ 'ଏଣ୍ଟ୍ରୋପି ଅଫ୍ ଥଟ୍ସ', ଅଙ୍କିତା ସାହୁଙ୍କ କବିତା ସଂକଳନ 'ଏ ପଟପୁରି ଅଫ୍ ପୋଏମ୍ସ', ପ୍ରୀତିସୀମା ସ୍ୱାଇଁଙ୍କ କବିତା ସଂକଳନ 'ଜୀବନ ସହ ସନ୍ଧି' ଏବଂ ହିମାଂଶୁ ଶେଖର ମିଶ୍ରଙ୍କର କବିତା ସଂକଳନ 'ଟୋପାଏ ସମୁଦ୍ର'। ଏହି ଉତ୍ସବକୁ ବ୍ୟଙ୍ଗକବି ଡ. କୁଳାଙ୍ଗାର ପରିଚାଳନା କରିଥିଲେ।

## ସମାଜ ବିକାଶରେ ନାରୀଙ୍କ ଭୂମିକା ଅତୁଳନୀୟ

ଭୁବନେଶ୍ୱର,୭।୩(ବ୍ୟୁରୋ)

ବିଶ୍ୱ ମହିଳା ଦିବସ ଉପଲକ୍ଷେ ସୋମବାର ପ୍ରେରଣା ଏବଂ ଆଚିଭର ଫାଉଣ୍ଡେଶନ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ନାରୀ ପ୍ରତିଭାଙ୍କୁ ସ୍ଥାନୀୟ ଗୀତଗୋବିନ୍ଦ ସଦନ ପରିସରରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆଚିଭର ନ୍ୟୁଜର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଲେ, ସମାଜର ବିକାଶ ପାଇଁ ନାରୀଙ୍କ ଭୂମିକା ଅତୁଳନୀୟ। ଅତିଥି ଭାବେ ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାସ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଆଡ଼ଭୋକେଟ ଗୋପାଳକୃଷ୍ଣ ମହାନ୍ତି, ପ୍ରଫେସର ମେଜର କଳ୍ପନା ଦାସ, ଦୂରଦର୍ଶନ ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ଆଡ୍‌ଭୋକେଟ ବିଷ୍ଣୁପ୍ରସାଦ ପାତ୍ର, ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଆଚିଭର ଫାଉଣ୍ଡେଶନର ନିର୍ଦ୍ଦେଶିକା ଅରୁନ୍ଧତୀ ସୁନ୍ଦରାୟ, ଭାରତୀୟ ଫିଜିଆଟାରୀ ସୋସାଇଟିର ଅତିରିକ୍ତ ସାଧାରଣ ସମ୍ପାଦକ ଡ. ଶୁଭେନ୍ଦୁ ମିଶ୍ର ଯୋଗଦେଇଥିଲେ। ପ୍ରେରଣା ଗ୍ରୀନ୍ ଆର୍ମିର ଅଧ୍ୟକ୍ଷ ଦିଲ୍ଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସୁଷମା ମିଶ୍ରଙ୍କୁ କୁନ୍ତଳାକୁମାରୀ ସାହିତ୍ୟ ସମ୍ମାନ, ସରିତା ପଟେଲଙ୍କୁ ରମାଦେବୀ ସମାଜସେବା ସମ୍ମାନ, ପ୍ରଫେସର ସରୋଜଲକ୍ଷ୍ମୀ ପଟ୍ଟନାୟକଙ୍କୁ ମାଳତୀ ଚୌଧୁରୀ ସେବା ସମ୍ମାନ, ବିନି ସାମଲଙ୍କୁ ପାର୍ବତୀ ଘୋଷ ସ୍ମାରକୀ ସିନେ ସମ୍ମାନ, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କୁ ନନ୍ଦିନୀ ଶତପଥୀ ସେବା ସମ୍ମାନ, ଡ. ସ୍ୱାଧୀନାଙ୍କୁ ଶ୍ରେଷ୍ଠ ନାରୀ ପ୍ରତିଭା ସମ୍ମାନ, ସୁସ୍ମିତା ଦାସଙ୍କୁ କଣ୍ଠଶିଳ୍ପୀ ସମ୍ମାନ, ନମ୍ରତା ସିଂଦେଓଙ୍କୁ ଶ୍ରେଷ୍ଠ ସିନେ ଅଭିନେତ୍ରୀ ସମ୍ମାନ, ମାନସୀ ପାଲଙ୍କୁ ଶ୍ରେଷ୍ଠ ଧାରାବାହିକ ସମ୍ମାନ, ନିଲ୍ ପଣ୍ଡାଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନ, ମିନତୀ ସିଂ ଓ ମୌସୁମୀ ମହାନ୍ତିଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ, ରୋଜାଲିନ, ଗୁନ୍‌ଗୁନ୍, ଶିବାନୀ ମୁଦ୍ରା, ଗାୟତ୍ରୀ ମହାନ୍ତିଙ୍କୁ ଶ୍ରେଷ୍ଠ ଉପସ୍ଥାପିକା ସମ୍ମାନ, ମିସ୍ ଟିମ୍ ଇଣ୍ଡିଆ ମିଲନ କୁମାରୀ ପଣ୍ଡାଙ୍କୁ ଶ୍ରେଷ୍ଠ ନାରୀ ପ୍ରତିଭା, ଆମ୍ବିକା ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା, ରୋଚନା ମହାପାତ୍ରଙ୍କୁ ଶ୍ରେଷ୍ଠ ମେଧାବୀ ଛାତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା।

## ବାବାଙ୍କୁ ଗିରଫ ଦାବିରେ ଥାନା ଘେରାଉ



ଭୁବନେଶ୍ୱର, ୭।୩ (ବ୍ୟୁରୋ)

ଡୁମୁଡୁମାର ରଘୁନାଥ ନଗରରେ ରାଧେକୃଷ୍ଣ ମଠରେ ମହିଳା ଓ ଶିଶୁଙ୍କୁ ଯୌନ ନିର୍ଯାତନା ଦେଉଥିବା ଜଣେ ବାବାଙ୍କୁ ଗିରଫ ଦାବିରେ ସୋମବାର ରାତିରେ ଖଣ୍ଡଗିରି ଥାନାକୁ ଘେରାଉ ସହ ଧାରଣା ଦିଆଯାଇଛି। ଧାରଣାରେ ଓଡ଼ିଶା ନ୍ୟାୟ ମଞ୍ଚ ସଂଗଠନ, ଆମ୍ବେଡକର ସମାଜ ସେବୀ ମହାସଂଘ, ଆମ୍ବେଡକର ସ୍ମୃତି ପରିଷଦର ସଦସ୍ୟମାନେ ସାମିଲ ହୋଇଛନ୍ତି। ଅଭିଯୁକ୍ତ ବାବାଙ୍କ ନାମରେ ଖଣ୍ଡଗିରି, ବାଲିଅନ୍ତା, ଖାରବେଳନଗର ଥାନାରେ ମଧ୍ୟ ପୂର୍ବରୁ ମାମଲା ରହିଛି। ଏହାସତ୍ତ୍ୱେ କମିଶନରେଟ୍ ପୋଲିସ ତାଙ୍କୁ ଗିରଫ କରୁନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯଦି ବାବାଙ୍କୁ ଗିରଫ କରା ନ ଯାଏ ତେବେ ଧାରଣା ସହ ରାଜ୍ୟବ୍ୟାପୀ ବିରୋଧ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ରାତିରେ ଧାରଣାସ୍ଥଳରେ ଆନ୍ଦୋଳନକାରୀମାନେ ରୋଷେଇ କରି ରାସ୍ତାରେ ବସି ଖାଇବା ସହ ଧାରଣା ଜାରି ରଖିଛନ୍ତି।

# ୧୧ ହଜାର ଶିଶୁ, ୨୬୩୧ ଗର୍ଭବତୀ ନେବେ ଟିକା

### ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଶୁଭାରମ୍ଭ

ଖୋର୍ଦ୍ଧା ଅଫିସ,୭।୩

କୋଭିଡ୍ ମହାମାରୀ ସମୟରେ ନିୟମିତ ଟିକାକରଣରୁ ବଞ୍ଚିତ ପିଲାମାନଙ୍କୁ ଟିକାକରଣ ନିମନ୍ତେ ସୋମବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ମାତୃ ଓ ଶିଶୁ ଯତ୍ନ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ସଘନ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଟିକା ଖୁଆଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ସିଡିଏମଓ ଆର୍ତ୍ତବନ୍ଧୁ ନାୟକ, ଏଡିଏମଓ(ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ, ଡା.ଶଶିଭୂଷଣ ପଣ୍ଡା, ଡା.ନୀହାର ରଞ୍ଜନ ରାୟ, ଡା.ସୁନୀଲ କୁମାର ଦାଶ, ଏସଭିଏଲଏମ ରବିଶଙ୍କର ପଟ୍ଟନାୟକ, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଓ ଅନ୍ୟ ଅଧିକାରୀ।

ଏହି ଅବସରରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପାଣିଗ୍ରାହୀ କହିଥିଲେ ଯେ, ଏହି ଟିକାକରଣର ଆଭିମୁଖ୍ୟ ହେଉଛି ଆଦୌ କିମ୍ବା ଅଧାରୁ ଟିକା ନେଇ ନ ଥିବା ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀଙ୍କ ସୂଚୀ ଏବଂ ସେମାନଙ୍କର ଟିକାକରଣ କରିବା ଯାହାଦ୍ୱାରା ଟିକାକରଣ ଶତପ୍ରତିଶତ ହୋଇପାରିବ। ଏହି ଟିକା ଶିଶୁଙ୍କୁ ୧୨ଟି ରୋଗରୁ ସୁରକ୍ଷା ଦେଇଥାଏ। ଏନଏଫଏଚଏସର ୨୦୨୦-୨୧ ସର୍ଭେ ଅନୁଯାୟୀ ଓଡ଼ିଶାରେ ସମ୍ପୂର୍ଣ୍ଣ ଟିକାକରଣ ହାର ହେଉଛି ୯୦.୫ ପ୍ରତିଶତ, ଯାହାକି ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ। କେନ୍ଦ୍ରସରକାର ଓଡ଼ିଶାର ୧୨ଟି ଜିଲାକୁ ସଘନ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନରେ ଚିହ୍ନଟ କରିଛନ୍ତି। ସେଗୁଡିକ ହେଲା ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ୫ଟି ମହାନଗର ନିଗମ। ଏହି ଅଭିଯାନ ମାର୍ଚ୍ଚରୁ ମେ' ମାସ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏବଂ ପ୍ରତ୍ୟେକ ପର୍ଯ୍ୟାୟ ୭ଦିନ ପର୍ଯ୍ୟନ୍ତ ଟିକାକରଣ କରାଯିବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୭, ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ଓ ତୃତୀୟ ପର୍ଯ୍ୟାୟ ମେ'୨ରୁ ଆରମ୍ଭ ହେବ। ଏଥିଲାଗି ଜିଲାସ୍ତରରେ ଟାସ୍କ ଫୋର୍ସ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ଏହି କମିଟି ଏହାର ତଦାରଖ କରିବ। ଏହି ଅଭିଯାନର ସଫଳତା ପାଇଁ ରାଜ୍ୟସ୍ତରୀୟ ନୋଡାଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ୧୨ଟି ଜିଲାରେ ୧୬୮ଟି ଗୋଷ୍ଠୀସ୍ତରୀୟ ସର୍ଭେ ଅନୁଯାୟୀ ୧୦,୯୯୭ଜଣ ପିଲା(ଜନ୍ମରୁ ୨ବର୍ଷ) ଏବଂ ୨୬୩୧ଜଣ ଗର୍ଭବତୀଙ୍କୁ ୪୬୨୫ ଟିକା ଅଧିବେଶନ ଜରିଆରେ ଟିକାକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ସଫଳତା ପାଇଁ ୟୁନିସେଫ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଏସଆଇଓୟୁଏନଡିପି ସହଯୋଗର ହାତ ବଢାଇଛନ୍ତି। ସେହିପରି ଖୋର୍ଦ୍ଧା ସିଡିଏମଓ ନାୟକ କହିଥିଲେ, ଖୋର୍ଦ୍ଧା ଜିଲାରେ ଟିକାକରଣ ହାର ୮୪ ପ୍ରତିଶତ ରହିଛି। ଆଗାମୀ ଦିନରେ ଏହାକୁ ୯୫ ପ୍ରତିଶତ ସଫଳତା ହାସଲ ଲାଗି ଉଦ୍ୟମ କରାଯିବ। ଯେପରି ସମସ୍ତ ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କରାଯିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଖୋର୍ଦ୍ଧା ଜିଲା ଏହି ଅଭିଯାନ ପାଇଁ ସହରାଞ୍ଚଳରେ ୧୮୫ଟି ସେକ୍ସନରେ ୫୫୯ ଶିଶୁ, ୬୮ ଗର୍ଭବତୀ ଏବଂ ୬୩ଟି ସେକ୍ସନରେ ୧୮୪ ଶିଶୁ, ୨୫ଜଣ ଗର୍ଭବତୀ ମୋଟ ୨୪୮ ସେକ୍ସନରେ ୭୪୩ ଶିଶୁ ଓ ୯୩ ଗର୍ଭବତୀଙ୍କୁ ପ୍ରଥମ ରାଉଣ୍ଡ ଟିକାକରଣ କରାଯିବ। ଡିପିଏମ ବାନାର୍ଜୀ କହିଥିଲେ, ଖୋର୍ଦ୍ଧା ଜିଲା ୨୦୧୮ରେ ୯୦ପ୍ରତିଶତ ଟିକାକରଣ ସଫଳତା ହାସଲ କରି ଜାତୀୟସ୍ତରରେ ପୁରସ୍କୃତ ହୋଇଛି।

**୧୪ ଦିନ ପାଇଁ ଜେଲ ଗଲେ ନୱାବ ମଲିକ**

ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ ଓ ତାଙ୍କ ସହଯୋଗଙ୍କ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ମହାରାଷ୍ଟ୍ରର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ନୱାବ ମଲିକଙ୍କୁ ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ସୋମବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଫେବୃୟାରୀ ୨୩ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୱାବଙ୍କୁ ୫ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲା। ଇଡି ରିମାଣ୍ଡ ସମୟସୀମା ଶେଷ ହେବା ପରେ ସୋମବାର ତାଙ୍କୁ ସ୍ୱତନ୍ତ୍ର ବିଚାରପତି ଆର୍.ଏନ୍. ରୋକଡେଙ୍କ ଅଦାଲତରେ ହାଜର କରାଯାଇଥିଲା।

# ରୁଷିଆ କରିଡରକୁ ୟୁକ୍ରେନ୍‌ର ପ୍ରତ୍ୟାଖ୍ୟାନ

**ମସ୍କୋ/କ୍ୱିଭ୍, ୭।୩**

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ସାଧାରଣ ନାଗରିକଙ୍କୁ ବାହାର କରିବା ନିମନ୍ତେ ରୁଷିଆ ମାନବୀୟ କରିଡର୍ ନିର୍ମାଣ ପାଇଁ ସୋମବାର ଘୋଷଣା କରିଛି। ଦୁଇ ଥର ଅସ୍ତ୍ରବିରତି ଉଲ୍ଲଂଘନ ହେବା ପରେ ରୁଷିଆ ୟୁକ୍ରେନ୍‌ର ଦୁଇ ପ୍ରମୁଖ ସହର କ୍ୱିଭ୍, ଖର୍କିଭରୁ ଲୋକଙ୍କୁ ସୁରକ୍ଷିତ ବାହାର କରିବା ନିମନ୍ତେ କରିଡର ପ୍ରସ୍ତୁତ କରିବା ନିମନ୍ତେ ରାଜି ହୋଇଛି। ହେଲେ ୟୁକ୍ରେନ୍‌ବାସୀ ଏହି କରିଡର ଦେଇ ରୁଷିଆ ଓ ବେଲାରୁଷ ଯିବେ ବୋଲି ମସ୍କୋ ପକ୍ଷରୁ ସ୍ଥିର ହୋଇଛି। ଏ ନେଇ ରୁଷିଆ ନ୍ୟୁଜ୍ ଏଜେନ୍ସିରେ ଏ ବାବଦ ମ୍ୟାପ୍ ପ୍ରକାଶ କରାଯାଇଛି। ରୁଷିଆର ଏପରି ଯୋଜନାବଦ୍ଧ କରିଡର ନିର୍ମାଣ ସମ୍ପୂର୍ଣ୍ଣ ଭାବେ ଅନୈତିକ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଜଣେ ମୁଖପାତ୍ର କହିଛନ୍ତି। ୟୁକ୍ରେନ୍ ନାଗରିକ କୁଆଡେ ଯିବେ ଏବଂ କିପରି ରହିବେ ତାହା ସେମାନଙ୍କ ଇଚ୍ଛା ଉପରେ ନିର୍ଭର କରେ। ଏହା ସେମାନଙ୍କ ଅଧିକାର। ଏପରି କରିଡର ନିର୍ମାଣ ଗ୍ରହଣୀୟ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ମଧ୍ୟ ରୁଷିଆର ଏଭଳି କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରୁଷିଆ ଭାରତୀୟ ସମୟ ସାଢ଼େ ୧୨ଟାରେ କ୍ୱିଭ୍, ଖର୍କିଭ, ମାରିଉପୋଲ ଏବଂ ସୁମିରେ ଅସ୍ତ୍ରବିରତି ଘୋଷଣା କରିଥିଲେ ହେଁ ପୁଣି ଏହାର ଉଲ୍ଲଂଘନ ହୋଇଛି।


ଲଭିଭ୍‌ର ସେଣ୍ଟ୍ସ ପିଟର ଏବଂ ପଲ୍ ଗାରିସନ୍ ଚର୍ଚ୍ଚରେ ୟୁକ୍ରେନ୍‌ର ଜଣେ ମହିଳା ସୈନ୍ୟ ପୋଷାକ ପିନ୍ଧି ପ୍ରାର୍ଥନା କରୁଛନ୍ତି।

■ମସ୍କୋର କାର୍ଯ୍ୟ ଅନୈତିକ: କ୍ୱିଭ୍
■ୟୁକ୍ରେନ୍ ଚାହିଁଲେ କ୍ଷଣିକରେ ଦ୍ୱନ୍ଦ୍ୱ ଶେଷ ହେବ: କ୍ରେମଲିନ୍

ୟୁକ୍ରେନ୍ ଚାହିଁଲେ ରୁଷିଆ ସେଠାରେ ନିଜର ମିଲିଟାରୀ ଅପରେଶନ ଯେ କୌଣସି ମୁହୂର୍ତ୍ତରେ ବନ୍ଦ କରିବ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି। କ୍ରିମିଆକୁ ରୁଷିଆର ଅଂଶ ମାନିବା, ଡୋନେସ୍କ ଓ ଲୁହାନ୍‌ସ୍କ ସ୍ୱାଧୀନ ମାନ୍ୟତା ପ୍ରଦାନ, ନାଟୋ ଭଳି ସାମରିକ ମେଣ୍ଟରୁ ୟୁକ୍ରେନ୍ ଦୂରେଇ ରହିବା ପାଇଁ ରାଜି ହେଲେ ସମସ୍ୟା ଦୂର ହୋଇପାରିବ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିତ୍ରି ପେଶକୋଭ୍ କହିଛନ୍ତି। ୟୁକ୍ରେନ୍‌ର ଅନ୍ୟ କୌଣସି କ୍ଷେତ୍ର ବା ଅଞ୍ଚଳ ଉପରେ ରୁଷିଆ ନିଜର ବୋଲି ଦାବି କରିବାକୁ ଉଦ୍ଦେଶ୍ୟ ରଖି ନ ଥିବା ସେ ପ୍ରକାଶ କରିଛନ୍ତି। ମସ୍କୋ ଓ କ୍ୱିଭ୍ ପ୍ରତିନିଧିଙ୍କ ମଧ୍ୟରେ ସୋମବାର ତୃତୀୟ ପର୍ଯ୍ୟାୟ ବୈଠକ ବସିଥିବାବେଳେ ଆସନ୍ତା ଗୁରୁବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍ରୋଭ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ତୁର୍କୀରେ ଭେଟି ଆଲୋଚନା କରିବେ ବୋଲି ଜଣାଯାଇଛି।

## ହତ୍ୟାକାରୀଙ୍କୁ କ୍ଷମା ଦେବୁନି

ଦୀର୍ଘ ୧୨ ଦିନ ହେଲା ରୁଷିଆ ଆକ୍ରମଣରୁ ନିସ୍ତାର ପାଇପାରୁନି ୟୁକ୍ରେନ୍। ଗୁଳିଗୋଳା, ବୋମା ଓ ମିଶାଇଲ ମାଡ଼ରେ ଥରୁଛି ଏହି ପୂର୍ବ ୟୁରୋପୀୟ ଦେଶର ଏକାଧିକ ସହର। ଜାତିସଂଘର ଆକଳନ ଅନୁସାରେ ଯୁଦ୍ଧ ଆରମ୍ଭ ହେବାପରଠାରୁ ଏ ପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଜୀବନ ବିକଳରେ ପ୍ରାୟ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ୟୁକ୍ରେନ୍‌ବାସୀ ଦେଶ ଛାଡ଼ି ପଳାୟନ କଲେଣି। ଏବେ ବି ନିଜ ଘର ଦ୍ୱାର ଛାଡ଼ି ଅନ୍ୟତ୍ର ଶରଣ ନେବାକୁ ବହୁସଂଖ୍ୟାରେ ସାଧାରଣ ନାଗରିକ ଉଦ୍ୟମରତ। ଏପରିସ୍ଥିତିରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ଏକ ସ୍ୱତନ୍ତ୍ର ଧର୍ମୀୟ ଉତ୍ସବ 'ଫରଗିଭ୍‌ନେସ୍ ସନ୍‌ଡେ'ରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ରୁଷିଆ ଜାଣିଶୁଣି ନିରୀହ ନାଗରିକଙ୍କୁ ହତ୍ୟା କରୁଛି। ଆକ୍ରମଣ ଆହୁରି ଭୟଙ୍କର କରିବାକୁ ଧମକ ଦେଉଛି। ଯେଉଁମାନେ ଆମ ଦେଶରେ ପଶି ଅପରାଧ କରୁଛନ୍ତି ସେମାନଙ୍କୁ ଭୁଲିବୁ ନାହିଁ କି କ୍ଷମା କରିବୁ ନାହିଁ। ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ। କେବଳ କବର ବ୍ୟତୀତ ସେମାନଙ୍କ ପାଇଁ ପୃଥିବୀର ଅନ୍ୟ କୌଣସି ସ୍ଥାନ ଶାନ୍ତିପୂର୍ଣ୍ଣ ହୋଇ ରହିବ ନାହିଁ ବୋଲି ଜେଲେନ୍‌ସ୍କି କହିଛନ୍ତି। ସାଧାରଣ ନାଗରିକ ପଳାୟନ କରୁଥିବାବେଳେ ମଧ୍ୟ ରୁଷିଆ ସେମାନଙ୍କ ଉପରେ ଆକ୍ରମଣ କରୁଥିବା ସେ ଅଭିଯୋଗ ଆଣିଛନ୍ତି।

ଦେଶବାସୀଙ୍କୁ ଜେଲେନ୍‌ସ୍କିଙ୍କ ସମ୍ବୋଧନ



## ରୁଷିଆର ଶତ୍ରୁ ତାଲିକାରେ ଆମେରିକା

ରୁଷିଆ ଶତ୍ରୁତାପୂର୍ଣ୍ଣ ବ୍ୟବହାର କରୁଥିବା ଏବଂ କଟକଣା ଲଗାଇଥିବା ଦେଶକୁ ନେଇ ଏକ ତାଲିକା ପ୍ରସ୍ତୁତ କରିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏଥିରେ ଦସ୍ତଖତ କରିଥିବା ମସ୍କୋ ନ୍ୟୁଜ୍ ଏଜେନ୍ସି ରିପୋର୍ଟ ପ୍ରକାଶ କରିଛି। ଏହି ତାଲିକାରେ ଆମେରିକା, ବ୍ରିଟେନ, କାନାଡା, ୟୁକ୍ରେନ୍ ସମେତ ଜର୍ସି, ଆଙ୍ଗୁଇଲିଆ, ବ୍ରିଟିଶ ଭର୍ଜିନ ଦ୍ୱୀପପୁଞ୍ଜ, ଜିବ୍ରାଲଟର, ମୋଣ୍ଟେନେଗ୍ରୋ, ସୁଇଜରଲାଣ୍ଡ, ଆଲବାନିଆ, ଆଣ୍ଡୋରା, ଆଇସଲାଣ୍ଡ, ଲିଚେଟେନ୍‌ଷ୍ଟେନ୍, ମୋନାକୋ, ନର୍‌ୱେ, ସାନ୍ ମାରିନୋ, ନର୍ଥ ମାକେଡୋନିଆ ରହିଛି। ଏହାବାଦ୍ ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ମାଇକ୍ରୋନସେନିଆ, ନ୍ୟୁଜିଲାଣ୍ଡ, ସିଙ୍ଗାପୁର, ତାଇୱାନ ମଧ୍ୟ ରୁଷିଆର ଶତ୍ରୁଦେଶ ତାଲିକାରେ ରହିଛି।

## ୩ୟ ପର୍ଯ୍ୟାୟ ଆଲୋଚନା

ଯୁଦ୍ଧ ଭିତରେ ରୁଷିଆ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ସୋମବାର ବେଲାରୁଷ-ପୋଲାଣ୍ଡ ସୀମା ନିକଟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। ପୂର୍ବରୁ ଦୁଇ ଦେଶ ମଧ୍ୟରେ ହୋଇଥିବା ପ୍ରତିନିଧିସ୍ତରୀୟ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ। ୟୁକ୍ରେନ୍ ଦାବି ପୂରଣ କରିବାକୁ ବାଧ୍ୟ ବୋଲି ପୁଟିନ୍ ଜିଦ୍‌ରେ ଅଟଳ ଥିବାବେଳେ ରୁଷିଆ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ଜେଲେନ୍‌ସ୍କି କହି ଆସୁଛନ୍ତି। ତେଣୁ କୌଣସି ପକ୍ଷ ବୁଝାମଣା ପାଇଁ ରାଜି ନ ହେଲେ ତୃତୀୟ ପର୍ଯ୍ୟାୟ ବୈଠକ ମଧ୍ୟ ନିଷ୍ଫଳ ହେବାର ଆଶଙ୍କା ରହିଛି।

## ଆଇସିଜେରେ ଶୁଣାଣି

ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ସୋମବାର ୟୁକ୍ରେନ୍ ପ୍ରସଙ୍ଗରେ ଶୁଣାଣି ଆରମ୍ଭ ହୋଇଛି। ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଓ ଲୁହାନ୍‌ସ୍କ ଅଞ୍ଚଳରେ କ୍ୱିଭ୍ ପକ୍ଷରୁ ନରସଂହାର କରାଯାଉଥିବା ନେଇ ରୁଷିଆ ଆଣିଥିବା ଅଭିଯୋଗ ଉପରେ ଏହି ଟ୍ରାଏଲ ହୋଇଛି। ଆକ୍ରମଣକୁ ଯଥାର୍ଥ ଦର୍ଶାଇବା ପାଇଁ ରୁଷିଆ ଏହି ମିଥ୍ୟା ଅଭିଯୋଗ ଆଣିଥିବା ୟୁକ୍ରେନ ଆଇସିଜେରେ କହିଛି। ଖୁବଶୀଘ୍ର ଏହାର ଶୁଣାଣି ଶେଷ ହେବ ବୋଲି ଆଇସିଜେ ଅଧ୍ୟକ୍ଷ ଜଷ୍ଟିସ୍ ଜୋନ୍ ଡୋନୋଗୁଏ କହିଛନ୍ତି।


ପୋଲାଣ୍ଡ ସୀମାରେ ପହଞ୍ଚିବା ପରେ ୟୁକ୍ରେନ୍‌ର ଜଣେ ବୃଦ୍ଧା ଏକ ଶିଶୁକୁ ଧରି କାନ୍ଦୁଛନ୍ତି।

## ରଣକ୍ଷେତ୍ରରେ ବାହାହେଲେ ଦୁଇ ଯବାନ

ରୁଷିଆର ଘନ ଘନ ଆକ୍ରମଣ ପରେ କ୍ୱିଭ୍‌ର ସ୍ଥିତି ଏକ ପ୍ରକାର ବିଗିଡ଼ି ଯାଇଛି। ଏଭଳି ସଙ୍କଟାପନ୍ନ ପରିସ୍ଥିତି ଭିତରେ ରାଜଧାନୀରେ ଦେଖିବାକୁ ମିଳିଛି ଏକ ନିଆରା ଦୃଶ୍ୟ। କ୍ୱିଭ୍‌ର ଜନଗହଳିପୂର୍ଣ୍ଣ ଚେକ୍‌ପଏଣ୍ଟରେ ଦୁଇ ଯବାନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଲେସୟା ଫିଲିମୋନୋଭା ଏବଂ ଭାଲେରି ଫିଲିମୋନୋଭା ରବିବାର ବାହା ହୋଇଛନ୍ତି। ବିବାହ ପାଇଁ ଦୁହେଁ କୌଣସି ସ୍ୱତନ୍ତ୍ର ଧରଣର ପୋଷାକ ନୁହେଁ ବରଂ ମିଲିଟାରି ୟୁନିଫର୍ମରେ ଥାଇ ବାହା ହୋଇଛନ୍ତି। ମିଲିଟାରି କପଡ଼ାରେ ତିଆରି ଏକ ବୁର୍ଖା କନିଆ ଭାଲେରି ପରିଧାନ କରିଥିବାବେଳେ ପାରମ୍ପରିକ ମୁକୁଟ ବଦଳରେ ବର ସାଜିଥିବା ଲେସୟା ଏକ ମିଲିଟାରି ହେଲମେଟ ପିନ୍ଧିଥିଲେ। ଲେସୟା ଏବଂ ଭାଲେରି ପୂର୍ବରୁ ଏକାଠି ରହୁଥିଲେ ସୁଦ୍ଧା ବିବାହ କରି ନ ଥିଲେ।

ଫେବୃୟାରୀ ୨୪ରେ ଉଭୟ ୟୁକ୍ରେନ୍ ସୈନ୍ୟବାହିନୀରେ ଯୋଗ ଦେଇଥିଲେ। ମିଲିଟାରିରେ ଯୋଗଦେବା ପରଠାରୁ ଦୁହେଁ ପରସ୍ପରକୁ ଭେଟି ନ ଥିଲେ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଏ ପ୍ରକାର ନିଆରା ବାହାଘରକୁ ସ୍ଥାନୀୟ ଲୋକେ ପସନ୍ଦ କରିଛନ୍ତି। କ୍ୱିଭ୍‌ର ମେୟର ଭିଟାଲି କଲିଟସ୍କୋ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ବିବାହ ବେଳର ଏକ ଭିଡିଓ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।


ବିବାହ କରିଥିବା ଯବାନ ଯୋଡ଼ି।

## ଏବେବି ଫସିଛନ୍ତି ୩ ହଜାର

ୟୁକ୍ରେନ୍‌ରୁ ଫେରିଛନ୍ତି ୧୭ ହଜାର ଭାରତୀୟ

ଅପରେଶନ ଗଙ୍ଗା ଜରିଆରେ କେନ୍ଦ୍ର ସରକାର ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏବେସୁଦ୍ଧା ୟୁକ୍ରେନ୍‌ରେ ୩ ହଜାର ଭାରତୀୟ ଫସି ରହିଥିବା କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ କହିଛନ୍ତି। ଫସିଥିବା ଭାରତୀୟଙ୍କ ମଧ୍ୟରୁ ପାଖାପାଖି ୨ ହଜାରରୁ ଊର୍ଦ୍ଧ୍ୱ କ୍ୱିଭ୍ ଓ ଏହାର ପଡ଼ୋଶୀ ଅଞ୍ଚଳଗୁଡ଼ିକରେ ଫସିଥିବାବେଳେ ସୁମିରେ ୬୦୦ରୁ ଊର୍ଦ୍ଧ୍ୱ ଭାରତୀୟ ମେଡ଼ିକାଲ ଛାତ୍ରୀଛାତ୍ର ଫସିରହିଛନ୍ତି। ଅପରେଶନ ଗଙ୍ଗା ନେଇ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ରାଷ୍ଟ୍ର ମୁଖ୍ୟଙ୍କ ସହ ଆଲୋଚନା କରିଥିବା ସେ କହିଛନ୍ତି। ଅନ୍ୟପଟେ ସୁମିରେ ଫସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ୟୁପି: ଶେଷ ପର୍ଯ୍ୟାୟରେ ୫୭% ଭୋଟିଂ

**ଲକ୍ଷ୍ନୌ,୭।୩(ପି.ଟି)**

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ସପ୍ତମ ତଥା ଶେଷ ପର୍ଯ୍ୟାୟ ମତଦାନ ସୋମବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ଯ୍ୟାୟରେ ୫୪ ଆସନରେ ମତଦାନ ହୋଇଥିଲା। ୫୭.୫୩ ପ୍ରତିଶତ ଭୋଟିଂ ହୋଇଥିବା ନିର୍ବାଚନଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

ବାରାଣସୀ ସମେତ ୫୪ ଆସନରେ ୬୧୩ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଏହି ପର୍ଯ୍ୟାୟରେ ଆଜମଗଡ଼, ମାଉ, ଜଉନପୁର, ଗାଜିପୁର, ଚାଣ୍ଡୌଲି, ବାରାଣସୀ, ମିର୍ଜାପୁର, ଭଦୋହି ଏବଂ ସୋନଭଦ୍ରା ଜିଲାରେ ସକାଳ ୭ରୁ ମତଦାନ ଆରମ୍ଭ ହୋଇଥିଲା।

୫୪ ଆସନରେ ମତଦାନ ସରିବା ସହ ଦୀର୍ଘ ମାସେ ହେଲା ଉତ୍ତରପ୍ରଦେଶରେ ଲାଗି ରହିଥିବା ଭୋଟିଂ ପ୍ରକ୍ରିୟା ଶେଷ ହୋଇଛି। ଏବେ ମାର୍ଚ୍ଚ ୧୦ ଭୋଟ ଗଣତିକୁ ସମସ୍ତଙ୍କ ଅପେକ୍ଷା। ଜାନୁୟାରୀରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଫେବୃୟାରୀ ୧୦ରୁ ଏଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୧୦ରେ ୟୁପି ସମେତ ୫ ରାଜ୍ୟରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।

## ୭ଦିନ ସିବିଆଇ ହାଜତକୁ ଗଲେ ଚିତ୍ରା ରାମକ୍ରିଷ୍ଣା

**ନୂଆଦିଲ୍ଲୀ,୭।୩**

କୋ-ଲୋକେଶନ ଦୁର୍ନୀତି ମାମଲାରେ ରବିବାର ରାତିରେ ଗିରଫ ହୋଇଥିବା ନ୍ୟାଶନାଲଷ୍ଟକ୍‌ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ୭ ଦିନ ପାଇଁ ସିବିଆଇ ହାଜତକୁ ପଠାଇ ଦେଇଛନ୍ତି। ସିସିଟିଭି ଆଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଚିତ୍ରାଙ୍କୁ ଜେରା କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଓକିଲ ପ୍ରତିଦିନ ସନ୍ଧ୍ୟାରେ ତାଙ୍କୁ ଭେଟିବା ଲାଗି କୋର୍ଟ ଅନୁମତି ଦେଇଥିବାବେଳେ ସିବିଆଇକୁ ପ୍ରତି ୨୪ ଘଣ୍ଟାରେ ଚିତ୍ରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ କୁହାଯାଇଛି।



ଏନ୍‌ଏସ୍‌ଇର ପୂର୍ବତନ ମୁଖ୍ୟ ତଦନ୍ତରେ ସହଯୋଗ କରୁ ନ ଥିବା ସରକାରୀ ଓକିଲ ସ୍ୱତନ୍ତ୍ର ବିଚାରପତି ସଞ୍ଜୀବ ଅଗ୍ରୱାଲଙ୍କ କୋର୍ଟଙ୍କୁ ଜଣାଇଥିଲେ। ୨,୫୦୦ରୁ ଊର୍ଦ୍ଧ୍ୱ ଅପରାଧମୂଳକ ଇ-ମେଲ୍‌ରେ ତାଙ୍କୁ ମୁହାଁମୁହିଁ କରାଯିବାର ଆବଶ୍ୟକ ଥିଲା। ଏପରିକି ସହଅଭିଯୁକ୍ତ ଆନନ୍ଦ ସୁବ୍ରମଣ୍ୟନଙ୍କ ସହ ଚିତ୍ରା ତାଙ୍କର ପୂର୍ବ ସମ୍ପର୍କ ବିଷୟରେ ଜଣାଇବାକୁ ଚାହୁଁନାହାନ୍ତି, ଏପରିକି ତାଙ୍କୁ ଚିହ୍ନିବା ପାଇଁ ମନା କରିଦେଇଛନ୍ତି ବୋଲି ସରକାରୀ ଓକିଲ କୋର୍ଟଙ୍କୁ କହିଥିଲେ। ସେ ତଥାକଥିତ ହିମାଳୟ ଯୋଗୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲେ, ଯେଉଁଥିପାଇଁ ଏନ୍‌ଏସ୍‌ଇର ବିପୁଳ କ୍ଷତି ଘଟିଛି। ରବିବାର ଚିତ୍ରାଙ୍କୁ ତାଙ୍କ ପୂର୍ବତନ ସହକର୍ମୀ ଆନନ୍ଦ ସୁବ୍ରମଣ୍ୟନ୍‌ଙ୍କ ସହ ମୁହାଁମୁହିଁ ଜେରା କରାଯାଇଥିଲା।

## ସହକର୍ମୀଙ୍କୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

**କୋଲକାତା,୭।୩ (ପି.ଟି.)**

ପଶ୍ଚିମବଙ୍ଗର ମୁର୍ଶିଦାବାଦ ସହରରେ ଥିବା ଏକ ବିଏସ୍‌ଏଫ୍ କ୍ୟାମ୍ପରେ ସୋମବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜଣେ ବିଏସ୍‌ଏଫ୍ ଯବାନ ତାଙ୍କ ସହକର୍ମୀଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଭାରତ-ବାଂଲାଦେଶ ସୀମାନ୍ତବର୍ତ୍ତୀ କାକମାରିଚର ସୀମା ସୁରକ୍ଷା ବଳ କ୍ୟାମ୍ପରେ ସକାଳ ୬ଟା ୪୫ରେ ଏହି ଘଟଣା ଘଟିଛି। ହେଡ୍ କନ୍‌ଷ୍ଟେବଲ ଜନସନ ଟପ୍ପୋ ନିଜ ସର୍ଭିସ ରାଇଫଲରେ ସହକର୍ମୀ ଏସ୍.ଜି. ଶେଖରଙ୍କୁ ଗୁଳି କରିଥିବା ଅଭିଯୋଗ ହୋଇଛି। ଉଭୟ ବିଏସ୍‌ଏଫ୍‌ର ୧୧୭ତମ ବାଟାଲିୟନରେ ପୋଷ୍ଟିଂ ହୋଇଥିଲେ। ସୀମାରେ ରାତି ଡ୍ୟୁଟି ସାରି ଫେରିବା ପରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପୋଲିସ କହିବା ଅନୁଯାୟୀ ଗତବର୍ଷ ସୀମାରେ ଉଭୟ ଯବାନ ଜଣେ ଚାଷୀଙ୍କୁ ଅଟକାଇଥିଲେ। ଏହି ମାମଲାରେ ସୋମବାର ୧୦ଟାରେ ରାମନଗର ଥାନାରେ ହାଜର ହେବା ଲାଗି ସ୍ଥାନୀୟ ପୋଲିସ ସେମାନଙ୍କୁ ସମନ କରିଥିଲା। ଏହାକୁ ନେଇ ବଚସାରୁ ଟପ୍ପୋ ଶେଖରଙ୍କୁ ଗୁଳି କରିଥିବା କୁହାଯାଉଛି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ବିଏସ୍‌ଏଫ୍ ପକ୍ଷରୁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ମଧ୍ୟ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ୩୧ରେ ୧୩ ରାଜ୍ୟ ସଭା ଆସନ ଲାଗି ଭୋଟ

**ନୂଆଦିଲ୍ଲୀ,୭।୩(ପି.ଟି.)**

ଆସନ୍ତା ଏପ୍ରିଲରେ ୬ ରାଜ୍ୟରୁ ୧୩ ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏଥିପାଇଁ ମାର୍ଚ୍ଚ ୩୧ରେ ନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ନିର୍ବାଚନ କମିଶନଙ୍କ ପକ୍ଷରୁ ଏହା ଘୋଷଣା କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଏ.କେ. ଆଣ୍ଟୋନି ଏବଂ ଆନନ୍ଦ ଶର୍ମାଙ୍କ କାର୍ଯ୍ୟକାଳ ଏପ୍ରିଲରେ ଶେଷ ହେଉଛି। ଆସାମରେ ୨ ଆସନ, କେରଳରେ ୩ ଆସନ, ହିମାଚଳପ୍ରଦେଶ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ଗୋଟିଏ ଲେଖାଏ ଆସନ ଏପ୍ରିଲ ୨ରେ ଖାଲି ହେବାକୁ ଥିବାବେଳେ ଏପ୍ରିଲ ୯ରେ ପଞ୍ଜାବର ୫ ସଦସ୍ୟ ଅବସର ନେବେ। ତେବେ ପଞ୍ଜାବର ୫ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ଦୁଇଟି ପାଇଁ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି। ମାର୍ଚ୍ଚ ୩୧ ତାରିଖ ନିର୍ବାଚନ ପାଇଁ ୧୪ରେ ବିଜ୍ଞପ୍ତି ଜାରି ହେବ। ଭୋଟ ଦିନ ୫ଟା ପରେ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ରାଜ୍ୟ ସଭା କାର୍ଯ୍ୟକାଳ ଶେଷ ହେଉଥିବା ଅନ୍ୟ ପ୍ରମୁଖ ନେତାଙ୍କ ମଧ୍ୟରେ ଅଛନ୍ତି ପ୍ରତାପ ସିଂ ବାଜ୍‌ୱା ଏବଂ ନରେଶ ଗୁଜରାଲ (ପଞ୍ଜାବ)। ପଞ୍ଜାବରୁ ରାଜ୍ୟ ସଭା ଲାଗି ପ୍ରତିନିଧିତ୍ୱ ଚଳିତ ବିଧାନସଭା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରିବ। ଫେବୃୟାରୀ ୨୦ରେ ପଞ୍ଜାବରେ ନିର୍ବାଚନ ହୋଇଥିବାବେଳେ ଆସନ୍ତା୧୦ରେ ଫଳାଫଳ ପ୍ରକାଶ ପାଇବ।

## ପାକିସ୍ତାନ ପୂର୍ବତନ ରାଷ୍ଟ୍ରପତି ରାଫିକ ତାରରଙ୍କ ବିୟୋଗ



**ଲାହୋର,୭।୩**

ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ରାଫିକ ତାରର ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୨ ବର୍ଷ ହୋଇଥିଲା। ରାଫିକ ୧୯୯୭ରୁ ୨୦୦୧ ପାକିସ୍ତାନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୯୧ରୁ ୧୯୯୪ ପର୍ଯ୍ୟନ୍ତ ସେ ସୁପ୍ରିମକୋର୍ଟ ବିଚାରପତି ରହିଥିଲେ।

## ଉଦ୍‌ବେଗ ଜଣାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୩(ପି.ଟି.)**

କୋଭିଡ୍ ସହାୟତା ଲାଗି ଜାଲ୍ ମୃତ୍ୟୁ ପ୍ରମାଣପତ୍ର

କୋଭିଡ୍-୧୯ରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନର ବ୍ୟବସ୍ଥା ହୋଇଥିବାବେଳେ ଏଥିପାଇଁ ଡାକ୍ତରମାନେ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରୁଥିବା ଜଣାପଡ଼ିଛି। ଏହାକୁ ନେଇ ସର୍ବୋଚ୍ଚ ଅଦାଲତ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ଜାଲିଆତିର ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନୁକମ୍ପାମୂଳକ ସହାୟତା ଦାବି କରିବା ଲାଗି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହେବା ଆବଶ୍ୟକ। ନଚେତ ଆବେଦନ ପ୍ରକ୍ରିୟା ସବୁଦିନ ଚାଲିଥିବ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି।

ଡାକ୍ତରମାନେ ଜାଲ୍ ସାର୍ଟିଫିକେଟ ପ୍ରଦାନ କରିବା ଚିନ୍ତାଜନକ। ଏହା ଅତ୍ୟନ୍ତ ଗୁରୁତର ଘଟଣା ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଜାଲ୍ ସାର୍ଟିଫିକେଟ ଇସ୍ୟୁକୁ କିପରି ରୋକାଯିବ, ସେଥିପାଇଁ ପ୍ରସ୍ତାବ ଦେବାକୁ ଖଣ୍ଡପୀଠ ସରକାରଙ୍କୁ କହିଥିଲେ। ସହାୟତା ପାଇଁ ଆବେଦନର ନିର୍ଦ୍ଦିଷ୍ଟ ସମୟସୀମା ରହିବା ଆବଶ୍ୟକ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହୋଇଥିବା କୋଭିଡ୍ ମୃତ୍ୟୁ ପାଇଁ ଆବେଦନର ବ୍ୟବସ୍ଥା କରାଯାଉ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। କୋଭିଡ୍ ମୃତ୍ୟୁ କ୍ଷତିପୂରଣ ଲାଗି ଆର୍‌ଟି-ପିସିଆର ରିପୋର୍ଟ ଜରୁରୀ ନୁହେଁ ବୋଲି ପୂର୍ବରୁ ସର୍ବୋଚ୍ଚ ଅଦାଲତ କହିଥିଲେ। ଏହି କୋହଳ ପଦକ୍ଷେପର ଅପବ୍ୟବହାର କରାଯାଉଥିବା ମେହେଟ୍ଟା କହିଛନ୍ତି।



## ଜୁନ୍ ସୁଦ୍ଧା ଆଇପିଓ ଲଞ୍ଚ୍ ଲକ୍ଷ୍ୟରେ ନାଭି ଟେକ୍

ନୂଆଦିଲ୍ଲୀ: ଚଳିତ ସପ୍ତାହ ଶେଷ ସୁଦ୍ଧା ସଚିନ ବଂଶଲଙ୍କ ନାଭି ଟେକ୍ନୋଲୋଜିକ୍ ଚଳିତ ସପ୍ତାହ ଶେଷ ସୁଦ୍ଧା ୪୦୦୦କୋଟି ଟଙ୍କାର ଇନିସିଆଲ୍ ପବ୍ଲିକ୍ ଅଫରିଂ(ଆଇପିଓ) ପାଇଁ ବଜାର ନିୟାମକ ସହିତ ନିଜ ଡ୍ରାଫ୍ଟ ପେପର ଦାଖଲ କରିବା ଯୋଜନା ରଖିଛି। କମ୍ପାନୀ ଜୁନ୍ ସୁଦ୍ଧା ନିଜ ଆଇପିଓ ଲଞ୍ଚ୍ କରିପାରେ। ସୂଚନାଯୋଗ୍ୟ, ଫ୍ଲିପ୍‌କାର୍ଟର ସହସଂସ୍ଥାପକ ସଚିନ୍ ବଂଶଲ ନାଭି ଟେକ୍‌ର ମଧ୍ୟ ସହସଂସ୍ଥାପକ। କମ୍ପାନୀ ନିଜ ଅଭିବୃଦ୍ଧି ଲକ୍ଷ୍ୟରେ ଏହି ପଦକ୍ଷେପ ନେଉଛି। ନାଭି ଟେକ୍ ହେଉଛି ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ବିତ୍ତୀୟ ଉତ୍ପାଦ ଏବଂ ସେବା ପ୍ରଦାନ କରୁଥିବା କମ୍ପାନୀ। ଏହା ମୁଖ୍ୟତଃ ବ୍ୟକ୍ତିଗତ ଋଣ, ଗୃହ ଋଣ, ସାଧାରଣ ଇନ୍ସ୍ୟୁରାନ୍ସ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭଳି ସେବା ପ୍ରଦାନ କରେ।

## ସଂକ୍ଷେପରେ

### ଷ୍ଟାର୍ଟଅପ୍‌କୁ ଟ୍ରେନିଂ ପ୍ରଦାନ

**ମୁମ୍ବାଇ,୭।୩ :** ଭାରତୀୟ ଷ୍ଟାର୍ଟଅପ୍ ଏବଂ ଡେଭଲପର୍‌ମାନଙ୍କୁ ବିଶ୍ୱ ଦରବାରରେ ଏକ ଆପ୍ ଏବଂ ଗେମ୍ ଇନୋଭେସନ୍ସ ସେଣ୍ଟର ଭାବେ ପରିଚିତ କରାଇପାରିଛି। ଭାରତର ପରବର୍ତ୍ତୀ ପିଢ଼ିର ଉଦ୍ଭାବକମାନଙ୍କୁ ଏହି ଅଭିବୃଦ୍ଧିର ସୁଯୋଗକୁ ଉନ୍ମୁକ୍ତ କରିବାକୁ ଲକ୍ଷ୍ୟ ରଖି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଏକ ଉଦ୍ୟୋଗ ମିଟି ଷ୍ଟାର୍ଟଅପ୍ ହବ୍ ଏବଂ ଗୁଗଲ୍‌ର ମିଳିତ ସହଯୋଗରେ ୧୦୦ଟି ଭାରତୀୟ ପ୍ରାରମ୍ଭରୁ ମଧ୍ୟମ ପର୍ଯ୍ୟାୟ ଷ୍ଟାର୍ଟଅପ୍ ପାଇଁ ଏକ କୋହୋର୍ଟ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିମଧ୍ୟରୁ ଓଡ଼ିଶାର ଷ୍ଟାର୍ଟଅପ୍ ଜ୍ୱାଦା ଶପ୍ ମଧ୍ୟ ସାମିଲ ରହିଛି। ମିଟି ଷ୍ଟାର୍ଟଅପ୍ ହବ୍ ଏବଂ ଗୁଗଲ୍ ଦ୍ୱାରା ଆପସ୍କେଲ୍ ଏକାଡେମୀର ଲକ୍ଷ୍ୟ ହେଉଛି ଉଲ୍ଲେଖନୀୟ ଭାରତୀୟ ଷ୍ଟାର୍ଟଅପ୍ ଚିହ୍ନଟ କରିବା ଏବଂ ସେମାନଙ୍କୁ ବିଶ୍ୱସ୍ତରରେ ବ୍ୟବସାୟରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବା। ସେମାନଙ୍କର ସୃଜନଶୀଳ ଚନ୍ତିାଧାରା ଏବଂ ଉଦ୍ଭାବନ, ଉତ୍ପାଦ ଗୁଣବତ୍ତା, ଉତ୍ପାଦ ମାପନୀୟତା, ପ୍ରତିଭା ବିବିଧତାକୁ ଧ୍ୟାନରେ ରଖି ଏକ ଗଭୀର ଚୟନ ପ୍ରକ୍ରିୟା ପରେ ୪୦୦ ଆବେଦନ ମଧ୍ୟରୁ ୧୦୦ଟି ଷ୍ଟାର୍ଟଅପ୍ ଚୟନ କରାଯାଇଥିଲା।

### ଉବେର ଯାତ୍ରୀ ସେବାରେ ଭୁବନେଶ୍ୱରର ରେଟିଂ ଉନ୍ନତି

**ନୂଆଦିଲ୍ଲୀ,୭।୩ :** ଅନ୍‌ଲାଇନ ଯାତ୍ରୀସେବା ପ୍ରଦାନ କରୁଥିବା କମ୍ପାନୀ ଉବେର ପକ୍ଷରୁ ନିକଟରେ ସର୍ଭେ କରାଯାଇ ଭାରତର ଶ୍ରେଷ୍ଠ ୧୫ଟି ସହରର ଏକ ବେଷ୍ଟ ରେଟେଡ୍ ପାସେଞ୍ଜର ତାଲିକା ପ୍ରକାଶ କରାଯାଇଛି। ଯେଉଁଥିରେ ଭାରତୀୟ ସହରଗୁଡ଼ିକରେ ସର୍ବାଧିକ ସମୀକ୍ଷା ଆଧାରରେ ମୂଲ୍ୟାୟନ କରାଯାଇଛି। ଏହି ସର୍ଭେ ସୂଚନା ଅନୁସାରେ ଭୁବନେଶ୍ୱର ସ୍ଥାନ ୬ନମ୍ବରରେ ରହିଥିବା ବେଳେ ଏହାର ହାରାହାରି ରେଟିଂ ୪.୭୭ ରହିଛି। ଯେଉଁଥିରେ ପାସେଞ୍ଜର ଏବଂ ଡ୍ରାଇଭରମାନେ ସେମାନଙ୍କର ଆଚରଣ ଏବଂ ସାମଗ୍ରିକ ଅଭିଜ୍ଞତା ଆଧାରରେ ସର୍ବାଧିକ ୫ ସ୍କୋରରୁ ପରସ୍ପରକୁ ମୂଲ୍ୟାଙ୍କନ କରିପାରିବେ। ସମ୍ପ୍ରତି ପାସେଞ୍ଜରଙ୍କ ରେଟିଂ ଗତ ୫୦୦ଭ୍ରମଣର ଏକ ହାରାହାରି ମୂଲ୍ୟାୟନରୁ ଆକଳନ କରାଯାଇଛି। ସେହିଭଳି ଉବେର ରାଇଡର ରେଟିଂ ତାଲିକାରେ ସର୍ବୋଚ୍ଚ ହାରାହାରି ପାସେଞ୍ଜର ମୂଲ୍ୟାୟନରେ ସ୍ଥାନିତ ହୋଇଥିବା ଶ୍ରେଷ୍ଠ ୧୫ଟି ସହର ମଧ୍ୟରେ ପ୍ରଥମ ସ୍ଥାନରେ ଜୟପୁର ରହିଛି ବୋଲି ସୂଚନା ମିଳିଛି।

# ଗହଣା ବଜାରର ମୂଲ୍ୟ ଆକାଶଛୁଆଁ

■୫୩ ହଜାର ଟପିଲା ସୁନା ଦର

■୭୦ ହଜାର ରୁପା, ୮୦ ହଜାର ହୀରା ମୂଲ୍ୟ

**ନୂଆଦିଲ୍ଲୀ,୭।୩ :**



ଗତ ଦୁଇ ସପ୍ତାହ ହେବ ଉଭୟ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ତା'ର ପ୍ରଭାବ ସାରା ବିଶ୍ୱ ଅର୍ଥନୈତିକ କାରବାର ଉପରେ ପଡୁଛି। ବର୍ତ୍ତମାନ ପରିସ୍ଥିତିରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ଅଳଙ୍କାର ବଜାର ପର୍ଯ୍ୟନ୍ତ ଦର ଆକାଶଛୁଆଁ ରହିଛି। ବିଶେଷ କରି ଭାରତ ବଜାର ଉପରେ ଉକ୍ତ ଯୁଦ୍ଧର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପଡୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ୧ମାସ ତଳେ ସାରା ଦେଶର ଗହଣା ବଜାରର ଦର ଏକ ସ୍ୱାଭିବକ ସ୍ତରରେ ରହିଥିବା ବେଳେ ଏହି ୨ସପ୍ତାହ ମଧ୍ୟରେ ଏହା ପ୍ରାୟ ୫% ବୃଦ୍ଧି ପାଇଛି ବୋଲି ସୂଚନା ମିଳିଛି। ଏପରିକି ଭାରତରେ ବିବାହ ଋତୁ ଜାରି ରହିଥିବାରୁ ସୁନା ଓ ରୁପାର ଦାମ୍ ମଧ୍ୟ ବଢୁଥିବା ଆକଳନ କରାଯାଉଛି। ବର୍ତ୍ତମାନ ୧୦ଗ୍ରାମ ସୁନା ଦର ୫୩ ହଜାର ଟଙ୍କା ଅତିକ୍ରମ କରିଥିବା ବେଳେ ରୁପା କେଜି ପିଛା ୭୦ ହଜାରରେ ପହଞ୍ଚିଛି। ସୁନା ଦାମ୍ ପ୍ରାୟ ୧୫୦୦ ଟଙ୍କା ବଢିଥିବା ବେଳେ ରୁପା ୨୦୦୦ ଟଙ୍କା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୪୯,୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟର ମୂଲ୍ୟ ୫୩, ୮୯୦ ଟଙ୍କା ରହିଛି। ଅପରପକ୍ଷରେ ରୁପା ଦର କେଜି ପ୍ରତି ୬୯୦୦୦ ଟଙ୍କା ରହିଥିବା ବେଳେ ହୀରାର ଦର କ୍ୟାରେଟ ପ୍ରତି ୮୦ ହଜାରରୁ ଆରମ୍ଭ ହୋଇଛି। ସେହିଭଳି ନୂଆଦିଲ୍ଲୀରେ ୯୯୯ ଶୁଦ୍ଧତାବିଶିଷ୍ଟ ୧୦ ଗ୍ରାମ୍ ସୁନା ୫୩,୨୩୪ ଟଙ୍କାରେ ବିକ୍ରି ହେଉଥିବା ବେଳେ ୯୯୫ ଶୁଦ୍ଧତାବିଶିଷ୍ଟ ସୁନା ୫୩,୦୨୧ ଟଙ୍କା ଏବଂ ୯୧୬ ଶୁଦ୍ଧତା ସୁନା ୪୮,୭୬୨ରେ ବିକ୍ରି ହେଉଛି। ସେହିଭଳି ୭୫୦ଶୁଦ୍ଧତାବିଶିଷ୍ଟ ସୁନା ୩୯,୯୨୬ ଟଙ୍କା ଓ ୫୮୫ ଶୁଦ୍ଧତାବିଶିଷ୍ଟ ସୁନା ୩୧,୧୪୨ରେ କାରବାର କରାଯାଉଛି। ଅପରପକ୍ଷରେ ରୁପାର ଦାମ୍ ମଧ୍ୟ ୬୯,୯୨୦ ଟଙ୍କାରେ ପହଞ୍ଚିଛି।

ସୁନା ଓ ରୁପାର ଦାମ୍ ଦୈନିକ ଦୁଇଥର ଜାରି ହୋଇଥାଏ। ସୋମବାର ୯୯୯ ଶୁଦ୍ଧତାବିଶିଷ୍ଟ ସୁନାର ଦାମ୍ ଶୁକ୍ରବାର ଅପେକ୍ଷା ୧୪୫୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୯୯୫ ଶୁଦ୍ଧତାବିଶିଷ୍ଟ ସୁନା ୧୪୪୪ ଟଙ୍କା ମହଙ୍ଗା ହୋଇଛି। ଏହା ବ୍ୟତୀତ ୫୮୫ ଶୁଦ୍ଧତାବିଶିଷ୍ଟ ସୁନା ୮୪୮ ଟଙ୍କା ମହଙ୍ଗା ହୋଇଛି। ଆହୁରି ମଧ୍ୟ ରୁପା ଦାମ୍ ମଧ୍ୟ ଶୁକ୍ରବାର ତୁଳନାରେ ୧୯୮୯ ଟଙ୍କା ବୃଦ୍ଧି ପାଇଛି।

## ଟ୍ରେଣ୍ଡସ୍'ର ନୂଆ ଆଉଟଲେଟ୍




**ଭୁବନେଶ୍ୱର,୭।୩ :** ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡସ'ର ନୂତନ ଆଉଟ୍‌ଲେଟ ନିକଟରେ ପୁରୀ ଜିଲାର ନିମାପଡ଼ା ସହରରେ ଶୁଭାରମ୍ଭ ହୋଇଯାଇଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର-୧, ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିପାରିଛି। ନିମାପଡ଼ା ଟାଉନର ୭୦୦୦ ବର୍ଗଫୁଟର ଏହି ଷ୍ଟୋର ଏକ ମଡର୍ନ ଲୁକ୍ ଏବଂ ପରିବେଶ ସହିତ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ପୋଷାକ ସାଙ୍ଗକୁ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟରେ ଉପଲବ୍ଧ କରାଉଛି। ସେହିପରି ନିମାପଡ଼ା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକ ଏବେ ଟ୍ରେଣ୍ଡି ୱିମେନ ୱେର, ମେନ୍ସ ୱେର, କିଡ୍‌ସ ୱେର ଏବଂ ଫ୍ୟାଶନ ଆସେସୋରିଜ ଅତି ସୁଲଭ ମୂଲ୍ୟରେ କ୍ରୟ କରିବା ସହ ଏକ ଅଲଗା ଦୁନିଆର ଅନୁଭୂତି ପାଇବାର ଆଶା ରଖିପାରିବେ। ନିମାପଡ଼ା ସହରର ଏହା ପ୍ରଥମ ଟ୍ରେଣ୍ଡ୍‌ସ ଷ୍ଟୋର, ଯେଉଁଥିରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ରହିଛି। ଯେପରିକି ୩,୪୯୯ ଟଙ୍କାର କିଣାକିଣି କରି ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାରର ଲାଭ ଉଠାଇ ପାରିବେ। ସେହିଭଳି ୨,୯୯୯ ଟଙ୍କାର କିଣାକିଣି ଉପରେ ୩୦୦୦ ଟଙ୍କା ମୂଲ୍ୟର ଏକ କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ମଧ୍ୟ ପାଇପାରିବେ।

## ମାରୁତି ସୁଜୁକି ଆରେନା'ର 'ଦି ନ୍ୟୁ ୱାଗନ୍‌ଆର୍' ଉନ୍ମୋଚିତ

**ଭୁବନେଶ୍ୱର,୭।୩**

ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଆରେନା'ର ବହୁ ପ୍ରତୀକ୍ଷିତ 'ଦି ନ୍ୟୁ ୱାଗନ୍‌ଆର' ମଡେଲର ବଜାର ପ୍ରବେଶ ସମ୍ପର୍କରେ ନିକଟରେ ଘୋଷଣା କରାଯାଇଥିଲା। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ସରକାରଙ୍କ ନୂତନ ଯାନବାହନ ନିୟମ ଅନୁଯାୟୀ ଏହି ଯାନ ପ୍ରସ୍ତୁତ କରାଯାଇଛି। ସୋମବାର ଏହି ନୂତନ ମଡେଲ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟ ନାରାୟଣୀ ମୋଟର୍ସ ପ୍ରା.ଲି. ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କ ଡିଭିଜନାଲ ମ୍ୟାନେଜର କୁମାର ସଞ୍ଜୀବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ବଜାର ପ୍ରବେଶ ଓ ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣୀ ମୋଟର୍ସର ଜିଏମ୍ କୌଶିକ ଓଝା, ସେଲ୍‌ସ ମ୍ୟାନେଜର ବିପିନ ସେଠୀ ଓ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ରସୁଲଗଡ଼ ସ୍ଥିତ ନାରାୟଣୀ ମୋଟର୍ସ ପ୍ରା.ଲି ପରିସରରେ 'ଦି ନ୍ୟୁ ୱାଗନଆର୍'ର ଅନାବରଣ କାର୍ଯ୍ୟକ୍ରମ।

ପୁରୁଣା ନାଁରେ ନୂଆ ରଙ୍ଗ ଓ ଜ୍ଞାନକୌଶଳ ସହ ଅତ୍ୟାଧୁନିକ ସୁବିଧା ସୁଯୋଗର ସମ୍ଭାର ଉପଲବ୍ଧ ରହିଛି। ସେହିଭଳି ଏହି ମଡେଲ ଭିନ୍ନ ଭିନ୍ନ ଭାରିଆଣ୍ଟ ସହ ୬ଟି ରଙ୍ଗରେ ସୁସଜ୍ଜିତ ଓ ଆକର୍ଷଣୀୟ ଡିଜାଇନ ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଜିଏମ୍ ଓଝା ମତବ୍ୟକ୍ତ କରିଛନ୍ତି। ସେହିପରି ଏହାର ମୂଲ୍ୟ ମଧ୍ୟ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇଲା ଭଳି ରହିଛି। ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୫.୪ରୁ ୭.୧ ଲକ୍ଷ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଭାରତର କୋଇଲା ଆମଦାନୀ ୯% ହ୍ରାସ

**ନୂଆଦିଲ୍ଲୀ, ୭।୩:**

ବୈଶ୍ୱିକ ବଜାରରେ କୋଇଲା ଦର ବୃଦ୍ଧି ହେଉଥିବା ବେଳେ ଭାରତରେ କୋଇଲା ଆମଦାନୀରେ ହ୍ରାସ ଘଟିଥିବା ଦେଖିବାକୁ ମିଳିଛି। ୨୦୨୦-୨୧ ଆର୍ଥିକ ବର୍ଷର ୧୧ତମ ମାସ ଶେଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ୧୧ତମ ମାସ ଶେଷ ସୁଦ୍ଧା କୋଇଲା ଆମଦାନୀରେ ୮.୭୬% ହ୍ରାସ ଘଟିଛି। ତେବେ ଏହି ଅବଧି ମଧ୍ୟରେ କୋକିଂ କୋଲ୍‌ର ଉତ୍ପାଦନ ବୃଦ୍ଧି ପାଇଛି କିନ୍ତୁ ନନ୍‌କୋକିଂ କୋଲ୍ ଉତ୍ପାଦନରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଗତ ସପ୍ତାହରେ ବୈଶ୍ୱିକ ବଜାରରେ କୋଇଲା ଦର ରେକର୍ଡ ସହିତ ଟନ୍ ପିଛା ୪୦୦ ଡଲାର ରହିଥିଲା। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଧାତୁ ଏବଂ ଇନ୍ଧନ ଦରରେ ବୃଦ୍ଧି ଘଟିଛି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ସୁରକ୍ଷା ସପ୍ତାହ ପାଳିତ

**ଭୁବନେଶ୍ୱର,୭।୩:**

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। କମ୍ପାନୀ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳିଛି। ସେହିଭଳି ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରୁଥିବା ଲାଇନ୍‌ମ୍ୟାନମାନଙ୍କ ପାଇଁ ସମ୍ମାନ ସ୍ୱରୂପ ନିକଟରେ ଲାଇନମ୍ୟାନ୍ ଦିବସ ମଧ୍ୟ ପାଳିତ ହୋଇଯାଇଛି। ଏହାର ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଇବା ପାଇଁ ଜାତୀୟ ସୁରକ୍ଷା ସପ୍ତାହର ଶୁଭାରମ୍ଭ କରାଯାଇଛି। ଏକ ସୁରକ୍ଷିତ କର୍ମ ସଂସ୍କୃତିକୁ ଦୃଢ଼ କରିବା ଲାଗି ନୂଆ ସ୍ନାତକ, ଯୁବ ଟେକ୍ନୋକ୍ରାଟ୍ ଓ ଅଭିନବ ପ୍ରତିଭାଙ୍କୁ ନିୟୋଜିତ କରିବାକୁ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଚଳିତ ବର୍ଷ ସୁରକ୍ଷା ସପ୍ତାହ ଅଭିଯାନର ବିଷୟ ହେଉଛି ଏକ ସୁରକ୍ଷା ସଂସ୍କୃତି ବିକଶିତ କରିବା ପାଇଁ ଯୁବ ମସ୍ତିଷ୍କକୁ ସମୃଦ୍ଧ କରିବା। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମାନ ଆୟୋଜନ କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଏକ 'ସୁରକ୍ଷା ସଚେତନତା ରଥ'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି କର୍ମସଂସ୍କୃତି ଓ ଜୀବନଶୈଳୀରେ ସୁରକ୍ଷା ଓ ସ୍ୱାସ୍ଥ୍ୟର ସମନ୍ୱୟ କରିବା ଲାଗି ସଚେତନତାକୁ ଆଗକୁ ବଢ଼ାଇବା। ଏ ସମ୍ପର୍କରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ଟିପିଏସ୍‌ଓଡିଏଲ୍‌ରେ ୫୧ତମ ଜାତୀୟ ସୁରକ୍ଷା ସପ୍ତାହର ଶୁଭାରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଖୁସି। ଆମର ଗ୍ରାହକମାନେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇବାକୁ ନିଶ୍ଚିତ କରିବା ଲାଗି କାମ କରିଥିବା ପ୍ରତିଟି ଲାଇନ୍‌ମ୍ୟାନ୍‌ମାନଙ୍କ ପ୍ରତି ଆମେ କୃତଜ୍ଞ।

## ଫୁର୍‌ସତ୍

# 'ସାରେଗାମାପା' ଟ୍ରଫି ହାତେଇଲେ ନୀଲାଞ୍ଜନା

**ମୁମ୍ବାଇ**




'ଜି' ଟିଭିରେ ପ୍ରସାରିତ ଲୋକପ୍ରିୟ ସଙ୍ଗୀତ ରିଆଲିଟି ଶୋ' 'ସାରେଗାମାପା' ସିଜନ୍-୨୦୨୨ର ଟ୍ରଫି ହାତେଇଛନ୍ତି ପଶ୍ଚିମବଙ୍ଗର ନୀଲଞ୍ଜନା ରୟ। ଶେଷ ୬ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସର୍ବାଧିକ ଭୋଟ ପାଇ ଶୋ'ର ଟାଇଟଲ ନିଜ ନାଁରେ କରିଛନ୍ତି। ଟ୍ରଫି ସାଙ୍ଗକୁ ତାଙ୍କୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶୋ'ରେ ରାଜଶ୍ରୀ ବାଗ୍ ଏବଂ ଶରଦ ଶର୍ମା ପ୍ରଥମ ଏବଂ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଏଥିସହ ରାଜଶ୍ରୀଙ୍କୁ ୫ ଲକ୍ଷ ଏବଂ ଶରଦଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନୀଲଞ୍ଜନା 'ସାରେଗାମାପା' ଜିତିବାକୁ ନେଇ ବହୁତ ଖୁସି ଅଛନ୍ତି। ଏଥିପାଇଁ ସମସ୍ତ ସ୍ରୋତା ତାଙ୍କୁ ଭଲପାଇବା ସହ ବିପୁଳ ଭୋଟ ଦେଇ ଜିତାଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୧୯ ବର୍ଷୀୟା ନୀଲାଞ୍ଜନା ନିଜ ମଧୁର ସଙ୍ଗୀତରେ ସମସ୍ତ ଦର୍ଶକ ଏବଂ ଜଜ୍ ବିଶାଲ ଦଦ୍‌ଲାନି, ଶଙ୍କର ମହାଦେବନ୍ ଏବଂ ହିମେଶ ରସ୍‌ମିଆଁଙ୍କ ହୃଦୟ ଜିତିଥିଲେ। ଶୋ' ଜିତିବା ପରେ ସେ କହିଛନ୍ତି, 'ମୁଁ ବିଶ୍ୱାସ କରିପାରୁନାହିଁ ଯେ ସଙ୍ଗୀତର ଏହି ମହାଯାତ୍ରା ଶେଷ ହୋଇଛି। ଏହି ମଞ୍ଚରୁ ମତେ ବହୁତ ଅନୁଭୂତି ମିଳିଛି। ଏଠାରେ ଥିବା ସମସ୍ତଙ୍କଠାରୁ ମତେ ବହୁତ କିଛି ଶିଖିବାକୁ ମିଳିଛି। ମଞ୍ଚରେ ବିତାଇଥିବା ସମସ୍ତ ମୁହୂର୍ତ୍ତକୁ ସାଇତି ରଖିବି। ପୂର୍ବରୁ ସେ 'ଦ ଭଏସ୍ ଇଣ୍ଡିଆ କିଡ୍ସ-୨'ରେ ପ୍ରଥମ ରନର୍ସଅପ, 'ଇଣ୍ଡିଆନ୍ ଆଇଡଲ୍ ସିଜନ୍ ୧୦'ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଡେଟ୍ରୋଏଟ୍ ନଦୀରୁ ଉଦ୍ଧାର ହେଲା କୁକୁର



**ୱାଶିଂଟନ୍:** ପୃଥିବୀରେ ମଣିଷର ଜୀବନ ଯେତିକି ମୂଲ୍ୟବାନ୍ ପଶୁ ପକ୍ଷୀଙ୍କ ଜୀବନ ମଧ୍ୟ ସେତିକି ମୂଲ୍ୟବାନ୍। କେତେକ ସ୍ଥାନରେ ମନୁଷ୍ୟକୁ ପଶୁ ବଞ୍ଚାଉଥିବାବେଳେ ପଶୁଟିକୁ ମଣିଷ ବଞ୍ଚାଇବାର ମଧ୍ୟ ଦୃଶ୍ୟ ସାମ୍ନାକୁ ଆସିଛି। ତେବେ ସେପରି କିଛି ମାନବିକତା ଦେଖିବାକୁ ମିଳିଛି ଆମେରିକାର ମିଚିଗାନ୍‌ରେ। ନିକଟରେ ଏକ କୁକୁରଟି ତା'ର ମାଲିକ ସହିତ ବୁଲିବାକୁ ଯାଇଥିବାବେଳେ ଡେଟ୍ରୋଏଟ୍ ନଦୀର ଏକ ବଡ଼ ବରଫ ଖଣ୍ଡ ମଧ୍ୟରେ ଫସିଯାଇଥିଲା। କୁକୁରଟିକୁ ଉଦ୍ଧାର କରିବା ପାଇଁ ସେଠାକାର ପୋଲିସ ଡିପାର୍ଟମେଣ୍ଟ ରେସ୍‌କ୍ୟୁ ଅପରେସନ୍ ଆରମ୍ଭ କରିଥିଲା। ପୋଲିସ୍, ଫାୟାର୍ ଫାଇଟର୍ ଡିପାର୍ଟମେଣ୍ଟ ଏବଂ ଆନିମଲ୍ କଣ୍ଟ୍ରୋଲ ଡିପାର୍ଟମେଣ୍ଟ ମିଳିତ ଭାବେ କୁକୁରଟିକୁ ବଞ୍ଚାଇବାକୁ ପ୍ରୟାସ ଆରମ୍ଭ କଲେ। କୁକୁରଟି ସମ୍ପୂର୍ଣ୍ଣ ଓଦା ହୋଇ ଥରୁଥିବାର ନଜରକୁ ଆସିଥିଲା। ଉଦ୍ଧାରକାରୀ ଦଳ ଭିତରୁ ଜଣେ ଲୋକ ନଦୀ ପାଣି ଭିତରକୁ ଯାଇ ତାକୁ କୁକୁରକୁ ଉଦ୍ଧାର କରିଥିଲେ।

# ଶିଷ୍ଟାଚାର ଥିଲେ ଡିସ୍‌କାଉଣ୍ଟ




**ହାଇଦ୍ରାବାଦ:** ଭଲ ବ୍ୟବହାର ପାଇଲେ ସମସ୍ତେ ଖୁସି ହୁଅନ୍ତି। କିନ୍ତୁ ଏମିତି ବ୍ୟବହାର ପାଇଁ କୌଣସି ସ୍ଥାନରେ ଡିସ୍‌କାଉଣ୍ଟ ବ୍ୟବସ୍ଥା ଥିବା କଥା କେବେ ଶୁଣିଛନ୍ତି? ଶୁଣିବାକୁ ହୁଏତ ଅଜବ ଲାଗିପାରେ, କିନ୍ତୁ ଶିଷ୍ଟାଚାର ଥିବା ବ୍ୟକ୍ତିମାନଙ୍କ ପାଇଁ ରେଷ୍ଟୁରାଣ୍ଟର ଖାଇବା ବିଲ୍‌ରେ ମଧ୍ୟ ମିଳୁଛି ଡିସ୍‌କାଉଣ୍ଟ। ହାଇଦ୍ରାବାଦର ଖାଜାଗୁଡ଼ାରେ ଥିବା ରେଷ୍ଟୁରାଣ୍ଟ 'ଦକ୍ଷିଣ-୫'ରେ ଏମିତି ଏକ ବ୍ୟବସ୍ଥା ଅଛି ଯାହା ଲୋକଙ୍କୁ ଭଲ ବ୍ୟବହାର କରିବା ପାଇଁ ପ୍ରେରଣା ଦେଉଛି। ଅର୍ଥାତ୍ ଏହି ରେଷ୍ଟୁରାଣ୍ଟରେ ଖାଦ୍ୟ ଅର୍ଡର କରିବା ସମୟରେ ଯଦି ଗ୍ରାହକମାନେ ଦୟାକରି, ଧନ୍ୟବାଦ ଭଳି ଶବ୍ଦ ବ୍ୟବହାର କରନ୍ତି ତା'ହେଲେ ସେମାନଙ୍କୁ ଖାଇବା ବିଲ୍‌ରେ ଡିସ୍‌କାଉଣ୍ଟ ଦିଆଯିବ। ଶିଷ୍ଟାଚାର ଦୃଷ୍ଟିରୁ ସେମାନେ ଯଦି ରେଷ୍ଟୁରାଣ୍ଟର କର୍ମଚାରୀମାନଙ୍କୁ ଗୁଡ୍ ଡେ, ଗୁଡ୍ ଆଫ୍ଟରନୁନ୍ ଭଳି ଶବ୍ଦ କହନ୍ତି ତା'ହେଲେ ମଧ୍ୟ ସେମାନଙ୍କୁ କିଛି ପ୍ରତିଶତ ଡିସ୍‌କାଉଣ୍ଟ ମିଳିବ। ଖାଲି ସେତିକି ନୁହେଁ , ଏଠାକୁ ଯଦି କେହି ଅଧିକ ବୟସ୍କର ବ୍ୟକ୍ତି ଆସନ୍ତି ତେବେ ସେମାନଙ୍କୁ ସ୍ୱତନ୍ତ୍ର ବ୍ୟବହାର ସହିତ ଡିସ୍‌କାଉଣ୍ଟ ମଧ୍ୟ ଦିଆଯିବ। ଏଭଳି ଏକ ଭିନ୍ନ ବ୍ୟବସ୍ଥା କରିଥିବାରୁ ରେଷ୍ଟୁରାଣ୍ଟକୁ ନେଇ ଏବେ ଢେର୍ ଚର୍ଚ୍ଚା ହେଉଛି। ରେଷ୍ଟୁରାଣ୍ଟ ମାଲିକଙ୍କ କହିବା ଅନୁସାରେ ଏଭଳି ନିୟମ କରିବା ଫଳରେ ଗ୍ରାହକମାନଙ୍କ ସହ କର୍ମଚାରୀମାନେ ମଧ୍ୟ ଅଧିକ ବିନମ୍ର ହେବା ପାଇଁ ପ୍ରେରଣା ପାଇବେ। ଏହା ସହ ସମସ୍ତେ ଖୁସି ମନରେ କାମ କରିବେ। ସେଥିପାଇଁ ରେଷ୍ଟୁରାଣ୍ଟ ଆଗରେ ବୋର୍ଡରେ ଏହି ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି। ଏହାଦ୍ୱାରା ରେଷ୍ଟୁରାଣ୍ଟରେ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ଭାରତୀୟ ସଂସ୍କୃତିର ମଧ୍ୟ ବିକାଶ ହୋଇପାରିବ।

## ହସ୍ପିଟାଲରେ ଐଶ୍ୱର୍ଯ୍ୟା



**ମୁମ୍ବାଇ:** ତେଲୁଗୁ ଫିଲ୍ମ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ଐଶ୍ୱର୍ଯ୍ୟା ରଜନୀକାନ୍ତ ଅସୁସ୍ଥ ହୋଇ ସୋମବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଐଶ୍ୱର୍ଯ୍ୟା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏହାପୂର୍ବରୁ ଫେବୃୟାରୀରେ ଐଶ୍ୱର୍ଯ୍ୟା କୋଭିଡ ସଂକ୍ରମଣ ହୋଇଥିଲେ ଓ ଚିକିତ୍ସା ପାଇଁ ହାଇଦ୍ରାବାଦର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ କୋଭିଡ୍‌ରୁ ସୁସ୍ଥ ହେବା ପରେ ସେ କାମକୁ ଫେରିଥିଲେ। ସେ ତାଙ୍କର ଏକ ମ୍ୟୁଜିକ ଭିଡିଓ ରିଲିଜ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ତାଙ୍କୁ ପୁଣି ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଛି।

## ଟ୍ରାକ୍‌କୁ ଫେରିଲେ ଭୁବନ

**କୋଲକାତା:** ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ ମଧ୍ୟ ଏବେ ପୁଣି ଥରେ ଟ୍ରାକ୍‌କୁ ଫେରିଛନ୍ତି 'କାଚା ବାଦାମ୍' ଗାୟକ ଭୁବନ ବାଦ୍ୟକାର। ଦେହରେ ହଳଦିଆ, ବସ୍ତ୍ର ମୁଣ୍ଡରେ ଚିତା ଏବଂ ଆଖିରେ କଳା ଚଷମା ପିନ୍ଧି ପୁଣି ନୂଆ ଗୀତ ଗାଇଛନ୍ତି ଭୁବନ। ସେ ତାଙ୍କ କାର୍‌କୁ ନେଇ ଗାଇଛନ୍ତି ଏକ ନୂଆ ଗୀତ। ଏହି ଗୀତ ଜରିଆରେ ସେ ଦୁର୍ଘଟଣାର କାହାଣୀ ବଖାଣିଛନ୍ତି। ତାଙ୍କର ଏହି ଗୀତ ଏବେ ପୁଣି ଭାଇରାଲ ହେବାରେ ଲାଗିଛି। ନିଜ ନୂଆ ଗାଡିକୁ ନେଇ ଭୁବନ 'ଆମାର ନୂତନ ଗାଡି' ବୋଲି ଗୀତ ଗାଇଛନ୍ତି। ସୂଚନା ମୁତାବକ, ଭୁବନ ଗାଁ ଗାଁ ବୁଲି 'କାଚା ବାଦାମ' ଗୀତ ଗାଇ ବାଦାମ ବିକ୍ରି କରୁଥିଲେ। ଦିନେ ଜଣେ ବ୍ୟକ୍ତି ତାଙ୍କର ଏହି ଗୀତକୁ ସୋସିଆଲ ମିଡିଆରେ ଛାଡିବା ପରେ ଭିଡିଓଟି ରାତା ରାତି ଭାଇରାଲ ହୋଇଥିଲା। ଏହାପରେ ଭୁବନ ପାଲଟିଗଲେ ସୋସିଆଲ ମିଡିଆ ସେନ୍ସେସନ୍। ନିକଟରେ ଭୁବନ ଏକ ସେକେଣ୍ଡ ହ୍ୟାଣ୍ଡ କାର୍ କିଣି ଶିଖୁଥିବାବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ସେ ସୁସ୍ଥ ଅଛନ୍ତି।



ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



୯ଟି ସାବିତ୍ରୀ
ସ୍ଥାନ: ମା ମଙ୍ଗଳା ମନ୍ଦିର ଲେନ, ଶ୍ରୀକ୍ଷେତ୍ର କଲୋନୀ, ପୁରୀ
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଟି. ପ୍ରକାଶ ରାଓ, ଟି. ସୁନିତା ରାଓ ଓ ଅନ୍ୟାନ୍ୟ ପରିବାରବର୍ଗ ।
ଧ-୬୮୯୭

# ଶାଢ଼ିରେ ଦେଖାଯିବେ ସ୍ଲିମ୍

**ମହିଳାମାନେ ସାଧାରଣତଃ ନିଜର ମୋଟାପଣକୁ ନେଇ ବହୁ ଚିନ୍ତାରେ ଥାଆନ୍ତି। କେଉଁ ଶାଢ଼ି ପିନ୍ଧିଲେ କେମିତି ଦେଖାଯିବେ, ତାକୁ ନେଇ ସବୁବେଳେ କଳ୍ପନାଜଳ୍ପନା ଲାଗିରହିଥାଏ। ତେଣୁ ଶାଢ଼ିରେ ସ୍ଲିମ୍ ଲୁକ୍ ଚାହୁଁଥିଲେ ଏହିସବୁ ଟିପ୍ସ ଆପଣାଇପାରିବେ...**

**ପ୍ରିଣ୍ଟ ଶାଢ଼ି–** ସାଧାରଣତଃ ମୋଟା ପ୍ରିଣ୍ଟ ଥିବା ଶାଢ଼ିରେ ମହିଳାମାନେ ବେଶି ମୋଟା ଦେଖାଯାଆନ୍ତି। ତେଣୁ ସରୁ ପ୍ରିଣ୍ଟ ଥିବା ସିଫନ୍ କିମ୍ବା କ୍ରେପ୍ ଶାଢ଼ି ପିନ୍ଧନ୍ତୁ, ଆପଣ ଅପେକ୍ଷାକୃତ ସ୍ଲିମ୍ ଲାଗିବେ।

**ସରୁ ବର୍ଡର:** ଶାଢ଼ିରେ ଯଦି ମୋଟା ବର୍ଡର ଥାଏ, ତେବେ ନିହାତି ଆପଣ ମୋଟା ଲାଗିବେ। ସ୍ଲିମ୍ ଦେଖାଯିବାକୁ ଚାହୁଁଥିଲେ ସରୁ ବର୍ଡର ଥିବା ଶାଢ଼ି ଟ୍ରାଏ କରନ୍ତୁ ଏବଂ ପ୍ଲିଟ୍‌ଗୁଡ଼ିକୁ ବି ପତଳା କରନ୍ତୁ।

**ଲଙ୍ଗ୍ ସ୍ଲିଭ୍ ବ୍ଲାଉଜ୍:** ମୋଟା କି ପତଳା ଦେଖାଯିବେ ତାହା ଆପଣ ପିନ୍ଧିଥିବା ବ୍ଲାଉଜ୍ ଉପରେ ବି ନିର୍ଭର କରେ। ତେଣୁ ମୋଟା ହାତକୁ ସ୍ଲିମ୍ ଲୁକ୍ ଦେବା ପାଇଁ ଶର୍ଟ ସ୍ଲିଭ୍ ବ୍ଲାଉଜ୍ ପରିବର୍ତ୍ତେ ଲଙ୍ଗ୍ ସ୍ଲିଭ୍ ବ୍ଲାଉଜ୍ ପିନ୍ଧନ୍ତୁ।

**ପିନ୍ଧିବା ଶୈଳୀ:** ଶାଢ଼ିକୁ ଯଦି ଆପଣ ଢିଲାରେ ପିନ୍ଧୁଛନ୍ତି, ତେବେ ସେଥିରେ ଆପଣ ଯେମିତି ବି ହେଲେ ମୋଟା ଲାଗିବେ। ତେଣୁ ଶାଢ଼ିକୁ ଠିକ୍ ଭାବେ ଟାଇଟ୍ କରି ପିନ୍ଧନ୍ତୁ ଏବଂ ଠିକ୍ ସ୍ଥାନରେ ପିନ୍ ଅପ୍ କରନ୍ତୁ, ଦେଖିବେ ଫିଗର ସ୍ଲିମ୍ ଲାଗିବ।

**ଶାଢ଼ି ଚଏସ୍:** ବନାରସୀ, କାଞ୍ଜିଭରମ୍, କଟନ, ମଠା ଭଳି ଭାରି ଶାଢ଼ି ବଡ଼ି ଫ୍ୟାଟ୍‌କୁ ଅଧିକ ହାଇଲାଇଟ୍ କରୁଥିବାରୁ ଆପଣ ବେଶି ମୋଟା ଲାଗିବେ। ତେଣୁ ଆପଣ ସିଫନ୍ କିମ୍ବା ହାଲ୍‌କା ଫେବ୍ରିକ୍‌ର ଶାଢ଼ି ପିନ୍ଧନ୍ତୁ, ସ୍ଲିମ୍ ଲାଗିବେ। ଏହା ସହ ଲାଇଟ୍ ପରିବର୍ତ୍ତେ ଡାର୍କ କଲରର ଶାଢ଼ି ଆପଣଙ୍କ ପାଇଁ ପର୍‌ଫେକ୍ଟ ଚଏସ୍।

**ହେୟାର ଷ୍ଟାଇଲ୍ ଏବଂ ଅର୍ନାମେଣ୍ଟସ୍–** ଷ୍ଟ୍ରେଟ୍ ହେୟାର ସ୍ଲିମ୍ ଲୁକ୍ ଦେଇଥାଏ। ତେଣୁ ଯଦି ଆପଣଙ୍କର କର୍ଲି ହେୟାର ତେବେ ଏହାକୁ ଷ୍ଟ୍ରେଟ୍‌ନିଂ କରିପାରିବେ ନଚେତ୍ ଖୋସା ବା ବନ୍ ହେୟାର ଷ୍ଟାଇଲ୍ ଆପଣେଇପାରିବେ। ଏହା ସହ ସରୁ ନେକ୍‌ଲେସ୍ ପିନ୍ଧନ୍ତୁ, ଯାହା ଆପଣଙ୍କୁ ସ୍ଲିମ୍ ଏବଂ ଗର୍ଜିୟସ୍ ଲୁକ୍ ଦେବ।







ନାରୀ! ସେ ସୃଷ୍ଟିର ଆରମ୍ଭ। ତା'ର ଅଖଣ୍ଡ ଶକ୍ତି ଓ ଅସୀମ ଧୈର୍ଯ୍ୟ ଲାଗି ସେ ସଦା ବନ୍ଦନୀୟା। ମନରେ ଅଦମ୍ୟ ସାହସ, ଦୃଢ଼ ଇଚ୍ଛାଶକ୍ତି ଏବଂ ଆଗ୍ରହ ଥିଲେ ତା' ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଏ କଥାକୁ ବାରମ୍ବାର ପ୍ରମାଣିତ କରି ଚାଲିଛନ୍ତି ଅନେକେ। ସମାଜରେ ନିଜକୁ ପ୍ରତିଷ୍ଠିତ କରାଇବାରେ ସମର୍ଥ ହୋଇଥିବା ସେହିଭଳି କେତେଜଣ ଅନନ୍ୟ ନାରୀଙ୍କ ମୁହଁରୁ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସଭିଙ୍କ ପାଇଁ କିଛି ବାର୍ତ୍ତା...

# ସ୍ୱୟଂସିଦ୍ଧା



**ଡା. ସରୋଜିନୀ ଷଡ଼ଙ୍ଗୀ** (ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞା)– ମହିଳା ଦିବସ ଉପଲକ୍ଷେ ପୃଥିବୀର ସବୁ ମହିଳାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଣାମ କରୁଛି ତାଙ୍କ ଭିତରେ ଥିବା ଅନନ୍ୟ ପ୍ରତିଭାକୁ, ଅଖଣ୍ଡ ଶକ୍ତିକୁ ଓ ଅସୀମ ମହାନୀୟତାକୁ। ମହିଳାମାନଙ୍କର ଅଧିକାର ପାଇଁ ପୁରୁଷ ଓ ନାରୀ ଭିତରେ ସମାନତା ପାଇଁ ସଶକ୍ତୀକରଣ ଲାଗି ତଥା ଅନ୍ୟାୟ ବିରୋଧରେ ସଂଗ୍ରାମ ପାଇଁ ଗୋଟିଏ ଦିନ ହେଉ ପଛକେ ସାରା ବିଶ୍ୱ ହୋଇଯାଇଛି ଗୋଟିଏ ପରିବାର, ଯେଉଁଠି ସମ୍ପୂର୍ଣ୍ଣ ଭାବରେ ମହିଳାମାନଙ୍କ ସମର୍ପିତ ହୋଇଛି ଦିନଟିଏ। କେଉଁଠି ସଂଗ୍ରାମର ସ୍ଲୋଗାନ ତ କେଉଁଠି ନାରୀ ପ୍ରତିଭାମାନଙ୍କୁ ପୁରସ୍କାର, କେଉଁଠି ସାଧନାର ସ୍ୱୀକୃତି ତ କେଉଁଠି ସମୀକ୍ଷାର ସମ୍ବର୍ଦ୍ଧନା। ନାରୀ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ କଳାକୃତି। ଏମିତି କୌଣସି ଉତ୍କର୍ଷ ସ୍ଥାନ ନାହିଁ ଯେଉଁଠି ନାରୀର ହାତ ବାଜି ନାହିଁ। ହେଲେ ଏକବିଂଶ ଶତାବ୍ଦୀରେ ମଧ୍ୟ ସେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ପରିଗଣିତ ହେଉଛି। ତେଣୁ ନାରୀ ପାଇଁ କେତୋଟି ମୌଳିକ ଅଧିକାର ଖୁବ୍ ଜରୁରୀ। ଏହା ହେଲା ଜନ୍ମହେବାର ଅଧିକାର, ବଞ୍ଚିବାର ଅଧିକାର, ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଅଧିକାର ଏବଂ ସର୍ବଶେଷରେ ପ୍ରଜନନ ଅଧିକାର। କାରଣ ଏବେ ମଧ୍ୟ କନ୍ୟା ଭ୍ରୂଣ ହତ୍ୟାର ପ୍ରାବଲ୍ୟ ଭିତରେ ହଜିଯାଉଛନ୍ତି ଶିଶୁ କନ୍ୟାମାନେ। ତେଣୁ ଏହି ବିଶେଷ ଦିନରେ ନାରୀକୁ ସମାଜରେ ମୁଣ୍ଡ ଟେକି ନିର୍ଭୟରେ ବଞ୍ଚିବାର ଅଧିକାର ମିଳୁ ବୋଲି ସଭିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ।



**ଗୀତା ଦାଶ**(କଣ୍ଠଶିଳ୍ପୀ)– ଆମେ ନାରୀ– ଯାହାର ଅରି ନାହିଁ ସେ ନାରୀ। କେତେକ ଦୁର୍ବଳମନା ପୁରୁଷ ନାରୀର ଶତ୍ରୁ ପାଲଟିଯାଇଥାନ୍ତି। ପୂର୍ବରୁ ନାରୀର ଭୂମିକା ଥିଲା ଭିନ୍ନ। ସ୍ୱାଧୀନ ଭାବରେ ମତବ୍ୟକ୍ତ କରିବାର ଅଧିକାର ତା'ର ନ ଥିଲା। ଅବଗୁଣ୍ଠନ ତଳେ ଲଳନାଟିଏ ସମସ୍ତଙ୍କ ମନ ଜିଣି ପରିବାରରେ ନିଜକୁ ସୁଗୃହିଣୀର ରୂପ ଦେଉ, ଦେଉ ତା'ର ସ୍ୱପ୍ନ, ଭବିଷ୍ୟତ ଏମିତିକି ଅନେକ ଲୁକ୍କାୟିତ ଅନ୍ତର୍ନିହିତ ପ୍ରତିଭା, ପରିସ୍ଫୁଟନଭିଳାଷୀ ଦକ୍ଷତା କେତେବେଳେ ଯେ ଲୀନ ହୋଇଯାଉଥିଲା ସେଥିପ୍ରତି ସେ ଥିଲା ଅଜ୍ଞ। ଆଜି ନାରୀର ସ୍ଥାନ ଆଶାତୀତ ଭାବେ ଉଚ୍ଚରେ। ସବୁଠି ସମାନ ଅଧିକାର ସହ ପୁରୁଷ ସମକକ୍ଷ ରୂପେ ଆଗଧାଡ଼ିରେ ମହିଳା ନିଜ ସ୍ଥାନରେ ଦଣ୍ଡାୟମାନ। ନାରୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ମାଆର ସ୍ଥାନ ସର୍ବଦା ମହତ୍ତ୍ୱପୂର୍ଣ୍ଣ, ସୁଦୃଢ଼ ଓ ଈଶ୍ୱର ଦତ୍ତ। ମାଆର ପାଦଧୂଳି ପ୍ରତ୍ୟେକ ସନ୍ତାନର ଆକାଂକ୍ଷିତ ସ୍ୱପ୍ନ ହେଉ।



**ଦ୍ୟୁତୀ ଚାନ୍ଦ୍**(କ୍ରୀଡ଼ାବିତ୍)– ପାଠପଢ଼ା, ଚାକିରି ହେଉ ଅବା କ୍ରୀଡ଼ା ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠି ଝିଅମାନେ ଆଉ ପଛୁଆ ହୋଇ ରହିଛନ୍ତି। ଯେଉଁମାନେ ପ୍ରୋତ୍ସାହନ ଅଭାବରୁ ଅବା ଅନ୍ୟ କୌଣସି କାରଣରୁ ଦକ୍ଷତା ଥିଲେ ସୁଦ୍ଧା ଆଗକୁ ବଢ଼ିପାରୁନାହାନ୍ତି, ସେମାନଙ୍କୁ ନିଜ ପାଇଁ ନିଜେ ଲଢ଼ିବାକୁ ହେବ, ନିଜ ପ୍ରଗତି ପାଇଁ ସ୍ୱର ଉତ୍ତୋଳନ କରିବାକୁ ହେବ। ଅନ୍ୟମାନଙ୍କୁ ମଧ୍ୟ ସେମାନଙ୍କୁ ସହଯୋଗର ହାତ ବଢ଼ାଇବାକୁ ହେବ। ତେବେ ଅତ୍ୟନ୍ତ ପରିତାପର ବିଷୟ ଯେ, ନାରୀ ପୁରୁଷ ସହ ସମତାଳ ଦେଇ ଏତେ ଆଗକୁ ବଢ଼ିସାରିଥିଲେ ସୁଦ୍ଧା ଏବେ ବି ସମାଜରେ ସେ ଅସୁରକ୍ଷିତ। ପ୍ରତିଦିନ କେଉଁଠି ନା କେଉଁଠି ସେ ଯୌନ ନିର୍ଯାତନାର ଶିକାର ହେଉଛି, ଯେଉଁ ଭୟ ହିଁ ଅନେକଙ୍କୁ ଲକ୍ଷ୍ୟ ପଥରେ ଆଗେଇଯିବାରୁ ପଛକୁ ଟାଣୁଛି। ଯଦି ଆଇନ ବ୍ୟବସ୍ଥା ଏବଂ ଦଣ୍ଡନୀତି କଡ଼ା କରାଯିବ ଏବଂ ନାରୀଟିଏ ଦିନ ସହ ରାତିରେ ବି ଏକାକୀ ଯିବାକୁ ସକ୍ଷମ ହୋଇପାରିବ, ତେବେ ପ୍ରତ୍ୟେକ ନାରୀର ସ୍ୱପ୍ନ ସାକାର ହୋଇପାରିବ ସେଥିରେ ସନ୍ଦେହ ନାହିଁ।



**ଅନୁରାଧା ଦାଶ** (ସାମାଜିକ କର୍ମୀ)– ନାରୀ ଯୁଗେ ଯୁଗେ ଶକ୍ତିମୟୀ। ବିଶ୍ୱର ବିଶେଷ ସୃଷ୍ଟି ତା'ର ଶକ୍ତି ସାମର୍ଥ୍ୟର ପରିଚୟ ଦିଏ। ନାରୀଟିଏ ଯେଉଁ ଦକ୍ଷତାରେ ଅଭିଷିକ୍ତ ତାକୁ ସେଇ ଚରିତ୍ରରେ ଅବତୀର୍ଣ୍ଣ ହେବାକୁ ହେବ। ସମାଜ କଲ୍ୟାଣ ଦିଗରେ ଆଗଭର ନାରୀଟିଏ ସମାଜର ବିବର୍ତ୍ତନ ପାଇଁ ରାସ୍ତାକୁ ଓହ୍ଲାଇ ଆସିବା ଦରକାର। ସମାଜରୁ କଳଙ୍କ ଦୂରେଇଦେବା ଲାଗି ସେ କଲମ ଚଳାଇବା ଆବଶ୍ୟକ। ନାରୀ ନିଜେ ନିଜକୁ ସ୍ୱାବଲମ୍ବୀ କରାଇବା ଦରକାର। ସମାଜରେ ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଚିତ।



**ନମିତା ପଟ୍ଟନାୟକ** (ଆଇନଜୀବୀ)– ପୁରୁଷ ପ୍ରଧାନ ସମାଜରେ ନାରୀର ଭୂମିକା ଏପର୍ଯ୍ୟନ୍ତ ଗଣାଯାଇ ନାହିଁ। ପ୍ରତିଟି କ୍ଷେତ୍ରରେ ନାରୀଟି ଅଗ୍ରସର ହେଲାବେଳେ ଯେତେ ସବୁ ବାଧାବିଘ୍ନ ଆସେ, ତାକୁ ଭାଗ୍ୟର ବିଡ଼ମ୍ବନା ମନେ ନ କରି ନାରୀ ହିଁ ଧୈର୍ଯ୍ୟର ସହିତ ମୁକାବିଲା କରିଥାଏ। ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାରେ ଏକାକୀ ଚାଲୁଥିବା ବେଳେ ବହୁ କମ୍ ମଣିଷଙ୍କର ସାହଚର୍ଯ୍ୟ, ଉତ୍ସାହକୁ ପୁଞ୍ଜିକରି ନାରୀର ସାହସ, ଧୈର୍ଯ୍ୟ, ବୁଦ୍ଧିମତ୍ତା, ବ୍ୟସ୍ତତା, ବ୍ୟାକୁଳତା ନିମଗ୍ନତା, ସମାଜ ଓ ପରିବାରକୁ ଉନ୍ନତ, ସମୃଦ୍ଧିଶାଳୀ କରିବା ବେଳେ ପ୍ରତିଟି ନାରୀ ନିଜ ଅସ୍ତିତ୍ୱ ପ୍ରତି ସଚେତନ ହେବା ଜରୁରୀ। ନାରୀର ସ୍ୱାଧୀନତା ନାରୀ ହିଁ ଆଣିବ। କିନ୍ତୁ ନାରୀ ଏପରି କିଛି ନ କରୁ ଯାହା ସ୍ୱାଧୀନତା ନାମରେ ଆଉ ଏକ ବିଡ଼ମ୍ବିତ ପରିସ୍ଥିତି ସୃଷ୍ଟି କରିବ।



**ସଙ୍ଗୀତା ଗୋସାଇଁ**(ଓଡ଼ିଶୀ କଣ୍ଠଶିଳ୍ପୀ)– ନାରୀକୁ ସମାଜରେ ତା'ର ନ୍ୟାଯ୍ୟ ସମ୍ମାନ ଦେବା ପାଇଁ ବୋଧହୁଏ ଏହି ଆନ୍ତର୍ଜାତିକ ମହିଳା ଦିବସ ବା International Women's Day ର ପରିକଳ୍ପନା। ସୃଷ୍ଟିର ଆଦ୍ୟ ଭୂମିକା ନାରୀ, ନାଟକର ଶେଷ ଅଙ୍କ ବି ସେ। ସେ ହସିଲେ ଏ ଧରା ହସେ। ମୁଁ ଭାବେ ସବୁଦିନ ହେଉଛି ମହିଳା ଦିବସ। ପ୍ରତ୍ୟେକ ନାରୀ ହୃଦ୍‌ବୋଧ କରିବା କଥା, ତାଙ୍କର ଦାୟିତ୍ୱକୁ ଏବଂ ପ୍ରତ୍ୟେକ ପୁରୁଷ ଶିଖିବା କଥା କିପରି ନାରୀକୁ ତା'ର ନ୍ୟାଯ୍ୟ ସ୍ଥାନ ଦେବେ। କାରଣ ନାରୀ ଓ ପୁରୁଷ ସଂସାର ଗାଡ଼ିର ଦୁଇଟି ଚକ। ସୁନ୍ଦର ସମନ୍ୱୟ ଦରକାର ଉଭୟଙ୍କର ଦୈନନ୍ଦିନ କାର୍ଯ୍ୟାବଳୀରେ। ପ୍ରଥମେ ନିଜ ପରିବାରକୁ ସୁନ୍ଦର ପରିବାର କରି ଗଢ଼ିପାରିଲେ ହିଁ ସମାଜକୁ ଏକ ସୁସ୍ଥ ସମାଜରେ ପରିଗଣିତ କରିହେବ। ଆତ୍ମବିଶ୍ୱାସ, ଏକାଗ୍ରତା, ଧୈର୍ଯ୍ୟ ଆଦି ଅଳଙ୍କାରରେ ଭୂଷିତା ହେଉ ଆଜିର ନାରୀ ଏବଂ ନାରୀତ୍ୱର ଜୟଗାନ ଯୁଗେ ଯୁଗେ ରହିଥାଉ।

– ପୌର୍ଣ୍ଣମାସୀ



# ସଜାନ୍ତୁ ମେହେନ୍ଦୀରେ ହାତ



**କୌଣସି ସ୍ପେଶାଲ ଅବସରରେ ମହିଳାମାନଙ୍କ ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଥାଏ ମେହେନ୍ଦୀ। ଯଦି ଆପଣ ବି ନିଜ ହାତକୁ ମେହେନ୍ଦୀରେ ସଜାଇବାକୁ ଚାହୁଁଛନ୍ତି ତେବେ ଜାଣିରଖନ୍ତୁ ବର୍ତ୍ତମାନ ଅଧିକ ଲୋକପ୍ରିୟ ଥିବା କେତେକ ଲାଟେଷ୍ଟ ତଥା ସହଜ ମେହେନ୍ଦୀ ଡିଜାଇନ ସମ୍ପର୍କରେ...**

**ଜ୍ୟୋମେଟ୍ରିକ୍ ଡିଜାଇନ:** ଏଭଳି ଡିଜାଇନକୁ ବର୍ତ୍ତମାନ ଅଧିକାଂଶ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। କାରଣ ପାରମ୍ପରିକ ମେହେନ୍ଦୀ ଡିଜାଇନଗୁଡ଼ିକ ତୁଳନାରେ ଏଥିରେ କରାଯାଉଥିବା ଟ୍ରାଇଙ୍ଗଲ, ସ୍କୋୟାର, ରାଉଣ୍ଡ, ରମ୍ବସ୍ ଭଳି ଡିଜାଇନ ନିଆରା ଲାଗୁଛି।

**ଫ୍ଲୋରାଲ ଡିଜାଇନ:** ଏଭଳି ଡିଜାଇନ ଅପେକ୍ଷାକୃତ ଆକର୍ଷଣୀୟ ଲାଗିଥାଏ। ଏଥିରେ ପୂରା ହାତ ହେଉ କିମ୍ବା ପାପୁଲିର ଅଳ୍ପ ଅଳ୍ପ ସ୍ଥାନରେ ବିଭିନ୍ନ ଫୁଲ ଡିଜାଇନ୍ କରାଯାଇଥାଏ। ଏଭଳି ଡିଜାଇନ କରିବାକୁ ଚାହୁଁଥିଲେ ଫୁଲର ପାଖୁଡ଼ାଗୁଡ଼ିକୁ ଅଧିକ ଡିପ୍ କରି ପତଳା ଲାଇନ୍‌ରେ ଡାଳ ଏବଂ ପତ୍ର କରିପାରିବେ। ବର୍ତ୍ତମାନ ଟ୍ରେଣ୍ଡରେ ଥିବା ଗୋଲାପଫୁଲ ଡିଜାଇନ ଟ୍ରାଏ କରିପାରିବେ।

**ଫିଙ୍ଗର ମେହେନ୍ଦୀ ଡିଜାଇନ:** ଯେଉଁମାନଙ୍କୁ ହାତ ଭର୍ତ୍ତିକରି ମେହେନ୍ଦୀ ଲଗାଇବା ଏତେ ପସନ୍ଦ ନୁହେଁ କିମ୍ବା ମେହେନ୍ଦୀରେ କିଛି ୟୁନିକ୍ ଡିଜାଇନ କରିବାକୁ ଇଚ୍ଛା ସେମାନଙ୍କ ପାଇଁ ଫିଙ୍ଗର ମେହେନ୍ଦୀ ଡିଜାଇନ ସବୁଠୁ ଭଲ ଅପ୍ସନ। ଏଥିରେ ଆପଣ ହାତର ଉଭୟ ଉପର ଏବଂ ଭିତର ପଟ ଆଙ୍ଗୁଠିରେ ସୁନ୍ଦର ସୁନ୍ଦର ଡିଜାଇନ କରିପାରିବେ। ଏଥିରେ ରିଙ୍ଗ୍ ଡିଜାଇନ ଅପେକ୍ଷାକୃତ ଆକର୍ଷଣୀୟ ଲାଗିଥାଏ।

**ଗ୍ଲିଟର ମେହେନ୍ଦୀ:** ଅନ୍ୟ ସବୁ ମେହେନ୍ଦୀ ଡିଜାଇନ ତୁଳନାରେ ବର୍ତ୍ତମାନ ଗ୍ଲିଟର ମେହେନ୍ଦୀ ଅନେକମାନଙ୍କୁ ଅଧିକ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି। କାରଣ ଏଥିରେ କେବଳ ମେହେନ୍ଦୀର ଗୋଟିଏ ରଙ୍ଗ ନୁହେଁ ବରଂ ଏହା ସହ ବିଭିନ୍ନ ପ୍ରକାର ଗ୍ଲିଟର ରଙ୍ଗ ରହୁଛି। ଫଳରେ ଡିଜାଇନ କଲରଫୁଲ୍ ଏବଂ ଅଧିକ ସୁନ୍ଦର ଲାଗୁଛି। ତା'ଛଡ଼ା ଅନେକେ ଏହାକୁ ନିଜ ଗେଟ୍‌ଅପ୍‌ର ରଙ୍ଗ ସହ ମ୍ୟାଚ୍‌କରି ମଧ୍ୟ ଲଗାଇ ପାରୁଛନ୍ତି। ଯଦି ଆପଣଙ୍କୁ ବି ନିଜ ମେହେନ୍ଦୀକୁ କିଛି ନୂଆ ଲୁକ୍ ଦେବାକୁ ଇଚ୍ଛା ତେବେ ଗ୍ଲିଟର ମେହେନ୍ଦୀ ଟ୍ରାଏ କରନ୍ତୁ।



# ପନିର ମ୍ୟାଙ୍ଗୋ ଲଡ଼ୁ

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବର ରସ–୨୦୦ ଗ୍ରାମ୍, ପନିର–୨୦୦ ଗ୍ରାମ୍, ଡ୍ରାଏ ଫ୍ରୁଟ୍ସ–ଅଧା କପ୍, ନଡ଼ିଆକୋରା–ଦେଢ଼କପ୍, କ୍ଷୀର–ଅଧା କପ୍, ଚିନି– ୧/୩ କପ୍, ଭଜା କାଜୁ– ୨୦ ଗ୍ରାମ୍, ଗୁଜୁରାତି ଗୁଣ୍ଡ– ଅଧା ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ପ୍ୟାନ୍ ବସାଇ ଏକ କପ୍ ନଡ଼ିଆକୋରା ନେଇ ଭଲ ଭାବେ ଭାଜନ୍ତୁ। ବ୍ରାଉନ୍ କଲର ହୋଇଗଲେ ଏହାକୁ ଅନ୍ୟ ଏକ ପାତ୍ରରେ କାଢ଼ି ଦିଅନ୍ତୁ। ସେହିପରି ପନିରକୁ ମଧ୍ୟ ଛୋଟ ଛୋଟ କରି ହାଲ୍‌କା ଭାଜି ଦିଅନ୍ତୁ। ଏବେ ଆମ୍ବରସରେ ନଡ଼ିଆକୋରା ଓ ପନିରକୁ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ କ୍ଷୀର, ଡ୍ରାଏ ଫ୍ରୁଟ୍ସ, ଚିନି, ଭଜା କାଜୁ ଓ ଗୁଜୁରାତି ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏବେ ଚୁଲାରେ ପ୍ୟାନ୍ ବସାଇ ଏହି ମିଶ୍ରଣକୁ ପକାଇ ଅଳ୍ପ ଅଠାଳିଆ ହେବା ଯାଏଁ ଧୀରେ ଧୀରେ ଗୋଳାନ୍ତୁ। ଧ୍ୟାନଦେବେ, ଯେମିତି ଏହା ପ୍ୟାନ୍‌ରେ ଲାଗି ନ ଯାଏ। ଏବେ ଚୁଲାକୁ ବନ୍ଦକରି ଅଳ୍ପ ଥଣ୍ଡା ହେବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାକୁ ଗୋଲ୍ ଗୋଲ୍ ଆକାର କରି ଲଡ଼ୁ ପ୍ରସ୍ତୁତ କରନ୍ତୁ। ପ୍ରସ୍ତୁତ ହୋଇଗଲା ପନିର ମ୍ୟାଙ୍ଗୋ ଲଡ଼ୁ। ଏହାକୁ ନିଜେ ଖାଇବା ସହ ଅନ୍ୟକୁ ଖୁଆଇବାର ବି ମଜା ନିଅନ୍ତୁ।



# ଡ୍ର ଅଭିମୁଖେ ରାୱଲପିଣ୍ଡି ଟେଷ୍ଟ

**ରାୱଲପିଣ୍ଡି, ୭।୩**


ସୋମବାର ଭାଗୀଦାରି ଅବସରରେ ଷ୍ଟିଭେନ୍ ସ୍ମିଥ ଓ କାମେରନ ଗ୍ରୀନ୍।

ଏଠାରେ ଚାଲିଥିବା ପାକିସ୍ତାନ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ଡ୍ର ଅଭିମୁଖେ ଗତି କରିଛି। ମ୍ୟାଚର ୪ ଦିନ ଖେଳ ଶେଷ ହୋଇ ଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରଥମ ଇନିଂସ ଖେଳ ଶେଷ ହୋଇନାହିଁ। ତେଣୁ ମଙ୍ଗଳବାର ଅନ୍ତିମ ଦିବସରେ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା କମ୍। ସୋମବାର ଚତୁର୍ଥ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୪୪୯ ରନ ସଂଗ୍ରହ କରିଛି। ହାତରେ ୩ ଉଇକେଟ ବାକିଥାଇ ଭ୍ରମଣକାରୀ ଦଳ ପାକିସ୍ତାନ ପ୍ରଥମ ଇନିଂସଠାରୁ ୨୭ ରନ ପଛରେ ରହିଛି। ପାକିସ୍ତାନ ଏହାର ପ୍ରଥମ ଇନିଂସକୁ ୪୭୬/୪ରେ ଘୋଷଣା କରିଥିଲା। ତୃତୀୟ ଦିବସର ଅସମାପ୍ତ ସ୍କୋର ୨୭୧/୨ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ମାର୍ନସ ଲାବୁସେନ ଓ ଷ୍ଟିଭେନ୍ ସ୍ମିଥ ତୃତୀୟ ଉଇକେଟରେ ୧୦୮ ରନର ଭାଗୀଦାରି ଗଢ଼ିଥିଲେ। ଲାବୁସେନ ୧୫୮ ବଲ୍‌ରୁ ୧୨ ଚୌକା ସହାୟତାରେ ୯୦ ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଲାବୁସେନଙ୍କୁ ଆଉଟ କରି ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦୀ ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଟ୍ରାଭିସ ହେଡ୍ (୮) ଫେଲ୍ ମାରିଥିଲେ ହେଁ ସ୍ମିଥ୍ ଓ କାମେରନ ଗ୍ରୀନ୍ ୫ମ ଉଇକେଟରେ ୮୧ ରନ ଯୋଗକରି ଇନିଂସକୁ ଆଗେଇ ନେଇଥିଲେ। ଗ୍ରୀନ୍ ୪୮ ରନ କରିଥିବାବେଳେ ସ୍ମିଥ ଖେଳିଥିଲେ ୭୮ ରନର ଉପଯୋଗୀ ଇନିଂସ। ଖେଳ ବନ୍ଦ ହେବା ବେଳକୁ ମିଚେଲ ଷ୍ଟାର୍କ ୧୨ ଓ ଅଧିନାୟକ ପ୍ୟାଟ୍ କୁମିନ୍ସ ୪ ରନରେ ଅପରାଜିତ ଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ନୌମନ ଅଲୀ ସର୍ବାଧିକ ୪ଟି ଏବଂ ସାଜିଦ ଖାଁ, ନସୀମ ଶାହା ଓ ଶାହିନ ଶାହ ଆଫ୍ରିଦୀ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ମ୍ୟାଚରୁ ଫଳାଫଳ ଆଶା ସଞ୍ଚାର କରାଇବାକୁ ହେଲେ ପାକିସ୍ତାନକୁ ସୋମବାର ଅନ୍ତିମ ଦିବସରେ ଶୀଘ୍ର ଅଷ୍ଟ୍ରେଲିଆ ଇନିଂସ ଶେଷ କରିବା ସହ ଟି୨୦ ଷ୍ଟାଇଲ୍‌ରେ ରନ ସଂଗ୍ରହ କରି ଏକ ଚ୍ୟାଲେଞ୍ଜିଂ ଟାର୍ଗେଟ ଦେବାକୁ ପଡ଼ିବ। ମାତ୍ର ପିଚ୍‌ରେ ଏବେ ମଧ୍ୟ ବ୍ୟାଟିଂ କରିବା ସହଜ ହେଉଥିବାରୁ ପାକିସ୍ତାନ କୌଣସି ରିସ୍କ ନେବାକୁ ଚାହିଁବ ନାହିଁ ନିଶ୍ଚିତ। ନଚେତ ଫଳାଫଳ ଅଷ୍ଟ୍ରେଲିଆ ସପକ୍ଷରେ ଯିବା ସମ୍ଭାବନା ମଧ୍ୟ ରହିବ।

କୋଚ୍ ଓ କ୍ୟାପ୍‌ଟେନଙ୍କ ଯୋଜନା ଅନୁସାରେ ମୁଁ ବୋଲିଂ କରିବାକୁ ଚେଷ୍ଟା କରିଥିଲି। ପିଚ୍‌ରେ ଥିବା ରଫ୍ ପ୍ୟାଚକୁ ମୁଁ ବ୍ୟବହାର କରିଥିଲି ଏବଂ ତାହା ମୋତେ ସହାୟକ ହୋଇଥିଲା। ପିଚ୍ କ୍ରମେ ସ୍ଲୋ ହେବାରେ ଲାଗିଥିବାବେଳେ ପିଚ୍ ମଝିରେ ରଫ୍ ପ୍ୟାଚ ମାନ ରହିଛି। ଅଷ୍ଟ୍ରେଲିଆକୁ ମଙ୍ଗଳବାର ସକାଳେ ଶୀଘ୍ର ଆଉଟ କରିବାର ଯୋଜନା ରହିଛି। ଏହାପରେ ଟିମ୍ ମ୍ୟାନେଜମେଣ୍ଟର ଯୋଜନା ଅନୁସାରେ ଆମେ ଖେଳିବୁ ବୋଲି ନୌମନ ଅଲୀ ପ୍ରକାଶ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୪୭୬/୪ (ଘୋଷଣା)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୪୯/୭ (ଉସମାନ ଖ୍ୱାଜା-୯୭, ମାର୍ନସ ଲାବୁସେନ-୯୦, ଷ୍ଟିଭେନ ସ୍ମିଥ-୭୮, ଡେଭିଡ ୱାର୍ନର-୬୮, କାମେରନ ଗ୍ରୀନ୍-୪୮, ନୌମନ ଅଲୀ-୪/୧୦୭, ସାଜିଦ ଖାଁ-୧/୧୨୨, ନସୀମ ଶାହା-୧/୮୯, ଶାହିନ ଶାହ ଆଫ୍ରିଦୀ-୧/୮୦)।

## ନ୍ୟୁଜିଲାଣ୍ଡ ୯ ଉଇକେଟରେ ବିଜୟୀ

**ଡୁନେଡିନ୍, ୭।୩ (ପି.ଟି.):** ଚଳିତ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ୯ ଉଇକେଟରେ ବାଂଲାଦେଶକୁ ହରାଇ ଦେଇଛି। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ବିଜୟ। ସୋମବାର ଖେଳାଯାଇଥିବା ମ୍ୟାଚରେ ନ୍ୟୁଜିଲାଣ୍ଡ ପ୍ରଥମେ ବାଂଲାଦେଶକୁ ୧୪୦/୮ ସ୍କୋରରେ ସୀମିତ କରିଦେଇଥିଲା। ସୁଜି ବେଟ୍ସଙ୍କ ଷ୍ଟ୍ରୋକ୍‌ଭରା ଅପରାଜିତ ଅର୍ଦ୍ଧଶତକ (୬୮ ବଲ୍‌ରୁ ଅପରାଜିତ ୭୯ରନ) ସହାୟତାରେ ନ୍ୟୁଜିଲାଣ୍ଡ ମାତ୍ର ୧ଉଇକେଟ ବିନିମୟରେ ୪୨ବଲ୍ ବାକିଥାଇ ମ୍ୟାଚ ଜିତି ନେଇଥିଲା। ବର୍ଷାଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା ଏବଂ ଏହାକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା। ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏହାର ଉଦ୍‌ଘାଟନୀ ମ୍ୟାଚ ହାରିଯାଇଥିଲା। ସୋମବାର ବିଜୟ ଦ୍ୱାରା ଦଳ ମୂଲ୍ୟବାନ ୨ ପଏଣ୍ଟ ଅର୍ଜନ କରିପାରିଛି। ଏଥିସହ ଦଳ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବାଂଲାଦେଶ ଖେଳିଥିବା ଦୁଇଟିଯାକ ମ୍ୟାଚରେ ହାରିଯାଇଥିବାରୁ ୭ମ ସ୍ଥାନରେ ଅଛି।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ମହିଳା ଦଳ:** ୨୭ ଓଭରରେ ୧୪୦/୮ (ଫର୍ଗାନା ହକ୍-୫୨, ଶମିମା ସୁଲ୍‌ତାନା-୩୩; ଆମି ସ୍ୱାଟର୍ଥୱେଟ୍-୩/୨୫)। ନ୍ୟୁଜିଲାଣ୍ଡ ମହିଳା ଦଳ: ୨୦ ଓଭରରେ ୧୪୪/୧ (ସୁଜି ବେଟ୍ସ-୭୯*, ଆମେଲି କେର୍-୪୭*; ସଲ୍‌ମା ଖାତୁନ-୧/୩୪)।

# ରାଧାରମଣ ସ୍ମାରକୀ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୭।୩ (କ୍ରୀଡ଼ା ପ୍ରତିନିଧି)**


ହର୍ଷିତ ରଞ୍ଜନ ସାହୁ

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୫ମ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ଅନ୍‌ଲାଇନ୍ ଓପନ୍ ଚେସ୍ ପ୍ରତିଯୋଗିତାରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ଖେଳରେ ହର୍ଷିତ ୭.୫ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ରବୀନ୍ଦ୍ର ଓଝା, ସତ୍ୟମ୍ ସରବଜିତ ମିଶ୍ର ଓ ବିନାୟକ ରଥ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟରୁ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ତେଜା ମେକଲା, ତପନ ବଡ଼ମୁଣ୍ଡି (ଉଭୟେ ୫.୫), ଫକିର ମାଝି, ସୌମ୍ୟରଞ୍ଜନ ମିଶ୍ର, ପୁରୁ ଲକ୍ଷିତ୍, ଦାଶରଥି ସାହୁ, ସୁରଜିତ ନାୟକ, ଆଦିତ୍ୟ ବିକ୍ରମ ମିଶ୍ର (ସମସ୍ତେ ୫ ପଏଣ୍ଟ), ପ୍ରବୀଣ ଜୀଭା, ରବୀନ୍ଦ୍ର ସାହୁ ଓ ସିଦ୍ଧାର୍ଥ ମିଶ୍ର (ସମସ୍ତେ ୪.୫) ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ୬୧ ବର୍ଷୀୟ ଏନ. ସୁନ୍ଦର ରାଜନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଗୁଗ୍‌ଲ ମିଟ୍‌ରେ ପ୍ରତିଯୋଗିତାକୁ ଶ୍ରୁତିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ହରପ୍ରିୟା ମହାନ୍ତି ଅନ୍ୟତମ ଅତିଥି ଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଏବଂ ରାଧାରମଣ ପାଣିଗ୍ରାହୀଙ୍କ ପରିବାର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ପୁଟିନଙ୍କଠାରୁ ଟାଇଟଲ ପ୍ରତ୍ୟାହାର କଲା ଜୁଡୋ ମହାସଂଘ




**ବୁଦାପେଷ୍ଟ, ୭।୩ (ଏପି)**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କଠାରୁ ସମସ୍ତ ଟାଇଟଲ ଓ ପଦବୀ ପ୍ରତ୍ୟାହାର କରି ନିଆଯାଇଥିବା ବୁଦାପେଷ୍ଟସ୍ଥିତ ଇଣ୍ଟରନ୍ୟାଶନାଲ ଜୁଡୋ ଫେଡେରେଶନ (ଆଇଜେଏଫ୍) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ଆଇଜେଏଫ୍‌ର ଅବୈତନିକ ସଭାପତି ଥିବା ପୁଟିନ୍‌ଙ୍କୁ ଗତ ସପ୍ତାହରେ ସସ୍‌ପେଣ୍ଡ କରାଯାଇଥିଲା। ରୁଷିଆ ରାଷ୍ଟ୍ରପତି ଜଣେ ଉତ୍ସାହୀ ଜୁଡୋକା। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ଜୁଡୋ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ସେଣ୍ଟ୍‌ପିଟର୍ସବର୍ଗର ଆର୍କାଡି ରୋଟେନବର୍ଗ ହେଉଛନ୍ତି ପୁଟିନଙ୍କର ଜଣେ ଦୀର୍ଘ ଦିନର ବନ୍ଧୁ। ସେ ଆଇଜେଏଫ୍ କାର୍ଯ୍ୟନିର୍ବାହୀ କମିଟିର ଜଣେ ସଦସ୍ୟ ଏବଂ ଡେଭଲପମେଣ୍ଟ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କୁ ମଧ୍ୟ ତାଙ୍କୁ ପଦବୀରୁ ହଟାଯାଇଛି।




# ଓଡ଼ିଶା ପାରା ଆଥଲେଟ୍ ଚୟନ ୧୨ରେ

**ଭୁବନେଶ୍ୱର, ୭।୩ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୮ରୁ ୩୧ ପର୍ଯ୍ୟନ୍ତ ୨୦ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ। ଏଥିପାଇଁ ଓଡ଼ିଶା ପାରା ଆଥଲେଟ୍ ଚୟନ ଟ୍ରାଏଲ ଆସନ୍ତା ୧୨ ତାରିଖରେ ସେହି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଚୟନ ଟ୍ରାଏଲରେ ୧ମ, ୨ୟ ଓ ସର୍ବନିମ୍ନ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ଅତିକ୍ରମ କରୁଥିଲେ ପ୍ରତିଯୋଗୀମାନେ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇପାରିବେ। ଏଥିରେ ବିଭିନ୍ନ ପ୍ରକାର ଦିବ୍ୟାଙ୍ଗ ଖେଳାଳି ୧୦୦, ୨୦୦, ୪୦୦ ମିଟର ରେସ୍, ଶଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ, ଲଙ୍ଗଜମ୍ପ ଆଦି ଭିନ୍ନ ଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିପାରିବେ। ଅଧିକ ସୂଚନା ପାଇଁ ସୁନୀଲ ପ୍ରଧାନଙ୍କ ସହ ଯୋଗାଯୋଗ କରିବାକୁ ପ୍ରକାଶ କରାଯାଇଛି।

## କୁଲଦୀପଙ୍କ ସ୍ଥାନରେ ଅକ୍ଷର

**ବେଙ୍ଗାଲୁରୁ, ୭।୩ (ପି.ଟି.):** ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଠାରେ ଶନିବାରଠାରୁ ଆରମ୍ଭ ହେବ। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ସ୍ଥାନରେ ଫିଟ୍ ହୋଇ ଫେରିଥିବା ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦଳରେ ନିଆଯାଇଛି। କୁଲଦୀପଙ୍କୁ ଦଳରୁ ରିଲିଜ କରାଯାଇଛି। ପେଣ୍ଡାରେ ଆଘାତପ୍ରାପ୍ତ ଯୋଗୁ ଅକ୍ଷର ଦକ୍ଷିଣ ଆଫ୍ରିକା ଟୁର୍ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳିପାରି ନ ଥିଲେ। ନିକଟରେ ସେ କରୋନା ସଂକ୍ରମିତ ମଧ୍ୟ ହୋଇଥିଲେ। ଅକ୍ଷର ପ୍ରଥମ ପସନ୍ଦ ଖେଳାଳି ଥିଲେ। ମାତ୍ର ଇଞ୍ଜୁରି ଯୋଗୁ ତାଙ୍କ ସ୍ଥାନରେ କୁଲଦୀପଙ୍କୁ ଦଳରେ ନିଆଯାଇଥିଲା। ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଘୋଷଣା ବେଳେ ଅକ୍ଷର ପଟେଲ ଦ୍ୱିତୀୟ ଟେଷ୍ଟ ବେଳକୁ ଠିକ୍ ହୋଇଯାଇଥିବେ ବୋଲି ବିସିସିଆଇ ଆଶା ପ୍ରକାଶ କରି କହିଥିଲା। କୁଲଦୀପ ଶେଷ ଥର ପାଇଁ ଏକ ଟେଷ୍ଟ ମ୍ୟାଚ ୨୦୨୧ ଫେବୃୟାରୀରେ ଖେଳିଥିଲେ। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୨୨୨ ରନରେ ଜିତି ନେଇସାରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବିପଦପୂର୍ଣ୍ଣ ଅବସ୍ଥାରେ ମୁକୁଳା ଟ୍ରାନ୍ସଫର୍ମର



**ନିରାକାରପୁର,୭।୩(ଡି.ଏନ.ଏ):** ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ଘରେ ଘରେ ପହଞ୍ଚାଇବା ସହିତ ଏହାର ରକ୍ଷଣାବେକ୍ଷଣ ପାଇଁ ଅନେକ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ମେଣ୍ଟେନାନ୍ସ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କେତେଜଣ ଅଧିକାରୀଙ୍କ ଅବହେଳାରୁ ଅନେକ କାମ ଅଧାପନ୍ତରିଆ ଓ ବିଦ୍ୟୁତ୍ ତାର ଓ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନ ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ା ଗ୍ରାମ ଆଦିବାସୀ ସାହିରେ ଦେଖିବାକୁ ମିଳିଛି। ଏକ ଘରକୁ ଲାଗି ମୁକୁଳା ବିଦ୍ୟୁତ୍ ଟ୍ରନ୍ସଫର୍ମର ଲାଗିଥିବା ବେଳେ ୧୧ କେଭି ତାର ଛାତ ଉପରେ ଝୁଲୁଛି। ଫଳରେ ପରିବାରର ସଦସ୍ୟ ଛାତ ଉପରକୁ ଯିବା ଲାଗି ଭୟ କରୁଛନ୍ତି। ଏପରିକି ଖୋଲା ଟ୍ରାନ୍ସଫରମର ଯୋଗୁ ଛୋଟ ପିଲାଙ୍କୁ ଗ୍ରାମବାସୀ ନଜର ରଖୁଥିବା ଜଣାପଡ଼ିଛି। ବର୍ଷାହେଲେ ଟ୍ରାନ୍ସଫର୍ମରରେ ପାଣି ପଡିବାରୁ ଫୁଟିବା ସହ ନିଆଁ ବାହାରୁଛି ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ନିରାକାରପୁର ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ରିତେଶ ସିଂହ କହିଛନ୍ତି, କର୍ମଚାରୀଙ୍କୁ ପଠାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ଆହତ ମାଙ୍କଡ଼ ଉଦ୍ଧାର

**ବୋଲଗଡ଼,୭।୩(ଡି.ଏନ୍.ଏ.):** ବୋଲଗଡ଼ ବନଖଣ୍ଡ ଅନ୍ତର୍ଗତ ସଂପୁର ଗ୍ରାମର ମହାନ୍ତିସାହିଠାରେ ସଂପୁର ଯୁବ ଗୋଷ୍ଠୀ ଓ ବୋଲଗଡ଼ ବନପାଳଙ୍କ ମିଳିତ ସହଯୋଗରେ ସୋମବାର ଗୁରୁତର ଆହତ ମାଙ୍କଡ଼କୁ ଉଦ୍ଧାର ରାଯାଇଛି। ନିକଟ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ମାଙ୍କଡଟି ଆସଥିବା ବେଳେ କୁକୁରଙ୍କ କାମୁଡ଼ାରେ ଗୁରୁତର ଆହତ ହୋଇଥିଲା। ସୋମବାର ସକାଳେ ମାଙ୍କଡ଼ ଚାଲିପାରୁ ନ ଥିବା ସଂପୁର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଗ୍ରାମର ଯୁବକମାନେ ସଂପୁର ପ୍ରାଣୀ ସହାୟକ କେନ୍ଦ୍ରର ଚିକିତ୍ସକ ଡା.ଗିରିଶ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିଥିଲେ। ପରେ ଡା. ସାହୁ ପହଞ୍ଚି ଆହାତ ମାଙ୍କଡକୁ ଚିକିତ୍ସା କରିଥିଲେ। ବୋଲଗଡ଼ ବନପାଳ ପ୍ରଦୀପ ପଟ୍ଟନାୟକ ଘଟଣାସ୍ଥଳରେ ମଧ ପହଞ୍ଚିଥିଲେ।

### ବାର୍ ଓ ଲୟର୍ସ ଆସୋସିଏଶନ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରକ୍ରିୟା ଶେଷ

**ଜଟଣୀ,୭।୩(ଡି.ଏନ୍.ଏ.):** ଜଟଣୀ ବାର୍ ଆସୋସିଏଶନ ଏବଂ ଲୟର୍ସ ଆସୋସିଏଶନର ବିଭିନ୍ନ ପଦ ପାଇଁ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି। ବାର୍ ଆସୋସିଏଶନ ପକ୍ଷରୁ୧୪ଜଣ ପ୍ରାର୍ଥୀ ବିଭିନ୍ନ ପଦ ପାଇଁ ନାମାଙ୍କନ କରିଥିବା ବେଳେ ସଭାପତି ପଦ ନିମନ୍ତେ ୨ଜଣ ଏବଂ ସମ୍ପାଦକ ପଦ ପାଇଁ ୨ଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ସେହିପରି ଜଟଣୀ ଲୟର୍ସ ଆସୋସିଏଶନର ବିଭିନ୍ନ ପଦ ପାଇଁ ପ୍ରତ୍ୟେକ ପଦ ନିମନ୍ତେ ଜଣେକରି ନାମାଙ୍କନ ଦାଖଲ କରିଥିବା ନିର୍ବାଚନ ଅଧିକାରୀ ଅର୍ଜୁନ ଚରଣ ସାମନ୍ତରାୟ ଓ ଅକ୍ଷାଂଶ ଶେଖର ନାୟକ ସୂଚନା ଦେଇଛନ୍ତି।

# ବିଜେଡିରୁ କନକଲକ୍ଷ୍ମୀ, ଭାଜପାରୁ କୁନିଲତାଙ୍କ ପ୍ରାର୍ଥିପତ୍ର ଦାଖଲ

**ଖୋର୍ଦ୍ଧା ଅଫିସ,୭।୩**

ପୌର ନିର୍ବାଚନ ପାଇଁ ସୋମବାର ଥିଲା ନାମାଙ୍କନ ଦାଖଲର ଶେଷ ଦିବସ। ଅଧକ୍ଷା ପ୍ରାର୍ଥୀଙ୍କ ସମେତ ସମସ୍ତ କାଉନସିଲର ସେମାନଙ୍କର ନାମାଙ୍କନ ପତ୍ର ପୌର କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ସୋମବାର ୭୦ଜଣ କାଉନସିଲର ଓ ପୌରାଧକ୍ଷ ପଦ ନିମନ୍ତେ ୭ଜଣ ନାମାଙ୍କନ ଦାଖଲ କରିଛନ୍ତି। ପୌରାଧକ୍ଷା ପ୍ରାର୍ଥୀ ଭାବେ ବିଜେଡିରୁ କନକଲକ୍ଷ୍ମୀ ମହାନ୍ତି, ଭାଜପାରୁ କୁନିଲତା ସ୍ୱାଇଁ ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟପଟେ ଦଳୀୟ ଟିକେଟରୁ ବଞ୍ଚିତ ବିଜେଡି ଜିଲା ଉପସଭାପତି ଦିଲ୍ଲୀପ ହୋତାଙ୍କ ସହଧର୍ମିଣୀ ସୁଚିତ୍ରା ଏବଂ ନଗର ସଭାପତି ମହମ୍ମଦ ଆରିଫଙ୍କ ସହଧର୍ମିଣୀ ସବ୍‌ନମ୍ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ବିଜେଡି ପ୍ରାର୍ଥୀ କନକଲକ୍ଷ୍ମୀ ବିରାଟ ଶୋଭାଯାତ୍ରାରେ ବାହାରି ନାମାଙ୍କନ ଦାଖଲ କରିଥିଲେ। ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା ଖାନ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନେକ ବିଜେଡି ନେତାଙ୍କ ଉପସ୍ଥିତିରେ ସେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କନକଲକ୍ଷ୍ମୀ ପୂର୍ବରୁ କାଉନସିଲର ରହିଥିଲେ। ଦଳର ସମସ୍ତ ୱାର୍ଡରୁ ମନୋନୀତ ପ୍ରାର୍ଥୀମାନେ ମଧ ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ କନକଲକ୍ଷ୍ମୀ କହିଥିଲେ, ଖୋର୍ଦ୍ଧା ବିକାଶ ପଥରେ ଆଗେଇ ଚାଲିଛି।



ବିଜେଡି ପୌରାଧକ୍ଷ ପ୍ରାର୍ଥୀ ଭାବେ କନକଲକ୍ଷ୍ମୀ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।



ଭାଜପା ପ୍ରାର୍ଥୀ କୁନିଲତା ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

ସ୍ୱଚ୍ଛ ସୁନ୍ଦର ଖୋର୍ଦ୍ଧା ସହର ଗଠନର ଲକ୍ଷ୍ୟ ରହିଛି। ବିଜେଡି ପ୍ରତି ଲୋକଙ୍କ ଆସ୍ଥା ରହିଛି। ନିର୍ବାଚନରେ ବିଜୟୀ ହେବେ ବୋଲି ସେ କହିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ କୁନିଲତା ସ୍ୱାଇଁ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିଥିଲେ। କୁନିଲତା ପୂର୍ବରୁ ୪ଥର କାଉନସିଲର ଓ ଥରେ ଉପାଧକ୍ଷା ପଦରେ ରହିଥିଲେ। ତାଙ୍କ ସହିତ ଦଳର ସମସ୍ତ କାଉନସିଲର ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିଲେ। ଭାଜପା ନଗର ସଭାପତି ଲୋକନାଥ ପ୍ରଧାନ ୫ନଂ. ୱାର୍ଡରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ବେଳେ ଭାଜପା ରାଜ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଜିଲା ସଭାପତି ରଶ୍ମି ମହାପାତ୍ର, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ କୁନିଲତା କହିଛନ୍ତି, ଭାରତ ପ୍ରଗତି, ସମୃଦ୍ଧି ପଥରେ ଆଗେଇ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋ୨ଜନାକୁ ପାଥେୟ କରି ଲୋକଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟ ରହିଛି। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେବି। ଭାଜପା ପ୍ରତି ଲୋକଙ୍କ ଭଲପାଇବା ରହିଛି। ନିର୍ବାଚନରେ ବିଜୟୀ ହେବେ ବୋଲି କହିଛନ୍ତି। ସେହିପରି ସବ୍‌ନମ୍ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ଆସି ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିଲେ। ନାମାଙ୍କନ ଦାଖଲ ବେଳେ ସ୍ୱାମୀ ଆରିଫ ଓ ସମର୍ଥକମାନେ ଉପସ୍ଥିତ ଥିଲେ। ବିଜେଡି ଜିଲା ଉପସଭାପତି ଦିଲୀପ ହୋତାଙ୍କ ସହଧର୍ମିଣୀ ସୁଚିତ୍ରା ମଧ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନାମାଙ୍କନ ଦାଖଲ ବେଳେ ଦିଲ୍ଲୀପ ଏବଂ ସମର୍ଥକମାନେ ଉପସ୍ଥିତ ଥିଲେ।

### ପ୍ରାର୍ଥୀ ଚୟନ ନେଇ ଅସନ୍ତୋଷ

ବିଜେଡିରୁ ଖୋର୍ଦ୍ଧା ପୌରାଧକ୍ଷା ପ୍ରାର୍ଥୀ ଭାବେ ପୂର୍ବତନ କାଉନସିଲର କନକଲକ୍ଷ୍ମୀ ମହାନ୍ତିଙ୍କ ନାମ ଘୋଷଣା ପରେ ଦଳରେ ଅସନ୍ତୋଷ ଦେଖାଦେଇଛି। ଦଳୀୟ ପ୍ରାର୍ଥୀ ଘୋଷଣା ସତ୍ତ୍ୱେ ବିଜେଡି ଜିଲା ଉପସଭାପତି ଦଲୀପ ହୋତାଙ୍କ ସହଧର୍ମିଣୀ ସୁଚିତ୍ରା ଏବଂ ନଗର ସଭାପତି ମହମ୍ମଦ ଆରିଫଙ୍କ ସହଧର୍ମିଣୀ ସବ୍‌ନମ୍ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନେଇ ଦିଲୀପ କହିଛନ୍ତି, ଶୃଙ୍ଖଳିତ କର୍ମୀ ଭାବେ ସମସ୍ତ କାର୍ଯ୍ୟକୁ ସୂଚାରୁଭାବେ ନିର୍ବାହ କରିଛି। କେଉଁ କାରଣରୁ ତାଙ୍କ ସ୍ତ୍ରୀଙ୍କ ନାଁ ତାଲିକାରୁ ବାଦ୍ ଦିଆଗଲା, ବିଧାୟକ ସ୍ୱଷ୍ଟ କଲେ ନାହିଁ। ଦଳ ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ସେହିପରି ଆରିଫ କହିଛନ୍ତି, ନଗର ସଭାପତି ଭାବେ କିଏ ପ୍ରାର୍ଥୀ ହେବ ଜାଣିବାର ଅଧିକାର ରହିଛି। ବିଧାୟକ ଏସମ୍ପର୍କରେ ଆଲୋଚନା କରିନାହାନ୍ତି। ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା ଖାନ କହିଛନ୍ତି, ବିଜେଡି ପ୍ରତି ଲୋକଙ୍କ ଆସ୍ଥା ରହିଛି। ନିର୍ବାଚନରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ପୌରାଧକ୍ଷା ପ୍ରାର୍ଥୀ ହେଉଛି ଦଳୀୟ ନିଷ୍ପତ୍ତି। ଦଳରେ ରହି ବିଶୃଙ୍ଖଳା ଆଚରଣ ଠିକ୍ ନୁହେଁ।

## ୧୨ରେ ବ୍ଲକ ଅଧ୍ୟକ୍ଷ ଭୋଟ

**ବେଗୁନିଆ,୭।୩(ଡି.ଏନ.ଏ)**

ସାଧାରଣ ନିର୍ବାଚନ ୨୦୨୨ର ବ୍ଲକ ଅଧକ୍ଷ ପଦ ପାଇଁ ଆସନ୍ତା ୧୨ରେ ମତଦାନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲା ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି ନଂ.୨୪୬/୧୧.୧.୨୦୨୨ ଓ ୨୮୯୦/୧୫.୨.୨୦୨୨ ଆଧାରରେ ବ୍ଲକ ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ସାହୁ ଏନେଇ ଶୁକ୍ରବାର ଚିଠି ନଂ ୧୦୧୩/୪.୩.୨୦୨୨ ଯୋଗେ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟସୂଚୀ ତାଲିକା ନୋଟିସ ବୋର୍ଡରେ ଝୁଲାଇଛନ୍ତି। ଆସନ୍ତା ୧୧ ତାରିଖରେ ନାଏବ ସରପଞ୍ଚ ପଦ ପାଇଁ ୨୧ଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମତଦାନ ସାବ୍ୟସ୍ତ କରାଯିବ। ସେଥିପାଇଁ ବିଜୟୀ ୱାର୍ଡସଭ୍ୟ ପ୍ରାର୍ଥୀ ପୂର୍ବାହ୍ନ ୧୦ଟାରୁ ନାମାଙ୍କନ ପତ୍ର ଦାଖଲ କରିବେ। ୧୧ଟାରେ ଯାଞ୍ଚ ଓ ୧୧ଟା ୩୦ରେ ପ୍ରତ୍ୟାହାର,୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ସେହିପରି ୧୨ରେ ବ୍ଲକ ଅଧକ୍ଷ ଓ ୨୩ ତାରିଖରେ ବ୍ଲକ ଉପାଧକ୍ଷ ପଦବୀ ପାଇଁ ବ୍ଲକ କାର୍ଯ୍ୟାଳୟରେ ବିଜୟୀ ସମିତିସଭ୍ୟମାନେ ମତଦାନ ସାବ୍ୟସ୍ତ କରିବେ। ଅନ୍ୟପକ୍ଷରେ ମତଦାନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଆସନ୍ତା ୯ତାରିଖରେ ପ୍ରଶିକ୍ଷଣ ଦିଆଯିବ। ବ୍ଲକ ନିର୍ବାଚନ ଅଧିକାରୀ ସାହୁଙ୍କ ନିର୍ଦ୍ଦେଶରେ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁଙ୍କୁ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି।

## ସାହିତ୍ୟକୁ ସୁରକ୍ଷା ଦେବାରେ ଓଡ଼ିଆଙ୍କ ଅବଦାନ ଅତୁଳନୀୟ



ତୁଷାର ରଞ୍ଜନ ସାହୁଙ୍କ ରଚିତ ପ୍ରଥମ ସଙ୍କଳନ କବିତା ପୁସ୍ତକ 'ଅନ୍ୟରୂପା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

**ବେଗୁନିଆ,୭।୩(ଡି.ଏନ୍.ଏ.)**

**'ଶ୍ୱେତପଦ୍ମା'ର ସାରସ୍ୱତ ସମାବେଶ**

ବେଗୁନିଆ ମହକୁମାସ୍ଥିତ ଆଦର୍ଶ କ୍ଲବ ସଭାଗୃହ ପରିସରରେ ସୋମବାର 'ଶ୍ୱେତପଦ୍ମା' ସାହିତ୍ୟାନୁଷ୍ଠାନ ପକ୍ଷରୁ ସାରସ୍ୱତ ସମାବେଶ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଶ୍ରୀ ପ୍ରତିମା ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି କଳ୍ପତରୁ ପଣ୍ଡା ଆବାହନୀ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥିଭାବେ ଢେଙ୍କାନାଳର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା.ତୁଷାର ରଞ୍ଜନ ସାହୁ, ସାହିତ୍ୟିକା ଡ.ପ୍ରତିମା ଷଡଙ୍ଗୀ, ନୀରଦ ଚନ୍ଦ୍ର ଜେନା, ବାଳକୃଷ୍ଣ ନାୟକ, ବ୍ରଜ ସୁବୁଦ୍ଧି ଯୋଗଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁରକ୍ଷା ଦେବାରେ ପ୍ରତ୍ୟେକ ଓଡ଼ିଆଙ୍କ ଅବଦାନ ଅତୁଳନୀୟ। ଭାଷା ମାଧମରେ ଗଣଚେତନା ସୃଷ୍ଟି କରି ସାମାଜିକ ପରିବର୍ତ୍ତନ ଅଣାଯାଇପାରେ ବୋଲି ମୁଖ୍ୟ ଅତିଥି କହିଥିଲେ। ତୁଷାର ରଞ୍ଜନ ସାହୁଙ୍କ ରଚିତ ପ୍ରଥମ ସଙ୍କଳନ କବିତା ପୁସ୍ତକ 'ଅନ୍ୟରୂପା' ଲୋକାର୍ପିତ ହୋଇଥିଲା। ବିନୋଦ ବିହାରୀ ରାଉତରାୟ , ବୀରଞ୍ଚି ନାରାୟଣ ବେହେରା ଓ ସାବିତ୍ରୀ ଦେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାବେଶରେ ୩୦ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଲକ୍ଷ୍ମୀଧର ମହାପାତ୍ର ସମାବେଶରେ ସଂଯୋଜନା କରିଥିଲେ।

## 'ଅନ୍ୟ ଭାଷା ତୁଳନାରେ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧ'

**ଖୋର୍ଦ୍ଧା ଅଫିସ,୭।୩**

ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ 'ବିଶ୍ୱର ସାମ୍ପ୍ରତିକ ସ୍ଥିତି ଓ ଲେଖକର ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ର ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଉତ୍ତର ପୂର୍ବାଞ୍ଚଳ ସଂସ୍କୃତି ପରିଷଦ ଓ ନ୍ୟାଶନାଲ ବୁକ୍ ଟ୍ରଷ୍ଟର ପ୍ରକାଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମାନସ ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଷ୍ଟ୍ରଭାଷା ହିନ୍ଦୀ, ବଙ୍ଗଳା, ଅହମିଆ, ମାଲାୟାଲମ୍ ଆଦି ପ୍ରାଦେଶିକ ସାହିତ୍ୟ ତୁଳନାରେ ଓଡ଼ିଆ ଭାଷା ସାହିତ୍ୟର ମହତ୍ୱ ଓ ବୈଶିଷ୍ଟ୍ୟ ମହାନ। ଅତିଥି ନାଟ୍ୟକାର ବଂଶୀଧର ରାଉତ ଖୋର୍ଦ୍ଧାର ସମୃଦ୍ଧ ସାରସ୍ୱତ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କଥାକାର ଡ.ପଦ୍ମଜ ପାଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କବି କୃଷ୍ଣଚନ୍ଦ୍ର ବାହିନୀପତି, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ଜ୍ଞାନରଞ୍ଜନ ଦାସ, ପୂର୍ବତନ ଅଧକ୍ଷ ବୃନ୍ଦାବନ ପଣ୍ଡା, ଗବେଷକ ଲକ୍ଷ୍ମୀଧର ବଡ଼ଜେନା, ପ୍ରାବନ୍ଧିକ ପ୍ରଫୁଲ୍ଲ ସାମନ୍ତରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଯୋଗେଶ ଚନ୍ଦ୍ର ରଥ, ନିରଞ୍ଜନ ମହାନ୍ତି, ବିଜୟ ସାମନ୍ତରାୟ, ଆଲୋକ ପ୍ରଧାନ, ଗାଳ୍ପିକ ସତ୍ୟ ରଞ୍ଜନ ପ୍ରହରାଜ, କବି ମାଦଳ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ଡ.ଧୀରେନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ, ତପନ ମହାପାତ୍ର ଓ ସନ୍ୟାସୀ ନାୟକ ସଂଯୋଜନା କରିଥିଲେ।

## ନାମାଙ୍କନ ଦାଖଲ କଲେ ୨ ଖବରଦାତା

**ଜଟଣୀ,୭।୩(ଡି.ଏନ୍.ଏ.)**





ରବୀନ୍ଦ୍ର ନାଥ ମହାକୁଡ଼ | ରଙ୍ଗନାଥ ବେହେରା

ପୌର ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାର ସୋମବାର ଥିଲା ଅନ୍ତିମ ଦିବସ। ଏହି ପ୍ରରିପ୍ରେକ୍ଷୀରେ ସୋମବାର ଜଟଣୀର ଖବରଦାତା ରଙ୍ଗନାଥ ବେହେରା ଓ ରବୀନ୍ଦ୍ର ନାଥ ମହାକୁଡ଼ ସମର୍ଥକଙ୍କ ସହିତ ପୌର କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଭୟେ ସ୍ୱାଧୀନଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରଙ୍ଗନାଥ ପୌରାଧକ୍ଷ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ରବୀନ୍ଦ୍ରନାଥ ମହାକୁଡ଼ ୧୫ନଂ.ୱାର୍ଡର କାଉନସିଲର ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ଏହି ନାମାଙ୍କନପତ୍ର ଦାଖଲ କରିଥିଲେ।

## ୨୭ରେ 'ଆମ ଗାଁ ମହୋତ୍ସବ'

**ବେଗୁନିଆ,୭।୩(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ମଲ୍ଲିପଦର ଗ୍ରାମର 'ଆମ ଗାଁ ମହୋତ୍ସବ' କମିଟି ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଦ୍ୟାଧର ମହାରଣାଙ୍କ ଅଧକ୍ଷତାରେ କାନପୁର ଗ୍ରାମସ୍ଥିତ ବନଦୁର୍ଗାଙ୍କ ପୀଠ ପରିସରରେ ଆୟୋଜିତ ବୈଠକରେ ମହୋତ୍ସବର ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ, ସମ୍ପାଦକ ଶିଶିର ଆଚାର୍ଯ୍ୟ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ କିଭଳି ମହୋତ୍ସବକୁ ସରସ ଓ ସୁନ୍ଦର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ମହୋତ୍ସବ ଆସନ୍ତା ୨୭ତାରିଖରୁ ଆରମ୍ଭ ହୋଇ ୩୦ରେ ଉଦ୍‌ଯାପନ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ୪ଦିନ ଧରି ମହୋତ୍ସବ ପଡିଆ ଦୁଲୁକିବ। ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶୀ, ସମ୍ବଲପୁରୀ, ନୃତ୍ୟକଳା ପରିବେଷଣ କରାଯିବ। ଜିଲା ଓ ରାଜ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଏବଂ ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର କୋଲକତା ସହ ପ୍ରାୟୋଜକ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯିବ। ସେଥିପାଇଁ କ୍ଷୁଦ୍ର ଗଳ୍ପ, କବିତା ଓ ପ୍ରବନ୍ଧ ଲେଖା ପଠାଇବା ପାଇଁ ସ୍ଥାନୀୟ ଅଞ୍ଚଳର ବିଦ୍ୱାନଙ୍କୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମାଗୁଣି ସାମନ୍ତରାୟ, ହରେକୃଷ୍ଣ ଦାଶ, ଗୋପବନ୍ଧୁ ମହାପାତ୍ର, ରବୀନ୍ଦ୍ର ବାରିକ, ପ୍ରେମାନନ୍ଦ ସେଠୀ, ବିକ୍ରମାଦିତ୍ୟ ପଣ୍ଡା, ଚକ୍ରଧର ମହାରଣା, ସୁବାସ ଚନ୍ଦ୍ର ମହାନ୍ତି, ଗୌରାଙ୍ଗ ବେହେରା, ସାଧୁ ଚରଣ ବେହେରା, ତାରାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଚାମ୍ପିୟନ

**ବୋଲଗଡ଼,୭।୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚୁଡା ରାମେଶ୍ୱର ଗ୍ରାମର ମା'ରାମଚଣ୍ଡୀ ଯୁଥ କ୍ଲବ ଆନୁକୁଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୟାଲ କ୍ଲବ ନୟାଗଡ଼, ଟାଟା ଷ୍ଟିଲ ଅନୁଗୋଳ, ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଓ ମେଣ୍ଢାଶାଳ ଭଲିବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରୟାଲ କ୍ଲବକୁ ହରାଇ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ସାହୁଙ୍କ ସମେତ ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସରପଞ୍ଚ ସୁଷମା ରାଉତ, ସାମାଜିକ କର୍ମୀ ବିଶ୍ୱଜିତ ସ୍ୱାଇଁ, ଯୁବନେତା ପ୍ରଭାତ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୁନା ରାଉତ, ରାଜେଶ ମହାପାତ୍ର, ସେଖ୍ ନୱାଜ ତରଫଦାର, ଜିତେନ୍ଦ୍ର ରାଉତ, ଦେବାଶିଷ ରାଉତ, ଗୋଲଖ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଧାନ ନ ଉଠିଲେ ଆନ୍ଦୋଳନ

**ବୋଲଗଡ଼,୭।୩(ଡି.ଏନ୍.ଏ.)**

■ ଅବ୍ୟବସ୍ଥା ଘେରରେ ଧାନମଣ୍ଡି
■ ଚିନ୍ତାରେ ଚାଷୀ, ନୀରବଦ୍ରଷ୍ଟା ପ୍ରଶାସନ

ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ମଣ୍ଡିରେ ଧାନବସ୍ତା ରଖି ଚାଷୀ ଜଗି ବସିଥିବା ବେଳେ ମିଲର୍ସଙ୍କ ଦେଖା ମିଳୁନାହିଁ। ଫଳରେ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟ ପୂରଣ ନେଇ ଆଶଙ୍କା ଦେଖାଦେଇଛି। ମଣ୍ଡିରେ ଅବ୍ୟବସ୍ଥା ନେଇ ସୋମବାର ଆରିକମା ସେବା ସମବାୟ ସମିତିର ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପଞ୍ଜୀକୃତ ଚାଷୀମାନେ ଫେବୃୟାରୀ ୧ରେ ଧାନ ଦେବା ପାଇଁ ଟୋକନ ପାଇଥିଲେ ମଧ ଧାନ ନ ଉଠିବାରୁ ତାହା ମାର୍ଚ୍ଚ ୫ ତାରିଖରେ ରଦ୍ଦ ହୋଇଯାଇଛି। ପୁନଃ କାର୍ଯ୍ୟକ୍ଷମ ପାଇଁ ଚାଷୀମାନେ ଜିଲପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସେହିପରି ଏହି ବ୍ଲକ ଅନ୍ତର୍ଗତ ଡିହଖଉରୁଣି ସେବା ସମବାୟ ସମିତି ଅଧୀନରେ ୨୧୮ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୮୫ଜଣ ଧାନ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ଚାଷୀଙ୍କ ଆଖି ସ୍କାନ ହୋଇପାରି ନ ଥିବାରୁ ଧାନ ବିକ୍ରି ଟଙ୍କା ପାଇବାରେ ଅସୁବିଧା ଦେଖାଦେଇଛି। ଅବଶିଷ୍ଟ ୩୩ଜଣ ଚାଷୀ ଧାନ ଦେବା ପାଇଁ ଟୋକନ ଆସିନାହିଁ। ଧାନ ଦେବାରୁ ବଞ୍ଚିତ ଚାଷୀମାନେ ସୋମବାର ଖୋର୍ଦ୍ଧା ଏଆର୍‌ସିଏସ୍‌ଙ୍କୁ ଭେଟି ଅଭିଯୋଗ କରିବା ସହ ଘଟଣାର ସମାଧାନ ଦାବି କରିଛନ୍ତି। ଅନୁରୂପଭାବେ ଗୁରୁବାର ପିତୁକୁଳି ସମିତି କାର୍ଯ୍ୟାଳୟରେ ତାଲା ପକାଇ ଚାଷୀମାନେ ଧାରଣା ଦେଇଥିଲେ। ପ୍ରତିଶ୍ରୁତି ପରେ ବି କାର୍ଯ୍ୟକାରୀ ହୋଇପାରି ନାହିଁ। ଚାଷୀମାନେ ପିତୁକୁଳି ସମିତି କାର୍ଯ୍ୟାଳୟ ଆଗରେ ସୋମବାର ହୋହଲ୍ଲା କରିବା ସହ ଦାବିପୂରଣ ପାଇଁ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ୧୧ହଜାର ଶିଶୁ, ୨୬୩୧ ଗର୍ଭବତୀ ନେବେ ଟିକା

**ଖୋର୍ଦ୍ଧା ଅଫିସ,୭।୩**

କୋଭିଡ୍ ମହାମାରୀ ସମୟରେ ନିୟମିତ ଟିକାକରଣରୁ ବଞ୍ଚିତ ପିଲାମାନଙ୍କୁ ଟିକାକରଣ ନିମନ୍ତେ ସୋମବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ମାତୃ ଓ ଶିଶୁ ଯତ୍ନ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ସଘନ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଟିକା ଖୁଆଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ସିଡିଏମଓ ଆର୍ତ୍ତବନ୍ଧୁ ନାୟକ, ଏଡିଏମଓ(ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ, ଡା.ଶଶିଭୂଷଣ ପଣ୍ଡା, ଡା.ନୀହାର ରଞ୍ଜନ ରାୟ, ଡା.ସୁନୀଲ କୁମାର ଦାଶ, ଏସଡିଏଲଏମ ରବିଶଙ୍କର ପଟ୍ଟନାୟକ, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପାଣିଗ୍ରାହୀ କହିଥିଲେ ଯେ, ଏହି ଟିକାକରଣର ଆଭିମୁଖ୍ୟ ହେଉଛି ଆଦୌ କିମ୍ବା ଅଧାରୁ ଟିକା ନେଇ ନ ଥିବା ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁ ଓ ଗର୍ଭବତୀଙ୍କ ସୂଚୀ ଏବଂ ସେମାନଙ୍କର ଟିକାକରଣ କରିବା ଯାହାଦ୍ୱାରା ଟିକାକରଣ ଶତପ୍ରତିଶତ ହୋଇପାରିବ। ଏହି ଟିକା ଶିଶୁଙ୍କୁ ୧୨ଟି ରୋଗରୁ ସୁରକ୍ଷା ଦେଇଥାଏ। ଏନଏଫଏଚଏସର ୨୦୨୦-୨୧ ସର୍ଭେ ଅନୁଯାୟୀ ଓଡ଼ିଶାରେ ସମ୍ପୂର୍ଣ୍ଣ ଟିକାକରଣ ହାର ହେଉଛି ୯୦.୫ ପ୍ରତିଶତ, ଯାହାକି ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ। କେନ୍ଦ୍ରସରକାର ଓଡ଼ିଶାର ୧୨ଟି ଜିଲାକୁ ସଘନ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନରେ ଚିହ୍ନଟ କରିଛନ୍ତି। ସେଗୁଡିକ ହେଲା ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ୫ଟି ମହାନଗର ନିଗମ। ଏହି ଅଭିଯାନ ମାର୍ଚ୍ଚରୁ ମେ' ମାସ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏବଂ ପ୍ରତ୍ୟେକ ପର୍ଯ୍ୟାୟ ୭ଦିନ ପର୍ଯ୍ୟନ୍ତ ଟିକାକରଣ କରାଯିବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୭, ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ଓ ତୃତୀୟ ପର୍ଯ୍ୟାୟ ମେ'୨ରୁ ଆରମ୍ଭ ହେବ। ଏଥିଲାଗି ଜିଲାସ୍ତରରେ ଟାସ୍କ ଫୋର୍ସ ଜିଲାପାଳଙ୍କ ଅଧକ୍ଷତାରେ ଗଠନ କରାଯାଇଛି। ଏହି କମିଟି ଏହାର ତଦାରଖ କରିବ। ଏହି ଅଭିଯାନର ସଫଳତା ପାଇଁ ରାଜ୍ୟସ୍ତରୀୟ ନୋଡାଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ୧୨ଟି ଜିଲାରେ ୧୬୮ଟି ଗୋଷ୍ଠୀସ୍ତରୀୟ ସର୍ଭେ ଅନୁଯାୟୀ ୧୦,୯୯୭ଜଣ ପିଲା(ଜନ୍ମରୁ ୨ବର୍ଷ) ଏବଂ ୨୬୩୧ଜଣ ଗର୍ଭବତୀଙ୍କୁ ୪୬୨୫ ଟିକା ଅଧିବେଶନ ଜରିଆରେ ଟିକାକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ସଫଳତା ପାଇଁ ୟୁନିସେଫ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଏସଆଇଓୟୁଏନଡିପି ସହଯୋଗର ହାତ ବଢାଇଛନ୍ତି। ସେହିପରି ଖୋର୍ଦ୍ଧା ସିଡିଏମଓ ନାୟକ କହିଥିଲେ, ଖୋର୍ଦ୍ଧା ଜିଲାରେ ଟିକାକରଣ ହାର ୮୪ ପ୍ରତିଶତ ରହିଛି। ଆଗାମୀ ଦିନରେ ଏହାକୁ ୯୫ ପ୍ରତିଶତ ସଫଳତା ହାସଲ ଲାଗି ଉଦ୍ୟମ କରାଯିବ। ଯେପରି ସମସ୍ତ ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କରାଯିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଖୋର୍ଦ୍ଧା ଜିଲା ଏହି ଅଭିଯାନ ପାଇଁ ସହରାଞ୍ଚଳରେ ୧୮୫ଟି ସେକ୍ସନରେ ୫୫୯ ଶିଶୁ, ୬୮ ଗର୍ଭବତୀ ଏବଂ ୬୩ଟି ସେକ୍ସନରେ ୧୮୪ ଶିଶୁ, ୨୫ଜଣ ଗର୍ଭବତୀ ମୋଟ ୨୪୮ ସେକ୍ସନରେ ୭୪୩ ଶିଶୁ ଓ ୯୩ ଗର୍ଭବତୀଙ୍କୁ ପ୍ରଥମ ରାଉଣ୍ଡ ଟିକାକରଣ କରାଯିବ। ଡିପିଏମ ବାନାର୍ଜୀ କହିଥିଲେ, ଖୋର୍ଦ୍ଧା ଜିଲା ୨୦୧୮ରେ ୯୦ପ୍ରତିଶତ ଟିକାକରଣ ସଫଳତା ହାସଲ କରି ଜାତୀୟସ୍ତରରେ ପୁରସ୍କୃତ ହୋଇଛି। କୋଭିଡ-୧୯ ସମୟରେ ୧୨ଟି ଜିଲାରେ ହୋଇଥିବା ଟିକାକରଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ୮୪ପ୍ରତିଶତ ସଫଳତା ହାସଲ କରିଥିଲା।

**ରାଜ୍ୟସ୍ତରୀୟ ସଘନ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଶୁଭାରମ୍ଭ**



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଓ ଅନ୍ୟ ଅଧିକାରୀ।




୭।୩।୨୦୨୨

| | |
|---|---|
| ୩,୧୫,୬୯୮ ଟଙ୍କା | |
| ସୁନା | ୮.୦୫୦ ଗ୍ରାମ |
| ରୁପା | ୪୨.୨୦୦ ଗ୍ରାମ |

## ସଂକ୍ଷେପରେ

### ବେଆଇନ କରତକଳ ବନ୍ଦ ଲାଗି ଧାରଣା

ଗୋପ,୭।୩(ଡି.ଏନ୍.ଏ.)- ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା, ବିଭିନ୍ନ ସ୍ଥାନରେ ଚାଲୁଥିବା ବେଆଇନ କରତକଳକୁ ବନ୍ଦ କରିବା ଦାବିରେ ସୋମବାର ପୂର୍ବାହ୍ନରେ ଜାତୀୟ ଦଳିତ, ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ଗୋପ ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ୧ଘଣ୍ଟା ଧରି ୨୦ରୁ ଊର୍ଦ୍ଧ୍ୱ ମହିଳା ଧାରଣା ଦେଇଥିଲେ। ଧାରଣାରେ ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ, ସମ୍ପାଦିକା ସୋନିଲତା ସେଠୀ, ପ୍ରଭାତୀ ମଲ୍ଲିକ, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ସାମିଲ ଥିଲେ। ଅନ୍ୟପଟେ ଗୋପ କରତକଳ ସଂଘ ପକ୍ଷରୁ ତୁରନ୍ତ ପୂର୍ବରୁ ଥିବା କରତକଳ ସହିତ ଆଉ ସମସ୍ତ କରତକଳକୁ ଲାଇସେନ୍ସ ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗପତ୍ର ଦିଆଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋପ ଜଙ୍ଗଲ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଦିଆଯାଇଛି। ପ୍ରକାଶ ଯେ, ଗୋପ ଜଙ୍ଗଲ ବିଭାଗ ଅଧୀନରେ ପୂର୍ବରୁ ଥିବା କରତକଳଗୁଡ଼ିକୁ ସୁପ୍ରିମକୋର୍ଟ ୧୯୯୯ ମସିହାରେ ବେଆଇନ ଘୋଷଣା କରିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏହି ସବୁ ବେଆଇନ କରତକଳକୁ ଜଙ୍ଗଲ ବିଭାଗ ପକ୍ଷରୁ ବନ୍ଦ କରାଯାଇଥିଲା। ପରେ ଚୋରା ଲୁଚାରେ ତମ୍ପାଳ, ମଦରଙ୍ଗ, ନୟାହାଟ, ଟୁଆସାହିପୋଦନା, ତୁଳସୀପୁର ଅଞ୍ଚଳରେ କେତେକ ବେଆଇନ କରତକଳ ଚାଲୁଥିଲା। ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ନେଇ ରାଜ୍ୟ କରତକଳ ସଂଘ, ପୁରୀ ଜିଲା ଓ ଗୋପ କରତକଳ ସଂଘ କୋର୍ଟରେ ରିଟ୍ ପିଟିଶନ ଦାୟର୍ କରିଥିବା ବେଳେ ତାହା ବିଚାରାଧୀନ ରହିଛି। ଗୃହ ନିର୍ମାଣ, ଗୃହ ମରାମତି ଲାଗି ଚିରା କାଠର ଆବଶ୍ୟକତା ଥିବାରୁ କରତକଳକୁ ଲାଇସେନ୍ସ ଦେବା ଲାଗି ସଂଘ ଦାବି କରିଛି।

# ଏନ୍ଏମ୍ଏ ଚିଠିକୁ ନେଇ ଦ୍ୱନ୍ଦ୍ୱ

## ରଘୁନନ୍ଦନ ଲାଇବ୍ରେରି ନିର୍ମାଣ ପାଇଁ ଅନୁମତି ନାହିଁ

ପୁରୀ ଅଫିସ,୭।୩:

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ଥମିବାର ନାଁ ନେଉନାହିଁ। ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ)ର ଚିଠିର କିଛି ଅଂଶକୁ ଜିଲା ପ୍ରଶାସନ ସାର୍ବଜନୀନ କରିଥିବାବେଳେ ଅନ୍ୟ ଭାଗକୁ ଲୁଚାଇଥିବା ଅଭିଯୋଗ ଉଠିଛି।

ଅଭିଯୋଗ ଅନୁଯାୟୀ, ଏନ୍ଏମ୍ଏ ଦ୍ୱାରା ୨୦୨୧ ସେପ୍ଟେମ୍ବର ୧୩ରେ ଲିଖିତ ଚିଠିର ଏକ ଛୋଟିଆ ଭାଗକୁ ସାର୍ବଜନୀନ କରାଯାଇଥିଲା। ସମ୍ପୃକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟକୁ ଏନ୍ଏମ୍ଏ ଅନୁମୋଦନ କରିଛି। ସେହିଭଳି ଆମସାର୍ ଆକ୍ଟ, ୧୯୫୮ ଧାରା-୨ ଅନୁଯାୟୀ ଥିବା ନିୟମାବଳୀକୁ କର୍ତ୍ତୃପକ୍ଷ ମାନିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଚିଠିକୁ ସାର୍ବଜନୀନ କରିନାହିଁ। ସମ୍ପୂର୍ଣ୍ଣ ପ୍ରକଳ୍ପ କିମ୍ବା କେବଳ ଶ୍ରଦ୍ଧାଳୁ ଓ ସେବାୟତଙ୍କ ସୁବିଧା ଲାଗି ହେଉଥିବା ନିର୍ମାଣ କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ଅନୁମତି ରହିଛି ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି। ପ୍ରଶାସନ ଚିଠିର ଯେଉଁ ଭାଗଟି ଲୁଚାଇଲେ ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଦକ୍ଷିଣ-ପୂର୍ବ ଭାଗରେ ହେଉଥିବା ଖନନକୁ ନେଇ ପ୍ରଶ୍ନ ଉଠିଛି। ସେଠାରେ ରଘୁନନ୍ଦନ ଲାଇବ୍ରେରି ନିର୍ମାଣର ଯୋଜନା ରହିଛି। ଏନ୍ଏମ୍ଏ ଅନୁମୋଦିତ ତାଲିକାରେ ରଘୁନନ୍ଦନ ଲାଇବ୍ରେରି ନିର୍ମାଣ କାମ ନ ଥିବା ବେଳେ ଜିଲା ପ୍ରଶାସନ କିଭଳି ଭାବେ ଖନନ ଚାଲୁରଖିଛି ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ ପ୍ରଶ୍ନ କରିଛନ୍ତି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଜିଲା ଓକିଲ ସଂଘକୁ ଏକ ଦାବିପତ୍ର ଦେଇ ମେଘନାଦ ପ୍ରାଚୀର ମଧ୍ୟରେ ଚାଲିଥିବା ଖନନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଛନ୍ତି। ଏ ସଂକ୍ରାନ୍ତରେ ଆଇନଗତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍ଏମ୍ଏ ଏବଂ ଏଏସ୍ଆଇ ଅନୁମୋଦନ ବିନା ପ୍ରକଳ୍ପ କାର୍ଯ୍ୟ ହେଉଥିବା ପୁରୀର ବିଭିନ୍ନ ଅନୁଷ୍ଠାନ ଅଭିଯୋଗ ଆଣି ବିରୋଧ କରିଥିଲେ।

## ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁମତି ମିଳିଛି : ଜିଲାପାଳ

ପୁରୀ ଅଫିସ,୭।୩:

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦରେ ପୁରୀ ଜିଲା ପ୍ରଶାସନ ମୁହଁ ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେଉଥିବା କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ଶେଲ୍ଟର୍ ପାଭିଲିୟନ୍, ମହିଳା ଶୌଚାଳୟ, ପୁରୁଷ ଶୌଚାଳୟ, ସେବାୟତ ଶୌଚାଳୟ, ବିଦ୍ୟୁତ୍ ସରଞ୍ଜାମ ଗୃହ ଓ ଧାଡ଼ି ବ୍ୟବସ୍ଥା ପାଇଁ ଏକ ନିର୍ମାଣ କାର୍ଯ୍ୟକୁ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ) ଅନୁମତିଦେଇଛି। ଏନ୍ଏମ୍ଏଠାରୁ ଏନ୍ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ) ମିଳିବା ପରେ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଡିଜି ବିଦ୍ୟାଭାରତୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିବା ପରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ରାଜ୍ୟ ସରକାର କରୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଜାଣିବାକୁ ପାଇ ଖୁସି ପ୍ରକଟ କରିବା ସହ କାର୍ଯ୍ୟ ପାଇଁ ଅନୁମତି ଦେଇଥିଲେ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

ଜିଲାପାଳ କହିଛନ୍ତି, ଶ୍ରୀମନ୍ଦିର ଐତିହ୍ୟ କରିଡ଼ର କାର୍ଯ୍ୟ ଏଏସ୍ଆଇ ଏବଂ ଏନ୍ଏମ୍ଏର ଅନୁମୋଦନ କ୍ରମେ କାର୍ଯ୍ୟକାରୀ ହୋଇଛି। ପ୍ରକଳ୍ପ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କରାଯିବ। ଆସନ୍ତା ରଥଯାତ୍ରା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ସମସ୍ତ ଅଂଶୀଦାରଙ୍କ ମତ ନିଆଯାଇ କାର୍ଯ୍ୟ ହେଉଛି। ଆଗାମୀ ସମୟରେ ଅନୁମୋଦନପତ୍ରକୁ ସାର୍ବଜନୀନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେଲେ ପୁରୀ ସହରର ବୁଦ୍ଧିଜୀବୀଙ୍କୁ ପ୍ରକଳ୍ପର ଅନୁମୋଦନ ଓ ନିର୍ମାଣ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ ଦିଆଯିବ। ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ୱ ହେବ ନାହିଁ ଓ ସାଧାରଣରେ ପରିକ୍ରମା ପ୍ରକଳ୍ପକୁ ନେଇ ଥିବା ଦ୍ୱନ୍ଦ୍ୱ ରହିବ ନାହିଁ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ମଧ୍ୟ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ହେଉଥିବା ନିର୍ମାଣ କାର୍ଯ୍ୟ ସପକ୍ଷରେ ମତ ଦେଇସାରିଛନ୍ତି ବୋଲି ଜିଲାପାଳ କହିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ, ବ୍ଲୁ ଇଗଲ୍ ଚାମ୍ପିୟନ

ପିପିଲି,୭।୩(ଡି.ଏନ୍.ଏ.)

ପିପିଲି ଅଞ୍ଚଳର ବିଲିପଡାସ୍ଥିତ ମେଳଣ ପଡିଆରେ ମା ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ମୋଟ ୮ଟି ଟିମ୍ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ମ୍ୟାଚ୍ ଭୁବନେଶ୍ୱରସ୍ଥିତ ବ୍ଲୁ ଇଗଲ କ୍ରିକେଟ କ୍ଲବ ସହ ପିପିଲି କ୍ରିକେଟ କ୍ଲବ ସହ ହୋଇଥିଲା। ଏଥିରେ ବ୍ଲୁ ଇଗଲ୍ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିଲା। ବିଲିପଡା ଗ୍ରାମ୍ୟ କମିଟି ସମ୍ପାଦକ ତଥା ଅବସରପ୍ରାପ୍ତ ବିଏସ୍ଏଫ ଯବାନ କାହ୍ନୁଚରଣ ବେହେରା ଅତିଥି ଭାବେ ଯୋଗଦେଇ ଆରମ୍ଭ କରିଥିଲେ। ଉତ୍ସବରେ ଗ୍ରାମର ନବନିର୍ବାଚିତ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ ଓ ପୂର୍ବତନ ସରପଞ୍ଚ ସୁଜାତା ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ୧୨ ହଜାର ଟଙ୍କା ଅର୍ଥ ରାଶି ଓ ପିପିଲି କ୍ରିକେଟ କ୍ଲବ ରନର୍ସ ଅପ୍ ହୋଇ ୮ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟକୁ କ୍ରୀଡ଼ାବିତ ବାନାମ୍ବର ଭୋଇ ପରିଚାଳନା କରିଥିବାବେଳେ ବିପିନ ବିହାରୀ, ବିଷ୍ଣୁପ୍ରସାଦ ଭୋଇ, ସାଗର ସ୍ୱାଇଁ, ଗୋପ ଭାରତୀ, ଚାନ୍ଦୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ପୃଥକ୍ ଘଟଣାରେ ୩ କୋର୍ଟ ଚାଲଣ

ଡେଲାଙ୍ଗ,୭।୩(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଓ ମାରପିଟ ଘଟଣାରେ ଡେଲାଙ୍ଗ ପୋଲିସ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଏନେଇ ଥାନାରେ ପୃଥକ୍ ଭାବେ ୩ ମାମଲା ରୁଜୁ ହୋଇଛି। ସେମାନେ ହେଲେ ହରିରାଜପୁର ଫାଣ୍ଡି ଅଧୀନ ଟାଙ୍ଗିଭିଁସର ଗ୍ରାମର ଦୀନବନ୍ଧୁ ବେହେରା, ଗୁଆଳିପଡା ଗ୍ରାମର ଗୋବର୍ଦ୍ଧନ ଛାଟୋଇ(ଧଡୁ) ଏବଂ ସନ୍ତୋଷ ପ୍ରଧାନ। ସୂଚନା ଅନୁଯାୟୀ, ଟାଙ୍ଗିଭିଁସର ଗ୍ରାମର ଲକ୍ଷ୍ମୀଧର ଗ୍ରାମର ଭଗବତ ଘରେ ବସିଥିବାବେଳେ ଦୀନବନ୍ଧୁ ଓ ତାଙ୍କ ସହଯୋଗି ଆସି ଆକ୍ରମଣ କରିଥିଲେ। ଲକ୍ଷ୍ମୀଧର ଗତ ୫ ତାରିଖରେ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ.୬୨/୨୨ରେ ମାମଲା ରୁଜୁ କରିବା ସହ ତଦନ୍ତ କରି ଦୀନବନ୍ଧୁଙ୍କୁ ଧରିଥିଲେ। ସେହିପରି ଗୁଆଳିପଡା ଗ୍ରାମର ସନ୍ତୋଷ ଘର ବାହାରେ ଛିଡା ହୋଇଥିବା ବେଳେ ସେହି ଗ୍ରାମର ଗୋବର୍ଦ୍ଧନଙ୍କ ସାଇକେଲ ତାଙ୍କ ଦେହରେ ଧକ୍କା ହୋଇଥିଲା। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇ ମାରପିଟ ହୋଇଥିଲା। ଏ ନେଇ ଉଭୟଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହେବାରୁ ପୋଲିସ ୨ଟି ମାମଲା ରୁଜୁ ସନ୍ତୋଷ ଏବଂ ଗୋବର୍ଦ୍ଧନଙ୍କୁ ଗିରଫ କରିଥିଲା।




ଦି ବେଲ୍ ଏବଂ ଏସ୍‌ବିଆଇ ମିଳିତ ଆନୁକୁଲ୍ୟରେ ପୁରୀ ସିଟି ରୋଡସ୍ଥିତ ହୋଲିଡେ ହୋମରେ ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ କାର୍ଯ୍ୟକ୍ରମରେ ରକ୍ତଦାନ କରି ପ୍ରମାଣପତ୍ର ପାଇଥିବା ମହିଳାମାନେ।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ ଅଫିସ, ୭।୩:

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ପ୍ରମୁଖ ତାଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କ୍ରିଷନ କୁମାର କେନ୍ଦ୍ର ଡେପୁଟେଶନରେ ଯିବେ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟ ସରକାର ତାଙ୍କୁ ସମସ୍ତ ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି। କ୍ରିଷନ କୁମାର ସୋମବାର ଅନୁଷ୍ଠାନିକ ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଏବଂ ପୂର୍ତ୍ତ ସଚିବ ପଦବୀରୁ ଅବ୍ୟାହତି ନେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୨୨ରୁ କ୍ରିଷନ କୁମାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିଲେ। ସେ ଶ୍ରୀମନ୍ଦିର ଉନ୍ନତୀକରଣ ପାଇଁ ଅନେକ ପଦକ୍ଷେପ ନେଇଥିଲେ। କୋଭିଡ୍ କଟକଣା ମଧ୍ୟରେ ସଫଳ ଭାବେ ବିନା ଭକ୍ତରେ ରଥଯାତ୍ରା ସମ୍ପନ୍ନ କରାଇଥିଲେ। ସେହିପରି ରଥଯାତ୍ରା ସମୟରେ ସେବାୟତଙ୍କ ସହ ଚାଲି ଚାଲି ବର୍ଷାରେ ଭିଜି ଜଗନ୍ନାଥଙ୍କ ଜଣାଣ ଗାନ କରି ସମସ୍ତଙ୍କ ମନ ଜିଣିଥିଲେ।



ବିଦାୟ କାଳୀନ ସମ୍ବର୍ଦ୍ଧନା ଅବସରରେ ଡ. କ୍ରିଷନ କୁମାର ଏବଂ ଅନ୍ୟମାନେ।

## ମିଲ୍କଭ୍ୟାନ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ନିମାପଡ଼ା,୭।୩(ଡି.ଏନ୍.ଏ.)

ନିମାପଡ଼ା-ପିପିଲି ରାସ୍ତାର(ତଳଅଣ୍ଡିଆ) ଅଲଣ୍ଡି ଛକରେ ସୋମବାର ପୂର୍ବାହ୍ନରେ ଏକ ମିଲ୍କ ଭ୍ୟାନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ କାକଟପୁର ଥାନା ଅନ୍ତର୍ଗତ ପଥରପକା ଗ୍ରାମର ସବିତାରାଣୀ ନାୟକ(୪୫)। ଦୁର୍ଘଟଣା ପରେ ମିଲ୍କଭ୍ୟାନଟି ଖସିଯାଇଥିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଗାଡ଼ି ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରିବା ସହ ମୃତାଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ରାସ୍ତାରୋକୋ କରିଥିଲେ। ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ମୃତାଙ୍କ ପୁତୁରା ନିରଞ୍ଜନ ନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କାକଟପୁର ଅଞ୍ଚଳର ଅଭୟ ନାୟକ ତାଙ୍କ ସ୍ତ୍ରୀ ସବିତାରାଣୀଙ୍କୁ ନେଇ ଓଡି ୩୩ଡି ୬୭୫୦ ସ୍କୁଟିରେ ଭୁବନେଶ୍ୱରରୁ କାକଟପୁର ଫେରୁଥିଲେ। ଅଲଣ୍ଡି ଛକରେ ପଛପଟୁ ଉକ୍ତ ଭ୍ୟାନ ଧକ୍କା ଦେଇଥିଲା। ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲ ନେଇଥିଲେ। କିନ୍ତୁ ସେଠାରେ ସବିତାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ୧ଘଣ୍ଟା ରାସ୍ତାରୋକୋ କରାଯାଇଥିଲା।

## ଗୃହିଣୀରୁ ହସ୍ପିଟାଲ ପ୍ରତିଷ୍ଠାତ୍ରୀ

### ମହିଳାଙ୍କ ପ୍ରେରଣା ଇପ୍ସିତା

ପୁରୀ ଅଫିସ,୭।୩:

ଅତ୍ୟାଧୁନିକ ଡାକ୍ତରୀ ସୁବିଧା ପୁରୀର ଏକ ମୌଳିକ ସମସ୍ୟା। ଏଥିଲାଗି ପୁରୀ ସହରର ରୋଗୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇଦେବାକୁ ଅଣ୍ଟା ଭିଡ଼ିଛନ୍ତି ଜଣେ ଗୃହିଣୀ। ସେ ହେଲେ ଇପ୍ସିତା ମିଶ୍ର। ସେ ନିଜ ଅଦମ୍ୟ ମନୋବଳ ଓ ପରିଶ୍ରମ ବଳରେ ପୁରୀ ମୋଚିସାହି ଛକ ଅଞ୍ଚଳରେ ପ୍ରଥମ ଘରୋଇ ଅତ୍ୟାଧୁନିକ ହସ୍ପିଟାଲ 'ଇ-୨୪' ପ୍ରତିଷ୍ଠା କରିଛନ୍ତି। ଏଠାରେ ଅବହେଳିତ ବର୍ଗଙ୍କୁ ସ୍ୱଳ୍ପ ମୂଲ୍ୟରେ ସେବା ଯୋଗାଇଦେବା ସହ ଚାରିଟେବୁଲ ଟ୍ରଷ୍ଟ ଗଢ଼ି ମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ଇପ୍ସିତା ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

'ଇ-୨୪' ହସ୍ପିଟାଲର ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ନିର୍ଦ୍ଦେଶିକା ଇପ୍ସିତା କହିଛନ୍ତି, ପୁରୀରେ ଅତ୍ୟାଧୁନିକ ଡାକ୍ତରୀ ସେବା ଯୋଗାଇଦେବା ମୋ ଜୀବନର ପ୍ରଥମ ଲକ୍ଷ୍ୟ ଥିଲା। ଚାରିଟେବୁଲ୍ ଟ୍ରଷ୍ଟ ଗଢି ଏହି ଲକ୍ଷ୍ୟକୁ ଆଗକୁ ନେବାରେ ଲାଗିପଡ଼ିଛୁ। ଆମ ହସ୍ପିଟାଲକୁ ଆସୁଥିବା ରୋଗୀ ଯେପରି ଅର୍ଥାଭାବ ଯୋଗୁ ବିନା ଚିକିତ୍ସାରେ ଫେରି ନ ଯିବେ ସେଥିଲାଗି ସ୍ୱତନ୍ତ୍ର ଦୃଷ୍ଟି ରଖିଛୁ। ଦିନତମାମ୍ ହସ୍ପିଟାଲରେ ରୋଗୀଙ୍କ ଗହଣରେ ସମୟ ବିତାଇବା ପରେ ଘରକୁ ଆସି କାମ କରେ। କୋଭିଡ୍ ସମୟରେ ଶହେରୁ ଊର୍ଦ୍ଧ୍ୱ ସଂକ୍ରମିତଙ୍କ ମାଗଣା ଚିକିତ୍ସା କରିଛୁ ବୋଲି ଇପ୍ସିତା କହିଛନ୍ତି। ସେହିପରି ତାଙ୍କ ପ୍ରଥମ ସନ୍ତାନ ୬ମାସର ହୋଇଥିବାବେଳେ ବାତ ଭଳି ରୋଗରେ ପୀଡ଼ିତ ହୋଇଥିଲା। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତା'ର ଚିକିତ୍ସା କରିଥିଲେ ବି ଅତ୍ୟାଧୁନିକ ଡାକ୍ତରୀ ସୁବିଧାର ଅଭାବ ଯୋଗୁ ନାନାଦି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅତ୍ୟାଧୁନିକ ଚିକିତ୍ସା ସେବା ଅଭାବରୁ ଶ୍ୱଶୁରଙ୍କ ଦେହାନ୍ତ ହୋଇଥିଲା। ଏହି ଦୁଇଟି ଘଟଣା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ସେ ପୁରୀରେ ଅତ୍ୟାଧୁନିକ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୨ ଜୁଲାଇରେ ପୁରୀ ସହରର ଏକ ଭଡ଼ାଘରେ ଘରୋଇ ହସ୍ପିଟାଲ୍ ଖୋଲିଲେ। ସେବେଠାରୁ ଅନେକ ଘାତ ପ୍ରତିଘାତର ସାମ୍ନା କରି ଆଗକୁ ବଢିଚାଲିଛନ୍ତି। ପୁରୀ ସହରର ଶହେରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଓ ଯୁବତୀଯୁବକଙ୍କୁ ସେ ନିଜ ହସ୍ପିଟାଲରେ ନିଯୁକ୍ତି ଦେବା ସହ ସେମାନଙ୍କ ସୁଖଦୁଃଖରେ ସମଭାଗୀ ହୋଇପାରିଛନ୍ତି। ଇପ୍ସିତାଙ୍କ ଉଦ୍ୟମରେ ସ୍ନାୟୁରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ଓ ଦୁର୍ଘଟଣା ଭଳି କ୍ରିଟିକାଲ୍ ସର୍ଜରିରେ ତାଙ୍କ ହସ୍ପିଟାଲ ଆସ୍ଥାଭାଜନ ହୋଇପାରିଛି। ଆଗାମୀ ଦିନରେ ଚାରିଟେବୁଲ୍ ଟ୍ରଷ୍ଟ ମାଧ୍ୟମରେ ପୁରୀ ସହରବାସୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଇପ୍ସିତା କହିଛନ୍ତି।



# ୫ ଅଧ୍ୟକ୍ଷ ପଦ ସହ ୪୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

### ବିଜେଡିରୁ ସେକ ବାବୁ, ଭାଜପାର ସୁକାନ୍ତ ଭଞ୍ଜ

ପିପିଲି,୭।୩(ଡି.ଏନ୍.ଏ./ସ୍ୱ.ପ୍ର.)

ପୌର ନିର୍ବାଚନ ନିମନ୍ତେ ସୋମବାର ନାମାଙ୍କନର ଶେଷ ଦିନ ଥିବାବେଳେ ପିପିଲି ଏନ୍ଏସିରେ ୫ଜଣ ଅଧ୍ୟକ୍ଷ ପଦ ପାଇଁ ଥିବାବେଳେ ୪୪ଜଣ କାଉନସିଲର ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷ ପଦ ପାଇଁ ବିଜେଡିରୁ ସେକ ବାବୁ ଓ ଭାଜପାରୁ ସୁକାନ୍ତ ଭଞ୍ଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କେବଳ ୧୪ ନଂ. ୱାର୍ଡରେ ବିଜେଡି ଦଳ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀ ଦେଇ ନ ଥିବାବେଳେ ୧୪ନଂ ୱାର୍ଡ ଆଦିବାସୀ ମହିଳା ସଂରକ୍ଷଣ ଥିବାରୁ ବିଜେଡି ପକ୍ଷରୁ ଲିଳିତା ପାତ୍ର ନାମାଙ୍କନ ପତ୍ର ଦାଖଲ କରି ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ହୋଇଥିବା ନିର୍ବାଚନ ଅଧିକାରୀ ତଥା ପିପିଲି ତହସିଲଦାର ସପନ କୁମାର ନନ୍ଦ କହିଛନ୍ତି। ପିପିଲି ଏନ୍ଏସି ପାଇଁ ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ତଥା ଭାଜପା ପୁରୀ ଜିଲା ସାଧାରଣ ସମ୍ପାଦକ ସୁକାନ୍ତ ଭଞ୍ଜଙ୍କୁ ଭାଜପା ଅଧ୍ୟକ୍ଷ ପଦ ଭାବେ ଚୟନ କରିଛି। ଜିଲା ଭାଜପା ସଭାପତି ଆଶ୍ରୀତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାସହିତ ଭାଜପା ତରଫରୁ କାଉନସିଲର ପାଇଁ ପ୍ରାର୍ଥୀଙ୍କୁ ନେଇ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ସେହିଭଳି ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁଙ୍କୁ ପୁଣି ଏଥର ବିଜେଡି ଅଧ୍ୟକ୍ଷ ପଦ ପାଇଁ ଚୟନ କରିଛି। କିନ୍ତୁ ପୂର୍ବରୁ ପୂର୍ବତନ ପିପିଲି ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ପୁଅ ତଥା ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟଙ୍କ ନାମ ଥିବାବେଳେ ଗୋଟିଏ ରାତିରେ ହିଁ ବିଜେଡି ରଣନୀତି ପରିବର୍ତ୍ତନ କରି ସେକ୍ ବାବୁଙ୍କୁ ଟିକେଟ ଦେଇଛି। ପ୍ରାର୍ଥୀ ସେକ ବାବୁ ଶୋଭାଯାତ୍ରାରେ ଆସି ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପ୍ରିୟବ୍ରତ ସାମନ୍ତରାୟଙ୍କ ଉପସ୍ଥିତିରେ ନାମାଙ୍କନ ଭରିଥିଲେ। ତାଙ୍କ ସହ ୧୪ଟି ୱାର୍ଡର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କଂଗ୍ରେସ ମଧ୍ୟ ଶେଷ ଦିନରେ ୩ଜଣ ପ୍ରାର୍ଥୀ ଦେଇଛି। ଆଗରୁ ଅଧ୍ୟକ୍ଷ ପ୍ରାର୍ଥୀ ସହ ୯ଜଣ ପ୍ରାର୍ଥୀ ସୋମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିସାରିଥିଲେ। ଆମ ଆଦମୀ ପାର୍ଟି ପକ୍ଷରୁ ଏନଏସିରେ ଅଧ୍ୟକ୍ଷ ପଦ ପାଇଁ ବାଦଲ ଖାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତାଙ୍କ ସହ କାଉନସିଲର ପାଇଁ ୩ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ କହିଛନ୍ତି।

## ୪୮ ବର୍ଷ ପରେ ୬ନଂ. ୱାର୍ଡକୁ ମିଳିଲା ଟିକେଟ

ନିମାପଡ଼ା,୭।୩(ଡି.ଏନ୍.ଏ.)

ପୁରୀ ଜିଲାର ନିମାପଡ଼ା ଏନ୍ଏସି ୧୯୭୩ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏନ୍ଏସିର ୧୧ଟି ୱାର୍ଡ ରହିଥିବା ବେଳେ ନିମାପଡ଼ାର ଏକ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ୬ନଂ. ୱାର୍ଡକୁ କେବେ ବି କୌଣସି ରାଜନୈତିକ ଦଳ ପକ୍ଷରୁ କେବେ ବି ଏନ୍ଏସି ଅଧ୍ୟକ୍ଷ ପଦବୀ ପାଇଁ ଟିକେଟ ମିଳିପାରି ନାହିଁ। ହେଲେ ଏନ୍ଏସି ଗଠିତ ହେବାର ଦୀର୍ଘ ୪୮ବର୍ଷ ପରେ ଚଳିତଥର ଏନ୍ଏସି ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ୬ନଂ. ୱାର୍ଡକୁ ବିଜୁ ଜନତା ଦଳ ପକ୍ଷରୁ ଅଧ୍ୟକ୍ଷ ପଦ ପାଇଁ ଟିକେଟ ଦିଆଯାଇଛି। ଏହି ଟିକେଟ ସ୍ଥାନୀୟ ଅଞ୍ଚଳର ଉଚ୍ଚ ଶିକ୍ଷିତା ସସ୍ମିତା ସାହୁଙ୍କୁ ଦଳ ପକ୍ଷରୁ ଦିଆଯାଇଛି। ଅନ୍ୟପଟେ ଏହି ନିର୍ବାଚନରେ ଦଳ ପକ୍ଷରୁ ପ୍ରଥମଥର ପାଇଁ ଏହି ୬ନଂ. ୱାର୍ଡକୁ ଟିକେଟ ପ୍ରଦାନ କରାଯାଇଥିବାରୁ ଦଳରୁ ମଙ୍ଗୁଆଳ ସାଜିଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ନିମାପଡ଼ା ଟାଉନ କ୍ଲବର ସଭାପତି ଅକ୍ଷୟ କୁମାର ବେହେରା, ଉପଦେଷ୍ଟା ରାମଚନ୍ଦ୍ର ସାହୁ, କପିଳଚନ୍ଦ୍ର ସାହୁ, ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ, ନିମାପଡ଼ା ବଡ଼ ବଜାର, ବିଜେଡି ୬ନଂ. ୱାର୍ଡ କମିଟି ପକ୍ଷରୁ କୃତଜ୍ଞତା ଓ ସାଧୁବାଦ ପ୍ରଦାନ କରାଯାଇଛି। ଏତେ ବର୍ଷ ପରେ ଏହି ୱାର୍ଡକୁ ଏନ୍ଏସି ଅଧ୍ୟକ୍ଷ ପଦବୀ ପାଇଁ ଟିକେଟ ମିଳିଥିବାରୁ ୱାର୍ଡବାସୀ ଖୁସିବ୍ୟକ୍ତ କରିଛନ୍ତି।



## ରାଜନୈତିକ ହିଂସା ସମାଧାନ

କଣାସ,୭।୩(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗଡ଼ବଳଭଦ୍ରପୁର ପଞ୍ଚାୟତର ଗଡ଼ବଳଭଦ୍ରପୁର ଗ୍ରାମରେ ପଞ୍ଚାୟତ ନିର୍ବାଚନକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ହୋଇଥିଲା। ଏହାକୁ ନେଇ ଗ୍ରାମରେ ସବୁବେଳେ ଉତ୍ତେଜନା ଲାଗିରହିଥିବା ବେଳେ ପୋଲିସ ଏବଂ ଅଞ୍ଚଳର କେତେଜଣ ଭଦ୍ରବ୍ୟକ୍ତିଙ୍କ ଉଦ୍ୟମ ଯୋଗୁ ସୋମବାର ତାହା ସମାଧାନ ହୋଇଯାଇଛି। ଗତ ୩ ଓ ୪ ତାରିଖ ଦୁଇ ଦିନ ଧରି ନିର୍ବାଚନକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବରପାଇ କଣାସ ଥାନା ଆଇଆଇସି ସୁଜିତ ଦାସ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଦିନରାତି ଉକ୍ତ ଗ୍ରାମରେ ପ୍ରହରା ଦେବା ପରେ ସ୍ଥାନୀୟ ଭଦ୍ରବ୍ୟକ୍ତି ହାଡିବନ୍ଧୁ ପାଢୀ ଓ ଶ୍ରୀକାନ୍ତ ପଟ୍ଟଯୋଶୀ ଗ୍ରାମରେ ଦୁଇ ପକ୍ଷ ଓ ପୋଲିସର ସହାୟତା ନେଇ ବିବାଦ ସମାଧାନ କରିବା ପାଇଁ ରାଜି କରାଇଥିଲେ। ଏହି ଅବସରରେ ସୋମବାର ବଡାସ ପଞ୍ଚାୟତର ବାବା ବୈଦନାଥଙ୍କ ପୀଠରେ ଉଭୟ ପକ୍ଷ ବସି ସମାଧାନ ହୋଇଥିଲା।

## ଅନ୍ତିମରେ ୧୬ଜଣ ପ୍ରାର୍ଥୀଙ୍କ ନାମାଙ୍କନ

ନିମାପଡ଼ା,୭।୩(ଡି.ଏନ୍.ଏ.)

ନିମାପଡ଼ା ଏନ୍ଏସି ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ଶେଷଦିନରେ ବିଜେଡିର ଅଧ୍ୟକ୍ଷା ପ୍ରାର୍ଥୀ ସସ୍ମିତା ସାହୁ, ଭାଜପାର ପ୍ରାର୍ଥୀ ବିଲୁପ୍ତା ପ୍ରିୟଦର୍ଶିନୀ ମହାନ୍ତି ଓ କଂଗ୍ରେସରୁ ପ୍ରାର୍ଥୀ ରୀତାରାଣୀ ବଡ଼ିଆ ପ୍ରମୁଖ ଶୋଭାଯାତ୍ରାରେ ଆସି ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି କାଉନସିଲର ପଦ ପାଇଁ ସମସ୍ତ ୱାର୍ଡର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଏନ୍ଏସି କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋଟରେ ଶେଷ ଦିନରେ ୧୩ଜଣ କାଉନସିଲର ପ୍ରାର୍ଥୀ ଓ ୩ଜଣ ପୌରାଧ୍ୟକ୍ଷ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ବିଜେଡି କାଉନସିଲର ପ୍ରାର୍ଥୀମାନେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନଗର ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସହ ମିଶି ଏକ ବିରାଟ ଶୋଭାଯାତ୍ରା କରି ଆସିଥିଲେ। ସେହିଭଳି ଭାଜପାର ପ୍ରାର୍ଥୀମାନେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ଦିଲୀପ ନାୟକଙ୍କ ଉପସ୍ଥିତିରେ ରହି ପ୍ରାର୍ଥିପତ୍ର ଦାଖଲ କରିଥିଲେ।

## ଶେଷ ଦିନରେ ୪୬ କାଉନ୍‌ସିଲର, ୭ ପୌରାଧ୍ୟକ୍ଷାଙ୍କ ନାମାଙ୍କନ

କୋଣାର୍କ,୭।୩(ଡି.ଏନ୍.ଏ.)

ପୌର ନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲର ଶେଷଦିନ ଥିବାବେଳେ କୋଣାର୍କ ଏନ୍ଏସି କାର୍ଯ୍ୟାଳୟରେ ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ଆଶାତୀତ ଭିଡ ରହିଥିଲା। ପ୍ରଥମେ ବିଜେଡି ଦଳ ପକ୍ଷରୁ ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ସଂଯୁକ୍ତା ତ୍ରିପାଠୀ, ଭାଜପାରୁ ଚନ୍ଦ୍ରିକା ରାଉତରାୟ, କଂଗ୍ରେସରୁ ରୂପାଲିନୀ ସ୍ୱାଇଁ, ସ୍ୱାଧୀନ ଭାବେ ରୁନିଲତା ନାୟକ, ସରିତା ଧଳ, ସାଗରିକା ସ୍ୱାଇଁ ଓ ଆଶାଲତା ରାଉତରାୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। କୋଣାର୍କ ଏନ୍ଏସି ଅନ୍ତର୍ଗତ ୧୩ ୱାର୍ଡରୁ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିବସରେ ୪୬ କାଉନସିଲର ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ଏନ୍ଏସି ନିର୍ବାଚନ ଅଧିକାରୀ ଏସ.କେ. ସାଗିର ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପାର ଦୀର୍ଘଦିନ ଧରି କାର୍ଯ୍ୟରତ ଥିବା ନାରୀ ସଂଗଠିକା ଆଶାଲତା ରାଉତରାୟଙ୍କୁ ଦଳୀୟ ପ୍ରାର୍ଥୀ କରା ନ ଯିବାରେ ସେ ସ୍ୱାଧୀନ ଭାବେ ପୌରାଧ୍ୟକ୍ଷା ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କୋଣାର୍କ ଏନଏସିରେ ଶାସକ ବିଜେଡି ଓ ବିରୋଧୀ ଭାଜପା ଦଳର ଅଧ୍ୟକ୍ଷା ପ୍ରାର୍ଥୀମାନଙ୍କ ନିମନ୍ତେ ନିଜ ଦଳର ସ୍ୱାଧୀନ ପ୍ରାର୍ଥୀ ପ୍ରତିବନ୍ଧକ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ମାର୍ଚ୍ଚ, ୨୦୨୨

## ଉଠା ଖାଦ୍ୟ ଦୋକାନୀଙ୍କୁ ସିଏମ୍‌ସିର ପ୍ରଶିକ୍ଷଣ

**କଟକ ଅଫିସ:** ସହରରେ ଥିବା ଉଠା ଖାଦ୍ୟ ଦୋକାନଗୁଡ଼ିକୁ ସଚେତନ କରିବା ସହ ପ୍ରଶିକ୍ଷଣ ଦେବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୋମବାର ପ୍ରଥମ ଦିନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଉଠା ଖାଦ୍ୟ ଦୋକାନୀଙ୍କୁ ବାରାବାଟୀ ଷ୍ଟାଡିୟମସ୍ଥିତ କ୍ଲବ ହାଉସରେ ପ୍ରଶିକ୍ଷଣ ଦିଆଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଦୋକାନରେ ସ୍ୱଚ୍ଛତା ରଖିବା, ବାସି ଖାଦ୍ୟ ନଷ୍ଟ କରିବା ସେନେଇ ଉଠାଦୋକାନୀଙ୍କୁ ପରାମର୍ଶ ଦିଆଯାଇଛି। ଉଠାଦୋକାନୀଙ୍କୁ ସୁବିଧାରେ ଫୁଡ୍ ଲାଇସେନ୍ସ ମିଳିପାରିବ, ସେନେଇ ବିକାଶ ଭବନରେ ଅସ୍ଥାୟୀ କ୍ୟାମ୍ପ ହୋଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ଭଗବାନ ଲେଙ୍କା ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

କଟକ

- ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ମହିଳା ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଲିଙ୍କ ରୋଡ୍ ଟ୍ରଫିକ ଟାୱାର ପରିସର, ସକାଳ ୯ଟା ୩୦।
- ବେଆଇନ ଛଟେଇ ଓମ୍‌ଫେଡ କର୍ମଚାରୀ ସଂଘର ଗଣଧାରଣା, ଅରିଲୋସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ସମ୍ମୁଖରେ ଗଣଧାରଣା, ଗୋଡ଼ିସାହି, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ସୁନାଦୂବ ସଂଗଠନ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା, ଗାନ୍ଧୀଭବନ, ବାଖରାବାଦ, ଅପରାହ୍ନ ୩ଟା।
- ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ କବିତା ସଂକଳନ 'ଗୀତିମାଧୁରୀ' ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା ୩୦।

## ସଂକ୍ଷେପରେ

### ବ୍ୟାଙ୍କ ମ୍ୟାନେଜରଙ୍କୁ ଧମକାଇ ଜଣେ ଗିରଫ

**କଟକ ସଦର,୭।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ୪୨ ମୌଜା ଥାନା ଅନ୍ତର୍ଗତ କଳପଡ଼ାସ୍ଥିତ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ମ୍ୟାନେଜରଙ୍କୁ ଗାଳି ଓ ଧମକ ଦେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସେହି ଥାନା ଅନ୍ତର୍ଗତ ଟାଇଁକଣା ଗ୍ରାମର ଫକୀରମୋହନ ବିହାରୀ। ଏନେଇ ଥାନାରେ ୩୬/୨୨ ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ଗତ ଶୁକ୍ରବାର ଫକୀର ବ୍ୟାଙ୍କରେ ପଶି ଶାଖା ମ୍ୟାନେଜର ରମେଶ ଚନ୍ଦ୍ର ମୁଦୁଲିଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ରମେଶଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଚଳାଇଛି।

### ଭାରତୀୟ ଜନ ଔଷଧି ଦିବସ

**କଟକ ଅଫିସ,୭।୩:** ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ ହେଲଥ ସାଇନ୍ସ ଆଣ୍ଡ ହସ୍ପିଟାଲ ଦ୍ୱାରା ପରିଚାଳିତ ପଦ୍ମିନୀ କେୟାର ପକ୍ଷରୁ ସୋମବାର ଭାରତୀୟ ଜନଔଷଧି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେସିଡି ମାର୍କେଟ କମ୍ପ୍ଲେକ୍ସସ୍ଥିତ ଜନ ଔଷଧି କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମିନୀ କେୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ଯୋଗଦେଇ କହିଥିଲେ, ଗତ ୭ବର୍ଷ ମଧ୍ୟରେ ଜେନେରିକ୍ ଔଷଧ ଉପଯୋଗ ଦ୍ୱାରା କମ୍ ଖର୍ଚ୍ଚରେ ଲୋକେ ଉପକୃତ ହେଉଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପିତ ଏହି ଯୋଜନାର ଅଧିକ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିରେ ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ସ୍ମୃତି ସଙ୍ଗୀତା ଦାଶ, ଡାକପାଳ ମୃତ୍ୟୁଞ୍ଜୟ ସ୍ୱାଇଁ, ଫାର୍ମାସିଷ୍ଟ ବଳରାମ ପାଣିଗ୍ରାହୀ, ଫାର୍ମାସିଷ୍ଟ ସନ୍ଦୀପ ପଣ୍ଡା, ପରିବହନ ବିଭାଗ ଅଧିକାରୀ ଅଜିତ୍ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ମେୟର ୩୧, କର୍ପୋରେଟର ପଦ ପାଇଁ ୨୯୫ ନାମାଙ୍କନ

କଟକ ଅଫିସ,୭।୩

ପୌର ନିର୍ବାଚନ ପାଇଁ ସୋମବାର ସରିଛି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା। ଶେଷ ଦିନରେ ବିଭିନ୍ନ ଦଳର ହେବିୱେଟମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ ପାଟପଟୁଆରେ ଆସି ନାମାଙ୍କନ ଦାଖଲ କରିଛନ୍ତି। କଂଗ୍ରେସରୁ ଗିରିବାଳା ବେହେରା ରବିବାର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏଥିସହ ସୋମବାର ମେୟର ପାଇଁ ୧୬ଜଣ ୨୨ଟି ପ୍ରାର୍ଥୀପତ୍ର ଦାଖଲ କରିଥିବା ପ୍ରାର୍ଥୀ ସୁବାସ ସିଂ ଏକାସଙ୍ଗେ ୩ଟି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତିନି ପ୍ରମୁଖ ଦଳ ବ୍ୟତୀତ ସ୍ୱାଧୀନ ପ୍ରାର୍ଥୀ ଡା. ଦେବେନ୍ଦ୍ର ମହାପାତ୍ର, ଜୟଶଙ୍କର ଆଚାର୍ଯ୍ୟ, ବୃନ୍ଦାବନ ଦାସ ଆଚାର୍ଯ୍ୟ, ଶ୍ରୀରାମ ପାଣ୍ଡେ, ରୁଦ୍ରମାଧବ ପଣ୍ଡା, ହେମନ୍ତ କୁମାର ବିଶ୍ୱାଳ, ଦୟାନିଧି ନାୟକ, ହେମନ୍ତ କୁମାର ସାହୁ, ପ୍ରେମଜିତ ସାହୁ, ବବିବଳବନ୍ତ ରାୟ, ସୌଦାମିନୀ ମିଶ୍ର, ସନ୍ତୋଷ ମହାପାତ୍ର, ଆମ ଆଦମୀ ପାର୍ଟିରୁ ଶେଖ ମୁସ୍ତାକ ଅଲ୍ଲି, ନବଭାରତ ନିର୍ମାଣ ସେବା ପାର୍ଟିରୁ ଲଳିତ କୁମାର ମିଶ୍ର ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ସରିଲା ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା



କଂଗ୍ରେସର ଜଣେ ପ୍ରାର୍ଥୀ ସମର୍ଥକଙ୍କ ସହ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

ସେହିପରି ଶେଷ ଦିନରେ ଅନେକ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କେତେଜଣ ଦଳରୁ ଟିକେଟ ପାଇଁ ନିର୍ବାଚନକୁ ଓହ୍ଲାଇଥିବା ବେଳେ ଅନ୍ୟ କେତେ ଜଣ ଦଳରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ଲଢ଼ିଛନ୍ତି। ସୋମବାର କର୍ପୋରେଟର ପାଇଁ ୧୬୨ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିବାବେଳେ ଭାଜପାରୁ ୩୦, ବିଜେଡିରୁ ୪୨, କଂଗ୍ରେସରୁ ୧୭ ଏବଂ ସ୍ୱାଧୀନ ୭୩ଟି ନାମାଙ୍କନ ପତ୍ର ଦାଖଲ ହୋଇଛି। ତେବେ ଏହି ୬ ଦିନରେ ସର୍ବମୋଟ ୩୨୬ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି। ସେଥିମଧ୍ୟରୁ ୩୧ଟି ମେୟର ପାଇଁ ଏବଂ ୨୯୫ଟି କର୍ପୋରେଟର ପାଇଁ ପ୍ରାର୍ଥୀପତ୍ର ରହିଛି। ମେୟର ପାଇଁ ଚତୁର୍ଥ ଦିନରେ ୧ଟି, ପଞ୍ଚମ ଦିନରେ ୮ଟି ଏବଂ ଶେଷ ଦିନରେ ୨୨ଟି ପ୍ରାର୍ଥୀପତ୍ର ଦାଖଲ ହୋଇଛି। ସେହିପରି କର୍ପୋରେଟର ପାଇଁ ପ୍ରଥମ ଦୁଇଦିନରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବାବେଳେ ତୃତୀୟ ଦିନରେ ୭ଟି, ଚତୁର୍ଥ ଦିନରେ ୧୨ଟି, ପଞ୍ଚମ ଦିନରେ ୧୧୪ଟି ଏବଂ ଶେଷ ଦିନରେ ୧୬୨ଟି ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଆସନ୍ତା ୯ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ହେବ। ୧୪ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ନାମାଙ୍କନ ପତ୍ର ପ୍ରକାଶ ପାଇବ।

### ବିକ୍ରି ହେଲା ୬୮୪ ଫର୍ମ, ଦାଖଲ ହେଲା ୩୨୬

ପୌର ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ସମୟ ସରିଛି। ସେହିପରି ପ୍ରଥମ ଦିନରେ ପାଇଁ ୨୮୪ଟି, ଦ୍ୱିତୀୟ ଦିନରେ ୧୮୩, ତୃତୀୟରେ ୧୧୩, ଚତୁର୍ଥରେ ୫୩, ପଞ୍ଚମରେ ୩୭ଟି ଏବଂ ଷଷ୍ଠ ଦିନରେ ୧୪ଟି ଫର୍ମ କର୍ପୋରେଟର ଓ ମେୟର ପାଇଁ ଫର୍ମ ବିକ୍ରି ହୋଇଛି। ପ୍ରତ୍ୟେକ ଫର୍ମର ମୂଲ୍ୟ ୨୫୦ ଟଙ୍କା ହୋଇଥିବା ବେଳେ ସିଏମ୍‌ସି ନିକଟରୁ ସର୍ବମୋଟ ୬୮୪ଟି ଫର୍ମ ବିକ୍ରି ହୋଇଛି। ସମୁଦାୟ ୧ଲକ୍ଷ ୭୧ ହଜାର ଟଙ୍କାର ଫର୍ମ ବିକ୍ରି ହୋଇଛି। ତେବେ ସମୁଦାୟ ୩୨୬ଟି ଫର୍ମ ସିଏମସି ନିକଟରେ ଦାଖଲ ହୋଇଛି।

### ଦୁର୍ନୀତିରେ ଲିପ୍ତ ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେଇନି

ମୁଖ୍ୟମନ୍ତ୍ରୀ କଟକ ସହରକୁ ସର୍ବଦା ଅଗ୍ରାଧିକାର ଦେଇଆସିଛନ୍ତି। ସେ ସହରର ଉନ୍ନତି ପାଇଁ ଅନେକ ଉନ୍ନୟନମୂଳକ ପଦକ୍ଷେପ ନେଇଛନ୍ତି। ତେବେ ବର୍ତ୍ତମାନ କଟକର ସ୍ଥିତି ଅନୁଧ୍ୟାନ କଲେ ଅନୁମାନ କରି ହେଉଛି କି ନିର୍ବାଚନ ଫଳାଫଳ ବିଜେଡି ସପକ୍ଷରେ ଯିବ। ବିଜେଡି ସହରରେ ଏକ ପାକ୍ଷିଆ ଲଢ଼ି ନିର୍ବାଚନ ଜିତିବ। ଯେଉଁମାନେ ଦଳରେ ରହି ବଦନାମ ହୋଇଥିଲେ, ଦୁର୍ନୀତିରେ ଲିପ୍ତ ଥିଲେ ସେମାନଙ୍କୁ ଦଳ ପକ୍ଷରୁ ଟିକେଟ ପ୍ରଦାନ କରାଯାଇ ନାହିଁ। ସ୍ୱଚ୍ଛ, ନିର୍ମଳ ଏବଂ ଲୋକଙ୍କ ସେବା କରୁଥିବା ପ୍ରାର୍ଥୀଙ୍କୁ ଦଳ ଚୟନ କରିଛି ବୋଲି ବିଜୁ ଭବନ ପରିସରରେ ମନ୍ତ୍ରୀ ପ୍ରତାପ ଜେନା ମନ୍ତବ୍ୟ ଦେଇଛନ୍ତି।

### ବିଜେଡି ଛାଡି କଂଗ୍ରେସରୁ କର୍ପୋରେଟର ପ୍ରାର୍ଥୀପତ୍ର ଦାଖଲ

ବିଜେଡିର ୨୯ନଂ. ୱାର୍ଡର ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି କଂଗ୍ରେସରୁ ସୋମବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରବିବାର ରାତିରେ ସେ କଂଗ୍ରେସରେ ଯୋଗଦେଇଥିଲେ। ଏ ନେଇ କେଦାର ପୃଷ୍ଟି କହିଛନ୍ତି, ବ୍ୟକ୍ତି କୈନ୍ଦ୍ରିକ ଏକ ଲୋକ ଆକ୍ରୋଶ ମନୋଭାବ ରଖି ବିଜେଡି ଟିକେଟ ଦେଲେ ନାହିଁ। ଅନେକ ଆରୋପ ଲାଗିବା ପରେ ଦୁଃଖରେ ହତାଶ ହୋଇ ଯେଉଁ ଦଳ ଭାରତ ବର୍ଷକୁ ସ୍ୱାଧୀନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ସେହି ଦଳରେ ଯୋଗଦେବା ସହ କର୍ପୋରେଟର ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛି।

### ନିର୍ବାଚନ ମଇଦାନରେ ୨୧ ବର୍ଷୀୟା ଏମ୍‌କମ୍ ଛାତ୍ରୀ



ସୋମବାର ୪୯ ୱାର୍ଡରୁ ବିଜେଡି ପକ୍ଷରୁ କର୍ପୋରେଟର ପ୍ରାର୍ଥୀ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଦମୟନ୍ତୀ ମାଝି। ଦମୟନ୍ତୀଙ୍କୁ ୨୧ ବର୍ଷ ହୋଇଥିବା ବେଳେ ସେ ରେଭେନଶା ବିଶ୍ୱବିଦ୍ୟାଳୟର ଏମକମର ଦ୍ୱିତୀୟ ବର୍ଷର ଛାତ୍ରୀ। ତେବେ ନିର୍ବାଚନ ତାଙ୍କ ପାଇଁ ନୂଆ ହୋଇଥିବା ବେଳେ ଲୋକଙ୍କ ସେବା ସହ ନିଜ ଅଞ୍ଚଳର ଉନ୍ନତି କରିବା ପାଇଁ ନିର୍ବାଚନକୁ ଆସିଛନ୍ତି ବୋଲି ସେ କହିଛନ୍ତି। ଅଞ୍ଚଳବାସୀଙ୍କ ବିପୁଳ ସମର୍ଥନ କାରଣରୁ ସେ ନିଶ୍ଚିତ ନିର୍ବାଚନ ଜିତିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ଏକବିଂଶ ଶତାବ୍ଦୀର ନାରୀ ସର୍ବଗୁଣସମ୍ପନ୍ନା




'ରେଜ୍ ଫାଉଣ୍ଡେଶନ' ପକ୍ଷରୁ ମହାନଦୀ ଭବନରେ ଅନୁଷ୍ଠିତ ସ୍ୱୟଂସିଦ୍ଧା ସମ୍ମାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି।

କଟକ ଅଫିସ, ୭।୩

**ଅନ୍ତର୍ଜାତୀୟ ମହିଳା ଦିବସ**
- ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ୮ ଜଣଙ୍କୁ ସ୍ୱୟଂସିଦ୍ଧା ସମ୍ମାନ

ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ସୋମବାର ସାମାଜିକ ଅନୁଷ୍ଠାନ 'ରେଜ୍ ଫାଉଣ୍ଡେଶନ' ପକ୍ଷରୁ ମହାନଦୀବିହାରସ୍ଥିତ ମହାନଦୀ ଭବନରେ ସ୍ୱୟଂସିଦ୍ଧା ସମ୍ମାନ-୨୦୨୨ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇଏଚ୍ଏମ୍‌ର ପୂର୍ବତନ ଅଧ୍ୟକ୍ଷା ଆର୍ଯ୍ୟା କୁମାରୀ ପାଣିଗ୍ରାହୀ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ନାରୀମାନେ ଅବଳା ଓ ଦୁର୍ବଳା ନୁହନ୍ତି। ଏକବିଂଶ ଶତାବ୍ଦୀର ନାରୀ ସର୍ବଗୁଣସମ୍ପନ୍ନା ବୋଲି ପାଣିଗ୍ରାହୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରୁଚି ଫୁଡ୍‌ଲାଇନ୍‌ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଯୋଗଦେଇ କହିଥିଲେ, ଆଜିର ନାରୀ ଉଭୟ ପାରିବାରିକ ଓ ବୃତ୍ତିଗତ ଜୀବନରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ବେଶ୍ ସଫଳ। ସେମାନେ ନିଜର ପ୍ରଚଣ୍ଡ ପ୍ରତିଭା ଓ ଅସୀମ ଧୈର୍ଯ୍ୟବଳରେ ସବୁଠି ବିଜୟିନୀ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ସଲିନା ସାହୁ ରେଜ୍ ଫାଉଣ୍ଡେଶନର ଉକ୍ତ ପ୍ରୟାସକୁ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଫିକି ମହିଳା ପ୍ରତିଷ୍ଠାନ ଭୁବନେଶ୍ୱରର ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ଯୋଗଦେଇ କହିଥିଲେ, ନାରୀ ଆଜି କବାଟ କୋଣରେ କି ଚୁଲିମୁଣ୍ଡରେ ବସିନାହିଁ। ସେ ବିଶ୍ୱର ପ୍ରତ୍ୟେକ କୋଣରେ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଓ ପ୍ରତିଭା ପାଇଁ ୮ ଜଣ ମହିଳା ନିରୁପମା ପତି, କବିତା ସାହୁ, ମନସ୍ୱିନୀ ପରିଡ଼ା, ବିଷ୍ଣୁପ୍ରିୟା ସ୍ୱାଇଁ, ରୂପଶ୍ରୀ ଦାଶ, ଲିପିନା ସୁବୁଦ୍ଧି, ମମତା ମହାନ୍ତି ଓ ଦୀପିକା ଜେନାଙ୍କୁ ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଅଭିନାଶ ସିଂ, ସାଗରିକା ମହାପାତ୍ର, ସୌମ୍ୟା ସମାପ୍ତା ମିଶ୍ର, ଶିଳ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଦସ୍ୟା ଦେବସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ସାର୍ଟିଫିକେଟ ନ ପାଇ କଲେଜରେ ତାଲା ପକାଇଲେ

ଫୁଲନଖରା,୭।୩(ଡି.ଏନ୍.ଏ.)

ପାହାଳ ଥାନା ଜଗନ୍ନାଥପୁର ପଞ୍ଚାୟତର ଅନନ୍ତପୁର ନିକଟସ୍ଥ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୨୦୧୯ ମସିହା ବି-ଟେକ୍ ଛାତ୍ରମାନଙ୍କୁ ପାସ୍ ସାର୍ଟିଫିକେଟ କଲେଜ କର୍ତ୍ତୃପକ୍ଷ ଦୀର୍ଘଦିନ ହେବ ଦେଉ ନ ଥିବା ଅଭିଯୋଗ ହୋଇଆସୁଥିଲା। ବାରମ୍ବାର ଅଭିଯୋଗସତ୍ତ୍ୱେ କର୍ତ୍ତୃପକ୍ଷ ନ ଶୁଣିବାରୁ ସୋମବାର ଉକ୍ତ ଛାତ୍ରମାନେ କଲେଜକୁ ଆସି ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଖବରପାଇ କଲେଜ କର୍ତ୍ତୃପକ୍ଷ ଆସି ଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହ ୨ସପ୍ତାହ ମଧ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରମାନେ ତାଲା ଫିଟାଇଥିଲେ। ରାଉରକେଲା ବିପିୟୁଟି ସହ ଏହି ମହାବିଦ୍ୟାଳୟଟି ଅନୁବନ୍ଧିତ ଥିବାରୁ ଛାତ୍ରୀଛାତ୍ରଙ୍କୁ ପାସ ପ୍ରମାଣପତ୍ର ପ୍ରଦାନ କରିଥାଏ। ହେଲେ କଲେଜ ପକ୍ଷରୁ ପ୍ରମାଣପତ୍ର ଦିଆଯାଇ ନ ଥିବାରୁ ଦୀର୍ଘଦିନ ଧରି ଉତ୍ତୀର୍ଣ୍ଣ ହୋଇ କର୍ମନିଯୁକ୍ତିରୁ ବଞ୍ଚିତ ହେଉଥିବାରୁ ଛାତ୍ରମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଶୀଘ୍ର ପାସ ପ୍ରମାଣପତ୍ର ପ୍ରଦାନ ନ କଲେ ମହାବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି କହିଥିଲେ। ଅନ୍ୟ ସମସ୍ତ ମହାବିଦ୍ୟାଳୟର କେବେଠାରୁ ପାସ୍ ପ୍ରମାଣପତ୍ର ମିଳିଥିବାବେଳେ ଏଠାରେ ୩ ବର୍ଷ ପୂରିଗଲାଣି ପାସ୍ ପ୍ରମାଣପତ୍ର ମିଳୁ ନାହିଁ। ତୁରନ୍ତ ପାସ୍ ପ୍ରମାଣପତ୍ର ପ୍ରଦାନ କରିବାକୁ ଉକ୍ତବର୍ଷର ଛାତ୍ର ମନୋରଞ୍ଜନ ବାରିକ, ବିଶ୍ୱଜିତ ସାହୁ, ରାକେଶ ପଟ୍ଟନାୟକ, ସୌମ୍ୟରଞ୍ଜନ ସାହୁ, ସମ୍ବିତ ସାଇଁ ପ୍ରମୁଖ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ବୈଠକ

କଟକ ଅଫିସ, ୭।୩

ସମ୍ବାଦପତ୍ର ବିକ୍ରେତା ସଂଘର ଏକ ବୈଠକ ରବିବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ବିଜୟ ପଡ଼ିହାରୀ ସଭାପତିତ୍ୱ କରିଥିଲେ। ସଂଘର ଆୟବ୍ୟୟ ହିସାବ କରାଯିବା ସହ ୨୦ ତାରିଖରେ କର୍ମକର୍ତ୍ତାମାନେ ଦେଓଝର, ଡାବରଖୋଲ, ଚମ୍ପାନାଥ, ଭଟ୍ଟାରିକା ପୀଠ ଆଦି ସ୍ଥାନ ପିକ୍‌ନିକରେ ଯିବା ପାଇଁ ସ୍ଥିର କରିଥିଲେ। ବୈଠକରେ ସଂଘ ଉପସଭାପତି ପୀତାମ୍ବର ବେହେରା, ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ୫୯ନଂ. ୱାର୍ଡ ଭାଜପା କର୍ପୋରେଟର ପ୍ରାର୍ଥୀଙ୍କ ନାମାଙ୍କନ



ଫୁଲନଖରା,୭।୩(ଡି.ଏନ୍.ଏ.)

ସିଏମ୍‌ସି ୫୯ନଂ ୱାର୍ଡର ଭାଜପା ସମର୍ଥିତ କର୍ପୋରେଟର ପ୍ରାର୍ଥୀ ମମତା ମହାନ୍ତି ସୋମବାର ସମର୍ଥକଙ୍କ ସହିତ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରଥମେ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ବାଇକ୍ ରାଲି ନେଇ ତେଲେଙ୍ଗା ପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସେଠାରୁ କଟକକୁ ଯାଇଥିଲେ। ଶୋଭାଯାତ୍ରାରେ କଟକ ନଗର ଭାଜପା ଉପସଭାପତି ସ୍ୱାଧୀନ ଚେତା ମହାନ୍ତି, କିଶୋର ପଟ୍ଟନାୟକ, ବଦ୍ରିନାରାୟଣ ପଟ୍ଟନାୟକ, ଅଞ୍ଜନ ଦାସ, ଗୁଟୁ ଦଳେଇ, ମନୋଜ ପଟ୍ଟନାୟକ, ଚୁନା ଜେନା ପ୍ରମୁଖ ସାମିଲ ଥିଲେ। ଏହି ଉପଲକ୍ଷେ ୱାର୍ଡର ମୁଖ୍ୟ ସମସ୍ୟା ସହ ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବି ବୋଲି ମମତା ମହାନ୍ତି କହିଥିଲେ।

# ଅଧ୍ୟକ୍ଷ ପଦରେ ୫, କାଉନ୍‌ସିଲରରେ ୫୬ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଆଠଗଡ଼ ପୌର ନିର୍ବାଚନ**

ଆଠଗଡ, ୭।୩(ସ୍ୱ.ପ୍ର.)

ଆଠଗଡ଼ ଏନ୍ଏସିରେ ପୌର ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସୋମବାର ଶେଷ ଦିବସ ଥିଲା। ଏହି ଅବସରରେ ୧୮ ୱାର୍ଡରୁ ୫୬ ପ୍ରାର୍ଥୀ କାଉନସିଲର ପାଇଁ ଓ ଅଧ୍ୟକ୍ଷା ପଦ ପାଇଁ ୫ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷା ପଦ ନିମନ୍ତେ ଭାଜପାରୁ ଇଲା ପଣ୍ଡା, କଂଗ୍ରେସରୁ ଅରୂପମା ଭକ୍ତା, ବିଜେଡିରୁ ସସ୍ମିତା ରାଉତ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଅନ୍ନପୂର୍ଣ୍ଣା ସାମଲ ଓ ବେବିନାରାଣୀ ମହାନ୍ତି ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ୨ଟି ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ଚେୟାରମ୍ୟାନ ପଦ ପାଇଁ ସମୁଦାୟ ୭ଟି ନାମାଙ୍କନପତ୍ର ଦାଖଲ ହୋଇଛି। କାଉନ୍‌ସିଲର ଭାବେ ୧ ନଂ.ରୁ ରମାକାନ୍ତ ସେନାପତି, ସୁଶାନ୍ତ ଜେନା, ଚନ୍ଦନ ଦାସ, ୨ ନଂ.ରୁ ପୂର୍ଣ୍ଣିମା ବେହେରା, ଭାରତୀ ସେଠୀ ସସ୍ମିତା ସାହୁ, ୩ ନଂ.ରୁ ପ୍ରଦୀପ ମହାପାତ୍ର, କଲ୍ୟାଣ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ୪ ନଂ.ରୁ କୁମାରୀ ଦେହୁରୀ, ମାମି ଦେହୁରୀ, ରସ୍ମିତା ନାଏକ, ୫ ନଂ.ରୁ ପ୍ରିୟଦର୍ଶିନୀ ପଟ୍ଟନାୟକ, ମୋନାଲି ପ୍ରିୟଦର୍ଶିନୀ ଦାସ, ପ୍ରବାସିନୀ ନାଥ, ୬ ନଂ.ରୁ ସ୍ୱାଧୀନ ପ୍ରାର୍ଥୀ ରଞ୍ଜିତା ମିଶ୍ର, ଶୁଭଶ୍ରୀ ଶତପଥୀ, ଶିପ୍ରା ଦାସ, ୭ ନଂ.ରୁ ମମତା ଦାସ, ସରସ୍ୱତୀ ଦଳେଇ, ସୋନାଲି ଭକ୍ତା, ଭାରତୀ ଜେନା, ୮ ନଂ.ରୁ ଅମିତ କୁମାର ନନ୍ଦା, ରାକେଶ କୁମାର ଭକ୍ତା, ଶିରିଶଚନ୍ଦ୍ର ଧଳ, ୯ନଂ.ରୁ ପ୍ରଶାନ୍ତ କୁମାର ବେହେରା, ବିକ୍ରମ ସାହୁ, ଅଜୟ ନାଏକ, ୧୦ ନଂ.ରୁ ବିଚିତ୍ରାନନ୍ଦ ଦଳେଇ, ଅଶୋକ କୁମାର ବାରିକ, ଅଜୟ କୁମାର ବାରିକ, ସିଲୁ ପ୍ରଧାନ, ୧୧ ନଂ.ରୁ ସୁନୀତା ପଣ୍ଡା, ପାର୍ବତୀ ରଣା, ଝୁନୁ ନାଏକ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୧୨ ନଂ.ରୁ ପୁଷ୍ପଲତା ସାହୁ, ସାଗରିକା ମୁଦୁଲି, ୧୩ ନଂ.ରୁ ଶୈଳବାଳା ସାମନ୍ତ, କୌଶଲ୍ୟା ସାହୁ, ୧୪ ନଂ.ରୁ ଅଜୟ କୁମାର ବେହେରା, ଇବ୍ରାହିମ ମହମ୍ମଦ, ଉମେଶ କୁମାର ସେଠି, ୧୫ ନଂ.ରୁ ମାମିନା ଦଳେଇ, ପାର୍ବତୀ ବେହେରା, ସରୋଜିନୀ ସେଠି, ୧୬ ନଂରୁ ଲିଜାରାଣୀ ନାଏକ, ରୂପଶ୍ରୀ ଶ୍ୱେତପଦ୍ମା ମହାନ୍ତି, ରିଲି ନାଏକ, ଆରତି ଧଳ, ୧୭ ନଂ.ରୁ ବଂଶୀଧର ପ୍ରଧାନ, ଶୁଭ୍ରଶଙ୍କର ଜ୍ୟୋତି, ଗୋପାଳ ଚନ୍ଦ୍ର ସାହୁ, ୧୮ ନଂ.ରୁ ମମତାମୟୀ ସେଠୀ, ମମତା ବେହେରା ଓ ସୁଫଳ ନାଏକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିରୋଧୀ ଭାଜପା ଓ କଂଗ୍ରେସ କୌଣସି ପ୍ରକାରେ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ଯୋଗାଡ କରିଥିବା ବେଳେ କାଉନ୍‌ସିଲର ପଦ ପାଇଁ ସବୁ ୱାର୍ଡରୁ ପ୍ରାର୍ଥୀ ଦେବାକୁ ସକ୍ଷମ ହୋଇନାହାନ୍ତି। ୬ ନଂ. ୱାର୍ଡରୁ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଦେଇ ନ ଥିବାବେଳେ ୮ନଂ. ୱାର୍ଡରୁ ଭାଜପା, ୧୦ ଏବଂ ୧୨ ନଂ.ୱାର୍ଡରୁ କଂଗ୍ରେସ ଏବଂ ୧୪ ନଂ.ରୁ ଭାଜପା ପ୍ରାର୍ଥୀ ଦେବାକୁ ସକ୍ଷମ ହୋଇନାହିଁ।

# ମହିଳାଙ୍କୁ ସ୍ୱାବଲମ୍ବୀ କରାଇଛି ନଡ଼ିଆ କତା ଶିଳ୍ପ

ସୁପ୍ରିୟା ପ୍ରିୟଦର୍ଶିନୀ
କଟକ ଅଫିସ,୭।୩

ବର୍ତ୍ତମାନ ସମୟରେ ନାରୀମାନେ ପୁରୁଷଙ୍କ ଭଳି ପ୍ରତି କ୍ଷେତ୍ରରେ କାର୍ଯ୍ୟ କରି ନିଜର ନୂତନ ପରିଚୟ ସୃଷ୍ଟି କରିବା ସହ ସମାଜରେ ଏକ ସ୍ୱତନ୍ତ୍ର ଜାଗା କରିସାରିଲେଣି। ଆଗଭଳି ନାରୀ ଆଉ ଅବଳା ନ ହୋଇ ନିଜ ପାଇଁ ନୂଆ ପଥ ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। କଟକ ସହରର ଏଭଳି ଏକ ମହିଳା ଗୋଷ୍ଠୀ ଅଛନ୍ତି, ଯାହାକି ନିଜେ କାର୍ଯ୍ୟ କରିବା ସହ ଅନ୍ୟ ମହିଳାଙ୍କୁ ମଧ୍ୟ ନିଯୁକ୍ତ ଦେଇଛନ୍ତି। ଗୋଟିଏ ଛାତ ତଳେ ଏକଜୁଟ ହୋଇ ନଡ଼ିଆ କତାରୁ ପ୍ରସ୍ତୁତ କରୁଛନ୍ତି ପାପଛ, ରଶି ଭଳି ଭିନ୍ନ ଭିନ୍ନ ସାମଗ୍ରୀ। ଯାହାକୁ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ। ଏଥିସହ ପ୍ରାୟ ୭୦୦ରୁ ୮୦୦ ମହିଳାଙ୍କୁ ଏନେଇ ପ୍ରଶିକ୍ଷଣ ଦେଇ ରେଜଗାର ମାଧ୍ୟମ ପାଲଟିଛନ୍ତି। ଏହାବ୍ୟତୀତ ବର୍ତ୍ତମାନ ପ୍ରାୟ ୮୦ ମହିଳା ବିଭିନ୍ନ ସ୍ଥାନରୁ ଏହି ଗୋଷ୍ଠୀ ସହ ଯୋଡ଼ି ହୋଇଛନ୍ତି।

୨୦୦୫ ମସିହାରେ କବିତା ସାହୁ ଏବଂ ତାଙ୍କର ୧୨ଜଣ ସହଯୋଗୀ ମିଶି ନିଜସ୍ୱ ଉଦ୍ୟମରେ ଆରମ୍ଭ କରିଥିଲେ ନଡ଼ିଆ କତା ଶିଳ୍ପ। ପରେ ଚାହିଦା ବଢ଼ିବାପରେ ଏହାର ନାମ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ରଖାଗଲା। ୨ଟି ମେଶିନ ଏକ କୁଇଣ୍ଟାଲ କତା ଏବଂ ଟଙ୍କା ୨୦ ହଜାରରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ବର୍ତ୍ତମାନ କୋଟିଏ ଟଙ୍କାର ବ୍ୟବସାୟରେ ପହଞ୍ଚିଗଲାଣି।



ନଡ଼ିଆ କତା ଦ୍ୱାରା ପ୍ରସ୍ତୁତ ହୋଇଥିବା ଘୋଡ଼ା, ହାତୀ, ଘର ସାମଗ୍ରୀ।

- ୨୦ ହଜାରରୁ ୧ କୋଟି ଟଙ୍କାର ବ୍ୟବସାୟ
- କତାରୁ ପ୍ରସ୍ତୁତ ହେଉଛି ବିଭିନ୍ନ ସାମଗ୍ରୀ

ବର୍ତ୍ତମାନ ଏହି ଗୋଷ୍ଠୀ କଟକ ଖପୁରିଆରେ ଇଡ୍‌କୋ ଜମିରେ ଆଶ୍ରୟ ନେଇ ଏହି ବ୍ୟବସାୟ ଚଳାଇଛନ୍ତି। ପୂର୍ବରୁ ମହିଳାମାନେ ହାତ ଚରଖାରେ ପ୍ରସ୍ତୁତ କରୁଥିଲେ କତା ଦଉଡି। ପରେ କତା ତିଆରି ସାମଗ୍ରୀର ଚହିଦା ବଢ଼ିବାରୁ ଗୋଷ୍ଠୀ ପକ୍ଷରୁ ଓରମାସରୁ ସାହାଯ୍ୟ ନେଇ ଅତ୍ୟାଧୁନିକ ମେଶିନ ଆଣି କତା ଦଉଡି ପ୍ରସ୍ତୁତ କରିଥିଲେ। ଦଉଡି ବ୍ୟତିତ ଏଠାରେ ମ୍ୟାଟ, ହାତୀ, ଘୋଡା, କଇଁଛ, ଚଢେଇ ବସା, ଫୁଲକୁଣ୍ଡ ଆଦି ଘର ସଜା ଜିନିଷ ପ୍ରସ୍ତୁତ ହୋଇଥାଏ। ବିଭିନ୍ନ ମେଳାରେ ଏହି ଗୋଷ୍ଠୀର ବେଶ ନାଁ ରହିଛି। ଏଥିପାଇଁ ଅନେକ ସ୍ଥାନରୁ ଏହି ଗୋଷ୍ଠୀ ପୁରସ୍କୃତ ମଧ୍ୟ ହୋଇଛି।

ନଡ଼ିଆ କତାରୁ ପ୍ରସ୍ତୁତ, କୟାର କ୍ରାଫ୍ଟ ଏକ ବଡ଼ ଦୀର୍ଘ ମିଆଦି ପ୍ରକ୍ରିୟା ହୋଇଥାଏ। ଏହି ଗୋଷ୍ଠି ପିପିଲିରୁ କତା ଆଣି ସେଥିରୁ ମେଶିନରେ ତନ୍ତୁଗୁଡିକ ପୃଥକ କରିଥାଏ। ଏହାପରେ କତାକୁ ଶୁଖିବା ପାଇଁ ରଖାଯାଇ ସ୍ୱଦେଶୀ ମେଶିନଗୁଡିକରେ ଦଉଡି ବୁଣାଯାଏ। ଦଉଡିକୁ ରଙ୍ଗ ଦିଆଯାଏ ଏବଂ ସୂକ୍ଷ୍ମ ଭାବରେ ଚାହିଦା ପୂରଣ କରିବା ପାଇଁ ବୁଣାଯାଇଥାଏ। ଏହାବ୍ୟତିତ କତା ଗଣ୍ଡରେ ଅଠା ମିଶାଇ ବଭିନ୍ନ ଆକୃତିର ହାତୀ, ଘୋଡା ଆଦି ବୁଣାଯାଏ। ଏହି ଗୋଷ୍ଠୀ ପ୍ରସ୍ତୁତ କରୁଥିବା ଜିନିଷ ରାଜ୍ୟ ତଥା ରାଜ୍ୟ ବାହାରୁ ବମ୍ବେ, ଦିଲ୍ଲୀ, କେରଳ ଆଦି ପଠାଇଥାନ୍ତି। ବ୍ୟବସାୟୀମାନେ ନିଜେ ତାଙ୍କ ପାଖକୁ ଆସି ଜିନିଷ କିଣିବା ସହ ସିଧାସଳଖ କାରବାର କରୁଛନ୍ତି। ଏଥିସହିତ ବର୍ଷସାରା ରାଜ୍ୟରେ ଯେଉଁ ସବୁ ମେଳା ମହୋତ୍ସବ ଆୟୋଜନ ହୋଇଥାଏ ସେଠାରେ ମଧ୍ୟ ସେ ଷ୍ଟଲ ପକାଇ ତାଙ୍କ ଦ୍ୱାରା ନିର୍ମିତ ହେଉଥିବା ସାମଗ୍ରୀ ବିକ୍ରି କରନ୍ତି। ୧୦ ଟଙ୍କାରୁ ଆରମ୍ଭ କରି ୧୪ ଶହ ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀଗୁଡିକର ମୂଲ୍ୟ ରହିଛି।



"ବହୁ ସଂଘର୍ଷ କରି ଏହି କାର୍ଯ୍ୟ ଆରମ୍ଭ କରିଥିଲୁ। ଏଥିପାଇଁ ଓରମାସ ତରଫରୁ ଅଳ୍ପ କିଛି ସହାୟତା ମିଳୁଥିଲେ ମଧ ଯଦି ଆଗକୁ ଓଡ଼ିଶା ସରକାର ଆଉ କିଛି ସହାୟତା ଯୋଗାଇଦେବେ ତେବେ ମହିଳାମାନେ ଆହୁରି ଆତ୍ମନିର୍ଭରଶୀଳ ହୋଇପାରିବେ। ତେବେ ଏହି ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ନେଇଯିବାର ଲକ୍ଷ୍ୟ ରହିଛି।

କବିତା ସାହୁ, ଗୋଷ୍ଠୀ ମୁଖ୍ୟ



"୨୦୦୫ରେ କବିତା ଦିଦିଙ୍କ ସହ ମିଶି ଏହି କାର୍ଯ୍ୟ ଆରମ୍ଭ କରିଥିଲୁ। ପ୍ରାରମ୍ଭିକ ସ୍ତରରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ହେଲେ ସଂଘର୍ଷ କରି ଏବେ ଆମେ ଏହି ସ୍ଥାନରେ ପହଞ୍ଚି ପାରିଛୁ। ନଡିଆ କତା ଶିଳ୍ପ ଦ୍ୱାରା ମୋ ଘର ଚଳୁଛି କହିଲେ ଅତୃପ୍ତି ହେବ ନାହିଁ।

ସୁଜାତା ସାହୁ, ସଭାପତି



"୧୭ବର୍ଷ ହେବ ମୁଁ ଏହି କାର୍ଯ୍ୟରେ ନିୟୋଜିତ ଅଛି। ଘରର ଆର୍ଥିକ ସ୍ଥିତିକୁ ଦେଖି ରୋଜଗାର ପାଇଁ ପଦାକୁ ଗୋଡ଼ କାଢ଼ିଥିଲି। ଏଥିପାଇଁ ଅନେକ ଟାହି ଟାପରା ସହିଥିଲି। ଶେଷରେ ମୋ ଲକ୍ଷ୍ୟକୁ ପୂରଣ କରିପାରିଛି। ଯାହାଦ୍ୱାର ମୋ ଆର୍ଥିକ ସ୍ଥିତିରେ ମଧ ସୁଧାର ଆସିଛି।

ସୁକାନ୍ତି ବେହେରା, ସଦସ୍ୟା



"ସ୍ୱାମୀଙ୍କ ଦେହ ଅସୁସ୍ଥ ସମୟରେ ଘରେ ଆର୍ଥିକ ପରିସ୍ଥିତି ସମ୍ପୂର୍ଣ୍ଣ ଖରାପ ହୋଇଯାଇଥିଲା। ସେହି ସମୟରେ ମୁଁ ଆସି କବିତା ଦିଦିଙ୍କ ସହ ଯୋଡି ହେଲି। ଏହାପରେ ପ୍ରଶିକ୍ଷିତ ହୋଇ କତାରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା ଆରମ୍ଭ କରିଦେଲି। ଏହାଦ୍ୱାରା ଘରର ଆର୍ଥିକ ପରିସ୍ଥିତିରେ ସାମନ୍ୟ ସୁଧାର ଆସିବାରେ ଲାଗିଲା ଏବଂ ମୋର ଏହି କାର୍ଯ୍ୟପ୍ରତି ଆଗ୍ରହ ମଧ୍ୟ ବଢ଼ିବାରେ ଲାଗିଲା।

ସଂଯୁକ୍ତା ସାହୁ, ସଦସ୍ୟା